DHARITRI

ସମ୍ବଲପୁର, ଗୁରୁବାର, ଅଗଷ୍ଟ ୨୨/୨୦୧୯ (୧୬ ପୃଷ୍ଠା) Sambalpur, Thursday, August 22 / 2019 ★★

୧୫ଶ ଭାଗ ୨୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ରଣବୀରଙ୍କ ସେଲ୍‌ଫି**

ଏବେ ରଣବୀର ସିଂଙ୍କ ସେଲ୍‌ଫିକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା । ଅନ୍ୟ କାହା ସହିତ ନୁହେଁ, ଇନ୍ଦ୍ରଧନୁର ସପ୍ତରଙ୍ଗ ସହିତ ତାଙ୍କ ସେଲ୍‌ଫିକୁ ଖୁବ୍ ପ୍ରଶଂସା ମିଳିଛି । **୧୨**

**୧୪** **ଲିଲିମାଙ୍କ ମାଇଲଖୁଣ୍ଟ**

ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ମହିଳା ହକିର ଜାପାନ ବିପକ୍ଷ ଫାଇନାଲରେ ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି ଓଡ଼ିଶାର ଲିଲିମା ମିଞ୍ଜ ।



# ଚିଦାମ୍ବରମ ଗିରଫ

**ନୂଆଦିଲ୍ଲୀ,୨୧।୮**

ଦୁଇଦିନର ଲୁଚକାଳି ଖେଳ ପରେ ଧରାପଡିଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ । ବହୁଚର୍ଚ୍ଚିତ ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ବୁଧବାର ରାତିରେ ସିବିଆଇ ଟିମ୍ ତାଙ୍କୁ ଗିରଫ କରିଛି । ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ଆଗୁଆ ଜାମିନ ଆବେଦନ ଖାରଜ କରିଦେବା ପରେ ଚିଦାମ୍ବରମ ହଠାତ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ତାଙ୍କୁ ଗିରଫ କରିବା ପାଇଁ ସିବିଆଇ ଏବଂ ଇଡି ଟିମ୍ ଜାଲ ବିଛାଇଥିଲେ ମଧ୍ୟ ଧରିବାରେ ସଫଳ ହୋଇ ନ ଥିଲେ । ଦୀର୍ଘ ୨୭ ଘଣ୍ଟାର ଅନ୍ତର୍ଦ୍ଧାନ ପରେ ଚିଦାମ୍ବରମ ବୁଧବାର ରାତି ୯ଟାରେ ଏଆଇସିସି କାର୍ଯ୍ୟାଳୟରେ ପହଞ୍ଚି ଏକ ଖବରଦାତା ସମ୍ମିଳନୀରେ ନିଜକୁ ନିର୍ଦ୍ଦୋଷ ବୋଲି କହିଥିଲେ । ସେ ଆଇନଠାରୁ ନିଜକୁ ଲୁଚାଇ ରଖିନାହାନ୍ତି । ସୁପ୍ରିମକୋର୍ଟରେ ପିଟିଶନ୍ ଦାଏର କରିବା ପାଇଁ ସେ ଆଇନଜୀବୀମାନଙ୍କ ସହ ମଙ୍ଗଳବାର ରାତିରେ କାଗଜପତ୍ର ପ୍ରସ୍ତୁତିରେ ବ୍ୟସ୍ତ ଥିବା ସଫେଇ ଦେଇଥିଲେ । ଆଇଏନ୍‌ଏକ୍ସ ମିଡିଆ ମାମଲାରେ ତାଙ୍କର କିଛି ଦୋଷ ନାହିଁ । ସେ ଅଭିଯୁକ୍ତ ନୁହନ୍ତି । କୋର୍ଟରେ ତାଙ୍କ ବିରୋଧରେ ସିବିଆଇ କିମ୍ବା ଇଡି ଚାର୍ଜସିଟ୍ ଦାଖଲ କରି ନ ଥିବା ଚିଦାମ୍ବରମ ଖବରଦାତା ସମ୍ମିଳନୀରେ କହିଥିଲେ । ସିବିଆଇ ଟିମ୍ କଂଗ୍ରେସ ମୁଖ୍ୟାଳୟରେ ପହଞ୍ଚିଥିଲେ ମଧ୍ୟ ଦଳୀୟ କର୍ମୀଙ୍କ ପ୍ରବଳ ବିରୋଧ ଯୋଗୁ ଭିତରେ ପଶିପାରି ନ ଥିଲା । ଚିଦାମ୍ବରମ ତାଙ୍କ ବାସଭବନକୁ ଫେରିଯିବା ପରେ ସିବିଆଇର ୩ଟି ଟିମ୍ ସମେତ ଇଡି ଟିମ୍ ସେଠାରେ ପହଞ୍ଚିଥିଲେ । ସିବିଆଇ ଅଧିକାରୀମାନେ ପାଚେରୀ ଡେଇଁ ଚିଦାମ୍ବରମଙ୍କ ବାସଭବନରେ ପ୍ରବେଶ କରିବା ପରେ ତାଙ୍କୁ ଜେରା କରିଥିଲା । ପରେ ତାଙ୍କୁ କାରରେ ବସାଇ ସିବିଆଇ ମୁଖ୍ୟାଳୟକୁ ନିଆଯାଇଥିଲା । ସେଠାରେ ସେ ରାତ୍ରିଯାପନ କରିବା ପରେ ଗୁରୁବାର ଏକ ସ୍ଥାନୀୟ କୋର୍ଟରେ ତାଙ୍କୁ ହାଜର କରାଯିବ ବୋଲି ଜଣାପଡିଛି ।

ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ଚିଦାମ୍ବରମଙ୍କ ଆଗୁଆ ଜାମିନ ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ ହୋଇଯିବା ପରେ ଗିରଫରୁ ବର୍ତ୍ତିବା ଲାଗି ସେ ବୁଧବାର ଦୁଇଥର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ ତ୍ୱରିତ ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଥିଲେ । ଶୁକ୍ରବାର ମାମଲାର ଶୁଣାଣି କରିବା ଲାଗି ସୁପ୍ରିମକୋର୍ଟ କହିବା ପରେ ଚିଦାମ୍ବରମଙ୍କ ଅଡୁଆ ବଢ଼ିଯାଇଥିଲା । ତାଙ୍କୁ ଗିରଫ କରିବା ଲାଗି ମଙ୍ଗଳବାର ରାତିରୁ ଉଭୟ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତନାଘନା ଉଦ୍ୟମ ଚଳାଇଥିଲେ । ମଙ୍ଗଳବାର ରାତିରେ ତାଙ୍କୁ ନୂଆଦିଲ୍ଲୀସ୍ଥିତ ଜୋରବାଗ୍ ବାସଭବନରେ ନ ପାଇ ☞ପୃଷ୍ଠା–୪

- ୨୭ ଘଣ୍ଟାର ଅନ୍ତର୍ଦ୍ଧାନ ପରେ ନାଟକୀୟ ଆବିର୍ଭାବ
- ଖବରଦାତା ସମ୍ମିଳନୀରେ ନିଜକୁ ନିର୍ଦ୍ଦୋଷ କହିଲେ
- ପାଚେରି ଡେଇଁ ଘରେ ପଶିଲା ସିବିଆଇ
- ଗାଡ଼ିରେ ବସାଇ ମୁଖ୍ୟାଳୟକୁ ନେଲା



ସିବିଆଇ ଅଧିକାରୀମାନେ ପି.ଚିଦାମ୍ବରମ୍‌ଙ୍କୁ ଗିରଫ କରି ନେଉଛନ୍ତି ।

# ଅକ୍ଟୋବର ୨ରୁ ରାଜ୍ୟର ସବୁ ପୌରାଞ୍ଚଳରେ ପଲିଥିନକୁ ନା

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ସମସ୍ତ ପୌରାଞ୍ଚଳରେ ପଲିଥିନ ଉପରେ ଲାଗିବ କଟକଣା । ସବୁ ସହରକୁ ପଲିଥିନ ମୁକ୍ତ କରାଯିବ । ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି । ଏହାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯାଇଛି । ରାଜ୍ୟକୁ ୨ ବର୍ଷ ମଧ୍ୟରେ ପ୍ଲାଷ୍ଟିକମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ । ଚଳିତ ବର୍ଷ ରାଜ୍ୟର ୪୭ ମ୍ୟୁନିସିପାଲିଟି ଏବଂ ୬୧ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ରେ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ ।

କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହା ଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରିପାରିବେ ନାହିଁ । ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ, ଗ୍ଲାସ୍, ଥାଳିଆ, ପାଣି ପାଉଚ ପଲିଥିନ୍ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯିବ । କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରି ପାରିବେ ନାହିଁ । ସେଥିପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି । ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦି ସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି ହେବ ।

୨୦୧୮ ଅକ୍ଟୋବର ୨ରୁ ରାଜ୍ୟର ୫ ମହାନଗର ନିଗମ କଟକ, ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଏବଂ ପୁରୀ ପୌରପରିଷଦ ଅଞ୍ଚଳରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଏଥିସହିତ ସମସ୍ତ ସରକାରୀ କାର୍ଯ୍ୟାଳୟରେ ୫୦ ମାଇକ୍ରନରୁ କମ ମୋଟା ଥିବା ପଲିଥିନ, ପ୍ଲାଷ୍ଟିକ ବୋତଲ, ଥର୍ମୋକୁଲ କପ୍ ଓ ପ୍ଲେଟକୁ ବାରଣ କରାଯାଇଛି । ସରକାରୀ ଓ ବେସରକାରୀ ସ୍କୁଲ ଓ କଲେଜଗୁଡ଼ିକରେ ପଲିଥିନ ବ୍ୟବହାର ନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ଦେଶରେ ମୁଣ୍ଡପିଛା ୯.୭ କେ.ଜି. ପଲିଥିନ ବ୍ୟବହାର କରାଯାଉଛି । ପଲିଥିନ ନଷ୍ଟ ହେବାକୁ ଅତିକମ୍‌ରେ ୨୦୦ରୁ ୫୦୦ ବର୍ଷ ସମୟ ନେଇଥାଏ । ଏହାଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହ ଏହା ଭୂତଳ ଜଳ ସଂରକ୍ଷଣରେ ବିରାଟ ଅନ୍ତରାୟ ସୃଷ୍ଟି କରିଥାଏ । ୨୦୧୧ରୁ ୪୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନକୁ ନିଷେଧ କରାଯାଇଥିଲା । ଏ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ବିଜ୍ଞପ୍ତି ଜାରି କରିଥିଲା । ତେବେ ଏହା କେବଳ କାଗଜ କଲମରେ ସୀମିତ ହୋଇଯାଇଥିଲା । ୨୦୧୮ରେ ପଲିଥିନ, ପ୍ଲାଷ୍ଟିକ ଓ ଥର୍ମୋକୁଲ ଉପରେ କଟକଣାକୁ କଡ଼ାକଡ଼ି ଲାଗୁ କରାଯାଇଛି । ଏହାକୁ ବର୍ଷେ ବିତିବାକୁ ବସିଥିବାବେଳେ ଏହା କେବଳ ନାମକୁ ମାତ୍ର ଚଢ଼ାଉରେ ସୀମିତ ରହିଛି । କେତେକ କ୍ଷୁଦ୍ର ବ୍ୟବସାୟୀଙ୍କ ☞ପୃଷ୍ଠା–୪



- ନିଷେଧ ସତ୍ତ୍ୱେ ଚାଲିଛି ଅବାଧ କାରବାର
- ୮୩୪୧ କେ.ଜି. ପଲିଥିନ ଜବତ, ୨୦ ଲକ୍ଷ ଜରିମାନା ଆଦାୟ


କଶ୍ମୀରରେ ପୁଣି ମୁଣ୍ଡ ପୂରାଇଲେ ଟ୍ରମ୍ପ୍ ୯

ପୋଲିସ କମିଶନର ଭାବେ ଦାୟିତ୍ୱ ନେଲେ ଡ. ସୁଧାଂଶୁ ଷଡ଼ଙ୍ଗୀ ୩

୨୦ ବିଚାରପତିଙ୍କ ବଦଳି ୧୧


**ଆଜିର ସମ୍ପାଦକୀୟ**

ପ୍ରାଣୀ ମଣିଷର ଭିନ୍ନ ରୂପ

**ଆଜିର ମନ୍ତବ୍ୟ**

“କଶ୍ମୀର ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକର ନେତାମାନେ ପାକିସ୍ତାନର ଭାଷା କହୁଛନ୍ତି ।

**–ଜି. କିଷନ ରେଡ୍ଡୀ, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ**

**କିଛି ତଥ୍ୟ**

ବର୍ତ୍ତମାନ ସାରା ଦେଶରେ ୪୫୦ରୁ ଉର୍ଦ୍ଧ୍ୱ ଇଏସ୍‌ଆଇ ହସ୍ପିଟାଲ କାର୍ଯ୍ୟ କରୁଛି । – **ଶ୍ରମ ମନ୍ତ୍ରଣାଳୟ**





20.08.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 70 | 119 | 129 |
| BDK | 70 | 119 | 129 |
| BLS | 71 | 120 | 130 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 43/-Dozen
Issued in the Interest of Consumers


# ବଜ୍ରପାତରେ ୬ ମୃତ, ୪ ଗୁରୁତର

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

- କେନ୍ଦ୍ରାପଡ଼ାରେ ୫, ପୁରୀ ଜିଲାରେ ଜଣେ ମୃତ
- ଆଉ ୩ ଦିନ ବର୍ଷା, ୨୪ ଘଣ୍ଟା ପ୍ରବଳରୁ ଅତି ପ୍ରବଳ ବର୍ଷିବ

ରାଜ୍ୟରେ ବନ୍ୟା ସ୍ଥିତି ସମ୍ପୂର୍ଣ୍ଣ ଟଳି ନ ଥିବାବେଳେ ପୁଣି ଆରମ୍ଭ ହୋଇଛି ବର୍ଷା । ଲଘୁଚାପ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଏପରିସ୍ଥଳେ ବଜ୍ରପାତ ଚିନ୍ତା ବଢ଼ାଇ ଦେଇଛି । ବୁଧବାର ଅପରାହ୍ନରେ ହୋଇଥିବା ବଜ୍ରପାତ ୬ଜଣଙ୍କର ଜୀବନ ନେଇଥିବାବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି । ତେବେ ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଚାଷୀ । କେବଳ କେନ୍ଦ୍ରାପଡ଼ା ଜିଲାରେ ୫ଜଣ ମୃତ ଓ ୨ଜଣ ଆହତ ହୋଇଛନ୍ତି । ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ଗୋଡ୍ରବିଲ ଗ୍ରାମର ଅଜୟ ନାୟକ(୪୫) ଓ ତିକନପୁର ପଞ୍ଚାୟତ ମରିଲୋ ଗ୍ରାମର ଦିଲୀପ ମଲ୍ଲିକ(୪୭) ବିଲରେ ଚାଷ କାର୍ଯ୍ୟ କରୁଥିବାବେଳେ ବଜ୍ରପାତ ଘଟିଥିଲା । ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ହୋଇଥିଲା । ମହାକାଳପଡ଼ା ବ୍ଲକ କରଞ୍ଜ ପଞ୍ଚାୟତ ଅଧୀନ କରଞ୍ଜ ଗ୍ରାମର ଦୁଇଜଣ ଚାଷୀ ରଙ୍ଗନାଥ ବେହେରା(୫୦) ଓ ପାପୁନି ଦାସ (୨୨)ଙ୍କ ଉପରେ ବଜ୍ରପାତ ହେବାରୁ ସେମାନଙ୍କର ମୃତ୍ୟୁ ଘଟିଛି । ସେହିପରି ମାର୍ଶାଘାଇ ବ୍ଲକ ବାଲିକଷୋଟି ଗ୍ରାମର ଚାଷୀ ବିଜୟ କୁମାର ନାୟକ(୬୨)ଙ୍କର ମଧ୍ୟ ବଜ୍ରପାତରେ ମୃତ୍ୟୁ ଘଟିଥିବାବେଳେ ତେରଗାଁ ପଞ୍ଚାୟତ ଓସ୍ତର ଗ୍ରାମର ଦୋଳଗୋବିନ୍ଦ ମାହାଳୀ(୨୫) ଓ ନରୋତ୍ତମ ସ୍ୱାଇଁଙ୍କ ସ୍ତ୍ରୀ ତଅପୋଇ ଗୁରୁତର ଆହତ ହୋଇଛନ୍ତି । ସେପଟେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ବନ୍ଧୁ ଭୋଇସାହି ଗ୍ରାମର ଗୀତା ଭୋଇ(୪୫)ଙ୍କର ମୃତ୍ୟୁ ହୋଇଥିବାବେଳେ ଉକ୍ତ ଗ୍ରାମର ବିଜୟ ଭୋଇ(୫୫) ଓ ଚଞ୍ଚଳ ଭୋଇ(୫୦) ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି । ଗୁରୁବାର ମଧ୍ୟ ରାଜ୍ୟର ବିଭିନ୍ନ ଜିଲାକୁ ବଜ୍ରପାତ ଆଶଙ୍କା ରହିଛି । ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର ଓ ବୌଦ୍ଧ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।

ଅନ୍ୟପକ୍ଷରେ ଲଘୁଚାପ ବର୍ଷା ଆଉ ୩ଦିନ ପ୍ରବଳ ବର୍ଷିବ । ଗୁରୁବାର ମାଲକାନଗିରି, ରାୟଗଡ଼ା, କନ୍ଧମାଳ ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ଓ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ୨୩ ତାରିଖରେ ଗଜପତି, ଗଞ୍ଜାମ, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଏବଂ ୨୪ରେ ନବରଙ୍ଗପୁର, କଳାହାଣ୍ଡି, ବରଗଡ଼ ଓ ନୂଆପଡ଼ା ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି ।

# ବିଭାଗ ସହ ମିଶିବ ନିର୍ଦ୍ଦେଶାଳୟ

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

**ପ୍ରକାଶ ପାଇଲା ସଂକଳ୍ପପତ୍ର**

ରାଜ୍ୟର ବିଭିନ୍ନ ସରକାରୀ ବିଭାଗ ଏବଂ ଏହାର ଅଧସ୍ତନ ନିର୍ଦ୍ଦେଶାଳୟର ସମ୍ମିଶ୍ରଣ କରାଯିବ । ଏ ସଂକ୍ରାନ୍ତରେ ଏକ ସଂକଳ୍ପପତ୍ର ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶ ପାଇଛି । ନିର୍ଦ୍ଦେଶାଳୟର କାର୍ଯ୍ୟଧାରାକୁ ସଜାଡିବା ସହ ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହା କରାଯାଉଥିବା ଜଣାପଡିଛି । ସରକାରୀ ବିଭାଗ ଏବଂ ସଂପୃକ୍ତ ନିର୍ଦ୍ଦେଶାଳୟ ଏକକ କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରିବ ।

ବିଭାଗରେ ଉପଲବ୍ଧ ସ୍ଥାନକୁ ଦୃଷ୍ଟିରେ ରଖି ସରକାରୀ ବିଭାଗ ବା ନିର୍ଦ୍ଦେଶାଳୟ କାର୍ଯ୍ୟ କରିବ । ଏ ସଂକ୍ରାନ୍ତରେ ନିଷ୍ପତ୍ତି ସଂପୃକ୍ତ ବିଭାଗ ନେବ । ଏହି ନୂତନ ବିଭାଗରେ ଓଡ଼ିଶା ସେକ୍ରେଟାରିଏଟ୍ ୱାର୍କଫ୍ଲୋ ଅଟୋମେଶନ ସିଷ୍ଟମ୍ (ଓସ୍‌ୱାସ୍) ମାଧ୍ୟମରେ ଏକକ ନଥି କାର୍ଯ୍ୟ ବ୍ୟବସ୍ଥା ପ୍ରଚଳନ ହେବ ଏବଂ ନିର୍ଦ୍ଦେଶାଳୟର ପ୍ରସ୍ତାବ ପୂର୍ବପରି ସରକାରୀ ବିଭାଗରେ ପୁନଃ ତର୍ଜମା କରାଯିବ ନାହିଁ । ସରକାରୀ ବିଭାଗ ଏବଂ ସଂପୃକ୍ତ ନିର୍ଦ୍ଦେଶାଳୟର କାର୍ଯ୍ୟାଳୟ ପ୍ରତିଷ୍ଠାନ, ନିର୍ଗମନ, ହିସାବ, ରୋକଡ୍ ପ୍ରଭୃତି ଶାଖା ଆବଶ୍ୟକ ଅନୁସାରେ ପୁନଃଗଠନ ହେବ । ପୁନର୍ଗଠନ ପରେ ବଳକା କର୍ମଚାରୀଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ପଠାଯିବ । ଏହା ପରେ ସେମାନଙ୍କୁ ଆବଶ୍ୟକସ୍ଥଳେ ଖାଲି ପଦବୀରେ ନିଯୁକ୍ତି କରାଯିବ । ସେହିପରି ଅର୍ଥ ବିଭାଗର ନିୟମ ଅନୁଯାୟୀ ଖାଲି ଥିବା ତଳିଆ ପଦବୀଗୁଡିକ ଉଚ୍ଛେଦ ମଧ୍ୟ କରାଯିବାର ନିଷ୍ପତ୍ତି ହୋଇଛି ।

ସରକାରୀ ବିଭାଗ ଓ ନିର୍ଦ୍ଦେଶାଳୟର କର୍ମଚାରୀମାନେ ନିଜ ନିଜ କ୍ୟାଡରରେ ପୂର୍ବପରି ରହିବେ ଓ ଉପଲବ୍ଧ ଚାକିରି ସୁବିଧା ପାଇବେ । ପଦୋନ୍ନତି, ମୃତ୍ୟୁ, ଇସ୍ତଫା ବା ଅନ୍ୟ କୌଣସି କାରଣରୁ ନିର୍ଦ୍ଦେଶାଳୟ ପଦବୀ ଖାଲି ହେଲେ ତାହା ଆବଶ୍ୟକ ଅନୁସାରେ ସଚିବାଳୟ କମନ୍ କ୍ୟାଡର ଦ୍ୱାରା ପୂରଣ କରାଯିବ । ନିର୍ଦ୍ଦେଶାଳୟ କନିଷ୍ଠ ସହାୟକ ପଦବୀ ପାଇଁ ନିଯୁକ୍ତି କରାଯିବ ନାହିଁ । ସମ୍ପୃକ୍ତ ସରକାରୀ ବିଭାଗ ଉଭୟ ସମ୍ମିଶ୍ରଣ ଅଫିସ ପାଇଁ ଆଗାମୀ ଆର୍ଥିକ ବର୍ଷରୁ ଅର୍ଥ ବିଭାଗ ସହ ପରାମର୍ଶ କରି ଅନୁଦାନ ବ୍ୟବସ୍ଥା ମଧ୍ୟ କରିବେ ।




# ମଦନ ଲାଲଙ୍କ ସହ ସାକ୍ଷାତ ଭୁଲିନାହିଁ



ବରଗଡ଼ ଜିଲା ଭେଡ଼େନ ଆଞ୍ଚଳିକ କିଷାନ କଲେଜର ଜୀବବିଜ୍ଞାନ ବିଭାଗର ଅଧାପକ ସନ୍ତୋଷ କୁମାର ନାୟାର। ପେସା ଅଧାପନା କିନ୍ତୁ ନିଶା କମେଣ୍ଟ୍ରି। ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥାପକ ଭାବେ ସେ ଯେତେ ଲୋକପ୍ରିୟ ତା'ଠାରୁ ଅଧିକ ଲୋକପ୍ରିୟତା ହାସଲ କରିଛନ୍ତି କ୍ରିକେଟ ଏବଂ ଫୁଟବଲ ଖେଳର ଧାରାବିବରଣୀ ପ୍ରଦାନ କରି। କେବଳ ଭେଡ଼େନ ନୁହଁ ଓଡ଼ିଶାର ବିଭିନ୍ନ ଖ୍ୟାତିସମ୍ପନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ସେ ନିଜର ସୁନ୍ଦର କଣ୍ଠସ୍ୱର ତଥା ମନୋରମ ଉପସ୍ଥାପନା ଶୈଳୀ ଯୋଗୁ ଶ୍ରୋତାମାନଙ୍କ ମଧରେ ଆଦୃତ ହୋଇଆସିଛନ୍ତି। ଏହି କ୍ରମରେ ସେ ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ଖେଳାଳିଙ୍କ ସାକ୍ଷାତକାର ନେଇଛନ୍ତି। ଏଥର 'ମୋ ଅନୁଭୂତି'ସ୍ତମ୍ଭରେ ତାଙ୍କ କଥା... ।

## ମୋ ଅନୁଭୂତି

୨୦୧୧ ମସିହା । ସେବର୍ଷ କଟକ ବାରବାଟି ଷ୍ଟାଡ଼ିୟମରେ ଓଡ଼ିଶା କ୍ରିକେଟ ଆସୋସିଏଶନ ତରଫରୁ ଆୟୋଜିତ ଓଡ଼ିଶା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାରେ ମୋତେ ହିନ୍ଦୀ ଭାଷାରେ ଡିଡି ସ୍ପୋର୍ଟସ ଚ୍ୟାନେଲ ପାଇଁ ଧାରାବିବରଣୀ ପ୍ରଦାନ କରିବାର ସୁଯୋଗ ମିଳିଥିଲା। ଏହି ସୁଯୋଗ ପାଇବାରେ ମୁଁ ପଶ୍ଚିମ ଓଡ଼ିଶାର ପ୍ରଥମ ପୁରୁଷ ଭାଷ୍ୟକାର ଥିଲି। ସେହି ବର୍ଷ ମୋତେ ସୋନପୁର ଲାଲମଣି କ୍ରିକେଟ କପ୍‌ର ରୌପ୍ୟ ଜୟନ୍ତୀ ଅବସରରେ ଅଫିସିଆଲ ତଥା ଭାଷ୍ୟକାର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ସଭା ପରେ ମୋତେ ଏକ ଖୋଲା ଜିପ୍‌ରେ ସହର ପରିକ୍ରମା କରାଯାଇଥିଲା। ସେଦିନ ବିଶିଷ୍ଟ କ୍ରିକେଟ୍ ଖେଳାଳି ମଦନ ଲାଲ ଅତିଥିଭାବେ ଉକ୍ତ ଉତ୍ସବରେ ଯୋଗଦେଇଥିଲେ । ଏହି ଅବସରରେ ମଦନ ଲାଲଙ୍କ ସାକ୍ଷାତ୍‌କାର ନେବାର ମୋତେ ସୁଯୋଗ ମିଳିଥିଲା । ସେଦିନ କଥା ମନେ ପଡିଲେ ଆଜିବି ମୋତେ ଖୁସି ଲାଗେ। ଆଉ ଗୋଟିଏ କଥା । ଭେଡ଼େନ କଲେଜର ବାର୍ଷିକ ଉତ୍ସବରେ ମୋତେ ଉପସ୍ଥାପକ ଦାୟିତ୍ୱ ମିଳିଥାଏ । ସେଦିନ ମୋର ଉପସ୍ଥାପନା ଶୈଳୀ ଦେଖି ଅତିଥି ଭାବେ ଯୋଗଦେଇଥିବା ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼. ପ୍ରଶାନ୍ତ ମହାପାତ୍ର ମୋତେ ଏକ କଲମ ଉପହାର ଦେଇଥିଲେ । ଯାହାକୁ ମୁଁ ଆଜି ପର୍ଯ୍ୟନ୍ତ ସାଇତି ରଖିଛି ବୋଲି ଅଧ୍ୟାପକ ନାୟାର କୁହନ୍ତି ।

ରିପୋର୍ଟ: ନିର୍ମଳ କୁମାର ମେହେର


ଭାଷ୍ୟକାର ନାୟାର ଦେବାଶିଷ ମହାନ୍ତିଙ୍କ ସାକ୍ଷାତକାର ନେଉଛନ୍ତି।

## ଖାଦ୍ୟରୁଚି



# କଚି ମିର୍ଚି କା ମୁର୍ଗ

ପୁରୀକୁ ପ୍ରତିଦିନ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଏ। ତେବେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ କେତେକ ହୋଟେଲ ସର୍ବଦା ସେମାନଙ୍କ ଡିସ୍ ପରିବର୍ତ୍ତନ କରିଥାନ୍ତି। ସିଟି ରୋଡରେ ଥିବା ପ୍ରମୋଦ କନ୍‌ଭେନସନ ଆଣ୍ଡ୍ ବିଚ୍ ରିସର୍ଟରେ ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ଗ୍ରାହକଙ୍କୁ ପରଷା ଯାଇଥାଏ। ଏହାର ଅନ୍ୟତମ ଚାହିଦାଯୁକ୍ତ ଡିସ୍ କଚି ମିର୍ଚି କା ମୁର୍ଗର ପ୍ଲେଟ୍ ଦାମ୍ ୩୨୦ ଟଙ୍କା। କଚି ମିର୍ଚି କା ମୁର୍ଗର ପ୍ରସ୍ତୁତି ସମ୍ପର୍କରେ ପ୍ରମୋଦ କନ୍‌ଭେନସନ ବିଚ୍ ରିସର୍ଟର ମୁଖ୍ୟ ଶେଫ୍ ହିକ୍‌ମତ୍ ଖାନ୍ କହନ୍ତି...

### ଆବଶ୍ୟକ ସାମଗ୍ରୀ

- ଚିକେନ: ୩୦୦ଗ୍ରାମ୍
- କଟା ପିଆଜ: ୩୦ଗ୍ରାମ୍
- କଟା ଟମାଟୋ: ୩୦ଗ୍ରାମ୍
- କାଜୁ ପେଷ୍ଟ: ୫୦ଗ୍ରାମ୍
- ଅଦା ପେଷ୍ଟ: ୨୦ଗ୍ରାମ୍
- ରସୁଣ ପେଷ୍ଟ: ୨୦ଗ୍ରାମ୍
- ରିଫାଇନ ତେଲ: ୬୦ଗ୍ରାମ୍
- ଦେଶୀଘିଅ: ୨୦ଗ୍ରାମ୍
- ଅମୁଲ କ୍ରିମ୍: ୨୦ଗ୍ରାମ୍
- ହଳଦୀ ପାଉଡ଼ର: ୧୦ଗ୍ରାମ୍
- ଲଙ୍କା ପାଉଡ଼ର: ୧୦ଗ୍ରାମ୍
- ଧନିଆପତ୍ର: ୧୫ ଗ୍ରାମ୍
- ପୋଦିନା ପତ୍ର: ୧୫ଗ୍ରାମ୍
- କଞ୍ଚାଲଙ୍କା: ୧୦ଟା
- ଗରମ ମସଲା: ୫ଗ୍ରାମ୍
- ସ୍ୱାଦ ଅନୁଯାୟୀ ଲୁଣ

ରିପୋର୍ଟ: ହେମନ୍ତ ନାୟକ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ନିଆଁରେ କଡାଇ ବସାଇ ରିଫାଇନ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ରଙ୍ଗ ବ୍ରାଉନ ହୋଇଗଲେ ସେଥିରେ ଅଦା, ରସୁଣ ପେଷ୍ଟ ପକାଇ ୧୦ ମିନିଟ୍ କଷିବା ପରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଓ କଟା ଟମାଟୋ ପକାନ୍ତୁ। ମସଲାରୁ ତେଲ ଛାଡିଗଲା ପରେ କାଜୁପେଷ୍ଟ ପକାଇ ଏହାର ୧୦ ମିନିଟ୍ ପରେ ଚିକେନ ପକାନ୍ତୁ ଓ ଭଲ ଭବେ କଷି ଘୋଡାଇ ଦିଅନ୍ତୁ।୧୫ ରୁ ୨୦ ମିନିଟ୍ ପରେ ଘୋଡଣୀ ଖୋଲି ସେଥିରେ ପୂର୍ବରୁ ଛେଚା ହୋଇଥିବା ଧନିଆପତ୍ର, ପୋଦିନାପତ୍ର ଓ କଞ୍ଚାଲଙ୍କା ପକାଇ ଗୋଳାନ୍ତୁ। ଏହାପରେ ସ୍ୱାଦ ଅନୁଯାୟୀ ଲୁଣ ଏବଂ ଗରମ ମସଲା ପକାନ୍ତୁ। ଶେଷରେ ଏହା ଉପରେ ଅମୁଲ କ୍ରିମ୍ ଓ ଦେଶୀ ଘିଅ ପକାଇ ତଳକୁ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା କଚି ମିର୍ଚି କା ମୁର୍ଗ।


ମାଷ୍ଟର ସେଫ
ହିକ୍‌ମତ୍ ଖାନ୍

## ନିଜ କଥା

ଜିଲା ପ୍ରକଳ୍ପ ଅଧିକାରୀ ରାକେଶ କୁମାର ନାୟକ

# ପ୍ରଥମ ଦରମା ମାଆଙ୍କୁ ଦେଇଥିଲି



ବରଗଡ଼ ଜିଲା ଜରୁରିକାଳୀନ ବିଭାଗର ଜିଲା ପ୍ରକଳ୍ପ ଅଧିକାରୀ ରାକେଶ କୁମାର ନାୟକ । ଚାକିରି ଆରମ୍ଭ ଅର୍ଥାତ୍ ୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ଅନ୍ୟ ଜିଲାରେ ନିଜର ଚାକିରି ଜୀବନ ବିତାଇଥିଲେ । ଗତ ୩ବର୍ଷ ହେବ ସେ ନିଜ ଜିଲା ବରଗଡ଼କୁ ଫେରିଛନ୍ତି। ଏଥର ନିଜକଥା ସ୍ତମ୍ଭରେ ତାଙ୍କ କଥା...

**ଆପଣଙ୍କ ସକାଳ କେମିତି ଆରମ୍ଭ ହୁଏ ?**

ସକାଳ ପ୍ରାୟ ସାଢ଼େ ୫ଟାରେ ଶଯ୍ୟାତ୍ୟାଗ କରେ। ନିତ୍ୟକର୍ମ ସାରିବା ପରେ ପ୍ରାତଃଭ୍ରମଣ ଓ ତା'ପରେ ପୁଅକୁ ସ୍କୁଲକୁ ନେଇ ଛାଡିବାର ଦାୟିତ୍ୱ ତୁଲାଇବାକୁ ପଡ଼େ। ଘରକୁ ଫେରି ଚା, ଜଳଖିଆ ପରେ ସକାଳ ପ୍ରାୟ ୮ଟାରେ ଅଫିସ ଯାଏ ।

**କେଉଁ ଖାଦ୍ୟରେ ଆପଣଙ୍କ ରୁଚି ରହିଛି ?**

ହୋଟେଲ ଖାଦ୍ୟକୁ ମୁଁ ଆଦୌ ପସନ୍ଦ କରେ ନାହିଁ । ଘର ଖାଦ୍ୟ ମୋର ପସନ୍ଦ । ନିରାମିଷ ଖାଦ୍ୟ ପ୍ରତି ମୋର ଦୁର୍ବଳତା ରହିଛି ।

**ପ୍ରଥମ ଦରମା କ'ଣ କରିଥିଲେ?**

ପ୍ରଥମ ଦରମା ୧୨ହଜାର ୫୦୦ ଟଙ୍କା ମିଳିଥିଲା । ସେଥିରୁ ଗୋଟିଏ କ୍ୟାମେରା କିଣିଥିଲି ଏବଂ ଘରକୁ ଆସି ବାକିତକ ମା'ଙ୍କୁ ଦେଇଥିଲି ।

**ଆପଣଙ୍କ ସଉକ କ'ଣ ?**

ଫଟୋଗ୍ରାଫି ଏବଂ ନୂଆ ଜାଗା ବୁଲିଯିବା ।

**ସିନେମା ଦେଖନ୍ତି କି ?**

ସମୟ ପାଏନି । କେବେ ସିନେମା ହଲ୍ ଯାଇଥିଲି ତାହା ମନେନାହିଁ ।

**ଆପଣଙ୍କ ପ୍ରିୟ ଖେଳ ?**

ଭଲିବଲ ।

**କେଉଁ ରଙ୍ଗକୁ ଆପଣ ଅଧିକ ଭଲ ପାଆନ୍ତି ?**

ରଙ୍ଗରେ ସେଭଳି ସ୍ୱତନ୍ତ୍ର ରୁଚି ନାହିଁ । ସବୁ ରଙ୍ଗକୁ ପସନ୍ଦ କରେ ।

**ସ୍ତ୍ରୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ ?**

ସ୍ତ୍ରୀ ଦୀପାରାଣୀ ମଧ୍ୟ ସାମାଜିକ କ୍ଷେତ୍ରରେ କାମ କରୁଛନ୍ତି । ଉଭୟେ ଗୋଟିଏ ଦିଗରେ କାମ କରୁଥିବାରୁ ପରସ୍ପର ସହିତ ଉତ୍ତମ ବୁଝାମଣା ରହିଛି ।

ରିପୋର୍ଟ: ପ୍ରେମାନନ୍ଦ ଖମାରୀ

# ସେଲ୍ଫି କର୍ଣ୍ଣର

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ

smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/category/selfie


ପ୍ରଜ୍ଞା


ଅଭିଲାଷ


ବଳରାମ


ଯାଜ୍ଞସେନୀ


ଭାଗୀରଥି


ବ୍ରଜ


ବିବେକାନନ୍ଦ


ଚନ୍ଦ୍ରମା


ପିଣ୍ଟୁ


ନରେନ


ବନ


ଗଜପତି


ସଚୀନ୍ଦ୍ର



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍



## ସଂକ୍ଷେପରେ

### ବିଚାରାଧୀନ କଏଦୀ ମୃତ

କେନ୍ଦୁଝର,୨୧।୮(ସ୍ୱ.ପ୍ର.): କେନ୍ଦୁଝର ଜେଲରେ ସଜା କାଟୁଥିବା ଜଣେ କଏଦୀଙ୍କ ବୁଧବାର ପୂର୍ବାହ୍ନରେ ମୃତ୍ୟୁ ଘଟିଛି। ତାଙ୍କ ନାମ ବିପିନ ନାୟକ। ଘର ବଡ଼ବିଲ ଥାନା ହିସାବୁରୁ ଗ୍ରାମରେ। ସେ ୨୦୧୭ ମସିହାରେ ଚମ୍ପୁଆ ଜେଲରୁ କେନ୍ଦୁଝରକୁ ସ୍ଥାନାନ୍ତରିତ ହୋଇ ଆସିଥିଲେ। ବୁଧବାର ସକାଳେ ତାଙ୍କ ବାନ୍ତି ହୋଇଥିଲା । ଏହା ପରେ ସେ ଅଚେତ୍ ହୋଇପଡିଥିଲେ । ତାଙ୍କୁ ଜେଲ୍ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିବା ଜେଲ ଅଧୀକ୍ଷକ ଗରିବ ସାହୁ କହିଛନ୍ତି। ହୃଦ୍‌ଘାତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଖୁବ୍‌ଶୀଘ୍ର ବିଜେଡି ଘୋଷଣା କରିପାରେ ଛାମୁଆ ସଙ୍ଗଠନ ପ୍ରମୁଖଙ୍କ ନାମ

ଭୁବନେଶ୍ୱର,୨୧।୮(ବ୍ୟୁରୋ): ସାଧାରଣ ନିର୍ବାଚନ ଶେଷ ପରେ ବିଜେଡି ଅଧିକାଂଶ ଦଳୀୟ ନେତାଙ୍କୁ ବିଭିନ୍ନ ନିଗମ ଅଧ୍ୟକ୍ଷ ତଥା ବିଭାଗୀୟ ଉପଦେଷ୍ଟାଭାବେ ନିଯୁକ୍ତି ଦେଇଛି। ଏହିକ୍ରମରେ ଦଳର ମହିଳା ସଙ୍ଗଠନ ସଭାନେତ୍ରୀ, ଏକାଧିକ କାର୍ଯ୍ୟକାରୀ ସଭାନେତ୍ରୀ, ଯୁବ ବିଜେଡି ସଭାପତି ଓ ଅନ୍ୟାନ୍ୟ ସଙ୍ଗଠନ ଦାୟିତ୍ୱରେ ଥିବା ନେତା ସରକାରୀ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ପଦବୀ ପାଇଥିବା ନେତାମାନେ ଦଳୀୟ ସଙ୍ଗଠନ ଦାୟିତ୍ୱରେ ରହିବେ ନାହିଁ ବୋଲି ଜଣାପଡିଛି। ତେଣୁ ଖୁବ୍‌ଶୀଘ୍ର ବିଜେଡି ନିଜର ଛାମୁଆ ସଙ୍ଗଠନର ନୂତନ ସଭାନେତ୍ରୀ/ସଭାପତି ନିଯୁକ୍ତ କରିବ। ତେଣୁ ପରବର୍ତ୍ତୀ ବିଜେଡି ଛାତ୍ର ସଭାପତି, ଯୁବ ସଭାପତି ତଥା ମହିଳା ବିଜେଡି ସଭାପତିଙ୍କୁ ନେଇ ରାଜନୀତି ଜୋର ଧରିଛି। ପୂର୍ବଭଳି ଦଳରେ କୌଣସି ସାଙ୍ଗଠନିକ ନିର୍ବାଚନ ନ ହୋଇ ମନୋନୟନ କରାଯିବ। ତେଣୁ ସରକାରୀ ପଦବୀ ପାଇଁ ନ ଥିବା ଏକାଧିକ ସଙ୍ଗଠକ ଦଳୀୟ ଦାୟିତ୍ୱ ପାଇବା ନେଇ ଆଶାବାଦୀ ହୋଇଛନ୍ତି। ହେଲେ ଦଳ କେଉଁ ସୂତ୍ରକୁ ପ୍ରୟୋଗ କରି ନୂତନ ଛାମୁଆ ମୁଖ୍ୟ ବାଛିବ, ସେ ନେଇ କୌଣସି ସୂଚନା ଦିଆଯାଇନାହିଁ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }




■କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକ

# ଇସ୍ପାତ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

**ନୂଆ ରୋଡ୍‌ମ୍ୟାପ୍‌କୁ ପ୍ରାଧାନ୍ୟ**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦେଶରେ ଇସ୍ପାତ ଉତ୍ପାଦନ ବୃଦ୍ଧି ସମ୍ପର୍କିତ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସ୍ପାତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଯୁଗ୍ମ ପ୍ଲାଣ୍ଟ କମିଟି ଏବଂ ସିଆର୍‌ଆଇଏସ୍‌ଆଇଏଲ୍‌ର ପ୍ରମୁଖ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

ଇସ୍ପାତ ଉତ୍ପାଦନ ଦିଗର ନୂତନ ପଦ୍ଧତି ଉଦ୍ଭାବନ ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଇସ୍ପାତ ଆମଦାନୀ ହ୍ରାସ କରିବା ସହ ଭାରତକୁ କିପରି ଇସ୍ପାତ ରପ୍ତାନି ରାଷ୍ଟ୍ରରେ ପରିଣତ କରାଯିବ, ସେ ଦିଗରେ ଆଲୋଚନା କରିଥିଲେ। ଏହି ଅବସରରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇ ଧର୍ମେନ୍ଦ୍ର କହିଥିଲେ ଯେ, ସାରା ବିଶ୍ୱରେ ଶିଳ୍ପବିପ୍ଳବ ୪.୦ ମଧ୍ୟଭାଗରେ ରହିଛି। ନୂଆ ବୈଷୟିକ ପଦ୍ଧତି ବ୍ୟବହାର ଓ ବିଚାର ଦ୍ୱାରା ଆଗାମୀ ଦିନରେ ଭାରତକୁ ବିଶ୍ୱରେ ଇସ୍ପାତ ନେତୃତ୍ୱ ନେଇପାରିବା ଭଳି ଶିଳ୍ପ ଶକ୍ତିଭାବେ ଗଢ଼ିତୋଳିବା ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଜାତୀୟ ଇସ୍ପାତ ନୀତି-୨୦୧୭ ରିପୋର୍ଟ ଅନୁଯାୟୀ, ଦେଶର ମୁଣ୍ଡ ପିଛା ଇସ୍ପାତ ବ୍ୟବହାର ବିଶ୍ୱ ହାରାହାରି ୨୦୮ ଗ୍ରାମ୍ ତୁଳନାରେ ମାତ୍ର ୬୨ ଗ୍ରାମ୍ ରହିଛି। ଏହି ଚାହିଦା ଦ୍ରୁତ ବୃଦ୍ଧିର ସମ୍ଭାବନା ପରିପ୍ରେକ୍ଷୀରେ ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧି ମଧ୍ୟ ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି।



ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ।

■ଖରାପ ପାଗ ଯୋଗୁ ଓହ୍ଲାଇ ପାରିଲାନି ବିମାନ

# ଆକାଶ ମାର୍ଗରୁ ଫେରିଲେ ମୁଖ୍ୟଶାସନ ସଚିବ

ବଲାଙ୍ଗୀର ଅଫିସ,୨୧।୮

ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ବୁଧବାର ବଲାଙ୍ଗୀର ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ଥିଲା । ସକାଳ ପ୍ରାୟ ସାଢ଼େ ୭ଟାରୁ ଭୁବନେଶ୍ୱର ବିମାନବନ୍ଦରରୁ ସେ ଏକ ବିମାନରେ ବଲାଙ୍ଗୀର ଜିଲା ତୁଷରା ଅଭିମୁଖେ ଆସିଥିଲେ । ହେଲେ ଖରାପ ପାଗ କାରଣରୁ ତୁଷରା ଉଡାଜାହାଜ ପଡିଆରେ ତାଙ୍କ ବିମାନ ଅବତରଣ କରି ନ ପାରିବାରୁ ସେ ଆକାଶମାର୍ଗରୁ ଭୁବନେଶ୍ୱର ଫେରିଯାଇଥିବା ଜଣାପଡିଛି । ମୁଖ୍ୟ ଶାସନ ସଚିବ ତ୍ରିପାଠୀ ବୁଧବାର ପ୍ରଥମ କରି ନିଜ ଜନ୍ମଭୂମି ବଲାଙ୍ଗୀର ଜିଲା ଗସ୍ତରେ ଆସୁଥିଲେ । ସକାଳ ୮ଟା ୧୫ ମିନିଟ୍‌ରେ ତାଙ୍କ ବିମାନ ତୁଷରା ଉଡାଜାହାଜ ପଡିଆରେ ଅବତରଣ କରିବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା । ମାତ୍ର ଖରାପ ପାଗ କାରଣରୁ ବିମାନଟି ଅବତରଣ କରିପାରି ନ ଥିଲା । ପରେ କଳାହାଣ୍ଡି ଜିଲା ଉତ୍‌କେଲା ଉଡାଜାହାଜ ପଡିଆରେ ବିମାନ ଅବତରଣ କରିବାକୁ ଚେଷ୍ଟା କରାଯାଇଥିଲା । ସେଠାରେ ମଧ୍ୟ ପାଗ ଖରାପ ଯୋଗୁ ସେହି ପରିସ୍ଥିତି ସୃଷ୍ଟି ହୋଇଥିଲା । ଶେଷରେ ପାଇଲଟ ବିମାନକୁ ଭୁବନେଶ୍ୱର ଫେରାଇ ନେଇଥିଲେ । ମୁଖ୍ୟ ଶାସନ ସଚିବଙ୍କୁ ସ୍ୱାଗତ କରିବା ପାଇଁ ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି କେ.ଶିବା ସୁବ୍ରମଣି ଓ ଅନ୍ୟ ଅଧିକାରୀମାନେ ତୁଷରା ଉଡାଜାହାଜ ପଡ଼ିଆରେ ଅପେକ୍ଷା କରିଥିଲେ । ମୁଖ୍ୟ ଶାସନ ସଚିବଙ୍କ ସହ ସେହି ବିମାନରେ ଜଳସମ୍ପଦ ବିଭାଗ ପ୍ରଧାନ ସଚିବ ପି.କେ. ଜେନା, ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ଥିଲେ। ଏଥିଯୋଗୁ ବଲାଙ୍ଗୀର ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ସମୀକ୍ଷା ବୈଠକକୁ ବାତିଲ କରାଯାଇଥିଲା ।

# ଦାୟିତ୍ୱ ଗ୍ରହଣ କଲେ ପୋଲିସ କମିଶନର

ଭୁବନେଶ୍ୱର,୨୧।୮(ବ୍ୟୁରୋ)



ଦାୟିତ୍ୱ ଗ୍ରହଣ କରିବା ଅବସରରେ ଡ. ସୁଧାଂଶୁ ଷଡ଼ଙ୍ଗୀ(ଡାହାଣ)ଙ୍କୁ ବିଦାୟୀ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଶୁଭେଚ୍ଛା ଜଣାଉଛନ୍ତି।

■ଅପରାଧ ନିୟନ୍ତ୍ରଣ ଓ ତଦନ୍ତକୁ ନେଇ ଦେଲେ ଗୁରୁମନ୍ତ୍ର

■ଇଣ୍ଟେଲିଜେନ୍ସ, ଟେକ୍ନୋଲୋଜି ସହ ମୁଖ୍ୟମନ୍ତ୍ରୀଙ୍କ ୫-ଟିକୁ ଗୁରୁତ୍ୱ

କଟକ ଓ ଭୁବନେଶ୍ୱର ଦୈତ୍ୟନଗରୀର ନୂତନ ପୋଲିସ କମିଶନର ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଆଇପିଏସ୍ ଅଫିସର ଡ. ସୁଧାଂଶୁ ଷଡ଼ଙ୍ଗୀ। ଭୁବନେଶ୍ୱରସ୍ଥିତ କମିଶନରେଟ ପୋଲିସ ମୁଖ୍ୟାଳୟରେ ପୂର୍ବତନ ପୋଲିସ କମିଶନର ସତ୍ୟଜିତ ମହାନ୍ତି ବିଧିବଦ୍ଧଭାବେ ତାଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ଶପଥ ଗ୍ରହଣ ଅବସରରେ କମିଶନର ଷଡ଼ଙ୍ଗୀ କହିଲେ, ସହରାଞ୍ଚଳରେ ସାମୂହିକ ଜୀବନକୁ ସଂଗଠିତ, ଶୃଙ୍ଖଳିତ ତଥା ସରସସୁନ୍ଦର କରିବା କମିଶନରେଟ ପୋଲିସର ମୂଳ ଉଦ୍ଦେଶ୍ୟ। ଟ୍ୱିନ୍ ସିଟିରେ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ସବୁଠୁ ବଡ଼ ଚ୍ୟାଲେଞ୍ଜ। ଟେକ୍ନୋଲୋଜି କ୍ଷେତ୍ରରେ ରାଜ୍ୟ ପୋଲିସ ପୂର୍ବାପେକ୍ଷା ବହୁ ଅଗ୍ରଗତି କରିଛି। ଇଣ୍ଟେଲିଜେନ୍ସ ଓ ଟେକ୍ନୋଲୋଜି ଜରିଆରେ ତଦନ୍ତ କରାଯାଇ ଅପରାଧ ରୋକିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଫଳ ଭାବେ କାର୍ଯ୍ୟକାରୀ କରାଯିବ ବୋଲି ସେ ଗଣମାଧ୍ୟମକୁ କହିଥିଲେ। ସେହିପରି ବିଦାୟୀ କମିଶନର ସତ୍ୟଜିତ ମହାନ୍ତି କହିଲେ, ହକି ବିଶ୍ୱକପ ପରି ୩ ଅନ୍ତର୍ଜାତୀୟ ମେଗା ଇଭେଣ୍ଟ ଓ ଫନୀ ବାତ୍ୟା ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରାଯାଇଥିଲା। ଏଥିପାଇଁ ସେ ଭୁବନେଶ୍ୱର ଡିସିପି ଅନୁପ ସାହୁ, କଟକ ଡିସିପି ଅଖିଳେଶ୍ୱର ସିଂ, କମିଶନରେଟ ପୋଲିସରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉଭୟଙ୍କୁ ପୋଲିସ ବିଧିବ୍ୟବସ୍ଥା ଅନୁଯାୟୀ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

ପରେ ନୂତନ କମିଶନର ଷଡ଼ଙ୍ଗୀ ଦୁଇ ଡିସିପି ଓ ଥାନାଧିକାରୀମାନଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଅପରାଧ ନିୟନ୍ତ୍ରଣ ଓ ତଦନ୍ତ ସଂକ୍ରାନ୍ତରେ ସେମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ପୋଲିସ କ'ଣ କରୁଛି ଜନସାଧାରଣ ତାହା ଜାଣିବା ଓ ବୁଝିବା ଦରକାର। ଥାନାରେ ପଞ୍ଜୀକୃତ ହେଉଥିବା ମାମଲାର ସ୍ଥିତି ସମ୍ପର୍କରେ ଅଭିଯୋଗକାରୀଙ୍କୁ ଅବଗତ କରାଯିବ। ଏଥିସହ ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ, ଅଭିଯୋଗ ପରେ ତୁରନ୍ତ ତଦନ୍ତ କରି ଏତଲା କପି ଦେବା, କୌଣସି ପ୍ରକାର ଚାପର ବଶବର୍ତ୍ତୀ ନ ହୋଇ ନିରପେକ୍ଷ ତଦନ୍ତ କରିବା, ଅଭିଯୋଗକାରୀଙ୍କୁ ଟଙ୍କା ପଇସା ଆଦି ନ ମାଗିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଥାନା ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କ କାର୍ଯ୍ୟକୁ ମୂଲ୍ୟାଙ୍କନ କରାଯିବ। ଠିକ୍ ଭାବେ କାର୍ଯ୍ୟ କରୁ ନ ଥିଲେ କାର୍ଯ୍ୟାନୁଷ୍ଠାନ ହେବ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନିଜେ ତଦାରଖ କରିବେ। ତେଣୁ ସମସ୍ତେ ଜଣେ ଜଣେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବାକୁ କମିଶନର ଷଡ଼ଙ୍ଗୀ ପରାମର୍ଶ ଦେଇଛନ୍ତି।

# ଓଡ଼ିଶାକୁ 'ନ୍ୟୁଟ୍ରିଶନ ଚାମ୍ପିୟନ' ଟ୍ୟାଗ୍ ଦେଲା ଆଇଏଫ୍‌ପିଆର୍‌ଆଇ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

■କୁପୋଷଣ ଦୂରୀକରଣରେ ରାଜ୍ୟ ସରକାରଙ୍କୁ ସଫଳତା

■ଧନୀ ରାଜ୍ୟଠାରୁ ଭଲ ପ୍ରଦର୍ଶନ କରିଛି ଓଡ଼ିଶା

ଅନ୍ୟ ରାଜ୍ୟମାନଙ୍କୁ ପଛରେ ପକାଇ ଦେଶର 'ନ୍ୟୁଟ୍ରିଶନ ଚାମ୍ପିୟନ' ହେବାର ଗୌରବ ଅର୍ଜନ କରିଛି ଓଡ଼ିଶା। ଶିଶୁଙ୍କଠାରେ କୁପୋଷଣ ଦୂର କରିବା କ୍ଷେତ୍ରରେ ଆଖି ଦୃଶିଆ କାର୍ଯ୍ୟ କରିବା ଲାଗି ଇଣ୍ଟରନ୍ୟାଶନାଲ ଫୁଡ୍ ପଲିସି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍(ଆଇଏଫ୍‌ପିଆର୍‌ଆଇ) ଓଡ଼ିଶାକୁ ଏହି ଟ୍ୟାଗ୍ ପ୍ରଦାନ କରିଛି। ୱାଶିଂଟନ୍ ଡିସିର ଏହି ସଂସ୍ଥା ଦ୍ୱାରା ବିଶ୍ୱର କେତେକ ରାଷ୍ଟ୍ରକୁ ନେଇ ସର୍ଭେ କରାଯାଇଥିବାବେଳେ ଏଥିରେ ବାଲାଂଦେଶ, ବ୍ରାଜିଲ, ନେପାଳ, ପେରୁ, ଥାଇଲାଣ୍ଡ, ଭିଏତ୍‌ନାମ, ଇଥିଓପିଆ ଏବଂ ଭାରତ ରହିଥିଲେ। କୁପୋଷଣ ଏବଂ ଏହାର ନିରାକରଣ କ୍ଷେତ୍ରରେ କେଉଁ ରାଷ୍ଟ୍ର ଏବଂ କେଉଁ ରାଜ୍ୟ କିଭଳି କାର୍ଯ୍ୟ କରିଛନ୍ତି ତାହାକୁ ଅନୁଶୀଳନ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଭାରତରେ ହୋଇଥିବା ସର୍ବେକ୍ଷଣରେ ଓଡ଼ିଶା ସହ ଗୁଜରାଟ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶ ଭଳି ଆଗଧାଡ଼ିର ରାଜ୍ୟଗୁଡ଼ିକୁ ନେଇ ଏକ ତୁଳନାତ୍ମକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ରାଜ୍ୟ ସରକାରମାନଙ୍କ ଆଖିଦୃଶିଆ ପଦକ୍ଷେପ କୁପୋଷଣ ଦୂର କରିବାରେ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିଛି ତାହାକୁ ଏଥିରେ ଦର୍ଶାଯାଇଥିଲା। ରିପୋର୍ଟ ମୁତାବକ, ଏ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଧିକ ସଫଳତା ହାସଲ କରିଛି। କେବଳ ଏତିକି ନୁହେଁ, ୧୨ରୁ ୨୩ ମାସ ମଧ୍ୟରେ ସମସ୍ତ ଶିଶୁଙ୍କୁ ଟୀକାକରଣ କରି ରାଜ୍ୟ ରେକର୍ଡ ସୃଷ୍ଟି କରିଛି। ଏଥିସହ ଉଭୟ ମା' ଓ ୩ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ନିୟମିତ ଚିକିତ୍ସା ବ୍ୟବସ୍ଥା ମଧ୍ୟ କରାଯାଇଛି। ୨୦୦୫-୦୬ରେ ଓଡ଼ିଶାରେ କୁପୋଷଣ ଯୋଗୁ ୪୬.୫ ପ୍ରତିଶତ ଶିଶୁଙ୍କର ଶାରିରୀକ ବିକାଶ ଠିକ୍ ଭାବେ ହେଉ ନ ଥିବାବେଳେ ୨୦୧୫-୧୬ରେ ଏହା ହ୍ରାସ ପାଇଁ ୩୫.୩ ପ୍ରତିଶତରେ ପହଞ୍ଚିଛି। ସେହିଭଳି ପୋଷଣ ଅଭାବରୁ ୪୨.୩ ପ୍ରତିଶତ ଶିଶୁଙ୍କର ଓଜନ ସ୍ୱାଭାବିକଠାରୁ କମ୍ ଥିବାବେଳେ ଏବେ ତାହା କମି ୩୫.୮ ପ୍ରତିଶତରେ ପହଞ୍ଚିଛି। ଏହାବ୍ୟତୀତ ୨୦୧୪ ତୁଳନାରେ ୨୦୧୬ରେ ଇଣ୍ଟିଗ୍ରେଟେଡ୍ ଚାଇଲ୍ଡ ଡେଭଲପ୍‌ମେଣ୍ଟ ସର୍ଭିସ(ଆଇସିଡିଏସ୍) ଅଧିକ ୩୪ ପ୍ରତିଶତ ଲୋକଙ୍କ ନିକଟରେ ପହଞ୍ଚିପାରିଛି। ଆଇସିଡିଏସ୍ ସେବା ଯୋଗାଇବା କ୍ଷେତ୍ରରେ ଓଡ଼ିଶା ଗୁଜରାଟ, ମଧ୍ୟପ୍ରଦେଶ ଭଳି ଧନୀ ରାଜ୍ୟଠାରୁ ବେଶ୍ ଆଗରେ ରହିଥିବା ଏହି ରିପୋର୍ଟରେ କୁହାଯାଇଛି।

**ସଫଳ ମଣିଷ**

# ସମନ୍ୱିତ କୃଷିର ନାୟକ

ଶଶାଙ୍କ ଶେଖର ଝାଙ୍କର
ଦେବଗଡ଼,୨୧।୮

ଦେବେନ୍ଦ୍ର ଧଳ। ବୟସ ୪୨। ଘର ଦେବଗଡ଼ ଜିଲା ରିଆମାଳ ବ୍ଲକ ଖିଲେଇ ଗାଁରେ। ଶିକ୍ଷାଗତ ଯୋଗ୍ୟତା ବି.ଏ.। ଆଗୁଆ ଚାଷୀ ହିସାବରେ ତାଙ୍କର ନାଁ ଏ ଅଞ୍ଚଳରେ ରହିଛି । ଆଦିବାସୀ ଅଧ୍ୟୁଷିତ ଦେବଗଡ଼ ଜିଲାର ପାହାଡ଼ପର୍ବତ ପରିବେଷ୍ଟିତ ଏହି ଗ୍ରାମର ଅଧିବାସୀ ମୁଖ୍ୟତଃ ଧାନଚାଷ ଏବଂ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ। ସେହି ଗ୍ରାମରେ ଆଶାର ଆଲୋକ ସଦୃଶ ଉଭା ହୋଇଛନ୍ତି ଏହି ଯୁବଚାଷୀ ଦେବେନ୍ଦ୍ର ଧଳ। ସମନ୍ୱିତ କୃଷି ପ୍ରଣାଳୀରେ ଚାଷ ହେଉଛି ତାଙ୍କ ରୋଜଗାରର ମୁଖ୍ୟ ପନ୍ଥା। ଜଳବାୟୁ ପରିବର୍ତ୍ତନ, ସୀମିତ ସମ୍ବଳ ଓ କୃଷିରେ ବିଭିନ୍ନ ଅସୁବିଧାକୁ ଲକ୍ଷ୍ୟ କରି କୃଷିବିଜ୍ଞାନ କେନ୍ଦ୍ର ସହାୟତାରେ ସେ ଏକ ସ୍ୱୟଂ ସମ୍ପୂର୍ଣ୍ଣ କୃଷିପ୍ରଣାଳୀ ଆରମ୍ଭ କରିଛନ୍ତି । ଯେଉଁଥିରେ ଗୋଟିଏ ଚାଷର କ୍ଷତିକୁ ଅନ୍ୟ ଉପାୟରେ ଭରଣା କରାଯାଇପାରିବ। ସମୁଦାୟ ୩ ଏକର ଜମିରୁ ଏକ ଏକରରେ ଖୋଳିଛନ୍ତି ୨ଟି ପୋଖରୀ। ଯେଉଁଥିରେ ସେ ବିଭିନ୍ନ ପ୍ରକାରର ମାଛ ଚାଷ ଓ ମଧୁର ଜଳ ଚିଙ୍ଗୁଡ଼ି ଚାଷ କରିଛନ୍ତି। ଆଉ ୧ ଏକର ଜମିରେ ବର୍ଷା ଋତୁରେ ସେ ମଧ୍ୟମ କିସମର ଧାନଚାଷ କରନ୍ତି। ଯାହା ବର୍ତ୍ତମାନ ଧାନ-ସୋରିଷ-ମୁଗ ପର୍ଯ୍ୟାୟ କୃଷିରେ ପରିବର୍ତ୍ତିତ ହୋଇଛି । ୨ ପୋଖରୀର ହୁଡ଼ାରେ ଆରମ୍ଭ କରିଛନ୍ତି ଆମ୍ବ ଏବଂ କଦଳୀ ଚାଷ। ବନ୍ଧ ହୁଡ଼ାର ଅନ୍ୟ ଏକ ପାର୍ଶ୍ୱରେ ପୋଟଳ ଚାଷ ଏବଂ ଲଙ୍କାଚାଷ। ଏକ ଏକର ଧାନ ଜମିରୁ ବାର୍ଷିକ ୪୦ହଜାର ଟଙ୍କା ଆୟ କରୁଥିବା ଦେବେନ୍ଦ୍ର ପରିବା ଚାଷରୁ ପ୍ରାୟ ୭୦ରୁ ୭୫ ହଜାରରୁ ଅଧିକ ଆୟ କରିଥାନ୍ତି। ଆମ୍ବ,କଦଳୀ ଏବଂ ଲିଚୁ ଚାଷରୁ ବାର୍ଷିକ ୫୭ ହଜାର ଟଙ୍କା ଆୟ କରନ୍ତି ସେ । ମାଛଚାଷ ପାଇଁ ମାତ୍ର ୨୫ ହଜାର ଟଙ୍କା ବ୍ୟୟ କରି ୨ଟି ପୋଖରୀରୁ ପ୍ରାୟ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରିପାରୁଛନ୍ତି ଦେବେନ୍ଦ୍ର । ଏଥିସହିତ ୨ ଜର୍ସିଗାଈ ରଖି ବାର୍ଷିକ ୨୦ହଜାର ଟଙ୍କା ଆୟ କରିବା ସହ ବାର୍ଷିକ ୨ଲକ୍ଷରୁ ଅଧିକ ଟଙ୍କା ଆୟ କରିପାରୁଛନ୍ତି ଦେବେନ୍ଦ୍ର । ତାଙ୍କର ସମୁଦାୟ ପରିବାର ଏଥିରେ ନିୟୋଜିତ ହୋଇଛନ୍ତି। କୃଷିବିଜ୍ଞାନ କେନ୍ଦ୍ର,ଦେବଗଡ଼ ଏବଂ ଅନ୍ୟାନ୍ୟ ବିଭାଗରୁ ମିଳିଥିବା ବୈଜ୍ଞାନିକ ଜ୍ଞାନକୌଶଳରେ ତାଙ୍କର ଏହି ସମନ୍ୱିତ କୃଷି ପରିପୁଷ୍ଟ। ମଧୁର ଜଳ ଚିଙ୍ଗୁଡ଼ି ଚାଷ,ତିଲାଶିଆ ମାଛଚାଷ ଏବଂ କଦଳୀ ଚାଷରେ ପଲିଥିନ୍ ଆଚ୍ଛାଦନ କରିବାରେ ସେ ଜିଲାର ପ୍ରଥମ ଚାଷୀ। ତାଙ୍କର ଏହି ସବୁ ବୈଜ୍ଞାନିକ ଜ୍ଞାନକୌଶଳଭରା କୃଷି ନିମନ୍ତେ ସେ ଜିଲା ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ବହୁବାର ସମ୍ମାନିତ ହୋଇସାରିଛନ୍ତି। ଦେବଗଡ଼ ଜିଲାର ଚାଷୀମାନଙ୍କ ପାଇଁ ସେ ଏକ ଆଦର୍ଶ । କୃଷି ବିଜ୍ଞାନ କେନ୍ଦ୍ର ତାଙ୍କୁ 'କୃଷକ ପ୍ରଫେସର' ଉପାଧିରେ ଗତବର୍ଷ ଭୂଷିତ କରିଛନ୍ତି। ତାଙ୍କର ମୁଖ୍ୟ ସ୍ଲୋଗାନ 'ସମନ୍ୱିତ କୃଷିରେ ଏବେ ନିଜକୁ ମଜଭୁତ କର'।



ଦେବେନ୍ଦ୍ର ଧଳ ମାଛକୁ ଦାନା ଖାଇବାକୁ ଦେଉଛନ୍ତି।



■ସ୍ୱଭାବ କବିଙ୍କୁ ଜିଲା ଶିକ୍ଷା ବିଭାଗର ନିଆରା ଶ୍ରଦ୍ଧାଞ୍ଜଳି

# ଅଢ଼େଇ ଲକ୍ଷ ଛାତ୍ରୀଛାତ୍ର ଏକକାଳୀନ ବୋଲିଲେ ଗଙ୍ଗାଧର ସଙ୍ଗୀତ

ବରଗଡ଼ ଅଫିସ୍,୨୧।୮

ବରଗଡ଼ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବୁଧବାର ସ୍ୱଭାବକବି ଗଙ୍ଗାଧର ମେହେରଙ୍କୁ ନିଆରା ଭାବେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ଜିଲା ଶିକ୍ଷା ବିଭାଗ ଅଧୀନ ୨୧୫୫ଟି ଶିକ୍ଷାନୁଷ୍ଠାନରେ ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକକାଳୀନ ବିଭିନ୍ନ ପର୍ଯ୍ୟାୟରେ କବି ଗଙ୍ଗାଧରଙ୍କ ରଚିତ ବିଶ୍ୱ ଜୀବନ ହେ, ବିଶ୍ୱଦେଖି ମଧୁମୟ, ମଙ୍ଗଳେ ଅଇଲା ଉଷା ଓ ଜନ୍ମଦାତ୍ରୀ ମାତୃଭୂମି ଗୀତଗୁଡ଼ିକୁ ଗାନ କରିଥିଲେ। ସେହିପରି ବରଗଡ଼ ସୌଖୀନ ରଙ୍ଗମଞ୍ଚରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ଗଙ୍ଗାଧର ଜୟନ୍ତୀ ସମାରୋହ ପାଳନ ସହିତ କବି ଗଙ୍ଗାଧରଙ୍କ ରଚିତ କାବ୍ୟ ପ୍ରଣୟ ବଲ୍ଲରୀ ଆଧାରିତ ଗୀତିନାଟ୍ୟକୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ପରିବେଷଣ କରିଥିଲେ ।

ଜିଲା ସାହିତ୍ୟ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ସୌଖୀନ କଳାକାର ସଂଘ ସଭାପତି ଅଶ୍ୱିନୀ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ସକାଳ ସାଢ଼େ ୭ଟାରେ ବରଗଡ଼ ପୌରାଞ୍ଚଳର ବିଭିନ୍ନ ସ୍କୁଲର ୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନିଶାମଣି ସ୍କୁଲ ପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ଶୋଭାଯାତ୍ରାରେ ଗାନ୍ଧୀଛକକୁ ଯାଇ ସେଠାରେ କବି ଗଙ୍ଗାଧର ଏବଂ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଶୋଭାଯାତ୍ରା ସେଠାରୁ ଫେରିବା ପରେ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ଓ ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁଙ୍କ ସଂଯୋଜନା ତଥା ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ନବ ମହଉମଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ଗଙ୍ଗାଧର ସଙ୍ଗୀତ ଗାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

ଗୀତିନାଟ୍ୟର ନିର୍ଦ୍ଦେଶକ ଶିକ୍ଷକ ବଲ୍ଲଭ ପ୍ରଧାନ, ଜୟନ୍ତ ନନ୍ଦ, ଲଳିତ ରାୟ, କୁମୁଦ ସାହୁ, ଆଲୋକ ସାହୁ, ପରିତୋଷ ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଗୀତିନାଟ୍ର ପରିବେଷିତ ହୋଇଥିଲା । ଗୀତିନାଟ୍ୟରେ ପ୍ରଚ୍ଛଦ କଣ୍ଠ ସଙ୍ଗୀତ ଗାନ କରିଥିବା ଜୟନ୍ତ ନନ୍ଦ ଓ ତବଲା ବାଦକ ଲଳିତ ରାୟଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ହେଉଥିବା ପତ୍ରିକା ସଞ୍ଚାରର ଏକ ନୂତନ ସଂସ୍କରଣକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଭାର୍ଗବ ନାଏକ, ପ୍ରଶାନ୍ତ ଭୋଇ, ଆଦିକନ୍ଦ ସ୍ୱାଇଁ, ଡଃ ଡୋଲାମଣି ଶତପଥୀ, ଗୋପବନ୍ଧୁ ପୁରୋହିତ, ରୋଜାଲିନ ମିଶ୍ର, ଦିବ୍ୟକାନ୍ତୀ ସାହୁ, ସଦାନନ୍ଦ ଜାଲ, ଗୋବିନ୍ଦ ସେଠ, ଉମେଶ ଦାଶ, ଅରବିନ୍ଦ ଗୁପ୍ତା, ଝରଣା ଦାଶ, ତପସ୍ୱିନୀ ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଡୋଲାମଣି ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।





ଜିଲାସ୍ତରୀୟ ସମାରୋହରେ ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିମାନେ ଗଙ୍ଗାଧରଙ୍କ ରଚିତ ସଙ୍ଗୀତ ଗାନ କରୁଛନ୍ତି।



"କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ, ବିଚାର ଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବତ୍ ଗୀତା




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମେଡିକାଲ ବଣ୍ଡକୁ ସୁପ୍ରିମକୋର୍ଟଙ୍କ ସମର୍ଥନ

**ନୂଆଦିଲ୍ଲୀ,୨୧।୮**

ପୋଷ୍ଟ-ଗ୍ରାଜୁଏଟ୍ ମେଡିକାଲ ପାଠ୍ୟକ୍ରମ ଏବଂ ସୁପର ସ୍ପେଶିଆଲିଟି ପାଠ୍ୟକ୍ରମରେ ନାମଲେଖା ପାଇଁ ବାଧ୍ୟତାମୂଳକ ବଣ୍ଡ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ରିଟ୍ ପିଟିଶନ୍‌କୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଓଡିଶା ସମେତ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, କର୍ନାଟକ, ପଶ୍ଚିମବଙ୍ଗ, ଗୋଆ ଆଦି ରାଜ୍ୟ ସରକାରଙ୍କ ପକ୍ଷରୁ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ବଣ୍ଡ ବ୍ୟବସ୍ଥା ଲାଗୁ କରାଯାଇଛି। ସମାଜର ଅବହେଳିତ ବର୍ଗଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ସରକାର ପଦକ୍ଷେପ ନେଇପାରିବେ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ରେ ଏହି କ୍ଷମତା ପ୍ରଦାନ କରାଯାଇଥିବା ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ହେମନ୍ତ ଗୁପ୍ତାଙ୍କ ଖଣ୍ଡପୀଠ କହିଛନ୍ତି।

ଓଡିଶାରେ ଥିବା ସମସ୍ତ ୪୫ଟି ସୁପର ସ୍ପେଶିଆଲିଟି ପାଠ୍ୟକ୍ରମ ସିଟ୍ ସର୍ବଭାରତୀୟ କାଉନ୍‌ସେଲିଂରେ ମେଧା ଭିତ୍ତିରେ ପୂରଣ କରାଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ଶିବାଶିଷ ମିଶ୍ର ଖଣ୍ଡପୀଠଙ୍କୁ ଜଣାଇଥିଲେ। ଏଥିପାଇଁ ସରକାରୀ କଲେଜରେ ବର୍ଷକୁ ୪୫ ହଜାର ଟଙ୍କା ଦେୟ ନିଆଯାଉଛି ଏବଂ ସୁପର ସ୍ପେଶିଆଲିଟି ପାଠ୍ୟକ୍ରମରେ ଯୋଗଦେଉଥିବା ଡାକ୍ତରମାନଙ୍କୁ ଷ୍ଟାଇପେଣ୍ଡ ବାବଦରେ ୫୬, ୮୨୪ ଟଙ୍କା ଦିଆଯାଉଛି। ରାଜ୍ୟରେ ସୁପର ସ୍ପେଶିଆଲିଟି ଡାକ୍ତରଙ୍କର ଗୁରୁତର ସଙ୍କଟ ରହିଥିବାରୁ ଜନସ୍ୱାର୍ଥ ଲାଗି ସରକାର ବଣ୍ଡ ବ୍ୟବସ୍ଥା ପ୍ରଚଳନ କରିଥିବା ସେ କୋର୍ଟଙ୍କୁ କହିଥିଲେ। ତେବେ କେତେକ ରାଜ୍ୟ ବାଧ୍ୟତାମୂଳକ ବଣ୍ଡ ବ୍ୟବସ୍ଥାରେ କଠୋର ସର୍ତ୍ତ ରଖିଥିବା ଜାଣିବା ପରେ ଏହା ସମସ୍ତଙ୍କ ପାଇଁ ସମାନ ହେବା ଆବଶ୍ୟକ ବୋଲି ଖଣ୍ଡପୀଠ ଅନୁଭବ କରିଥିଲେ। ସରକାରୀ ମେଡିକାଲ କଲେଜରେ ଶିକ୍ଷାଲାଭ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ବାଧ୍ୟତାମୂଳକ ସେବା ବଣ୍ଡ କ୍ଷେତ୍ରରେ ସମାନ ନୀତି ଆପଣାଇବାକୁ ଖଣ୍ଡପୀଠ କେନ୍ଦ୍ର ସରକାର ଓ ଭାରତର ମେଡିକାଲ କାଉନସିଲ୍ (ଏମ୍‌ସିଆଇ)କୁ ପ୍ରସ୍ତାବ ଦେଇଛନ୍ତି।

## ରିଟ୍ ପିଟିଶନ୍ ଖାରଜ

ମେଡିକାଲ ସୁପର ସ୍ପେଶିଆଲିଟି ପାଇଁ ଆଶାୟୀ ଏବଂ ହସ୍ପିଟାଲ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିବା ମେଡିକାଲ ଗ୍ରାଜୁଏଟ ସଂଘ ପକ୍ଷରୁ ଏହି ରିଟ୍ ପିଟିଶନ୍ ଦାଏର ହୋଇଥିଲା। ବାଧ୍ୟତାମୂଳକ ବଣ୍ଡ ବ୍ୟବସ୍ଥାରେ ଥିବା ସର୍ତ୍ତକୁ ରଦ୍ଦ କରିବା ପାଇଁ ସଂଘ ପକ୍ଷରୁ ଆବେଦନ କରାଯାଇଥିଲା। ସୂଚନାଯୋଗ୍ୟ, ଓଡିଶା ସରକାରଙ୍କ ସଂଶୋଧିତ ସେବା ବଣ୍ଡ ନୀତି ଅନୁଯାୟୀ ସରକାରୀ କଲେଜରେ ଏମ୍‌ବିବିଏସ୍, ପୋଷ୍ଟ ଗ୍ରାଜୁଏଟ (ପିଜି) ଏବଂ ସୁପର ସ୍ପେଶିଆଲାଇଜେଶନ ମେଡିକାଲ ପାଠ୍ୟକ୍ରମ କରୁଥିବା ଛାତ୍ରୀଛାତ୍ରଙ୍କୁ ରାଜ୍ୟରେ ଅନ୍ୟୂନ ୨ ବର୍ଷ କାର୍ଯ୍ୟ କରିବାକୁ ପଡ଼ିବ। ଏମ୍‌ବିବିଏସ୍ ପରେ ରାଜ୍ୟରେ ଚାକିରି ନ କଲେ ସମ୍ପୃକ୍ତ ଛାତ୍ରଙ୍କୁ ୫୦ ଲକ୍ଷ ଟଙ୍କା ଗଣିବାକୁ ହେବ। ସେହିପରି ପିଜି ଛାତ୍ରୀଛାତ୍ରଙ୍କୁ ୧.୫ କୋଟି ଏବଂ ସୁପର ସ୍ପେଶିଆଲିଟି ପାଠ୍ୟକ୍ରମ କରିଥିବା ଛାତ୍ରୀଛାତ୍ରଙ୍କୁ ୨ କୋଟି ଟଙ୍କା ସରକାରଙ୍କ ପାଖରେ ଦାଖଲ କରିବାକୁ ପଡିବ।

## ଅକ୍ଟୋବର ୨ରୁ ...

ଦୋକାନରେ ମହାନଗର ନିଗମର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରି ଜରିମାନା ଆଦାୟ କରୁଥିବା ବେଳେ ବଡ଼ବଡ଼ ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ, ହାଟବଜାରରେ ଅବାଧ ପଲିଥିନ ବ୍ୟବହାର ଚାଲିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୯-୨୦ ଆର୍ଥିକବର୍ଷରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଦ୍ୱାରା ୮,୩୪୧.୨୫ କେ.ଜି. ପ୍ଲାଷ୍ଟିକ ଜବତ କରାଯାଇଥିବା ବେଳେ ୨୦,୧୬,୨୫୭ ଟଙ୍କା ଜରିମାନା ଆଦାୟ କରାଯାଇଛି। ପଲିଥିନ କଟକଣାକୁ ଆହୁରି କଡ଼ାକଡ଼ି କରିବାକୁ ମହାନଗର ନିଗମ ଓ ପୌରାଞ୍ଚଳକୁ ନିର୍ଦ୍ଦେଶ ଦେବାକୁ ନଗର ଉନ୍ନୟନ ବିଭାଗକୁ ନିୟମିତ ଚିଠି ମାଧ୍ୟରେ ଜଣାଇ ଦିଆଯାଉଛି ବୋଲି ପରିବେଶ

**ପ୍ରଥମ ପୃଷ୍ଠାରୁ...**

ନିର୍ଦ୍ଦେଶକ କେ. ମୁରୁଗେସେନ କହିଛନ୍ତି। ବ୍ୟବସାୟୀ ସହଦେବ ସାହୁ କହିଛନ୍ତି, ପଲିଥିନ ପରିବେଶ ପାଇଁ କ୍ଷତିକାରକ। ଏହା ଉପରେ କଟକଣା ଲଗାଗଲେ ଭଲ। କିନ୍ତୁ ସରକାର ଏହାର ବିକଳ୍ପ ଚିନ୍ତା କରିବା ଦରକାର। ଏଥିସହିତ ପଲିଥିନ ଉତ୍ପାଦନ କରୁଥିବା ସଂସ୍ଥାକୁ ବନ୍ଦ କରିବା ଦରକାର। ନଚେତ କଟକଣା କରି ଦୋକାନୀଙ୍କ ଉପରେ ଚଢ଼ାଉ କଲେ କିଛି ଲାଭ ହେବ ନାହିଁ। ସେହିପରି ଜଣେ ପରିବେଶବିତ୍‌ଙ୍କ ମତରେ ସହରାଞ୍ଚଳ ବାହାରେ ବହୁ ପ୍ଲାଷ୍ଟିକ ପ୍ରସ୍ତୁତ ୟୁନିଟ୍ ରହିଛି। ସେଗୁଡିକୁ ବନ୍ଦ କଲେ ଏହାର ଅସଲ ଉଦ୍ଦେଶ୍ୟ ସଫଳ ହେବ । ଉତ୍ପାଦନ ବନ୍ଦ ନ କରି ବ୍ୟବହାରକାରୀଙ୍କ ଉପରେ ଚଢ଼ାଉ କଲେ ଏହି ଉଦ୍ୟମ ସଫଳ ହେବନାହିଁ ବୋଲି ପରିବେଶବିତ୍ ମତ ଦେଇଛନ୍ତି।

## ଚିଦାମ୍ବରମ ...

ସିବିଆଇ ଅଧିକାରୀମାନେ ଘର ଆଗରେ ନୋଟିସ ଲଗାଇ ୨ ଘଣ୍ଟା ମଧ୍ୟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ପୁନର୍ବାର ଅଧିକାରୀମାନେ ତାଙ୍କ ବାସଭବନକୁ ଯାଇଥିଲେ। ସେ ଦେଶ ବାହାରକୁ ଚାଲିଯିବା ଆଶଙ୍କାରେ ସିବିଆଇ ଏବଂ ଇଡି ପକ୍ଷରୁ ପୃଥକ୍ ଲୁକ୍‌ଆଉଟ୍ ନୋଟିସ ଜାରି କରାଯାଇଥିଲା।

ଲୋଧି ଇଷ୍ଟେଟ୍‌ରେ ଚିଦାମ୍ବରମଙ୍କ ମୋବାଇଲ ଫୋନ ଥିବା ଟ୍ରାକିଂରୁ ଜଣାପଡିଥିଲା । ପରେ ଉକ୍ତ ଫୋନ ସ୍ୱିଚ୍‌ଅଫ୍ ହୋଇଯାଇଥିଲା। ଡ୍ରାଇଭର ଓ କିରାଣିଙ୍କୁ ଅଧାବାଟରେ ଓହ୍ଲାଇଦେଇ ଚିଦାମ୍ବରମ ଅଜଣା ସ୍ଥାନକୁ ଚାଲିଯାଇଥିବା ଜେରା ବେଳେ ସେମାନେ କହିଥିଲେ।

ବୁଧବାର ସକାଳେ ବରିଷ୍ଠ ଆଇନଜୀବୀ କପିଲ ଶିବଲ ବିଚାରପତି ଏନ୍.ଭି. ରମାନା, ଏମ୍. ଶନ୍ତନାଗୌଦର ଏବଂ ଅଜୟ ରସ୍ତୋଗୀଙ୍କ ଖଣ୍ଡପୀଠରେ ପିଟିଶନ୍ ଦାଏର କରିବାକୁ ପ୍ରଥମେ ଉଦ୍ୟମ କରିଥିଲେ। ତେବେ ମାମଲାର ଦ୍ରୁତ ଶୁଣାଣି ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ପାଖକୁ ଯିବା ଲାଗି ସେମାନେ ଶିବଲଙ୍କୁ କହିଥିଲେ। ତୁରନ୍ତ ଶୁଣାଣି ତାଲିକାରେ ପିଟିଶନ ସ୍ଥାନ ନ ପାଇବାରୁ ଅପରାହ୍ନରେ ଶିବଲ ପୁଣିଥରେ ପୂର୍ବ ଖଣ୍ଡପୀଠକୁ ଯାଇଥିଲେ। ତାଙ୍କ ସହ ବରିଷ୍ଠ ଆଇନଜୀବୀ ବିବେକ ତାଙ୍ଖା ଓ ଇନ୍ଦିରା ଜୟସିଂ ମଧ୍ୟ ଥିଲେ। ଚିଦାମ୍ବରମଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି ହୋଇଥିବା ସମ୍ପର୍କରେ ସେମାନେ ଖଣ୍ଡପୀଠଙ୍କୁ ଜଣାଇଥିଲେ। ପିଟିଶନରେ ତ୍ରୁଟି ଥିବା ରେଜିଷ୍ଟ୍ରାର ଜଣାଇବା ପରେ ସେଥିରେ ସଂଶୋଧନ କରାଯାଇଥିଲା। ତେବେ ତାହା ତାଲିକାଭୁକ୍ତ ହୋଇ ନ ଥିବାରୁ ବୁଧବାର ଶୁଣାଣି ସମ୍ଭବ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ।

ଅନ୍ୟପକ୍ଷରେ ପୂର୍ବତନ ଅର୍ଥମନ୍ତ୍ରୀଙ୍କ ସମର୍ଥନରେ ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସର କେତେକ ନେତା ଆଗକୁ ବାହାରିଛନ୍ତି। ସରକାର କ୍ଷମତାର ଅପପ୍ରୟୋଗ କରୁଛନ୍ତି। ଚିଦାମ୍ବରମଙ୍କ ଚରିତ୍ର ସଂହାର ଲାଗି ତଦନ୍ତକାରୀ ସଂସ୍ଥା ଓ ଗଣମାଧ୍ୟମକୁ ବ୍ୟବହାର କରାଯାଉଥିବା ରାହୁଲ ଅଭିଯୋଗ କରିଥିଲେ। ପରିଣାମ ଯାହା ହେଉନା କାହିଁକି ସତ୍ୟ ପାଇଁ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଥିଲେ। ଦଳର ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା, ଆନନ୍ଦ ଶର୍ମା ଓ ଅନ୍ୟ ନେତାମାନେ ମଧ୍ୟ ଚିଦାମ୍ବରମଙ୍କ ପଛରେ ଛିଡ଼ାହୋଇଥିଲେ। ସେପଟେ ପୂର୍ବତନ ଅର୍ଥମନ୍ତ୍ରୀଙ୍କ ବ୍ୟବହାରକୁ ଭାଜପା ପକ୍ଷରୁ ସମାଲୋଚନା କରାଯାଇଥିଲା। ସେ ପଳାତକ ବ୍ୟବସାୟୀ ବିଜୟ ମାଲ୍ୟା ଓ ନୀରବ ମୋଦିଙ୍କ ଭଳି ବ୍ୟବହାର ଦେଖାଉଛନ୍ତି ବୋଲି ଭାଜପା ମୁଖପାତ୍ର ଜି.ଭି.ଏଲ୍. ନରସିଂହ ରାଓ କହିଥିଲେ। ଯଦି ସେ ସନ୍ଦେହଜନକ କାର୍ଯ୍ୟ କରିଥିବେ ତା'ର ପରିଣାମ ତାଙ୍କୁ ଭୋଗିବାକୁ ପଡିବ। ତଦନ୍ତକାରୀ ସଂସ୍ଥା ସରକାରଙ୍କ ପାଇଁ କାର୍ଯ୍ୟ କରୁନାହିଁ। ସ୍ୱାଧୀନ ଭାବେ କାର୍ଯ୍ୟକରିବା କ୍ଷମତା ସେମାନଙ୍କର ରହିଛି ବୋଲି ଭାଜପା ମୁଖପାତ୍ର ଶାହନୱାଜ୍ ହୁସେନ୍ କହିଥିଲେ।

# ବିଶ୍ୱବ୍ୟାଙ୍କ ନିର୍ଦ୍ଦେଶକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକସେବା ଭବନରେ ବିଶ୍ୱବ୍ୟାଙ୍କ ନିର୍ଦ୍ଦେଶକ(ଭାରତ) ଜୁନୈଦ କମାଲ୍ ଅହମ୍ମଦଙ୍କୁ ସାକ୍ଷାତ କରିଛନ୍ତି। ଅପରାହ୍ନରେ ହୋଇଥିବା ଏହି ସାକ୍ଷାତ୍‌କାର ସମୟରେ ଉଭୟଙ୍କ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ବିଶେଷ ଭାବେ ବିଶ୍ୱବ୍ୟାଙ୍କ ସହଯୋଗରେ ଓଡ଼ିଶା ବିକାଶ ପ୍ରକ୍ରିୟା କିପରି ତ୍ୱରାନ୍ୱିତ ହେବ ସେ ନେଇ ଆଲୋଚନା କରାଯାଇଛି।

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡିକର ଅଧିକ ଭାଗୀଦାରି, ଦାରିଦ୍ର୍ୟ ଦୂରୀକରଣ ଏବଂ ଉତ୍ତମ ପ୍ରଶାସନିକ ବ୍ୟବସ୍ଥା କାର୍ଯ୍ୟକାରିତା ଉପରେ ରାଜ୍ୟ ପ୍ରଶାସନ ନେଇଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ। ଦାରିଦ୍ର୍ୟ ଦୂରୀକରଣ ସହ ସାମାଜିକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପଞ୍ଜୀକରଣ ଉପରେ ଉଭୟ ଗୁରୁତ୍ୱ ଦେଇଥିଲେ। ବିଶ୍ୱବ୍ୟାଙ୍କ୍‌ର କଣ୍ଟ୍ରି ପାର୍ଟନରଶିପ୍ ଫ୍ରେମ୍‌ୱାର୍କ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟରେ କାମ ଚାଲୁଅଛି। ୨୦୧୮ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ଆସନ୍ତା ୨୦୨୨ ଯାଏ ଚାଲିବ। ଏହି ସମୟ ମଧ୍ୟରେ କେଉଁ କ୍ଷେତ୍ରକୁ ବିଶ୍ୱବ୍ୟାଙ୍କ୍‌ର ଅଧିକ ଆବଶ୍ୟକତା ରହିଛି, ତାହା ନିରୂପଣ କରାଯାଇ କାର୍ଯ୍ୟ କରାଯିବ। ଏଥିପାଇଁ ବିଶ୍ୱବ୍ୟାଙ୍କ୍ ପକ୍ଷରୁ ରାପିଡ୍ ଷ୍ଟେଟ୍ ଡାଇଗ୍ନୋଷ୍ଟିକ୍ ଷ୍ଟଡି କରାଯାଇଥିଲା। ନବୀନ-ଜୁନେଦଙ୍କ ମଧ୍ୟରେ ହୋଇଥିବା ଏହି ସାକ୍ଷାତକାର ସମୟରେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ଏବଂ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ବିଶ୍ୱବ୍ୟାଙ୍କ ନିର୍ଦ୍ଦେଶକ(ଭାରତ) ଜୁନୈଦ କମାଲ୍ ଅହମ୍ମଦଙ୍କ ସହ ଆଲୋଚନାରତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ସମ୍ପତ୍ତି ତାଲିକା ଦେବେ ପ୍ରାଥମିକ ସମବାୟ ସମିତି ସମ୍ପାଦକ

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ରାଜ୍ୟର ସମସ୍ତ ପ୍ରାଥମିକ ସମବାୟ ସମିତିରେ କାର୍ଯ୍ୟରତ ସମ୍ପାଦକମାନେ ବାର୍ଷିକ ସମ୍ପତ୍ତି ତାଲିକା ଦେବେ। ଓଡିଶା ସମବାୟ ସମିତି ଆଇନ ୧୯୬୨ର ଧାରା-୩୩ ଏ(ବି) ଅନୁଯାୟୀ ସମବାୟ ସମିତି ସମୂହ ନିବନ୍ଧକ ବୁଧବାର ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ମର୍ମରେ ସମସ୍ତ ଡିଭିଜନାଲ, ଡେପୁଟି ରେଜିଷ୍ଟ୍ରାର ଏବଂ ଆସିଷ୍ଟାଣ୍ଟ ଡେପୁଟି ରେଜିଷ୍ଟ୍ରାରଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି, ଲ୍ୟାମ୍ପସ ଏବଂ ଏଫ୍‌ଏସ୍‌ସିଏସ୍‌ରେ କାର୍ଯ୍ୟ କରୁଥିବା ସମ୍ପାଦକମାନଙ୍କୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ସ୍ଥାବର, ଅସ୍ଥାବର ସମ୍ପତ୍ତିର ବିବରଣୀ ସମ୍ପୃକ୍ତ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋଅପରେଟିଭ ସୋସାଇଟିଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କର୍ମକ୍ଷେତ୍ରରେ କୌଣସି ଘଟଣାକୁ କେନ୍ଦ୍ରକରି କିଛି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଦ୍ୱିଜା ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ ଆକସ୍ମିକ ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଲାଭ କରି ଖୁସି ରହିବେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ।

**ବୃଷ** ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତା ବଢ଼ାଇ ଦେବ। ଅବଶ୍ୟ ହିତୈଷୀ ବନ୍ଧୁମାନଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ନିର୍ମାଣ କାର୍ଯ୍ୟରେ ଗତି ମନ୍ଥର ହେବ କିନ୍ତୁ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ଯାତ୍ରାରୁ ସୁଫଳ ପାଇପାରନ୍ତି।

**ମିଥୁନ** ରାହୁଙ୍କ ପ୍ରଭାବରେ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ଋଣ ପରିଶୋଧ କରିବା ସକାଶେ ବିଭିନ୍ନ ପ୍ରକାରର ଧନ୍ଦା କରିବାକୁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ଶିଳ୍ପ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ପାରିବାରିକ ବ୍ୟତିକ୍ରମ କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବାର ସୂଚନା ରହିଛି । କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି କଳହ ଘଟିପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିପାରିବେ। କଳା, ସାହିତ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ** ଆଜି ଅନ୍ୟମାନଙ୍କ ସକାଶେ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ର ଓ ପାରିବାରିକ ପରିବେଶ ସାଙ୍ଗକୁ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଏକା ସାଙ୍ଗରେ ବହୁତ କାମ ହାତକୁ ନେବା କାରଣରୁ ବ୍ୟସ୍ତ ହୋଇପଡ଼ିବେ।

**କନ୍ୟା** କେତେକ କାରଣକୁ ନେଇ କିମ୍ବା ବୃଥା ସନ୍ଦେହ କରି ନିଜ ଲୋକମାନଙ୍କୁ ଭୁଲ ବୁଝିପାରନ୍ତି। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିବ। ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ହସ୍ତା ନକ୍ଷତ୍ର ପାଇଁ ଗୃହ ସଜା,ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିବେ।

**ତୁଳା** ବିଗତଦିନର ଘଟଣାବଳୀକୁ ନେଇ ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ଦୃଷ୍ଟିକୋଣ ବଦଳି ଯାଇପାରେ। ବୃଥା ସନ୍ଦେହ ଓ ମତପାର୍ଥକ୍ୟ ଜନିତ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବାର ସୂଚନା ରହିଛି। ପୂର୍ବରୁ ଝଗଡ଼ା ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନତୁବା କଳହର ସୂତ୍ରପାତ ହୋଇପାରେ।

**ବିଛା** ଅନ୍ୟମାନଙ୍କ କଥାରେ ଭାସିଯାଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କ୍ରୀଡା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାକୁ ସମାଧାନ କରିବାରେ ଯତ୍ନବାନ ହୋଇପାରନ୍ତି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେଲେ ମଧ୍ୟ ବିଜୟୀ ହେବେ । ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଆଶାଜନକ ସୁଫଳ ମଧ୍ୟ ପାଇବେ।

**ଧନୁ** ଆଜି ଦିନଟିରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ ମଧ୍ୟ କ୍ଷତିରେ ପଡିବେ ନାହିଁ । ବିଦ୍ୟୁତ୍ ଉପକରଣ, ବ୍ୟବସାୟ , ଶେୟାର ବଜାର, ପନିପରିବା ଦୋକାନୀ, ହୋଟେଲ ମାଲିକମାନେ ନିଜ ନିଜର ସ୍ଥାନରେ ବେଶ୍ ଖୁସି ରହିବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର** ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିକ୍ଷା, ପରୀକ୍ଷା, ପ୍ରଶାସନିକ ଆଲୋଚନା, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ରୋଗପୀଡା ଓ ପୁରାତନ ଶତ୍ରୁତା କାରଣରୁ ବନ୍ଧୁଙ୍କ ସାହାଯ୍ୟ ଲୋଡିପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ସତର୍କତା ରକ୍ଷା କରି ନ ଚଳିଲେ ବିଭିନ୍ନ ସମସ୍ୟା ଆସିବାର ଆଶଙ୍କା ରହିଛି। ଏଣେ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସଭାସମିତି, ମାମଲା ସମାଧାନ ଓ ଆନୁଷ୍ଠାନିକ କାର୍ଯ୍ୟରେ ବନ୍ଧୁମିଳନ ଘଟିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ଈର୍ଷା ଓ ଅସୂୟାର ବଶବର୍ତ୍ତୀ ହୋଇ ଏଣେ ନିଜ ଚତୁଃପାର୍ଶ୍ୱସ୍ଥ ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

ଆଜି ଭାଦ୍ରବ କୃଷ୍ଣ ସପ୍ତମୀ ଗୁରୁବାର, ଶ୍ରୀମନ୍ଦିରରେ ହରିଜନ୍ମାଧିବାସ, ଗର୍ଭଉଦକ ବନ୍ଦାପନା, ଅଗଷ୍ଟ ୨୨ ତାରିଖ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର,ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୦୮ମି. ଗତେ, ଘ୧୨।୪୭ମି. ମଧ୍ୟେ, ଦିବା ଘ୨।୨୬ମି. ଗତେ ଘ୪।୦୫ମି. ମଧ୍ୟେ ଅମୃତବେଳା । ଦିବା ଘ୭।୫୦ମି. ମଧ୍ୟେ ଘ୨।୨୬ମି. ଗତେ, ଘ୩।୦୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୪ମି. ଗତେ ଘ୨।୫୮ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**SALE**

Contact for complete simplex/duplex/triplex house construction with interior from the experts. Call: 7008550473. D-13908

**A best residential plot with gharabari/ compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363.** D-66944

Own sthitiban residential 1200 sqft. plot for sale. 9937816565, 9937568585. D-13942

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66764

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

Corner plot (5,200 sqft. approx., sthitiban status) with newly constructed three storied building with compound wall having two separate entry for vehicles on both sides. Suitable for Residence, Guest House, Holiday Home, Bank etc. Address: Jagannath Colony, near Railway Phatak, Puri-Konark Road, Puri- 752002 (Odisha) Approx. 2.5 km from Gundicha Mandir. Approx. roof area in Sqft.: 1st floor (1,500) + 2nd floor (1,500) + 3rd floor (500) + outhouse (540)= 4,040 Contact details: 9835532641, rajeshkrsarangi@gmail.com D-63781

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980

**GENERAL**
**SALE**

ଅଟା ମିଲ୍ ଯନ୍ତ୍ରପାତି ସୁଲଭ ମୂଲ୍ୟରେ କିଣିବାପାଇଁ ଯୋଗାଯୋଗ କରନ୍ତୁ: 9861442380, 9937713209. D-13997

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714



Shivam logistic packers movers. Household/ car relocation countrywide. 9777044177, 9338461133. D-13903



**ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ 7008439019, 8895436651.** D-66763



Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66945

Newly open Herbal full body massage lady & gents. 8018246332. D-66942

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

Experience full body massage with us (expert). Call: 7377048581, 06742597822. D-67359



ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I Baijayanti Behuria, W/o- Saroj Kumar Swain declared vide this affidavit I have changed my surname from Behuria to Swain. Henceforth Baijayanti Behuria and Baijayanti Swain is one and same person. D-13995

By virtue of an affidavit before Notary Public, Bhubaneswar Vide No.152 dtd. 19.08.2019, I Smt. Subhalaxmi Behera, D/o- Premananda Behera, W/o- Smrutiranjan Rout have changed my name as "Subhalaxmi Rout". Henceforth, I shall be known, called and recognised as "Subhalaxmi Rout" for all purpose. D-13996

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରାଣୀ ମଣିଷର ଭିନ୍ନ ରୂପ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ସବୁ ପ୍ରାଣୀ କ'ଣ ସମାନ ? ହଁ, ମଣିଷ, ହାମରହେଡ୍ ପୋକ, ଶାମୁକା, କୁକୁଡ଼ା ଓ ଶାର୍କ: ସବୁ ପ୍ରାଣୀଙ୍କର ସମାନ ଆବେଗ, ଭୟ, ଲାଳସା ଓ ବୁଦ୍ଧି ରହିଛି। ତଥାପି ମଣିଷ କେତେକ ପ୍ରାଣୀଙ୍କୁ ମାରି ମାଂସ ଖାଉଛି, କେତେକଙ୍କୁ ନିଜର ମନୋରଞ୍ଜନ ବା କ୍ରୀଡ଼ା ପାଇଁ ମାରୁଛି, କେତେକଙ୍କ ଅଙ୍ଗପ୍ରତ୍ୟଙ୍ଗକୁ ସହାୟକ ଉପକରଣ ଭାବେ ବ୍ୟବହାର କରୁଛି ବା ପିନ୍ଧୁଛି ଏବଂ କେତେକଙ୍କୁ କ୍ଷତିକାରକ କୀଟପତଙ୍ଗ ମନେକରି ଧ୍ୱଂସ କରିଦେଉଛି। ଯେଉଁ ମଣିଷ ପ୍ରାଣୀ ମାଂସ ଖାଏ, ସେ ଆଉ ଗୋଟିଏ ରୂପରେ ଥିବା ନିଜକୁ ହିଁ ଖାଏ। ତେଣୁ ତାକୁ କାନିବାଲ ବା ନରମାଂସଭକ୍ଷୀ କହିଲେ ଭୁଲ୍ ହେବ ନାହିଁ। କାରଣ ପ୍ରତ୍ୟେକ ପ୍ରାଣୀ ମଣିଷର ଏକ ଭିନ୍ନ ରୂପ।

ଏଠାରେ ମୁଁ କିଛି ଗବେଷଣାଲବ୍ଧ ତଥ୍ୟ ପ୍ରକାଶ କରିବାକୁ ଯାଉଛି, ଯେଉଁଥିରୁ ମଣିଷ ଓ ଅନ୍ୟ ପ୍ରାଣୀଙ୍କ ଭିତରେ ଥିବା ସାଦୃଶ୍ୟ ଜଣାପଡ଼ିବ। * ଅନେକ ଲୋକ ସକାଳୁ ଉଠିବା ପାଇଁ ଏକ ଉଦ୍ଦୀପକ ପାନୀୟ ଭାବେ କଫି ପିଇବାକୁ ପସନ୍ଦ କରନ୍ତି। ଏହା ମଧ୍ୟ ସ୍ମୃତିଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ସାଇନ୍ସ ପତ୍ରିକାରେ ପ୍ରକାଶିତ ରାଇଟ୍, ବେକର୍, ପାମର ପ୍ରଭୃତିଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣାର ତଥ୍ୟ ଅନୁସାରେ ମହୁମାଛିମାନେ ମଧ୍ୟ ଟିକିଏ ସତେଜତା ପାଇବା ପାଇଁ କାଫିନ୍ (କଫିରେ ଥିବା ଉପାଦାନ)କୁ ପସନ୍ଦ କରନ୍ତି। ମହୁମାଛିମାନେ ଫୁଲରୁ ମହୁ (ପୁଷ୍ପମଧୁ) ସଂଗ୍ରହ କରନ୍ତି ଏବଂ ଏହା ମଧ୍ୟ ପରାଗସଙ୍ଗମରେ ସାହାଯ୍ୟ କରେ। ସାଇଟ୍ରସ୍ ଓ କଫି ପରି ଗଛର ଫୁଲରେ ଥିବା ପୁଷ୍ପମଧୁରେ ମହୁମାଛିଙ୍କୁ ଆକର୍ଷିତ କରିବା ପାଇଁ ଅଳ୍ପ ପରିମାଣର କାଫିନ୍ ଥାଏ। ଫଳରେ ମହୁମାଛିମାନେ ଏହି ଫୁଲକୁ ବାରମ୍ବାର ଆସନ୍ତି। କାଫିନ୍‌ର ଗନ୍ଧକୁ ସେମାନେ ତିନିଦିନ ପରେ ବି ମନେରଖିଥାନ୍ତି ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି। ନିଜର ପ୍ରଜନନକୁ ସଫଳ କରିବା ପାଇଁ ଏହି ଚତୁର ଫୁଲଗୁଡ଼ିକ ମହୁମାଛିଙ୍କ ପାଇଁ ଆକର୍ଷଣ ସୃଷ୍ଟିକାରୀ କାଫିନ୍‌ଯୁକ୍ତ ପୁଷ୍ପମଧୁ ସାଇତି ରଖିଥାନ୍ତି। ଫୁଲରେ ଏହି କାଫିନ୍ ମଧ୍ୟ ଆଉ ଗୋଟିଏ କାମ କରେ– ଏହା କ୍ଷତିକାରକ କୀଟପତଙ୍ଗଙ୍କୁ ଦୂରେଇ ରଖେ।

* ଆଗରୁ ବିଚାର କରାଯାଉଥିଲା ଯେ ଘରଚଟିଆମାନେ ହେଉଛନ୍ତି ଏକଗାମୀ। କିନ୍ତୁ ଗବେଷକମାନେ ୨୦୦ ପୁରୁଷ ଓ ୧୯୪ଟି ମାଈ ଘରଚଟିଆଙ୍କ ଗତିବିଧି ଲକ୍ଷ୍ୟ କରିଥିଲେ, ଯାହାର ଫଳାଫଳ ଆମେରିକାନ୍ ନ୍ୟାଚୁରାଲିଷ୍ଟ ପତ୍ରିକାରେ ପ୍ରକାଶ ପାଇଛି। ସେମାନେ ୩୧୩ଟି ଏକଗାମୀ ଯୋଡ଼ିଙ୍କୁ ନେଇଥିଲେ ଏବଂ ଲଣ୍ଡିରେ ୮୬୩ଟି ଅଣ୍ଡା ଫୁଟାଇଥିଲେ। କେତେକ ଘରଚଟିଆଙ୍କ ବିଚ୍ଛେଦ ଘଟିଥିଲା। କିନ୍ତୁ ଅଧିକାଂଶ ବିଚ୍ଛେଦ ଜୀବନସାଥୀଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ପରେ ଘଟିଥିଲା। ତେବେ ଅଳ୍ପ କିଛି ମାଈ ଘରଚଟିଆ ତାଙ୍କ ପୁରୁଷ ସାଥୀକୁ ଧୋକା ଦେଇ ଅନ୍ୟ ପୁରୁଷ ସାଥୀ ବାଛିଥିଲେ। ସେମାନେ ସ୍ୱଭାବତଃ ବାଛବିଚାରହୀନ ଥିଲେ। ଯେଉଁ କ୍ଷେତ୍ରରେ ନିଜର ପୁରୁଷ ସାଥୀଟି ଅପେକ୍ଷା ଅନ୍ୟ ଜଣେ ଅଧିକ ଯୋଗ୍ୟ ସାଥୀ ମିଳୁଥିଲା ସେହି କ୍ଷେତ୍ରରେ ଏପରି ଘଟୁଥିଲା। କିନ୍ତୁ ଗବେଷକମାନେ କହିଛନ୍ତି ଯେ, ଏପରି ପ୍ରତାରଣା କ୍ଷେତ୍ରରେ ପୁରୁଷ ସାଥୀଟି ଛୁଆମାନଙ୍କୁ କମ୍ ଖାଦ୍ୟ ଖାଇବାକୁ ଦେଉଥିଲା। ଯଦି ସେହି ପୁରୁଷ ସାଥୀଟି ଭାବୁଥିଲା ଏହି ଛୁଆମାନଙ୍କ ମଧ୍ୟରୁ ସବୁ ଛୁଆ ତା'ର ନୁହନ୍ତି, ସେତେବେଳେ ସେ କମ୍ ଖାଇବାକୁ ଦେବାକୁ ନିଷ୍ପତ୍ତି ନେଉଥିଲା। ସାଥୀଙ୍କ ବ୍ୟବହାରକୁ ଦେଖି ପୁରୁଷମାନେ ସେମାନଙ୍କ ବ୍ୟବହାର ବଦଳାଉଥିଲେ। ପୁରୁଷମାନେ ଲକ୍ଷ୍ୟ କରୁଥିଲେ ତାଙ୍କ ଜୀବନସାଥୀ କେତେ ସମୟ ବାହାରେ ରହୁଛି, ସେଥିରୁ ସେମାନେ ତାଙ୍କ ଚରିତ୍ର ଉପରେ ସନ୍ଦେହ କରୁଥିଲେ।

* କେବଳ କ'ଣ ଟିନ୍‌ଏଜ୍‌ର ପିଲାମାନେ ସାଥୀ ମେଳରେ ଡ୍ରଗ୍ ସେବନ କରିଥାନ୍ତି ? ଗବେଷଣାରୁ ଜଣାପଡ଼ିଛି ଯେ ତରୁଣ ଡଲ୍‌ଫିନ୍‌ମାନେ ଏକ ପ୍ରକାର ପଫର ମାଛକୁ ରଗେଇଦିଅନ୍ତି, ଯାହାଫଳରେ ସେ ଏକ ପ୍ରକାର ଆତ୍ମରକ୍ଷାକାରୀ ରାସାୟନିକ ନିର୍ଗତ କରେ। ଏହା ହେଉଛି ଏକ ପ୍ରକାର ନର୍ଭ ଟକ୍ସିନ୍। ଏହି ଟକ୍ସିନ୍‌କୁ ଅଳ୍ପ ମାତ୍ରାରେ ଗ୍ରହଣ କରି ଯୁବ ଡଲ୍‌ଫିନ୍‌ମାନେ ନିଶାଗ୍ରସ୍ତ ହୋଇଯାନ୍ତି।

* ନର୍ଥଆମ୍ପଟନ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଗାଈମାନଙ୍କର ବେଷ୍ଟ ଫ୍ରେଣ୍ଡ୍ (ସବୁଠୁ ଭଲ ସାଙ୍ଗ) ଥାଆନ୍ତି। ଗବେଷଣା ସମୟରେ ଗାଈମାନଙ୍କୁ ୩୦ ମିନିଟ୍ ବ୍ୟବଧାନରେ ଦୁଇଥର ଏକ ସ୍ଥାନରେ ଆବଦ୍ଧ ରଖାଗଲା। ପ୍ରଥମ ଥର ତାଙ୍କର ବେଷ୍ଟ ଫ୍ରେଣ୍ଡ୍ ସହିତ ଏବଂ ଦ୍ୱିତୀୟ ଥର ଅନ୍ୟ ଏକ ଅଜଣା ଗାଈ ସହିତ। ଉଭୟ ସ୍ଥିତିରେ ସେମାନଙ୍କ ହୃତ୍‌ସ୍ପନ୍ଦନ ମପାଗଲା। ଦେଖାଗଲା ଯେ ବେଷ୍ଟ ଫ୍ରେଣ୍ଡ୍ ସହ ଥିଲା ବେଳେ ଗାଈର ହୃତ୍‌ସ୍ପନ୍ଦନ କମ୍ ରହୁଛି ବା ସେ କମ୍ ଚାପଯୁକ୍ତ ରହୁଛି। ଅଜଣା ଗାଈ ସହ ଥିଲାବେଳେ ସେ ଅଧିକ ଚାପଯୁକ୍ତ ରହୁଛି। ଏଥିରୁ ଜଣାପଡୁଛି ଯେ ଗାଈମାନଙ୍କର ନିର୍ଦ୍ଦିଷ୍ଟ ଗାଈ ପ୍ରତି ଅଧିକ ଭଲ ପାଇବା ବା ବେଷ୍ଟ ଫ୍ରେଣ୍ଡ୍ ଥାଏ, ଠିକ୍ ମଣିଷ ପରି। ବେଷ୍ଟ ଫ୍ରେଣ୍ଡ୍ ସହ ଥିଲାବେଳେ ସେମାନେ କେବଳ ଶାନ୍ତ ରହନ୍ତିନି, ଅଧିକ ସ୍ମାର୍ଟ ବି ଥାନ୍ତି। ୨୦୧୪ରେ ବ୍ରିଟିଶ୍ କଲମ୍ବିଆ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ବାଛୁରିମାନେ ବେଷ୍ଟ ଫ୍ରେଣ୍ଡ୍ ସହ ଥିଲାବେଳେ ଅଧିକ କୌଶଳ ପ୍ରଦର୍ଶନ କରିପାରନ୍ତି, ଏକାକୀ ଥିଲାବେଳେ ସେପରି କରିପାରନ୍ତିନି।

* ମଣିଷ କ'ଣ କେବଳ ଜୁଆ ଖେଳେ ? ପାରାମାନେ ବି ମଣିଷ ପରି ଜୁଆ ଖେଳନ୍ତି। କେଣ୍ଟୁକି ବିଶ୍ୱବିଦ୍ୟାଳୟରେ ଏ ସମ୍ପର୍କରେ ଏକ ଗବେଷଣା କରାଯାଇଥିଲା। ପାରାମାନଙ୍କୁ କେତେକ ଲାଇଟ୍‌କୁ ଖୁମ୍ପିବାକୁ ଦିଆଗଲା। ଗୋଟିଏ ଲାଇଟ୍‌କୁ ଖୁମ୍ପିଲେ ସେମାନଙ୍କୁ କିଛି ସମୟ ପରେ ଅଳ୍ପ ଓ ଆଉ ଏକ ଲାଇଟ୍‌କୁ ଖୁମ୍ପିଲେ ସେମାନଙ୍କୁ କିଛି ଅଧିକ ସମୟ ପରେ ଅଧିକ ଖାଦ୍ୟ ଦାନା ମିଳୁଥିଲା କିମ୍ବା କିଛି ଖାଦ୍ୟ ଦାନା ମିଳୁ ନ ଥିଲା। କିନ୍ତୁ ପାରାମାନେ ସେହି ଲାଇଟ୍‌କୁ ଖୁମ୍ପିବାକୁ ପସନ୍ଦ କଲେ, ଯେଉଁଥିରେ ସେମାନଙ୍କୁ ଅଧିକ ଖାଦ୍ୟଦାନା ମିଳିବ କିମ୍ବା ଭୁଲ୍‌ଭାଲ୍ ହେଲେ କିଛି ଖାଦ୍ୟ ମିଳିବ ନାହିଁ। ଏହି ଆଲୁଅକୁ ଖୁମ୍ପିବା ଏକ ଜୁଆ ଖେଳ ପରି ଥିଲା। ଦେଖାଗଲା ୮୨ ପ୍ରତିଶତ ପାରା ପୋଖତ ଜୁଆଡ଼ି ବନିଗଲେ।

* ପ୍ରତିବର୍ଷ ଶୀତଋତୁରେ ହଜାର ହଜାର ଜ୍ୟାଣ୍ଟ ଅଷ୍ଟ୍ରେଲିଆନ୍ କଟ୍‌ଲଫିଶ୍ ଉକ୍ତ ମହାଦେଶର ଦକ୍ଷିଣ ଉପକୂଳରେ ମେଟିଂ ପାଇଁ ଏକତ୍ରିତ ହୁଅନ୍ତି। ମାଈ କଟ୍‌ଲଫିଶ୍‌ଙ୍କ ସହ ମେଟିଂ ପାଇଁ ପୁରୁଷମାନଙ୍କ ଭିତରେ ତୀବ୍ର ପ୍ରତିଯୋଗିତା ହୁଏ। ଗୋଟିଏ ମାଈ ପାଇଁ ହାରାହାରି ଚାରିଜଣ ଓ ବେଳେ ବେଳେ ଏଗାର ଜଣ ପୁରୁଷଙ୍କ ଭିତରେ ଲଢ଼େଇ ହୁଏ। ଯେଉଁ ବଳବାନ୍ ପୁରୁଷ ଲଢ଼େଇରେ ଜିତେ ସେ ମେଟିଂର ସୁଯୋଗ ପାଏ। କିନ୍ତୁ ଦୁର୍ବଳମାନେ କ'ଣ ଛାଡ଼ିଦିଅନ୍ତି ? ସେମାନେ ରଙ୍ଗ ବଦଳାଇ ମାଈ କଟ୍‌ଲଫିଶ୍ ଭାବରେ ଛଦ୍ମବେଶରେ ରହନ୍ତି। ସେମାନେ ଲୁଚି ଲୁଚି ମାଈମାନେ ରହୁଥିବା ପଥରତଳକୁ ଯାଇ ଜଣକୁ ଗର୍ଭବତୀ କରି ଚାଲିଯାନ୍ତି। ରାଜକୀୟ ରାଣୀ ଅନ୍ତଃପୁରରେ ନାରୀମାନଙ୍କ ସଙ୍ଗଲାଭ ପାଇଁ ହିଞ୍ଜଡ଼ାଙ୍କ ଛଦ୍ମବେଶରେ ପୁରୁଷମାନେ ଯିବା କଥା ଆମେ ପୁରାଣ ଓ ଇତିହାସରେ ପଢ଼ିଛୁ।

Email: gandhim@nic.in

# ନିଜ ଗଧକୁ ଦେଖ



ଅଞ୍ଜନ ଚାନ୍ଦ

ବେପାରୀ କେତୋଟି ଗଧ ନେଇ ହାଟକୁ ବିକିବା ପାଇଁ ଯାଉଥିଲା। ଚାଲି ଚାଲି ଥକିଯିବାରୁ ସେ ଗୋଟେ ଗଧ ଉପରେ ବସିଲା। କିଛି ସମୟ ପରେ ଭାବିଲା ସବୁ ଗଧ ଅଛନ୍ତି ନା କିଏ କେଉଁଠି ରହିଗଲା। ସେ ଗଧଗୁଡ଼ିକୁ ଗଣିଲା। ଗୋଟେ ଗଧ କମ୍ ହେଲା। ବେପାରୀ ଛାନିଆରେ ଗଧ ପିଠିରୁ ଓହ୍ଲାଇ ପଡ଼ିଲା। ପୁଣିଥରେ ଗଣିଲା। ଗଧ ସଂଖ୍ୟା ଠିକ୍ ହେଲା। ସେ ଖୁସିରେ ଗଧ ପିଠିରେ ବସି ଆଗକୁ ଚାଲିଲା। କିଛିବାଟ ଯିବାପରେ ଗଧଗୁଡ଼ିକୁ ଗଣିବାରୁ ପୁଣି ଗୋଟେ କମ୍ ହେଲା। ଓହ୍ଲାଇ ପଡ଼ିବାରୁ ସମାନ ହୋଇଗଲା।

ଇଏ ଗୋଟିଏ ଅଦ୍ଭୁତ ରହସ୍ୟ ଏବଂ ଆଶ୍ଚର୍ଯ୍ୟ ଯେ ଏହା ମଣିଷ ଚରିତ୍ର ସହିତ ସମ୍ପର୍କିତ।

ଏବେ ରାଜ୍ୟରେ ସରକାରୀ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଗୁଣାତ୍ମକ ମାନ କ୍ରମଶଃ ହ୍ରାସ ପାଇ ବର୍ତ୍ତମାନ ଅବସ୍ଥା ଦୟନୀୟ ହୋଇପଡ଼ିଛି। ଏ ବାବଦରେ ସରକାର କହୁଛନ୍ତି, ସ୍କୁଲରେ ଶିକ୍ଷକମାନେ ଠିକ୍ ଭାବରେ ପାଠ ପଢ଼ାଉନାହାନ୍ତି। ଶିକ୍ଷକମାନଙ୍କର ଅଭିଯୋଗ ପିଲାମାନେ ଦୁଷ୍ଟ ଓ ଅଭିଭାବକମାନେ ସଚେତନ ନୁହନ୍ତି। ଅଭିଭାବକମାନେ ଶିକ୍ଷକ ଓ ସରକାର ଉଭୟଙ୍କୁ ଦୋଷ ଦେଉଛନ୍ତି। ଅଥଚ କେହି ନିଜ ପାଖରେ ଥିବା ଦୋଷକୁ ଦେଖୁନାହାନ୍ତି। ଗଧ ବେପାରୀ ପରି ନିଜ ଗଧକୁ ଛାଡ଼ି କେବଳ ଆଗରେ ଥିବା ଗଧଗୁଡ଼ିକୁ ଗଣୁଛନ୍ତି।

ଗତ ଦୁଇ ଦଶନ୍ଧି ଭିତରେ ଶିକ୍ଷାନୀତିରେ ବାରମ୍ବାର ପରୀକ୍ଷା ନିରୀକ୍ଷା ଓ ତଦନୁଯାୟୀ ବିପୁଳ ପରିବର୍ତ୍ତନ ହୋଇଛି। ସବୁ ପିଲାଙ୍କୁ ସ୍କୁଲକୁ ଆଣିବାକୁ ଚେଷ୍ଟା ହୋଇଛି। ସେଥିପାଇଁ ପ୍ରାଥମିକ ଶିକ୍ଷାକୁ ନିଃଶୁଳ୍କ କରାଯାଇଛି। ସ୍କୁଲର ପୂଜାଚାନ୍ଦା ମଧ୍ୟ ସେମାନଙ୍କଠାରୁ ଆଦାୟ କରାଯାଉନାହିଁ। ବହିପତ୍ର ମାଗଣା ଦିଆଯାଉଛି। ସ୍କୁଲରେ ପୁଷ୍ଟିକର ମଧ୍ୟାହ୍ନଭୋଜନର ବ୍ୟବସ୍ଥା ହୋଇଛି। ସ୍କୁଲ ପୋଷାକ, ନେକ୍‌ଟାଇ, ଜୋତା, ପରବର୍ତ୍ତୀ ପର୍ଯ୍ୟାୟରେ ସାଇକେଲ ଦିଆଯାଉଛି। ଛାତ୍ରବୃତ୍ତିର ବ୍ୟବସ୍ଥା ଅଛି। ସ୍କୁଲକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ଅଥଚ ଆଶ୍ଚର୍ଯ୍ୟ, ଏସବୁ ସତ୍ତ୍ୱେ କିଛି ପିଲା ତଥାପି ଘରେ ରହିଯାଉଛନ୍ତି। ଅଧାରୁ ବହୁ ପିଲା ପାଠପଢ଼ା ଛାଡୁଛନ୍ତି। ଯେଉଁମାନେ ରହୁଛନ୍ତି ସେମାନଙ୍କ ଅଭିଭାବକମାନେ ସ୍କୁଲରୁ ମିଳୁଥିବା ସୁବିଧାଗୁଡ଼ିକୁ ପାଇବା ପାଇଁ ଆଧାରକାର୍ଡ, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ବ୍ୟାଙ୍କ୍ ପାସ୍‌ବୁକ ଇତ୍ୟାଦି ଚକ୍କରରେ ଘୂରିବୁଲି ନୟାନ୍ତ ହେଉଛନ୍ତି।

ସରକାର ଦେଉଥିବା ସାହାଯ୍ୟଗୁଡ଼ିକୁ ଜଣେ ପିଲା ଗୋଟିଏ ଶ୍ରେଣୀ ପାଇଁ ବର୍ଷଟିଏ ପାଇବ। ଏଇ ଉଦ୍ଦେଶ୍ୟରେ ବୋଧହୁଏ ପ୍ରାଥମିକ ପରୀକ୍ଷାରୁ ଫେଲ୍ ବ୍ୟବସ୍ଥା ଉଠାଇ ଦିଆଯାଇଛି। କୁହାଯାଉଛି ଏହାଦ୍ୱାରା ପରୀକ୍ଷା ପ୍ରତି ପିଲାମାନଙ୍କର ଭୟ ରହିବ ନାହିଁ। ଏବଂ ସେମାନେ ପରୀକ୍ଷାରେ ଭଲ କରିବେ। କିନ୍ତୁ ଫଳ ହେଲା ଓଲଟା। ବହୁ ନିରକ୍ଷର ପିଲା ଦଶମଶ୍ରେଣୀ ବୋର୍ଡପରୀକ୍ଷାର ପରୀକ୍ଷାର୍ଥୀ ହୋଇଗଲେ। ଯେଉଁଥିପାଇଁ ପରୀକ୍ଷାରେ ପୂର୍ବପରି ଫେଲ୍ ବ୍ୟବସ୍ଥା ରଖିବାକୁ ଦାବି ହେଲା। ସରକାରୀ ମୁଣ୍ଡମାନେ ବହୁ ଚିନ୍ତା କରି ଯେକୌଣସି ପ୍ରକାରେ ସବୁପିଲାଙ୍କୁ ପାସ୍ କରାଇବା ପାଇଁ ଯୋଜନା କଲେ। ଫଳସ୍ୱରୂପ ଏବେ ଉଜ୍ଜ୍ୱଳା, ଉତ୍‌ଥାନ ଓ ଉତ୍କର୍ଷ ତିନୋଟି କାର୍ଯ୍ୟକ୍ରମ ସ୍କୁଲଗୁଡ଼ିକରେ ଜୋରସୋରରେ ଚାଲିଛି। ଶିକ୍ଷକମାନଙ୍କୁ ନୂଆ ପ୍ରଶିକ୍ଷଣ ଦିଆଯାଉଛି। ନୂଆ ବହି ଛପା ହୋଇ ପିଲାମାନଙ୍କୁ ବଣ୍ଟା ହେଉଛି। ତଦନୁସାରେ ଶିକ୍ଷକମାନେ ପିଲାମାନଙ୍କୁ ପଢ଼ାଉଛନ୍ତି କି ନାହିଁ ତାହାର ତଦାରଖ କରିବାକୁ ଦଳ ଗଢ଼ାଯାଇଛି। କାର୍ଯ୍ୟକ୍ରମଗୁଡ଼ିକ ସଫଳ ହେଉଛି ବୋଲି ଶିକ୍ଷାବିଭାଗ ଡିଣ୍ଡିମ ପିଟୁଥିବାବେଳେ ନବମଶ୍ରେଣୀରେ ପଢୁଥିବା ଜଣେ ଛାତ୍ରର ଅଭିଭାବକ ସ୍କୁଲରେ ଅଭିଯୋଗ କରୁଛନ୍ତି– ମୋ ପୁଅ କାହିଁକି ମକା, ମଟର, ଚୋର, ସର ପଢୁଛି ? ଯେତେବେଳେ ସେ ପାଠ ପଢ଼ିବା କଥା ସେତେବେଳେ ମାଷ୍ଟରମାନେ କ'ଣ କରୁଥିଲେ ? ଯଦି ଅଷ୍ଟମ ଶ୍ରେଣୀ ପାସ୍ କରିବା ପରେ ସେ ଚକ, ଅଖ ଶିଖିବ ତେବେ ନବମ ଶ୍ରେଣୀର ପାଠ ପଢ଼ିବ କେବେ ?

ଶିକ୍ଷକ କହୁଛନ୍ତି, ଆମେ କ'ଣ କରିବୁ ? ଆମେ ଆଦେଶର ଦାସ। ଉପରୁ ଯାହା ନିର୍ଦ୍ଦେଶ ଆସୁଛି ତାହା କରୁଛୁ। ଆପଣ ସରକାରଙ୍କୁ କୁହନ୍ତୁ।

ଅଭିଭାବକ ସରକାରଙ୍କୁ ଖୋଜୁଛନ୍ତି।

କିଛିଦିନ ତଳେ କେତେଜଣ ଏକାଠି ହୋଇ ଏହି କାର୍ଯ୍ୟକ୍ରମ ବିରୋଧରେ ସ୍ୱର ଉଠାଇଥିଲେ। ଗଣମାଧ୍ୟମରେ ବି ଖବର ବାହାରିଥିଲା। ସରକାରଙ୍କ କାନରେ ପଡ଼ିଲା କି ନାହିଁ ଏବେ ପୁଣି ସବୁ ଚୁପ୍‌ଚାପ୍।

ବୁଦ୍ଧିଜୀବୀ ଜଣେ କହୁଥିଲେ, ସରକାରୀ ଶିକ୍ଷା କେବଳ ସାକ୍ଷରତା ଅଭିଯାନ। ସବୁ ପିଲାଙ୍କୁ ଗାଁରୁ ଧରିଆଣି ସ୍କୁଲରେ ଦଶବର୍ଷ ବାନ୍ଧିରଖି ଅକ୍ଷର ଶିଖାଇ ବାହାରକୁ ଛାଡ଼ିଦେବେ। ଆପଣ ଯଦି ନିଜ ପିଲାକୁ ଶିକ୍ଷିତ କରାଇବାକୁ ଚାହାନ୍ତି ସରକାରୀ ଅନୁଷ୍ଠାନରୁ ଦୂରେଇ ରୁହନ୍ତୁ। ଚମତ୍କାରୀ ଶବ୍ଦ ଓ ବହୁ ଆଡ଼ମ୍ବର ଭିତରେ ସାଧାରଣ ଲୋକଙ୍କୁ ବଶୀଭୂତ କରି ଶିକ୍ଷାକୁ ଘରୋଇକରଣ ଆଡ଼କୁ ଟାଣିନେଇଯିବା ହିଁ ଏବର ଶିକ୍ଷାନୀତିର ଅସଲ ଉଦ୍ଦେଶ୍ୟ।

ଅଙ୍ଗାରଗାଡ଼ିଆ, ବାଲେଶ୍ୱର,
ମୋ:୯୪୩୭୨୯୬୮୬୪

## ଏଇ ଭାରତରେ

ଈଶ୍ୱର ଏକ। ତାଙ୍କ ନାମରେ ଯେଉଁଠି ଯେତେ ପ୍ରକାର ରଙ୍ଗ-ରୂପ-ଆକାରର ପୀଠ ହୋଇଥାଉନା କାହିଁକି ତାହା ଶାଶ୍ୱତ ଓ ସମସ୍ତଙ୍କ ପାଇଁ ସମାନ। ଏହି ମର୍ମକୁ ଭଲଭାବେ ଉପଲବ୍ଧି କରିଛନ୍ତି ଝାଡ଼ଖଣ୍ଡ କୋଡରମାର ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଥିବା ରାଜାବର ସିଆର୍‌ପିଏଫ୍ କ୍ୟାମ୍ପର କମ୍ପାନୀ କମାଣ୍ଡର ମହମ୍ମଦ ଇଜାଜ ଖାନ୍। ସେ ଯେଉଁ ସନ୍ଦେଶ ଦେଇଛନ୍ତି ତାହା ସୁଦୂରପ୍ରସାରୀ। ଇଜାଜ ସର୍ବଧର୍ମ ସଦ୍‌ଭାବର ପ୍ରତୀକ ପାଲଟିଯାଇଛନ୍ତି। ମହମ୍ମଦ ଇଜାଜ ଜଣେ ମୁସଲମାନ ହୋଇ ବି ସେଠାକାର ଗ୍ରାମବାସୀଙ୍କ ସହଯୋଗରେ ସିଆର୍‌ପିଏଫ୍ କ୍ୟାମ୍ପସ ମଧ୍ୟରେ ଏକ ଭବ୍ୟ ରାମମନ୍ଦିର ନିର୍ମାଣ କରିଛନ୍ତି। ଏହି ମନ୍ଦିରରେ ଭଗବାନ ରାମ, ରାଧା-କୃଷ୍ଣ ଓ ହନୁମାନଙ୍କ ସହ ଅନ୍ୟ ଦେବଦେବୀଙ୍କୁ ସ୍ଥାପନା କରାଯାଇଛି। ଯଥାବିଧି ଯବାନମାନେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ନିୟମିତ ପୂଜାର୍ଚ୍ଚନା କରୁଛନ୍ତି। ଇଜାଜ ସିଆର୍‌ପିଏଫ୍ କମାଣ୍ଡର ବିଷ୍ଣୁ ଗୌତମଙ୍କ ଅନୁମତି ନେଇ ଏହି ମନ୍ଦିର ନିର୍ମାଣ କରିଥିବାରୁ ମନ୍ଦିର କାନ୍ଥରେ ବିଷ୍ଣୁ ଗୌତମଙ୍କ ସହ ମହମ୍ମଦ ଇଜାଜଙ୍କ ନାମ ବି ଲେଖାଯାଇଛି। ଏହି ମନ୍ଦିରରେ ସବୁ ଧର୍ମର ଯବାନ ପୂଜା କରିଥାନ୍ତି। ଇଜାଜ ଅବସର ନେଇ ବିହାରର ସାସାରାମରେ ରହୁଥିଲେ ବି ସେ ହିନ୍ଦୁ ମୁସଲମାନ ଏକତାର ଯେଉଁ ମଶାଲ ଜଳାଇଦେଇଛନ୍ତି ତାହା ଜ୍ଞାନାଲୋକ ବାଣ୍ଟି ଚାଲିବ, ଏଥିରେ ସନ୍ଦେହନାହିଁ। ଏହି ମନ୍ଦିରକୁ ପୂଜାକରିବା ପାଇଁ ଯାଉଥିବା ଶ୍ରଦ୍ଧାଳୁମାନେ ସର୍ବଧର୍ମ ସମନ୍ୱୟର ଶିକ୍ଷା କରିବା ସହ ଇଜାଜଙ୍କୁ ମନେପକାଉଛନ୍ତି।

## ଚିରନ୍ତନୀ

ନିତି କ୍ଷଣେ କ୍ଷଣେ କେତେ
ନବ ନବ ଛବି
ମୁହୁର୍ମୁହୁ ପ୍ରାଣେ ଅନୁଭବି
ସବୁ ଛନ୍ଦ ସବୁ ଛବି
ଅସୀମରେ ହୁଅଇ ବିଲୀନ
ନ ରହେ ସଙ୍କେତ କାହିଁ
ନାହିଁ ରହେ ତିଳେ ତା'ର ଚିହ୍ନ। (ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଅଗଷ୍ଟ ପନ୍ଦର ଯିବା ପରେ



ବିଚିତ୍ର ବିଶ୍ୱାଳ

ଓଡ଼ିଆରେ ଅକ୍ଷୟ ମହାନ୍ତିଙ୍କ ଗୋଟେ ଗୀତ ଥିଲା 'ହେ ଫଗୁଣ ତୁମେ ଯିବା ପରେ ଅନେକ ଯାତନା ଏଠି'। ଠିକ୍ ସେମିତି ଅଗଷ୍ଟ ପନ୍ଦର ଯିବା ପରେ ପରେ ଦେଶର ଶାସକ ଓ ଜନସାଧାରଣଙ୍କ ସାମୟିକ ଦେଶଭକ୍ତିର ମୁଖା ତଳୁ ଉକୁଟି ଉଠେ ସ୍ୱ-ଭକ୍ତି ଓ ନିଜ ସ୍ୱାର୍ଥ ସାଧନର ଅସଲ ଚେହେରା। ସ୍ୱାଧୀନତା ରୂପକ ସ୍ୱପ୍ନର ଚିକ୍‌ମିକିଆ ଜରି ପୋଷାକଟା ଖସିଯାଇ ଆଖି ଆଗରେ ଝଲସି ଉଠେ ଦୁର୍ଭାଗ୍ୟର ନଗ୍ନ ବାସ୍ତବତା, ଯେଉଁଥିରେ ଏତେ ଟିକେ ବି ସ୍ୱାଧୀନତାର ଚିହ୍ନ ନ ଥାଏ। ଅଗଷ୍ଟ ପନ୍ଦର ଦିନ ସକାଳେ ଯେଉଁସବୁ ପ୍ରତିଶ୍ରୁତିର ବନ୍ୟା ଆସେ ସଞ୍ଜ ହେଉ ହେଉ ତାହା ପ୍ରତାରଣାର ଶୁଖିଲା ଖଡ଼୍‌ଖଡ଼୍ ଭୂଇଁରେ ପରିଣତ ହୋଇଯାଇଥାଏ। ତେଣୁ ଅକ୍ଷୟ ମହାନ୍ତିଙ୍କ ଗୀତ ଭଙ୍ଗୀରେ ଯଦି କୁହାଯାଏ, 'ହେ ଅଗଷ୍ଟ ପନ୍ଦର ତୁମେ ଗଲା ପରେ ତୁମ ଅସ୍ତିତ୍ୱକୁ ନେଇ ଅନେକ ସନ୍ଦେହ ଏଠି', ତେବେ ଏଥିରେ ଟିକେ ବି ଭୁଲ୍ ହେବ ନାହିଁ। କାରଣ ଅଗଷ୍ଟ ପନ୍ଦର ଯେଉଁ ସ୍ୱାଧୀନତା ଦିବସର ସନ୍ତକ, ସତରେ କ'ଣ ସେ ସ୍ୱାଧୀନତାକୁ ଆମେ ଭୋଗ କରୁଛେ ? ସ୍ୱାଧୀନତା ଦିବସ କହିଲେ କ'ଣ କେବଳ ପତାକା ଟାଣିବା କି ଭୋଟ୍ ଦେବା ? ଯେଉଁ ସ୍ୱାଧୀନତାକୁ ହାସଲ କରିବା ପାଇଁ ଏତେ ତ୍ୟାଗ ଓ ବଳିଦାନ ଗଲା, ସେହି ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ସତରେ କ'ଣ ଆମ ଦେଶର ଶାସକମାନେ ପ୍ରାଣପଣେ ଉଦ୍ୟମ ଜାରି ରଖିଛନ୍ତି ! ନା କଳେବଳେ କୌଶଳେ ଦେଶର ସମ୍ପଦକୁ ବିଦେଶୀଙ୍କ ପାଖରେ ବନ୍ଧା ପକେଇବା କାମରେ ଲାଗିପଡ଼ିଛନ୍ତି ! ଦେଶର ଜନସାଧାରଣଙ୍କ କଷ୍ଟକୁ କମ୍ କରିବା ପାଇଁ ପ୍ରୟାସ କରାଯାଉଛି ନା ଜନସାଧାରଣଙ୍କ ଦୁଃଖକଷ୍ଟ ବିନିମୟରେ ମୁଷ୍ଟିମେୟ ଗୋଷ୍ଠୀ ନିଜ ଟ୍ରେଜେରି ଭରିବା କାମରେ ଲାଗିଛନ୍ତି ! ଏହା ଆଜିର ସମୟରେ ଏକ ମସ୍ତବଡ଼ ପ୍ରଶ୍ନ।

ଅଗଷ୍ଟ ପନ୍ଦରରେ ପ୍ରଧାନମନ୍ତ୍ରୀ ଲାଲ୍‌କିଲ୍ଲା ଉପରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଲେ। ଦେଶର ବିକାଶ କଥା କହିଲେ, ଅର୍ଥନୈତିକ ପ୍ରଗତି କଥା କହିଲେ ଓ ଆସନ୍ତା ଦଶ ବର୍ଷରେ ଆମ ଦେଶ କେଉଁଠି ପହଞ୍ଚିବ ସେ ବିଷୟରେ ରଙ୍ଗିନ ସ୍ୱପ୍ନ ଦେଖାଇଲେ। ଯେମିତି ପ୍ରତି ବର୍ଷ ଅଗଷ୍ଟ ପନ୍ଦର ଆସିବା ଏକ ଚିରାଚରିତ ଧାରା ସେମିତି ପ୍ରତିବର୍ଷ ପ୍ରଧାନମନ୍ତ୍ରୀ ଲାଲ୍‌କିଲ୍ଲା ଉପରୁ ସ୍ୱାଧୀନତା ଦିବସ ଭାଷଣରେ ଦେଶର ବିକାଶ ଓ ଆଗାମୀ ସମୟ ପାଇଁ ରଙ୍ଗିନ ସ୍ୱପ୍ନର ଗୀତ ଗାଇବା ବି ସେମିତି ଏକ ଚିରାଚରିତ ଧାରା ହୋଇଗଲାଣି। ପ୍ରଧାନମନ୍ତ୍ରୀ ଯାହା ବି କୁହନ୍ତୁ, କିନ୍ତୁ ଯଦି ସ୍ୱାଧୀନତାର ଅର୍ଥ ନିଜ ଦେଶର ସମ୍ପଦ ଯଥା ପାହାଡ଼, ପର୍ବତ, ପାଣି, ଖଣି ଉପରେ ନିଜର ଅଧିକାର ବା ସେଠାକାର ଅଧିବାସୀଙ୍କ ଅଧିକାରକୁ ବୁଝାଯାଏ, ତେବେ ଆଜିର ସମୟରେ ଏସବୁ ସମ୍ପଦକୁ ଆମେ ଦେଶବାସୀ ଛାତିରେ ହାତ ବାଡ଼େଇ ଆମର କହିପାରିବା କି ? କିମ୍ବା କହିପାରୁଛେ କି ? ଆମେ ଦେଖୁଛେ ଅର୍ଥନୈତିକ ବିକାଶ ନାଁରେ ଆମ ଦେଶର ସମ୍ପଦକୁ ମାଟିଗୋଡ଼ି ମୂଲ୍ୟରେ ବିଦେଶୀମାନଙ୍କ ହାତକୁ ଟେକି ଦିଆଯାଉଛି। ସରକାରଙ୍କ ଚଳିତ ବର୍ଷର ବଜେଟରେ ଯାହା ଚିତ୍ର ଦିଆଯାଇଛି, ସେଥିରୁ ସମ୍ପୂର୍ଣ୍ଣ ରୂପେ ବୁଝାପଡୁଛି ଯେ, ପ୍ରଧାନମନ୍ତ୍ରୀ ଲାଲ୍‌କିଲ୍ଲାରୁ ଓହ୍ଲେଇ ଆମ ଦେଶର ଏକାଧିକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ବିଦେଶୀ ପୁଞ୍ଜି ଖଟେଇବାର ରାସ୍ତାକୁ ଆହୁରି ସୁଗମ କରିବାରେ ଲାଗିପଡ଼ିଛନ୍ତି। ବିଦେଶୀ ପୁଞ୍ଜି ଲଗାଣକୁ ଯଦି ଆଉ ଟିକେ ସ୍ପଷ୍ଟ ଭାଷାରେ କହିବା, ତେବେ ତା'ର ଅର୍ଥ ହେବ, ସରକାରୀ ଉଦ୍ୟୋଗକୁ ବିଦେଶୀମାନଙ୍କ ନିୟନ୍ତ୍ରଣକୁ ଦେଇଦେବା। ଯଦି ଏହା ବିକାଶ, ତେବେ ଆମେ ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ଇଂରେଜ ସରକାରକୁ ଏତେ କଷ୍ଟ କରି ଆମ ଦେଶରୁ ହଟେଇଥିଲେ କାହିଁକି ? ଆଜି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତ ସଞ୍ଚାର ନିଗମ ଲିମିଟେଡ ତା'ର ଶେଷ ନିଃଶ୍ୱାସ ଗଣୁଛି ଓ ସରକାର ଖୋଦ୍ ତା'ର କଫିନ୍ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଇଣ୍ଡିଆନ୍ ଏୟାର୍ ଲାଇନ୍‌ସର ଅବସ୍ଥା ବି ତଦ୍ରୂପ। ରେଳ ଚଳାଚଳ କ୍ଷେତ୍ରରେ ବି ଘରୋଇ ଓ ବିଦେଶୀ ପୁଞ୍ଜି ଲଗାଣ ପାଇଁ ରାସ୍ତା ପରିଷ୍କାର ହେଲାଣି। ଯଦି ଆମ ଦେଶର ସରକାରଙ୍କ ନିଜର ପାରଙ୍ଗମତା ଉପରେ ଭରସା ନାହିଁ ଅର୍ଥାତ୍ ନିଜ ଅଧୀନରେ ଥିବା କମ୍ପାନୀଗୁଡ଼ିକୁ ଘରୋଇ ବହୁଦେଶୀୟ କମ୍ପାନୀଙ୍କ ହାତକୁ ଟେକି ଦେଉଛନ୍ତି, ତେବେ ଅଗଷ୍ଟ ପନ୍ଦରରେ ସେ ତ୍ରିରଙ୍ଗା ପତାକା ତଳେ ଯେଉଁ ଭାଷଣ ଦେଲେ ତାହା କ'ଣ ଥିଲା ? 'ଆମରି ଡଙ୍ଗାରେ ଆମେ ନାଉରୀ, ଆମେ ଚଳାଉଛୁ ଦେଶ ଆମରି'ର କ'ଣ ଅର୍ଥ କେବଳ ଆମ ଦେଶର ଲୋକମାନେ ନେତା-ମନ୍ତ୍ରୀ ହେବେ, ସରକାରରେ ରହିବେ କିନ୍ତୁ ଆମ ଦେଶର ଅର୍ଥନୀତି ବହୁଦେଶୀୟ କମ୍ପାନୀଙ୍କ ନିୟନ୍ତ୍ରଣରେ ରହିବ !

କେବଳ ଶାସନର ଉପର ସ୍ତରରେ ନୁହେଁ ନିମ୍ନ ସ୍ତରରେ ବି ଯେଉଁମାନେ ପତାକା ଉତ୍ତୋଳନ କରି ଆମକୁ ସ୍ୱାଧୀନ ହେବାର ଭରସା ଦେଉଛନ୍ତି, ସେମାନେ ବି ପ୍ରତି ମୁହୂର୍ତ୍ତରେ ଆମ ସ୍ୱାଧୀନତାକୁ ଲୁଣ୍ଠନ କରିବାରେ ଲାଗିଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ବି ପତାକା ଟାଣି ସ୍ୱାଧୀନତା ଦିବସ ଉପଲକ୍ଷେ ଭାଷଣ ଦେଲେ, ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ବଳିଦାନ ଓ ଲୋକସେବାକୁ ଉଦାହରଣ ଭାବେ ପେଶ୍ କଲେ। କିନ୍ତୁ ପରମୁହୂର୍ତ୍ତରେ ସେମାନେ ରାଜ୍ୟର ଖଣି, ପାଣି ଓ ପାହାଡ଼ପର୍ବତକୁ ବିଦେଶୀ କମ୍ପାନୀ ହାତକୁ ଟେକିଦେବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରୁଛନ୍ତି। ଲୋକମାନେ ନିଜର ଭିଟାମାଟି ରକ୍ଷାକରିବା ପାଇଁ ଯଦି ସ୍ୱର ଉତ୍ତୋଳନ କରୁଛନ୍ତି, ତେବେ ଆମ ସ୍ୱାଧୀନ ଦେଶର ପୋଲିସମାନେ ହିଁ ତାଙ୍କ ଉପରକୁ ଲାଠି ଓ ଗୁଳି ଚଳାଉଛନ୍ତି। ଯଦି ଆମ ମା' ମାଟିକୁ ବି ରଖିବାର ଅଧିକାର ଆମର ନାହିଁ, ତା'ହେଲେ ଏ ସ୍ୱାଧୀନତା ଛଳନା ନୁହେଁ ତ ଆଉ କ'ଣ ! ସାଧାରଣ ସରପଞ୍ଚଟିଏ ପଞ୍ଚାୟତ ଅଫିସରେ ପତାକା ଉତ୍ତୋଳନ କରି ଆମକୁ ଅତି ତୃଣମୂଳ ସ୍ତରରେ ବି ଆମେ ସ୍ୱାଧୀନ ହୋଇଥିବାର ବିଶ୍ୱାସ ଦେଲେ। କିନ୍ତୁ ପରଦିନ ସେହି ସରପଞ୍ଚ ଜଣେ ସାଧାରଣ ଲୋକଠାରୁ ଇନ୍ଦିରା ଆବାସ କରେଇଦେବା ପାଇଁ ପାଞ୍ଚ ହଜାର ଟଙ୍କା ଲାଞ୍ଚ ମାଗୁଛି। ଶାସକ ଓ ଜନସାଧାରଣ ଆମେ ସମସ୍ତେ ଏହି ସ୍ୱାଧୀନତାର ମୂଲ୍ୟକୁ ବେଶ୍ ଭଲ ଭାବରେ ବୁଝିଯାଇଛେ। ତା'ହେଲେ ଏ ଛଳନା କିଏ କାହା ସହିତ କରୁଛି ? ସ୍ୱାଧୀନ ଭାରତର ଆମ ଶାସନ କଳରେ ଏହା ଅଲିଖିତ ନିୟମ ହୋଇଗଲାଣି। ପ୍ରତ୍ୟେକ କାମ ପାଇଁ ଲୋକଙ୍କୁ ପି.ସି. ଦେବାକୁ ପଡୁଛି, ନ ହେଲେ ଆମ ଗାଁ ରାସ୍ତାଠାରୁ ଆରମ୍ଭକରି ସ୍କୁଲ୍ ଯାଏ କିଛି ବି ହୋଇପାରିବ ନାହିଁ। ପ୍ରଶାସକମାନେ ହସି ହସି ଲୋକ ଓ ଠିକାଦାରଙ୍କଠାରୁ ପି.ସି. ଆଦାୟ କରୁଛନ୍ତି। ଏସବୁ କାମ ଲୁଚାଛପାରେ ବି ଆଉ ହେଉନାହିଁ। ସ୍ୱାଧୀନତା ଦିବସ ପାଳନର ଠିକ୍ ପରେ ପରେ ଯଦି ଏପରି ସବୁ ହେବାର ଅଛି ବା ହେଉଛି, ତେବେ ବିଚରା ଅଗଷ୍ଟ ପନ୍ଦର ପାଇଁ ଏତେ ଆଡ଼ମ୍ବର କାହିଁକି ?

ମୋ- ୯୪୩୮୪୬୮୪୭୪

## ସୁ-ଡୋ-କୁ

su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | 3 | | | 6 | 1 | | | | | | | 5 |
| C | | | 6 | A | 9 | | | | | | 1 | | D | |
| | | | | | E | | | | 7 | B | 5 | | | |
| | | | | | D | | | | | 2 | 4 | B | | 1 |
| E | | | C | | | 9 | | 2 | A | | | | 4 | 7 |
| 8 | | | | C | 6 | | D | 4 | 2 | A | | | | 9 |
| 6 | 5 | | | | 0 | B | | A | | 8 | C | E | | 2 |
| | | | 5 | | A | 3 | C | 9 | | 7 | | | B | |
| | | | | | | | | | | | | | 3 | 6 |
| | | | | | 8 | | | | 4 | 9 | 0 | | | |
| | | D | | | 3 | | | | E | 1 | | | | 8 |
| | C | 6 | | | | | | 0 | | 5 | | 9 | | 3 |
| | | | 0 | | | | | 8 | | | 9 | 7 | | |
| | A | | | 1 | 5 | | | D | | | | 4 | E | |
| | | | | 4 | | | | E | | 3 | 8 | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବଦଳି ପାରୁନି ଶିଶୁଭବନର ଦୁଃସ୍ଥିତି

ମହାଶୟ,

୨୦୧୫ ଅଗଷ୍ଟ ଶେଷ ସପ୍ତାହରେ କଟକ ଶିଶୁଭବନରେ ୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟି ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା। ହସ୍ପିଟାଲର ଜରୁରିକାଳୀନ ଓଟି ୨ ବର୍ଷ ହେବ ବନ୍ଦ ରହିଛି। ଯନ୍ତ୍ରପାତି ଓ ନିଶ୍ଚେତକ ଡାକ୍ତରଙ୍କ ଅଭାବରୁ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୧୭ରୁ ୨୦୧୯ ମେ' ମଧ୍ୟରେ ପ୍ରତିବର୍ଷ ଶିଶୁ ମୃତ୍ୟୁହାର ବଢି ବଢି ଚାଲିଛି। ୨୦୧୫ରେ ଶିଶୁଭବନର ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ରାଜ୍ୟ ସରକାର କହିଥିଲେ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଭିତ୍ତିଭୂମିରେ ସାମାନ୍ୟ ସୁଧାର ଆସିନି। ତେଣୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ କଟକ ଶିଶୁଭବନର ଭିତ୍ତିଭୂମିକୁ ସୁଦୃଢ଼ କରି ବନ୍ଦ ହୋଇଯାଇଥିବା ଜରୁରିକାଳୀନ ଓଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଅନ୍ତୁ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ପାଖେଇ ଆସୁଛି ପ୍ରଳୟ

ଧରିତ୍ରୀରେ ପ୍ରକାଶିତ ଅଭୟ ସୂତାରଙ୍କ ଲେଖା 'ପାଖେଇ ଆସୁଛି ପ୍ରଳୟ' ବାସ୍ତବିକ୍ ଠିକ୍ କଥା। ଏହାର ସମାଧାନ ଉପରେ ଲେଖକ ଯଥାର୍ଥ ଆଲୋକପାତ କରିଛନ୍ତି। କିନ୍ତୁ ଏହାର ମୁଖ୍ୟ କାରଣ ଜୀବହତ୍ୟା। ଏହା ସହଜରେ ବୁଦ୍ଧିଜୀବୀଙ୍କ ମୁଣ୍ଡରେ ପଶିଲେ ହେଲା । ଯଦି ମଣିଷ ଶାକାହାରୀ ହୋଇଯାଏ ତା'ହେଲେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ। ଏବେ ବି ସମୟ ଅଛି ମଣିଷ ସୁଧୁରିଯାଉ। ଜୀବହତ୍ୟା ଓ ଗଛକଟା ବନ୍ଦ କରୁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅଗଷ୍ଟ ୧୯୯୪

- ବମ୍ବେ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଆସାମୀ ଦାଉଦ ଇବ୍ରାହିମ ଏବଂ ମେମୋନ ପରିବାରର ସଦସ୍ୟଙ୍କୁ ଖୋଜି ବାହାର କରିବା ପାଇଁ ସିବିଆଇ ଇଣ୍ଟରପୋଲର ସହାୟତା ଲୋଡ଼ିଲା।
- ସନ୍ତ୍ରାସବାଦୀ ଏବଂ ବିଘଟନକାରୀ କାର୍ଯ୍ୟକଳାପ ନିରୋଧ ଆଇନ (ଟାଡା)ର କାର୍ଯ୍ୟକାରିତା ଉପରେ ଗଭୀର ଅନୁଧ୍ୟାନ ପାଇଁ ଜାତୀୟ ମାନବାଧିକାର କମିଶନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ।
- ଟ୍ୟୁନିସରେ ଦୁଇଟି ଟ୍ରେନ ପରସ୍ପର ଧକ୍କା ହେବା ଫଳରେ ୨୧ ଜଣ ପ୍ରାଣ ହରାଇଛନ୍ତି।

**୪୨ ଲକ୍ଷ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବ କେନ୍ଦ୍ର**

ଦେଶର ୪୨ ଲକ୍ଷ ଶିକ୍ଷକଙ୍କୁ କେନ୍ଦ୍ର ସରକାର ପ୍ରଶିକ୍ଷଣ ଦେବେ। ଶିକ୍ଷାର ମାନ ଓ ନିଯୁକ୍ତି ବୃଦ୍ଧି ସହ ଶିକ୍ଷକ ସମାଜକୁ ଅଧିକ ଦକ୍ଷ କରିବା ଲାଗି ଏହି ପଦକ୍ଷେପ ନିଆଯାଉଥିବା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନ୍ୟାଶନାଲ ଇନିସିଏଟିଭ୍ ଫର୍ ସ୍କୁଲ ହେଡ୍ସ ଆଣ୍ଡ୍ ଟିଚର୍ସ ହୋଲିଷ୍ଟିକ୍ ଆଡଭାନ୍ସମେଣ୍ଟ(ନିଷ୍ଠା) ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ବିଶ୍ୱର ସର୍ବବୃହତ ପ୍ରକଳ୍ପ ବୋଲି ୱେବ୍‌ସାଇଟ ଲଞ୍ଚ ଅବସରରେ ବିଭାଗୀୟ ମନ୍ତ୍ରୀ ରମେଶ ପୋଖରିୟାଲ୍ କହିଛନ୍ତି।



## ସଂକ୍ଷେପରେ

### ଜମ୍ମୁ, ଶ୍ରୀନଗର ମେୟରଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା

**ଜମ୍ମୁ/ଶ୍ରୀନଗର,୨୧।୮(ପି.ଟି./ଆଇଏଏନ୍ଏସ୍):** ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଜମ୍ମୁ-କଶ୍ମୀର ପ୍ରଶାସନ ଜମ୍ମୁ ଓ ଶ୍ରୀନଗରର ମେୟରଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରିଛି। ବର୍ତ୍ତମାନ ଜୁନୈଦ୍ ଆଜମି ମଟ୍ଟୁ ଶ୍ରୀନଗର ମହାନଗର ନିଗମ (ଏସ୍ଏମ୍‌ସି) ମେୟର ଥିବାବେଳେ ଜମ୍ମୁ ମହାନଗର ନିଗମ (ଜେଏମ୍‌ସି)ର ମେୟର ଚନ୍ଦରମୋହନ ଗୁପ୍ତା ଅଛନ୍ତି। ପୂର୍ବରୁ ମେୟର ଭାବେ ଦୁହିଁଙ୍କ ଭୂମିକା ଓ ଉତ୍ତରଦାୟିତ୍ୱ କେବଳ ମହାନଗର ପରିସରରେ ସୀମିତ ଥିଲା। ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିବା ପରେ ଉଭୟେ ବିସ୍ତୃତ କ୍ଷମତା ଉପଭୋଗ କରିବା ସହ କାର୍ଯ୍ୟନିର୍ବାହୀ ନିଷ୍ପତ୍ତି ନେଇପାରିବେ ବୋଲି ଅତିରିକ୍ତ ସଚିବ ସୁବାସ ଛିବର ଏକ ବିବୃତିରେ କହିଛନ୍ତି। ପ୍ରକାଶ ଯେ, ୧୩ ବର୍ଷ ବ୍ୟବଧାନରେ ଗତ ଅକ୍ଟୋବରରେ ୪ଟି ପର୍ଯ୍ୟାୟରେ ମହାନଗର ନିଗମ ନିର୍ବାଚନ ହୋଇଥିଲା।

### ରାଜୀବ ଗୌବା କ୍ୟାବିନେଟ ସଚିବ



**ନୂଆଦିଲ୍ଲୀ, ୨୧।୮:** ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବା ପରବର୍ତ୍ତୀ କ୍ୟାବିନେଟ ସଚିବ ଭାବେ ଦୁଇ ବର୍ଷ ଲାଗି ଦାୟିତ୍ୱ ଗ୍ରହଣ କରିବେ। ଏନେଇ ସରକାରଙ୍କ ପକ୍ଷରୁ ବୁଧବାର ନିଯୁକ୍ତି ଦିଆଯାଇଛି। କ୍ୟାବିନେଟର ନିଯୁକ୍ତି କମିଟି ଏହାକୁ ସ୍ୱୀକୃତି ପ୍ରଦାନ କରିଛି। ୧୯୮୨ ବ୍ୟାଚ୍ ଝାଡ଼ଖଣ୍ଡ କ୍ୟାଡର୍‌ର ଆଇଏଏସ୍ ଅଫିସର ଗୌବା ପୂର୍ବରୁ ଝାଡ଼ଖଣ୍ଡର ମୁଖ୍ୟ ଶାସନସଚିବ ଭାବେ କାର୍ଯ୍ୟକରିବା ପରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଚିବ ଭାବେ କାର୍ଯ୍ୟକରି ଆସୁଛନ୍ତି। କେନ୍ଦ୍ର ନଗର ଉନ୍ନୟନ ସଚିବ ରହିବା ପରେ ୨୦୧୭ ଅଗଷ୍ଟରୁ ସେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଭାବେ କାର୍ଯ୍ୟ କରିଆସୁଛନ୍ତି। ଆଗାମୀ ୩୦ରେ ଗୌବା କ୍ୟାବିନେଟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ପଞ୍ଜାବରେ ଜନ୍ମଗ୍ରହଣ କରିଥିବା ଗୌବା ପାଟ୍‌ନା ବିଶ୍ୱବିଦ୍ୟାଳୟରେ ସ୍ନାତକ ପାସ୍ କରିବା ସହ ପଦାର୍ଥ ବିଜ୍ଞାନରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

### ଯୋଗୀ କ୍ୟାବିନେଟରେ ୧୮ ନୂଆ ମୁହଁ

**ଲକ୍ଷ୍ନୌ, ୨୧।୮(ପି.ଟି.):** ଉତ୍ତରପ୍ରଦେଶ(ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରିତ କରିଛନ୍ତି। ଏଥିରେ ୧୮ ନୂଆ ମୁହଁଙ୍କୁ ସାମିଲ କରାଯାଇଛି। ରାଜ୍ୟରେ ଭାଜପା ସରକାର ଗଢ଼ିବାର ଅଢ଼େଇବର୍ଷ ପରେ ଏହି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇଛି। ମୋଟ ୨୩ ମନ୍ତ୍ରୀଙ୍କ ମଧ୍ୟରେ ୫ ରାଷ୍ଟ୍ର ପାହ୍ୟା ମନ୍ତ୍ରୀଙ୍କୁ ପଦୋନ୍ନତି ମିଳିଛି। ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍ ଏହି ଅବସରରେ ରାଜଭବନରେ ମନ୍ତ୍ରୀମାନଙ୍କୁ ଶପଥପାଠ କରାଇଛନ୍ତି। ୨୩ଙ୍କ ମଧ୍ୟରୁ ୬ଜଣ କ୍ୟାବିନେଟ୍, ୬ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ସହ ସ୍ୱାଧୀନ ଦାୟିତ୍ୱ ଓ ଅନ୍ୟ ୧୧ ରାଷ୍ଟ୍ରମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ବିଭାଗ ବଣ୍ଟନ କରାଯିବ ବୋଲି ଜଣାପଡ଼ିଛି। ଶପଥଗ୍ରହଣ କରିଥିବା ୬ କ୍ୟାବିନେଟ ମନ୍ତ୍ରୀଙ୍କ ମଧ୍ୟରୁ ୪ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ସହ ସ୍ୱାଧୀନ ଦାୟିତ୍ୱରେ ଥିଲେ। ନୂଆ ମୁହଁ ଭାବେ ରାମନରେଶ ଅଗ୍ନିହୋତ୍ରୀ ଓ କମଳରାଣୀ ବରୁନ୍‌ଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି। ତେବେ ଭାଜପା ସହଯୋଗୀ ଆପ୍‌ନା ଦଳରୁ କାହାରିକୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ସ୍ଥାନ ମିଳିନାହିଁ।

ଇତିହାସର ଆଲୋକରେ

### ଅଗଷ୍ଟ ୨୨ର ପ୍ରମୁଖ ଘଟଣା

୧୬୩୯ ଅଗଷ୍ଟ ୨୨ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ମାଡ୍ରାସ (ବର୍ତ୍ତମାନର ଚେନ୍ନାଇ) ପ୍ରତିଷ୍ଠା ହୋଇଥିଲା। ପୂର୍ବରୁ ଏହି ଅଞ୍ଚଳର ନାଁ ଥିଲା ମାଡ୍ରାସପଟନମ୍ ଏବଂ ଏହା ଚୋଲାଇମଣ୍ଡଲମ୍‌ରେ ଅବସ୍ଥିତ ଥିଲା।

୧୯୪୨ ଅଗଷ୍ଟ ୨୨ରେ ଜର୍ମାନୀ, ଜାପାନ ଓ ଇଟାଲୀ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା ବ୍ରାଜିଲ। ସେହି ବର୍ଷ ଜାନୁୟାରୀରେ ଆମେରିକା ବ୍ରାଜିଲରେ ଏୟାରବେସ୍ ନିର୍ମାଣ କରିଥିଲା।

# କଶ୍ମୀରରେ ପୁଣି ମୁଣ୍ଡ ପୂରାଇଲେ ଟ୍ରମ୍ପ୍

**ୱାଶିଂଟନ,୨୧।୮ (ଏଏଫ୍‌ପି/ଆଇଏଏନ୍ଏସ୍)**


ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍

- ଉପତ୍ୟକାରେ ବିସ୍ଫୋରକ ସ୍ଥିତି, ମଧ୍ୟସ୍ଥତା କରିବାକୁ ଆଗ୍ରହୀ
- ଜି ୭ ସମ୍ମିଳନୀରେ ମୋଦିଙ୍କ ସହ ଆଲୋଚନା କରିବେ
- ଭାରତକୁ ଫ୍ରାନ୍ସ, ବ୍ରିଟେନ ଓ ବାଂଲାଦେଶର ସମର୍ଥନ
- ଇମ୍ରାନ୍‌ଙ୍କୁ ପାକିସ୍ତାନରେ ବିରୋଧୀଙ୍କ ସମାଲୋଚନା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ପାଇଁ ପୁଣିଥରେ ଆଗ୍ରହ ପ୍ରକାଶ କରିଛନ୍ତି। କଶ୍ମୀରକୁ ନେଇ ଦୁଇ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ମୁହାଁମୁହିଁ ହୋଇଥିବାରୁ ଉପତ୍ୟକାରେ ବିସ୍ଫୋରକ ସ୍ଥିତି ସୃଷ୍ଟି ହୋଇଛି। ତେଣୁ କଶ୍ମୀର ସମସ୍ୟାର ସମାଧାନ ପାଇଁ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ବୋଲି ବୁଧବାର ଟ୍ରମ୍ପ୍ କହିଛନ୍ତି।

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ପାକିସ୍ତାନ ଓ ଚାଇନା ଯୋଗୁ ଏହାକୁ ନେଇ ବିତର୍କ ବଢ଼ିବାରେ ଲାଗିଛି। କଶ୍ମୀର ପ୍ରସଙ୍ଗ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ଓ ଏଥିରେ କୌଣସି ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ ଅନାବଶ୍ୟକ ବୋଲି ନୂଆଦିଲ୍ଲୀ ପକ୍ଷରୁ ବାରମ୍ବାର କୁହାଯାଉଥିଲେ ହେଁ ଦୁଇ ପଡ଼ୋଶୀ ଏହାକୁ ବିଶ୍ୱ ସମୁଦାୟ ଆଗକୁ ଟାଣି ଏହାର ଆନ୍ତର୍ଜାତିକୀକରଣ କରିବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ହ୍ୱାଇଟ୍ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଗଣମାଧ୍ୟମକୁ କହିଛନ୍ତି, କଶ୍ମୀର ଏକ ଅତ୍ୟନ୍ତ ଜଟିଳ ସ୍ଥାନ। ଏହାକୁ ନେଇ ଉଭୟ ଭାରତ ଓ ପାକିସ୍ତାନ ଦୀର୍ଘସମୟ ଧରି ହାଓ୍ୱିଜର ଏବଂ ଭାରି ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଛନ୍ତି। ସେଠାରେ ଧର୍ମ ଏକ ଜଟିଳ ବିଷୟ ହୋଇଥିବାରୁ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଉତ୍ତମ ସହାବସ୍ଥାନ ନାହିଁ। ତେଣୁ କଶ୍ମୀର ପ୍ରସଙ୍ଗରେ ସେ ମଧ୍ୟସ୍ଥତା କରିବା ପାଇଁ ସର୍ବୋତ୍ତମ ଉଦ୍ୟମ କରିବେ। ସେହିପରି ଆସନ୍ତା ୨୪ରୁ ୨୬ ତାରିଖ ଯାଏ ଫ୍ରାନ୍ସର ବିଆରିଜ୍‌ରେ ହେବାକୁ ଥିବା ଜି୭ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସେ ଏନେଇ ଆଲୋଚନା କରିବେ ବୋଲି ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପ୍ ସୋମବାର ମୋଦି ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଉପତ୍ୟକାରେ ଉତ୍ତେଜନା ବୃଦ୍ଧି ହେବା ଭଳି ମନ୍ତବ୍ୟ ନ ଦେବାକୁ ଟ୍ରମ୍ପ୍ ଇମ୍ରାନ୍‌ଙ୍କୁ ପରାମର୍ଶ ଦେଇଥିଲେ। ସେ ଉଭୟଙ୍କୁ ତାଙ୍କର ଉତ୍ତମ ବନ୍ଧୁ ଭାବେ ଅଭିହିତ କରିଛନ୍ତି। ଦୁଇଦେଶ ମଧ୍ୟରେ ମଧ୍ୟସ୍ଥତା କଲେ କଶ୍ମୀରରେ ଉତ୍ତେଜନା ହ୍ରାସ ପାଇବ ବୋଲି ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି। ଟ୍ରମ୍ପ୍ ଏହା ପୂର୍ବରୁ ମଧ୍ୟ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ଲାଗି ଆଗ୍ରହ ପ୍ରକାଶ କରିବା ସହ ଏଥିପାଇଁ ମୋଦି ତାଙ୍କୁ ଅନୁରୋଧ କରିଥିବା କହିଥିଲେ, ଯାହାକି ମିଛ ବୋଲି ପରେ ଜଣାପଡ଼ିଥିଲା। ସେପଟେ ଭାରତ-ପାକିସ୍ତାନ ମଧ୍ୟରେ ପ୍ରତ୍ୟକ୍ଷ ଭାବେ ଆଲୋଚନା ହେବା ଉଚିତ ଏବଂ ଏଥିସକାଶେ ଇସ୍‌ଲାମାବାଦ ସୀମାପାର ଆତଙ୍କବାଦ ରୋକିବା ଜରୁରୀ ବୋଲି ଆମେରିକାର ଜଣେ ବରିଷ୍ଠ କୂଟନୀତିଜ୍ଞ କହିଛନ୍ତି।

ଅନ୍ୟପକ୍ଷରେ କଶ୍ମୀର ପ୍ରସଙ୍ଗରେ ଭାରତକୁ ଗୋଟିଏ ପରେ ଗୋଟିଏ ରାଷ୍ଟ୍ରର ସମର୍ଥନ ମିଳିବାରେ ଲାଗିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ କହିଛନ୍ତି, ଏହା ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ଭାରତ-ପାକିସ୍ତାନ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିବା ଉଚିତ। ମଙ୍ଗଳବାର ରାତିରେ ମୋଦିଙ୍କ ସହ ଟେଲିଫୋନ୍‌ରେ ଆଲୋଚନା ବେଳେ ବୋରିସ୍ ଏହା ସ୍ପଷ୍ଟ କରିଥିବା ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ କୁହାଯାଇଛି। ଫ୍ରାନ୍ସ ବହିର୍ବ୍ୟାପାର ମନ୍ତ୍ରୀ ଜିନ୍-ୱାଇଭେସ୍ ଲି ଡ୍ରିଆନ୍ କହିଛନ୍ତି, କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଦୁଇଦେଶ ରାଜନୈତିକ ଆଲୋଚନା ଜରିଆରେ ଏହାର ସମାଧାନ କରନ୍ତୁ। ଉତ୍ତେଜନା ବୃଦ୍ଧି ହେବା ଭଳି କୌଣସି ମନ୍ତବ୍ୟ ଦେବାରୁ ଉଭୟ ଦେଶ କ୍ଷାନ୍ତ ରହିବା ଉଚିତ। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବାଂଲାଦେଶ ଗସ୍ତ କରି ସେଠାର ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସହ ଆଲୋଚନା କରିବାର ଦିନକ ପରେ ଢାକା ପକ୍ଷରୁ ଏନେଇ ମନ୍ତବ୍ୟ ଆସିଛି। ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ୩୭୦ ଉଚ୍ଛେଦ କରିବା ଏହାର ଆଭ୍ୟନ୍ତରୀଣ ବ୍ୟାପାର। ସମ୍ପୃକ୍ତ କ୍ଷେତ୍ରରେ ଆଞ୍ଚଳିକ ଶାନ୍ତି ଓ ନିରାପତ୍ତା ବଜାୟ ରଖିବାକୁ ସମସ୍ତ ରାଷ୍ଟ ପ୍ରାଥମିକତା ଦେବା ଉଚିତ ବୋଲି ବାଂଲାଦେଶ କହିଛି।

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି) ଅନୌପଚାରିକ ବୈଠକରେ ପାକିସ୍ତାନକୁ ଝଟକା ଲାଗିବା ପରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କଶ୍ମୀର ପ୍ରସଙ୍ଗକୁ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)କୁ ଟାଣିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ତେବେ ଏନେଇ ପାକିସ୍ତାନରେ ସହମତି ପ୍ରକାଶ ପାଇପାରୁନାହିଁ। ଆଇସିଜେରେ କଶ୍ମୀର ପ୍ରସଙ୍ଗ ଉଠାଇବା ସକାଶେ ସେଠାକାର ଆଇନ ମନ୍ତ୍ରଣାଳୟ ଅଦ୍ୟାବଧି ଆଭିମୁଖ୍ୟ ସ୍ପଷ୍ଟ କରିନାହିଁ। ଭାରତ କଶ୍ମୀରକୁ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ଦାବି କରୁଥିବାରୁ ଇସ୍‌ଲାମାବାଦ ଆଇସିଜେରେ ସଫଳତା ପାଇ ନ ପାରେ ବୋଲି ପାକିସ୍ତାନର ଅନ୍ତର୍ଜାତୀୟ ଆଇନ ବିଶେଷଜ୍ଞ ତୈମୁର ମଲିକ୍ ମତ ଦେଇଛନ୍ତି। ସେହିପରି ଇମ୍ରାନ୍ ଏକ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ଅନୁସାରେ କଶ୍ମୀରକୁ ବିକ୍ରି କରିଦେଇଛନ୍ତି ବୋଲି ପାକିସ୍ତାନର ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

## ୩୭୦ ଉଚ୍ଛେଦ ପରେ ପ୍ରଥମ ଏନ୍‌କାଉଣ୍ଟର
# ଏସ୍‌ପିଓ ଶହୀଦ, ଆତଙ୍କବାଦୀ ନିହତ

**ଜମ୍ମୁ/ଶ୍ରୀନଗର,୨୧।୮ (ପି.ଟି./ଆଇଏଏନ୍ଏସ୍)**

ଜମ୍ମୁ-କଶ୍ମୀରର ବାରାମୁଲା ଜିଲାରେ ବୁଧବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଜଣେ ଲଶ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ସ୍ପେଶାଲ ପୋଲିସ ଅଫିସର (ଏସ୍‌ପିଓ) ଶହୀଦ ହୋଇଛନ୍ତି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନକାରୀ ଅନୁଚ୍ଛେଦ ୩୭୦କୁ ସମ୍ବିଧାନରୁ ହଟାଇବା ପରେ ଉପତ୍ୟକାରେ ଏହା ହେଉଛି ପ୍ରଥମ ଏନ୍‌କାଉଣ୍ଟର।

ବାରାମୁଲା ଜିଲା ଗନିଏ-ହମାମ୍ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ସିଆର୍‌ପିଏଫ୍ ଏବଂ ଜମ୍ମୁ-କଶ୍ମୀର ପୋଲିସର ଏସ୍‌ଓଜି ଯବାନମାନେ ମଙ୍ଗଳବାର ରାତିରେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଏସ୍‌ପିଓ ବିଲାଲ ଅହମ୍ମଦ ଓ ସବ୍-ଇନ୍ସପେକ୍ଟର ଅମରଦୀପ ପରିହାର ଆହତ ହୋଇଥିଲେ। ବିଲାଲ ଶହୀଦ ହୋଇଯାଇଥିବାବେଳେ ପରିହାର ସେନା ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

#### ରାଜୌରି, ପୁଞ୍ଚରେ ଗୁଳିବର୍ଷା: ଜଣେ ନିହତ

ଅନ୍ୟପକ୍ଷରେ ସୁରକ୍ଷା ବଳର ଜବାବୀ କାର୍ଯ୍ୟାନୁଷ୍ଠାନରେ ବରାମୁଲା ନିବାସୀ ତଥା ଲଶ୍କର-ଇ-ତୋଇବା (ଏଲ୍ଇଟି) ଆତଙ୍କବାଦୀ ମୋଇନ୍ ଗୋଜ୍‌ରି ନିହତ ହୋଇଛନ୍ତି। ସେ ଅନେକ ଆପରାଧିକ ଓ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ଏନ୍‌କାଉଣ୍ଟର ସ୍ଥଳରୁ ତାଙ୍କର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି।

ଅନ୍ୟପକ୍ଷରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ପାଇଁ ପାକିସ୍ତାନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଘନଘନ ଗୁଳିବର୍ଷା ଓ ମୋର୍ଟାର ମାଡ଼ କରୁଛି। ଏହିକ୍ରମରେ ପୁଞ୍ଚ ଜିଲା ମେନ୍ଧାର ସେକ୍ଟର ସଂଲଗ୍ନ ଏଲ୍‌ଓସିରେ ମଙ୍ଗଳବାର ରାତିରେ ପାକିସ୍ତାନୀ ସୈନ୍ୟଙ୍କ ମୋର୍ଟାର ମାଡ଼ରେ ଦେବରାଜ ଗ୍ରାମର ଅବ୍‌ଦୁଲ କରିମ୍ ନାମକ ଜଣେ ସାଧାରଣ ନାଗରିକ ଆହତ ହୋଇଥିଲେ। ତାଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। ସେହିପରି ସୁନ୍ଦରବନୀ ସେକ୍ଟରରେ ମଧ୍ୟ ବୁଧବାର ଅପରାହ୍ନ ୩ଟା ୪୫ରେ ପ୍ରତିପକ୍ଷ ସେନା ଅନୁରୂପ ଔଦ୍ଧତ୍ୟ ଦେଖାଇଛି। ମୋର୍ଟାର ମାଡ଼ରେ ଅନେକ ଘରର କାଛ ଭାଙ୍ଗିଯାଇଛି।




୩ ଦିନିଆ ଭାରତ ଗସ୍ତରେ ଆସିଥିବା ଜାମ୍ବିଆ ରାଷ୍ଟ୍ରପତି ଏଡ୍‌ଗାର ଛାଗ୍‌ୱା ଲୁଙ୍ଗୁଙ୍କୁ ରାଷ୍ଟ୍ରପତି ଭବନରେ ସ୍ୱାଗତ କରୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

## ରିଲିଫ କାର୍ଯ୍ୟରେ ନିୟୋଜିତ ହେଲିକପ୍ଟର ଦୁର୍ଘଟଣା: ୩ ମୃତ

**ଡେରାଡୁନ୍, ୨୧।୮(ପି.ଟି.)**

ଉତ୍ତରାଖଣ୍ଡରେ ବର୍ଷା ଓ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କ ଲାଗି ରିଲିଫ ଯୋଗାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଏକ ଘରୋଇ ହେଲିକପ୍ଟର ଉତ୍ତର କାଶୀର ମୋଲ୍‌ଡିରେ ବୁଧବାର ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏଥିରେ ଥିବା ସମସ୍ତ ୩ ଜଣ ପ୍ରାଣ ହରାଇଛନ୍ତି। ଏକ ତାର ସଂସ୍ପର୍ଶରେ ଆସି ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ଉତ୍ତରାଖଣ୍ଡ ଡିଜି(ଆଇନଶୃଙ୍ଖଳା) ଅଶୋକ କୁମାର ପ୍ରକାଶ କରିଛନ୍ତି। ହେଲିକପ୍ଟରରେ ଥିବା ପାଇଲଟ୍, କୋ-ପାଇଲଟ ଓ ଜଣେ ସ୍ଥାନୀୟ ବାସିନ୍ଦା ମୃତ୍ୟୁବରଣ କରିଛନ୍ତି। ପ୍ରବଳ ବର୍ଷା ଯୋଗୁ ମୋରି ଅଞ୍ଚଳରେ ବହୁ ଘର ଧୋଇଯିବା ସହ ୧୬ ଜଣ ପ୍ରାଣ ହରାଇଥିଲେ। ନିଖୋଜ ୬ ଜଣଙ୍କ ପତ୍ତା ଏପର୍ଯ୍ୟନ୍ତ ମିଳିନାହିଁ। ରିଲିଫ କାର୍ଯ୍ୟ ସାରି ଫେରୁଥିବାବେଳେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାୱତ୍ ଏନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।



## ପରଲୋକରେ ବାବୁଲାଲ୍ ଗୌର୍

**ଭୋପାଳ, ୨୧।୮(ପି.ଟି.)**



ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ବାବୁଲାଲ୍ ଗୌର୍(୮୯)ଙ୍କ ବୁଧବାର ଦେହାନ୍ତ ହୋଇଯାଇଛି। ମଙ୍ଗଳବାର ରାତିରେ ସେ ରକ୍ତଚାପ ଓ କିଡ୍‌ନୀ ଜନିତ ସମସ୍ୟାରେ ହଠାତ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରେ ହୃଦ୍‌ଘାତରେ ତାଙ୍କର ଦେହାନ୍ତ ହୋଇଛି। ଗତ ୭ ତାରିଖରେ ତାଙ୍କୁ ଭୋପାଳର ନର୍ମଦା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦେହାନ୍ତ ପରେ ତାଙ୍କ ଶେଷକୃତ୍ୟ ସୁଭାଷ ନଗର ବିଶ୍ରାମ ଘାଟରେ ମର୍ଯ୍ୟାଦାର ସହ ସମ୍ପନ୍ନ କରାଯାଇଛି। ସରକାରଙ୍କ ପକ୍ଷରୁ ତାଙ୍କ ଲାଗି ୩ ଦିନିଆ ଶୋକ ପାଳନ କରାଯିବ ବୋଲି ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବିୟୋଗରେ ଟୁଇଟ୍ ଯୋଗେ ଶୋକପ୍ରକାଶ କରିଛନ୍ତି।

ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲାରେ ଜନ୍ମିତ ଗୌର୍ ୨୦୦୪ରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ।

## ଜୋଏଲ୍ ହାଇଦ୍ରାବାଦର କନ୍‌ସୁଲ ଜେନେରାଲ

**ହାଇଦ୍ରାବଦ, ୨୧।୮:** ହାଇଦ୍ରାବାଦରେ ଆମେରିକାର ନୂଆ ବାଣିଜ୍ୟିକ ରାଷ୍ଟ୍ରଦୂତ ଭାବେ ଜୋଏଲ ରେଫ୍‌ମ୍ୟାନ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ହାଇଦ୍ରାବାଦରେ ପହଞ୍ଚିବା ପରେ ଏହି ଅଞ୍ଚଳ ଲାଗି ଭାରତ-ଆମେରିକା ମଧ୍ୟରେ ସମ୍ପର୍କର ନିବିଡ଼ତା ରହିଥିବା ସେ କହିଛନ୍ତି। ଭାରତ- ଆମେରିକା ଶିଳ୍ପ, ପ୍ରତିରକ୍ଷା ଓ ବିଭିନ୍ନ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲାଗି ମିଳିତ ପ୍ରୟାସ କରିବାକୁ ସେ ଆଗେଇ ଆସିଥିବା କହିଛନ୍ତି। ହାଇଦ୍ରାବାଦରେ ଇ-କମର୍ସ ଜିଆଣ୍ଟ ଆମାଜନର ସର୍ବବୃହତ ଷ୍ଟୋର ଖୋଲିବା ଅବସରରେ ସେ ଏଭଳି ମତ ଦେଇଥିଲେ।



## ଭାଜପା ସଦସ୍ୟ ସଂଖ୍ୟା ୩.୭୮ କୋଟି

**ନୂଆଦିଲ୍ଲୀ, ୨୧।୮(ପି.ଟି.):** ଦେଢ଼ମାସ ଧରି ଚାଲିଥିବା ଭାଜପା ସଦସ୍ୟ ସଂଗ୍ରହ ଅଭିଯାନ ବେଶ୍ ସଫଳତା ହାସଲ କରିଛି। ମଙ୍ଗଳବାର ସୁଦ୍ଧା ଅଭିଯାନରେ ମୋଟ ୩.୭୮ କୋଟି ସଦସ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଏଥିରେ ନୂଆ ସଦସ୍ୟଙ୍କ ସଂଖ୍ୟା ୧.୬ କୋଟି ରହିଛି। ଏହି ସଂଖ୍ୟା ୫ କୋଟି ଟପିବ ବୋଲି ଦଳର ଉପାଧ୍ୟକ୍ଷ ଦୁଷ୍ୟନ୍ତ କୁମାର ଗୌତମ ପ୍ରକାଶ କରିଛନ୍ତି। ଏଥିଲାଗି ୨.୨ କୋଟି ଟାର୍ଗେଟ ରଖାଯାଇଥିବାବେଳେ ସଦସ୍ୟ ସଂଖ୍ୟା ୩.୭୮ କୋଟିରେ ପହଞ୍ଚିବା ନିଶ୍ଚିତ ଏକ ସଫଳତା ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, ବାରାଣସୀ ଓ ତେଲେଙ୍ଗାନାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଜୁଲାଇ ୬ରେ ଦଳର ସଦସ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିଥିଲେ।

## ସିଜେଆଇଙ୍କ ବିରୋଧରେ ଷଡ଼ଯନ୍ତ୍ର ଅଭିଯୋଗ
# ତଦନ୍ତ ଶେଷ, ସେପ୍ଟେମ୍ବରରେ ରିପୋର୍ଟ

**ନୂଆଦିଲ୍ଲୀ,୨୧।୮**



ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ବିରୋଧରେ ବଡ଼ ଷଡ଼ଯନ୍ତ୍ର ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଣିକିଆ କମିଟି ଏହାର କାର୍ଯ୍ୟ ଶେଷ କରିଛି ଏବଂ ସେପ୍ଟେମ୍ବର ମଧ୍ୟଭାଗରେ ରିପୋର୍ଟ ଦାଖଲ କରିପାରନ୍ତି ବୋଲି ଜଣାପଡ଼ିଛି। ଆଇନଜୀବୀ ଉତ୍ସବ ସିଂ ବୈନ୍ସଙ୍କ ଅଭିଯୋଗର ତଦନ୍ତ ପାଇଁ ଏପ୍ରିଲ ୨୫ରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏ.କେ. ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଥିଲା। ସୁପ୍ରିମକୋର୍ଟରେ ଖଣ୍ଡପୀଠ ଫିକ୍ସିଂ ହେବା ସହ ବିଭିନ୍ନ ଅନିୟମିତତା ହେଉଥିବା ନେଇ ବୈନ୍ସ ସତ୍ୟପାଠ ଦାଖଲ କରିଥିଲେ। ସେ ଦାଖଲ କରିଥିବା ଦସ୍ତାବିଜ୍‌ଗୁଡ଼ିକୁ ତଦନ୍ତ କମିଟି ଅନୁଧ୍ୟାନ କରିଛନ୍ତି। ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା କମିଟି ତାଙ୍କ ରିପୋର୍ଟ ସମ୍ପୂର୍ଣ୍ଣ କରି ଜଉମୁଦା ଲଫାପାରେ ସୁପ୍ରିମକୋର୍ଟରେ ଦାଖଲ କରିବେ ବୋଲି ଏକ ସୂତ୍ରରୁ ଜଣାପଡିଛି।

ତେବେ ଜଷ୍ଟିସ୍ ଗୋଗୋଇଙ୍କ ବିରୋଧରେ ଆସିଥିବା ଯୌନ ଶୋଷଣ ଅଭିଯୋଗର ତଦନ୍ତ ହୋଇନାହିଁ। ତାଙ୍କ ବିରୋଧରେ ଜଣେ ପୂର୍ବତନ ମହିଳା କର୍ମଚାରୀ ଆଣିଥିବା ଯୌନ ନିର୍ଯାତନା ଅଭିଯୋଗର ତଦନ୍ତ କରି ସୁପ୍ରିମକୋର୍ଟର ଇନ୍-ହାଉସ୍ କମିଟି ମେ ୬ରେ ଗୋଗୋଇଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲା। ଜଷ୍ଟିସ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ତଦନ୍ତ କମିଟିରେ ସୁପ୍ରିମକୋର୍ଟର ଦୁଇଜଣ ମହିଳା ବିଚାରପତି ଇନ୍ଦୁ ମାଲହୋତ୍ରା ଓ ଇନ୍ଦିରା ବାନାର୍ଜୀ ସଦସ୍ୟ ଥିଲେ।

## ୟୁପିରେ ୧୫୦ ମେଡିକାଲ ଛାତ୍ରଙ୍କୁ ର୍‍ୟାଗିଂ
# ଲଣ୍ଡାକରି ରାସ୍ତାରେ ବୁଲାଇଲେ

**ଲକ୍ଷ୍ନୌ, ୨୧।୮(ପି.ଟି.)**



ଉତ୍ତରପ୍ରଦେଶ(ୟୁପି)ର ସଇଫାଇଠାରେ ଥିବା ମେଡିକାଲ ସାଇନ୍ସ ବିଶ୍ୱବିଦ୍ୟାଳୟରେ ନବାଗତ ୧୫୦ ମେଡିକାଲ ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଛି। ବରିଷ୍ଠ ଛାତ୍ରମାନଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମ ବର୍ଷର ଏହି ଛାତ୍ରମାନେ ଲଣ୍ଡାହୋଇ ରାସ୍ତାରେ ମୁଣ୍ଡ ନୁଆଇଁ ମାର୍ଚ୍ଚ କରିଛନ୍ତି। ଏହାର ଭିଡିଓ ଭାଇରାଲ ହେବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚେତା ପଶିଛି। ଭିଡିଓରେ ପ୍ରଥମ ବର୍ଷର ଛାତ୍ରମାନେ ଲଣ୍ଡା ହେବା ସହ ଧଳା ପୋଷାକ ପରିଧାନ କରି ମୁଣ୍ଡ ନୁଆଁଇ ରାସ୍ତାରେ ମାର୍ଚ୍ଚ କରୁଥିବା ଦେଖାଯାଇଛି। ଦ୍ୱିତୀୟ ଭିଡିଓରେ ବରିଷ୍ଠ ଛାତ୍ରଙ୍କୁ ଏମାନେ ସାଲ୍ୟୁଟ୍ ମାରୁଥିବାର ଦୃଶ୍ୟ ଦେଖାଯାଇଛି। ତୃତୀୟ ଭିଡିଓରେ ଜଣେ ସୁରକ୍ଷାକର୍ମୀ ଛାତ୍ରଙ୍କ ପାଖରେ ଛିଡ଼ା ହୋଇଥିବାର ଦୃଶ୍ୟ ରହିଥିବାବେଳେ ଏଭଳି କାର୍ଯ୍ୟକୁ ବିରୋଧ କରି ନ ଥିଲେ। ଏହି ଭିଡିଓକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର କୁଳପତି ଡ. ରାଜକୁମାର ଏନେଇ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ର୍‍ୟାଗିଂ ରୋକିବା ଲାଗି ସ୍ୱତନ୍ତ୍ର ସ୍କ୍ୱାଡ୍ ସହ ଏକ କମିଟି ଗଠନ କରାଯାଇଛି । ଏନେଇ ଛାତ୍ରମାନେ କମିଟି ଆଗରେ ଅଭିଯୋଗ କରିପାରିବେ ବୋଲି ସେ କହିଛନ୍ତି। ର୍‍ୟାଗିଂକୁ ନେଇ ପୂର୍ବରୁ ବହୁ ଛାତ୍ରଙ୍କୁ ନିଲମ୍ବିତ କରାଯାଇଥିବା ମଧ୍ୟ କୁଳପତି କହିଛନ୍ତି। ନବାଗତମାନେ ଏନେଇ ଡ଼ରିବାର କିଛି ନାହିଁ ବୋଲି ସେ ସାନ୍ତ୍ୱନା ଦେଇଛନ୍ତି। ପ୍ରକାଶଥାଉ କି, ସଇଫାଇ ହେଉଛି ଏସ୍‌ପି ନେତା ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ୍ ସିଂ ଯାଦବଙ୍କ ନିଜ ଗାଁ। ମୁଲାୟମ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏହି ବିଶ୍ୱବିଦ୍ୟାଳୟ ଗଠନ କରାଯାଇଥିଲା। ଗତ ମାସରେ ହାଇଦ୍ରାବାଦର ଜଣେ ଛାତ୍ରଙ୍କୁ ଏଠାରେ ର୍‍ୟାଗିଂ କରାଯିବା ପରେ ସେ ଆତ୍ମହତ୍ୟା ଲାଗି ଉଦ୍ୟମ କରିଥିଲେ। ଗତ ମାର୍ଚ୍ଚରେ ତାମିଲନାଡୁର ୨ ଛାତ୍ର ର୍‍ୟାଗିଂ ଲାଗି ଆତ୍ମହତ୍ୟା କରିଥିଲେ। ଏହାସତ୍ତ୍ୱେ ର୍‍ୟାଗିଂକୁ ରୋକାଯାଇ ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଗିରିଗୋବର୍ଦ୍ଧନ ମନ୍ଦିରର ବାର୍ଷିକ ସାଧାରଣ ସଭା

**ଧମା,୨୧।୮(ଡି.ଏନ.ଏ.):** ମାନେଶ୍ୱର ବ୍ଲକ ସାହାସପୁରଠାରେ ନିର୍ମାଣାଧୀନ ଗିରିଗୋବର୍ଦ୍ଧନ ମନ୍ଦିରର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ଡ. ଯତୀନ୍ଦ୍ର ମୋହନ ପୂଜାରୀ, ରାମନାରାୟଣ ନାୟକ, ଶଙ୍କରଲାଲ ଅଗ୍ରୱାଲ, ତୁଷାରରଞ୍ଜନ ବାରିକ, ସଞ୍ଜୟ ପୃଷେଠ, ମନରଞ୍ଜନ ନାୟକ, ସୁଶାନ୍ତ ବାଗ, ମଣ୍ଟୁ ବାଗ, ନୀଳମଣୀ ସାହୁ, ପାର୍ଥ ସାରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଗାନ୍ଧୀ ଜୟନ୍ତୀ ଉତ୍ସବ

**ଧମା,୨୧।୮(ଡି.ଏନ.ଏ.):** ସ୍ଥାନୀୟ ମଥୁରାପ୍ରସାଦ ହାଇସ୍କୁଲରେ ଗାନ୍ଧୀ ଜୟନ୍ତୀ ଉତ୍ସବ ଆୟୋଜିତ ହୋଇଛି। ଓଡ଼ିଶା ସାଂସ୍କୃତିକ ସମାଜର ଉପସଭାପତି ନରେନ୍ଦ୍ର ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ହୃଷୀକେଶ ପୂଜାରୀ, ରାମାନୁଜ ପଣ୍ଡା, ସନ୍ତୋଷ ଦାସ, ଶିକ୍ଷକ କାହ୍ନୁଚରଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

### ଷ୍ଟାଣ୍ଡପୋଷ୍ଟରେ ପାଣି ଆସୁନାହିଁ

**ସମ୍ବଲପୁର,୨୧।୮(ବ୍ୟୁରୋ):** ମାନେଶ୍ୱରରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ବର୍ଷାଦିନେ ମଧ୍ୟ ପାଣି ଅଭାବ ରହିଛି। କେତେକ ପରିବାର ପମ୍ପ ଲଗାଇ ଚୋରାରେ ଘରକୁ ପାଣି ନେଉଛନ୍ତି। ତେଣୁ ଷ୍ଟାଣ୍ଡ ପୋଷ୍ଟ ଗୁଡିକରେ ଆବଶ୍ୟକ ପାଣି ଆସୁନାହିଁ ବୋଲି ଗ୍ରାମବାସୀ ଜିଲାପାଳ ଶୁଭମ ସକସେନାଙ୍କ ନିକଟରେ ଅଭିଯୋଗ କରିଛନ୍ତି।

### ରାଜୀବ ଗାନ୍ଧୀଙ୍କ ଜୟନ୍ତୀ

**ସମ୍ବଲପୁର,୨୧।୮(ବ୍ୟୁରୋ):** ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୫ ତମ ଜନ୍ମବାର୍ଷିକି ପାଳିତ ହୋଇଯାଇଛି। ସମ୍ବଲପୁର ଲୋକସଭା ଯୁବ କଂଗ୍ରେସ ସଭାପତି ଆଶୁତୋଷ ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ଯୋଗ ଦେଇଥିଲେ। ଏହି ଅବସରରେ ସୋସିଆଲ ଷ୍ଟାର କ୍ଲବ ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୋଟ ୨୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶେଖ ହସିମ, ମୁକେଶ ଶର୍ମା, ବିକାଶ ବେହେରା, ପ୍ଲାବନ ବହିଦାର,ଅଶ୍ୱିନୀ ପ୍ରଧାନ, ଶେଖ ଅକ୍ତର, ପିଙ୍କୁ ସିଂ, ତୁଷାର ଭୋଇ, ସୁତାପା ମିତ୍ର, ସୁରେଖା ସାହୁ, ସୁରମା ସାହୁ ଉପସ୍ଥିତ ଥିଲେ। ଜିଲା କଂଗ୍ରେସ ଉପସଭାପତି ନିରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମରଣଯନ୍ତା ପାଲଟିଛି ୫୫ ନଂ ଜାତୀୟ ରାଜପଥ

## ■ ମରାମତି ସହ ତୁରନ୍ତ ନିର୍ମାଣ କାମ ଶେଷ କରିବାକୁ ଉପ ଜିଲାପାଳଙ୍କୁ ଦାବିପତ୍ର

**ରେଢାଖୋଲ ୨୧।୮(ଡି.ଏନ.ଏ.)**

ରେଢାଖୋଲ ସହର ମଧ ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନଂ ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ସମ୍ବଲପୁରରୁ ଅନୁଗୋଳ ପର୍ଯ୍ୟନ୍ତ ଏହି ରାସ୍ତାକୁ ଚାରିଥାକିଆରେ ପରିଣତ କରିବାକୁ ନିର୍ମାଣ କାମ ଚାଲିଛି। ଗତ ୩ ବର୍ଷ ହେବ ଏହାର କାମ ଜାରି ରହିଛି। ହଲେ କଚ୍ଛପ ଗତି ଯୋଗୁ ଲୋକେ ପ୍ରଭାବିତ ହେଉଛନ୍ତି। ଆବଶ୍ୟକ ମରାମତି ହେଉ ନ ଥିବା ଯୋଗୁ ଜୁଆଡେ ଦେଖିଲେ ସିଆଡେ ଖାଲଖମା ସୃଷ୍ଟି ହୋଇଛି। ଏଣୁ ନିୟମିତ ଭାବେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଛି। ଏହାକୁ ନେଇ ରେଢାଖୋଲ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜାତୀୟ ରାଜପଥର ଆବଶ୍ୟକ ମରାମତି ସହ ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରାଯିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି। ଏହି ମର୍ମରେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ରେଢାଖୋଲ ଉପଜିଲାପାଳ ବିଶିକେଶନ ଦେହୁରୀଙ୍କୁ ପ୍ରଦାନ କରାଯାଇଛି। ସପ୍ତାହେ ଭିତରେ ପଦକ୍ଷେପ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି। ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଏହି ଜାତୀୟ ରାଜପଥ ଦେଇ ପ୍ରତିଦିନ ହଜାର ହଜାର ଗାଡି ମୋଟର ଚଳାଚଳ କରୁଛି। ଝାରସୁଗୁଡା, ସୁନ୍ଦରଗଡ ଜିଲା ସହ ରାଜ୍ୟ ବାହାରର କଳକାରଖାନା ଗୁଡିକୁ ଭାରିଯାନ ଗୁଡିକରେ ଯନ୍ତ୍ରାଂଶ ପରିବହନ ହେଉଛି। ରେଢାଖୋଲ ଉପଖଣ୍ଡର ଜନସାଧାରଣଙ୍କ ଜିଲା ସଦର ମହକୁମା ଓ ବୁର୍ଲା ଡାକ୍ତରଖାନାକୁ ଯିବାକୁ ଏହା ଏକ ମାତ୍ର ରାସ୍ତା। ହେଲେ ରାସ୍ତା ଅବସ୍ଥା ଏପରି ହୋଇଛି ଯେ ବାଇକ୍ କିମ୍ବା ଚାରି ଚକିଆ ଯାନରେ ଯିବା ଆସିବାରେ ବହୁ କଷ୍ଟ ହେଉଛି। ଏପରିକି ବସ ଚଳାଚଳରେ ମଧ ବହୁ ଅସୁବିଧା ହେଉଛି। ଆମ୍ବୁଲାନ୍ସ କିମ୍ବା ଛୋଟ ଗାଡି ଗୁଡିକରେ ରୋଗୀଙ୍କୁ ନେଇ ବୁର୍ଲା ଡାକ୍ତରଖାନାକୁ ନେବା ମଧ କଷ୍ଟସାଧ ହୋଇପଡିଛି। ନିର୍ମାଣକାରୀ ସଂସ୍ଥା ଏଥିପ୍ରତି ଧ୍ୟାନ ଦେଉନାହିଁ, ଯଦିଓ ମରାମତି ପାଇଁ ବିଭାଗ ପକ୍ଷରୁ ଅର୍ଥ ପ୍ରଦାନ କରାଯାଇଛି ବୋଲି ଅଭିଯୋଗ କରାଯାଇଛି। ତେବେ ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, କାଉନସିଲର ଲକ୍ଷ୍ମଣ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ପୁରୁଷୋତ୍ତମ ଅଗ୍ରୱାଲ, ବିକାଶ ଦାଶ, ବିକ୍ରମ ବାହାଦୁରଙ୍କ ସମେତ ଶତାଧିକ ଜନସାଧାରଣଙ୍କ ସ୍ୱାକ୍ଷର ସମ୍ବଳିତ ଦବିପତ୍ର ସ୍ଥାନୀୟ ଉପ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏବେ ପ୍ରଶାସନ କି ପଦକ୍ଷେପ ନେବ କେବଳ ତାହାକୁ ଅଭିଯୋଗକାରୀ ଅପେକ୍ଷା କରିଛନ୍ତି।



ରେଙ୍ଗାଲି ତହସିଲ କର୍ମଚାରୀ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

## ■ ତହସିଲରେ ଅମିନଙ୍କୁ ଗାଳିଗୁଲଜ, ମାଡ଼

# ପ୍ରତିବାଦରେ କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନ

**ରେଙ୍ଗାଲି,୨୧।୮(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲରେ ମଙ୍ଗଳବାର ଅପରାହ୍ନ ୫ଟାରେ କତରବଗାର ଅମିନ କରମା ଖଡିଆଙ୍କୁ ବ୍ରାହ୍ମଣୀପାଲି ଗ୍ରାମର ହେମନ୍ତ ଦାସ ନିଶାସକ୍ତ ଅବସ୍ଥାରେ ମାଡ ମାରିବା ସହ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରଛନ୍ତି। ରେଙ୍ଗାଲି ଥାନାରେ ଏଭଳି ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଏହାର ପ୍ରତିବାଦରେ ତହସିଲ କର୍ମଚାରୀମାନେ ଏକଜୁଟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଛନ୍ତି। ଦୋଷୀଙ୍କୁ ଗିରଫ କରିବା ଦାବିରେ ତହସିଲ ଏବଂ କ୍ଷେତ୍ର କର୍ମଚାରୀମାନେ ବୁଧବାର କଲମଛାଡ ଆନ୍ଦୋଳନ କରିଛନ୍ତି। ୫ରୁ ୬ ମାସ ମଧ୍ୟରେ ୩ ଥର ତହସିଲ କର୍ମଚାରୀଙ୍କୁ ଅସଦାଚରଣ ଏବଂ ମାରପିଟ ହେଲାଣି ବୋଲି ଏମାନେ ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ ବହେରାଙ୍କଠାରେ ଅଭିଯୋଗ କରିଛନ୍ତି। ତହସିଲ କର୍ମଚାରୀଙ୍କୁ ସୁରକ୍ଷା, ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କର୍ମଚାରୀମାନେ ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଯେତେ ଦିନ ପର୍ଯ୍ୟନ୍ତ ଦୋଷୀ ଗିରଫ ନ ହୋଇଛନ୍ତି ସେତେ ଦିନ ପର୍ଯ୍ୟନ୍ତ କଲମଛାଡ ଆନ୍ଦୋଳନ ଜରି ରଖିବେ ବୋଲି କର୍ମଚାରୀମାନେ ତହସିଲଦାରଙ୍କୁ ଜଣାଇ ଦେଇଛନ୍ତି।

### ରେଢାଖୋଲରେ ସେଣ୍ଟ୍ରାଲ ସ୍କୁଲ ସ୍ଥାପନ ପାଇଁ ଏମ୍‌ପିଙ୍କୁ ଦାବିପତ୍ର

**ରେଢାଖୋଲ,୨୧।୮(ଡି.ଏନ.ଏ)**

ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ବୁଧବାର ନାକଟି ଦେଉଳ ଗସ୍ତ ଅବସରରେ ରେଢୋଖୋଲ ଭାଜପା ନେତୃମଣ୍ଡଳୀ ଭେଟି ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ମୁଖ୍ୟତଃ ରେଢାଖୋଲରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯିବାକୁ ପଦକ୍ଷେପ ନିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷେ ଜିଲାର ରେଢାଖୋଲ ଉପଖଣ୍ଡ ଏକ ଚିର ମରୁଡି ପ୍ରପୀଡିତ ଅଞ୍ଚଳ। ଏହି ଉପଖଣ୍ଡରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ ଆଦି ସର୍ବନିମ୍ନ ମୌଳିକ ସୁବିଧାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି। ଏଣୁ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ, ରେଢାଖୋଲ ରେଳ ଷ୍ଟେଶନ ଦେଇ ଯାଉଥିବା ବିଭିନ୍ନ ଦ୍ରୁତଗାମି ଟ୍ରେନର ରହଣି, କୃଷି ଓ ଜଙ୍ଗଲଜାତ ଦ୍ରବ୍ୟର ସୁବିନିଯୋଗ ପାଇଁ ଶିଳ୍ପ ପ୍ରତିଷ୍ଠା, ଅଣଜଳସେଚିତ ରେଢାଖୋଲ ଉପଖଣ୍ଡରେ ଚାଷଜମିକୁ ଜଳ ସେଚନ ବ୍ୟବସ୍ଥା, ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ସହ ନଷ୍ଟ ହେଉଥିବା ଫସଲର ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଏମ୍‌ପିଙ୍କଠାରେ ଦାବି କରାଯାଇଛି। ସୂଚନାଯୋଗ୍ୟ, ଅନୁଗୋଳ ଜିଲାର ଆଠମଲ୍ଲିକ ଓ ଛେଣ୍ଡିପଦାଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଯିବାକୁ ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କୁ ଗତ ମାସରେ ଏମ୍‌ପି ଗଙ୍ଗଦେବ ଭେଟି ଦାବିପତ୍ର ଦେଇଥିଲେ। ଏହାକୁ ନେଇ ରେଢାଖୋଲ ଜନସାଧାରଣଙ୍କ ସହ ଭାଜପା କର୍ମକର୍ତ୍ତାମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଥିଲା। ଏଥିଯୋଗୁ ସ୍ଥାନୀୟ ଭାଜପା କର୍ମକର୍ତ୍ତାମାନେ ବୁଧବାର ଏମ୍‌ପିଙ୍କ ନାକ୍ଟିଦେଉଳ ଗସ୍ତ ବେଳେ ଭେଟି ଦାବି ଜଣାଇଛନ୍ତି।

### ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷଙ୍କ ପରଲୋକ

**ଧମା, ୨୧।୮ (ଡି.ଏନ.ଏ.)**

ସମ୍ବଲପୁରର ପୂର୍ବତନ ଜିଲା ପରିଷଦ ଅଧକ୍ଷ ସନ୍ତୋଷ ବୁଡେକଙ୍କ ବୁଧବାର ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେଲା



କିଡ୍‌ନୀ ଜନିତ ରୋଗରେ ପୀଡିତ ଥିଲେ। ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୨ଟା ବେଳେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ଅପରାହ୍ନରେ ମାନେଶ୍ୱର ବ୍ଲକ ଦେଓଗାଁ ପଞ୍ଚାୟତର ଗନପୁରାଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଛି। ଏକ ମାତ୍ର ପୁଅ ଅନନ୍ତ ମୁଖାଗ୍ନି ଦେଇଥିଲେ। ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଜିଲା ପରିଷଦ ସଭାପତି ରାଧେଶ୍ୟାମ ବାରିକ, ରମେଶ ପଧାନ, ମଣ୍ଟୁ ଅଗ୍ରୱାଲ ଓ ବିପିନ ପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସ୍ୱର୍ଗତ ବୁଡେକ ୧୯୯୩ରେ ଦେଓଗାଁ ପଞ୍ଚାୟତ ସରପଞ୍ଚ, ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ସମ୍ବଲପୁର ଜିଲା ପରିଷଦ ଅଧକ୍ଷ ଥିଲେ।

# ପୋଲିସ ଗୋଡ଼ାଇବା ବେଳେ ଓଲଟିଲା ଚୋରା ବୋଲେରୋ

**ଜମନକିରା,୨୧।୮(ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ଥାନା ଅଧୀନ ଷଣ୍ଢପଥର ବାବେଜୋର ପୋଲ ନିକଟରେ ଏକ ଚୋରି ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ସେଥିରେ ବସିଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ହେଲେ ତାଙ୍କ ପରିଚୟ ମିଳିନି। ଅନ୍ୟ ୩ ଜଣ ଫେରାର୍ ହୋଇଯାଇଛନ୍ତି। ପୋଲିସର ସୂଚନା ଅନୁଯାୟୀ, ମଙ୍ଗଳବାର ଏକ ବୋଲେରୋ ଚୋରି ହୋଇଥିବା ନେଇ ସମ୍ବଲପୁର ଅଇଁଠାପାଲି ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏଣୁ ପୋଲିସ ପକ୍ଷରୁ ସମସ୍ତ ଆଖପାଖ ରାସ୍ତା ସିଲ୍ କରାଯାଇଥିଲା। ଜମନକିରା ଥାନାକୁ ମଧ ଅଇଁଠାପାଲି ଥାନାରୁ ଏ ନେଇ ଖବର ଆସିଥିଲା। ଏଣୁ ଜମନକିରା ଥାନା ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ବୁଧବାର ସକାଳ ସାଢ଼େ ୮ଟାରେ ସଂପୃକ୍ତ ବୋଲେରୋ (ଓଆର୍ ୦୨ ଏଏମ୍ ୫୦୪୫) ଜମନକିରାରେ ବୁଲୁଥିବା ଜଣା ପଡିଥିଲା। ଏଣୁ ଜମନକିରା ପୋଲିସ ବୋଲେରୋକୁ ପିଛା କରିଥିଲା। ତେବେ ପୋଲିସ



ଦୁର୍ଘଟଣାଗ୍ରସ୍ତ ଚୋରା ବୋଲେରୋ।

**ଜଣେ ମୃତ, ୩ ଖସି ପଳାଇଲେ**

ବୋଲେରୋକୁ ପିଛା କରୁଥିବା ଜାଣିପାରି ଚାଳକ ଦ୍ରୁତ ଗତିରେ ସମ୍ବଲପୁର ଅଭିମୁଖେ ଗାଡି ଚଳାଇଥିଲେ। ହେଲେ ଗାଡ଼ିଟି ନିୟନ୍ତ୍ରଣ ହରାଇ ବାବେଜୋର ପୋଲ ବୁଲାଣିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଥିରେ ବସିଥିବା ଜଣେ ବ୍ୟକ୍ତି ଗାଡି ଭିତରୁ ବାହାରକୁ ଛିଟିକି ପଡ଼ିଥିଲେ। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗାଡିରେ ଥିବା ଅନ୍ୟ ୩ ଜଣ ଖସି ପଳାଇ ଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଜମନକିରା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଇଁଠାପାଲି ଥାନାକୁ ଖବର ଦେଇଛି।



ନିଶାନଭଙ୍ଗା ପଞ୍ଚାୟତ ସରପଞ୍ଚ ଜଣେ ହିତାଧିକାରୀଙ୍କୁ ଭତ୍ତା ଦେଉଛନ୍ତି।

### ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ରେଙ୍ଗାଲି,୨୧।୮(ଡି.ଏନ.ଏ.):** ରେଙ୍ଗାଲି ବ୍ଲକ ନିଶାନଭଙ୍ଗା ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ ଦିବ୍ୟାଙ୍ଗ, ବାର୍ଦ୍ଧକ୍ୟ ଏବଂ ବିଧବା ଭତ୍ତା ବଣ୍ଟନ କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟଠାରେ ୨ଜଣଙ୍କୁ ଦିବ୍ୟାଙ୍ଗ ଭତ୍ତା, ୨୮ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ୫ଜଣଙ୍କୁ ବିଧବା ଭତ୍ତା ବଣ୍ଟନ କରାଯାଇଥିଲା। ସରପଞ୍ଚ ତିଲୋତ୍ତମା ବିଶ୍ୱାଳ, ରେଙ୍ଗାଲି ବ୍ଲକ ଏବିଡିଓ ରବୀନ୍ଦ୍ର ରଣା, ନାଏବ ସରପଞ୍ଚ ଦେବେନ୍ଦ୍ର ଭୋଇ, ପିଇଓ ପୋଲି ଟାକ୍ରି, ଜିଆରଏସ ସାନ୍ତାରାମ ସାହୁ ଏବଂ ରେଙ୍ଗାଲିର ପୂର୍ବତନ ସରପଞ୍ଚ ଦିଲୀପ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷା ପାଇଁ ଇନ୍ଦ୍ରଙ୍କୁ ପ୍ରାର୍ଥନା

**ଜମନକିରା,୨୧।୮(ଡି.ଏନ୍.ଏ.)**

ଜମନକିରା ଇନ୍ଦ୍ରଡୁଙ୍ଗୁରିରେ ବୁଧବାର ବର୍ଷା ପାଇଁ ଇନ୍ଦ୍ର ପୂଜା କରା ଯାଇଛି। ଜମନକିରା ବିକାଶ ପରିଷଦର ସଭାପତି ତଥା ଇନ୍ଦ୍ର ପୂଜା କମିଟିର ସଂଯୋଜକ ଗୋକୁଳାନନ୍ଦ ଦାନୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପୂଜକ ଭାବେ ଅଶୋକ ପାଣିଗ୍ରାହୀ କାର୍ଯ୍ୟ ତୁଲାଇଥିବା ବେଳେ ମାନସ ପାଣିଗ୍ରାହୀ ସହଯୋଗ କରିଥିଲେ। କର୍ତ୍ତା ଭାବେ ନବନ ପଟେଲ ପୂଜାକାର୍ଯ୍ୟ ସମାପନ କରିଥିଲେ। ଏଥିରେ ସଂକୀର୍ତ୍ତନ, ଦଣ୍ଡ, କୃଷ୍ଣ ଗୁରୁ ଆଦି ପରିବେଷିତ ହୋଇଥିଲା। ବିକାଶ ପରିଷଦର ଉପସଭାପତି ରବୀନ୍ଦ୍ର କୁମାର ମଲ୍ଲିକ, ସମ୍ପାଦକ ସରୋଜ ପଟ୍ଟନାୟକ, ସହ ସମ୍ପାଦକ ସାଲେକରାମ ପଧାନ, କୋଷାଧ୍ୟକ୍ଷ ଅମରେଶ୍ୱର ସ୍ୱାଇଁ, ସନ୍ତୋଷ ପଟ୍ଟନାୟକ, ଅକ୍ଷୟ ଦ୍ୱିବେଦୀ, ଲକ୍ଷ୍ମଣ ନାଏକ, ବୀରେନ୍ଦ୍ର କାରୱାର, ଅକ୍ଷୟ ଦାସ, ଝସକେତନ ଦାଶ, ବାବୁଲୁ ନାଏକ, ଖେଡ଼ା କିସାନ, ଆନନ୍ଦ ନାଏକ, ଅମୃତ ମହାକୁଳ, ସତ୍ୟପ୍ରିୟ ମହାପାତ୍ର, ସତ୍ୟନାରାୟଣ ସାହୁ, କ୍ଷମାନିଧି ରାଉତ, ସପନ ଦେବନାଥ, ଉଦୟନାଥ ପଟ୍ଟନାୟକ, କ୍ଷମା ମହାକୁଳ, ଦିପକ ଦାଶ, ସାବିତ୍ରୀ ନାଏକ, ମିତାରାଣୀ ରଥ, ମହିନୀ ନାଏକ, ମୌସୁମୀ ପଧାନ, ମଙ୍ଗୁଳୀ ଦେହୁରୀ, ସିନ୍ଧୁସୁତା ନାଏକ, ଶାନ୍ତି ରାଓ, ସୁମିତ୍ରା ସେଠ, ଅନିରୁଦ୍ଧ ବେହେରା, ଉପେନ୍ଦ୍ର ପଧାନ, ଭୁବନେଶ୍ୱର ପଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ। ସଂକୀର୍ତ୍ତନ ମଣ୍ଡଳୀ ଓ ଜମନକିର କଳାକାର ସଂଘର କର୍ମକର୍ତ୍ତା ଗାଁ ଭ୍ରମଣ କରି ସଂକୀର୍ତ୍ତନ ପରିବେଷଣ କରିଥିଲେ।



ଜମନକିରା ଇନ୍ଦ୍ରଡୁଙ୍ଗୁରିରେ ବୁଧବାର ବର୍ଷା ପାଇଁ ଇନ୍ଦ୍ର ପୂଜା କରାଯାଉଛି।

## ଫଟୋରେ ଖବର



ଜମନକିରା ଯୁବ ସଚେତନ ନାଗରିକ ସଂଘ ପକ୍ଷରୁ ହାଇସ୍କୁଲରେ ଚାରାରୋପଣ କରାଯାଇଛି।

## ■ ଗୌଡ଼ପାଲି-ଦେବଗଡ଼ ୯୦ କି.ମି. ଶୋଚନୀୟ

# ମରାମତି ଦାବିରେ ୫ଘଣ୍ଟା ଧରି ରାସ୍ତା ଅବରୋଧ

**ଜମନକିରା,୨୧।୮ (ଡି.ଏନ୍.ଏ.)**

ସମ୍ବଲପୁର ଗୌଡ଼ପାଲିଠାରୁ ଦେବଗଡ଼ ପର୍ଯ୍ୟନ୍ତ ୯୦ କିଲୋମିଟର ରାସ୍ତାର ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ରହିଛି। ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସଛନ୍ତି। ହେଲେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଓ ସମ୍ପୃକ୍ତ ଠିକା ସଂସ୍ଥା ପ୍ରତିଶ୍ରୁତି ଦେଇ ଠକି ଚାଲିଛି। ତେବେ ମରାମତି କରା ନ ଗଲେ ରାସ୍ତା ଅବରୋଧ କରାଯିବ ବୋଲି ସତର୍କ କରି ଦିଆ ଯାଇଥିଲା। ହେଲେ କିଛି ଫଳପ୍ରଦ ନ ହେବାରୁ ବାଧ ହୋଇ ଅଞ୍ଚଳବାସୀ ବୁଧବାର ପୂର୍ବାହ୍ନ ସାଢ଼େ ୯ଟାରୁ ଅପରାହ୍ନ ସାଢ଼େ ୨ଟା ପର୍ଯ୍ୟନ୍ତ ଜମନକିରାରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବିଡ଼ିଓ ଅଜୟ ତିୱାରୀ, ତହସିଲଦାର ଡା: ସୌମ୍ୟରୂପା ରଥ, ଆଇଆଇସି ବାଳକୃଷ୍ଣ କଅଁର, ଏସ୍ଆଇ ରଶ୍ମିବାଳା ସେଠୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ହେଲେ କାମ ଆରମ୍ଭ ନ ହେବା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିବ ବୋଲି ଆନ୍ଦୋଳନକାରୀ ଜିଦ୍ ଧରିଥିଲେ। ଗୁରୁବାରଠାରୁ ରାସ୍ତା କାମ ଆରମ୍ଭ କରିବାକୁ ସେଠାରେ ଉପସ୍ଥିତ ଏନ୍ଏଚ୍ଏଆଇର ଭବେଶ ପଟ୍ଟନାୟକ ଏବଂ ସଂପୃକ୍ତ ଠିକା ସଂସ୍ଥାର କର୍ତ୍ତୃପକ୍ଷ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଲା ପରେ ରାସ୍ତାରୋକୋରୁ ଲୋକେ ଉଠିଥିଲେ। ସମ୍ବଲପୁର ସିନ୍ଦୂରପଙ୍କଠାରୁ ତିଲେଇବଣି ପର୍ଯ୍ୟନ୍ତ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ଅଧୀନରେ ରହିଛି। ପୁଞ୍ଜଲଏଡ୍ ନାମକ ଠିକା ସଂସ୍ଥା ଗତ ୨ ବର୍ଷରୁ ଅଧିକ ସମୟ ଧରି କାମ କରି ଆସୁଛି। ହେଲେ ଉକ୍ତ ଠିକା ସଂସ୍ଥା ଠିକ ସମୟରେ ଏବଂ ବ୍ୟବଧାନ ମଧ୍ୟରେ କାମ ନ କରି ସମୟ ଗଡ଼େଇ ଚାଲିଛି। ଏହାଦ୍ୱାରା ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଛି। ଅନେକ ଦୁର୍ଘଟଣା ଘଟି ଲୋକେ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ମଙ୍ଗଳବାର ମଧ ଜଣେ ବାଇକ ଚାଳକ ନିୟନ୍ତ୍ରଣ ହରାଇ ଗୁରୁତର ଆହତ ହୋଇଥିଲେ। ବୁର୍ଲା ବଡ଼ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଛନ୍ତି। ରାସ୍ତା ସାରା ବଡ଼ ବଡ଼ ଗାତ ରହିଛି। ମରାମତି ବାହାନାରେ ମେଟାଲ ଓ ଡଷ୍ଟ ଗୁଣ୍ଡ ପକାଇ ରାସ୍ତା ମରାମତି କରାଯାଉଛି। ହେଲେ କିଛି ଦିନ ଗାଡ଼ି ଚଳାଚଳ ପରେ ରାସ୍ତା ପୁଣି ପୂର୍ବ ଅବସ୍ଥାକୁ ଫେରି ଯାଉଛି। ବାଇକ ଓ ଚାରିଚକିଆ ଗାଡ଼ି ଯାତାୟତ କଲାବେଳେ ଗାଡ଼ି ଇଞ୍ଜିନ ରାସ୍ତାରେ ପିଟି ହୋଇ ଯାଉଛି। ଏ ନେଇ ବାରମ୍ବାର ଏନ୍ଏଚ୍ଏଆଇ ପିଡ଼ି ଓ ସଂପୃକ୍ତ ଠକା ସଂସ୍ଥାକୁ ଜଣାଇ ଆସୁଥିଲେ ମଧ କାର୍ଯ୍ୟକାରୀ ହୋଇପାରୁନାହିଁ। ଏଣୁ ବାଧ ହୋଇ ବୁଧବାର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଜମନକିରାରେ ରାସ୍ତା ଅବରୋଧ କରାଯାଇଛି। ଏନ୍ଏଚ୍ଏଆଇ ଅଧିକାରୀ ଓ ସଂପୃକ୍ତ ଠିକା ସଂସ୍ଥା ପକ୍ଷରୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ନ ମିଳିବା ଯାଏ ରାସ୍ତାରୋକୋ ଜାରି ରହିବ ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି।



ଜମନକିରାରେ ରାସ୍ତା ଅବରୋଧକାରୀଙ୍କୁ ପୋଲିସ ମନାଇବାକୁ ଚେଷ୍ଟା କରୁଛି।

# ହିନ୍ଦୀ ହିଟ୍, ତାମିଲ ଫ୍ଲପ୍


ମଧୁବାଳା

ଥରେ ମନେପକାନ୍ତୁ ନା ସେହି ଶ୍ରୋତାଦୃତ ଗୀତ 'ପ୍ୟାର କିୟା ତୋ ଡର୍‌ନା କ୍ୟା'କୁ। ୧୯୬୦ରେ ନିର୍ମିତ ବଲିଉଡ୍‌ର ବ୍ଲକବଷ୍ଟର ହିନ୍ଦୀ ସିନେମା 'ମୁଗଲ-ଏ-ଆଜାମ'ରେ ଦୃଶ୍ୟାୟିତ ଏହି ଗୀତ ଏବେ ବି ମନରେ ଶିହରଣ ସୃଷ୍ଟି କରିଥାଏ। ତେବେ ଏହି ସିନେମାଟି ତିନୋଟି ଭାଷା-ହିନ୍ଦୀ, ତାମିଲ, ଇଂଲିଶ୍‌ରେ ପ୍ରସ୍ତୁତ ହୋଇଥିଲା। କିନ୍ତୁ ଫିଲ୍ମଟି ତାମିଲ୍‌ରେ ଫ୍ଲପ୍ ହୋଇଥିବା ବେଳେ ହିନ୍ଦୀରେ ରେକର୍ଡ ସୃଷ୍ଟି କରିଥିଲା। ଅନ୍ୟପକ୍ଷରେ ଇଂଲିଶ୍ ଭାଷାରେ ନିର୍ମିତ ଫିଲ୍ମଟି ଆଶାନୁରୂପ ବିଜନେସ୍ କରିଥିଲା। କେ. ଆସିଫଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ସିନେମାର ମୁଖ୍ୟ ଭୂମିକାରେ ପୃଥ୍ୱୀରାଜ କପୁର, ଦିଲୀପ କୁମାର, ମଧୁବାଳା, ଦୁର୍ଗା ଖୋଟେ ଅଭିନୟ କରିଥିଲେ।

ଅପେରା ହାଲଚାଲ

# ଏ ତ ଟ୍ରେଲର, ପୂରା ଫିଲ୍ମ ତ ବାକି ଅଛି..

"ଏ ତ ଟ୍ରେଲର, ପୂରା ଫିଲ୍ମ ତ ବାକି ଅଛି। ନା ମୁଁ ତୋତେ କେବେ ମା' ବନିବାର ସୁଯୋଗ ଦେବି ନା କେବେ ଭଲ ସ୍ତ୍ରୀର ମାନ୍ୟତା ଦେବି। ତୁ ଭଲ ବୋହୂ ହୋଇପାରିବୁନି କି କେବେ କାହାର ଭଲ ଭଉଣୀ ହୋଇପାରିବୁନି। ନାରୀ ଜନ୍ମର ସାର୍ଥକତା ହେବ ତୋ ପାଇଁ ସାତ ସପନ। ପ୍ରତି ମୁହୂର୍ତ୍ତରେ ନିଜ ଭାଗ୍ୟକୁ ଘୃଣା କରିବୁ ଆଉ ଭାବିବୁ ତୁ ଏ ଧରାପୃଷ୍ଠରେ ଭଗବାନଙ୍କର ଗୋଟିଏ ଅଭିଶାପ।" ଏପରି ଏକ ଛାତିଥରା ଡାଏଲଗ୍ ତାଙ୍କୁ ଚର୍ଚ୍ଚାର ପରିସରକୁ ଆଣିଛି। ଅପେରା ଜଗତରେ ସେ ଚଳିତ ସିଜନରେ ପାଦ ଦେଇଛନ୍ତି। ହେଲେ ପ୍ରଥମ ନାଟକରୁ ହିଁ ସେ ନିଜର ଦମ୍ ଦେଖାଇ ସାଉଁଟି ଚାଲିଛନ୍ତି ଯାତ୍ରାପ୍ରେମୀଙ୍କ ପ୍ରଶଂସା। ଏହି ଅଭିନେତା ଜଣକ ହେଲେ ସନ୍ଦୀପ କୁମାର ଦାସ ଏବଂ ନାଟକଟି ହେଲା ଅନ୍ୟତମ ଅଗ୍ରଣୀ ଅପେରା ପାର୍ଟି ବାଘାଯତୀନ ଲୋକନାଟ୍ୟ ଦ୍ୱାରା ଚଳିତ ଯାତ୍ରା ସିଜନରେ ପରିବେଷିତ ତଥା ଅରୁଣ ନାୟକଙ୍କ ରଚିତ ଏବଂ ମହେଶ ହାଜରାଙ୍କ ନିର୍ଦ୍ଦେଶିତ 'ସୀତାର ଜଳୁଛି ଚିତା'। ଏହି ନାଟକରେ ସନ୍ଦୀପ ଏକ ଦମଦାର ନେଗେଟିଭ ଚରିତ୍ର (ମୃଗେଶ ମାନସିଂ)ରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ଅପେରା ପାର୍ଟିରେ ଏଣ୍ଟ୍ରି କରିବା ପଛରେ ନିର୍ଦ୍ଦେଶକ ମହେଶଙ୍କ ଭୂମିକାକୁ ସର୍ବାଗ୍ରେ ସ୍ମରଣ କରନ୍ତି ସେ। 'ଅପେରା ଜଗତର ଆଗଧାଡିର ସ୍ୱରକାର ତାପସ ଦାସ (ଟିଟନ)ଙ୍କ ଆକ୍ଟିଂ ଇନଷ୍ଟିଚ୍ୟୁଟ୍ 'ତପସ୍ୟା'ରୁ ପାସ୍ କରିବା ପରେ ମୋତେ ସିଧାସଳଖ ଏହି ସୁଯୋଗ ମିଳିଛି। ଏଥିପାଇଁ ଟିଟନ ସାର୍, ମହେଶ ସାର୍, ନିର୍ଦ୍ଦେଶକ ଆଶୁତୋଷ ସାର୍ (ମହାପାତ୍ର) ଏବଂ ଗୁରୁ ପ୍ରଣୟ ସାହୁଙ୍କ ପ୍ରେରଣାକୁ ମୁଁ କଦାପି ଭୁଲି ପାରିବି ନାହିଁ। ଆଉ ଏକ ସଂଯୋଗ-ମୁଁ ବାଘାଯତୀନ ଲୋକନାଟ୍ୟର ଅନେକ ନାଟକ ଦେଖିଛି। ପୁଣି ସେହି ପାର୍ଟିରୁ ମୁଁ ମୋର ଅପେରା କ୍ୟାରିୟର ଆରମ୍ଭ କରୁଛି।' ବାଲେଶ୍ୱର ଜିଲା ଖନ୍ତାପଡା ଅନ୍ତର୍ଗତ ପଦାଗାଁ ଗ୍ରାମରେ ଜନ୍ମିତ (ମା-ଗୀତାଞ୍ଜଳି ଦାସ, ବାପା-କ୍ଷିତିଶ କୁମାର ଦାସ) ତଥା ଏମବିଏ ଡିଗ୍ରୀ ହାସଲ କରିଥିବା ସନ୍ଦୀପଙ୍କ ଆଗରେ ଲମ୍ବା ଆକ୍ଟିଂ କ୍ୟାରିୟର। ନିଜ ଫିଗର ଅନୁସାରେ ନେଗେଟିଭ ରୋଲକୁ ପ୍ରାଥମିକତା ଦେବି ବୋଲି କହନ୍ତି ଅପେରା ଜଗତର ଏହି ଲମ୍ବା ରେସ୍‌ର ଘୋଡ଼ା।


ସନ୍ଦୀପ୍

ନୂଆ ସିନେମା

## ରକି

ଓଡ଼ିଆ ସିନେମା 'ସପନର ନାୟିକା'ର ନିର୍ଦ୍ଦେଶକ ରାଜ ପ୍ରଦୀପ କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ମଇଦାନକୁ ଓହ୍ଲାଉଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ରକି'। ଏହାର ଟାଇଟଲ ଭୂମିକାରେ କିଏ ଅଭିନୟ କରିବ ସେନେଇ ଜଣେ ଭଲ ଅଭିନେତା ସନ୍ଧାନରେ ସେ ଥିଲେ। ଶେଷରେ ତାଙ୍କର ଏହି ମିଶନ ପୂରଣ ହୋଇଛି। ଏହି ଫିଲ୍ମ ପାଇଁ ବିଶ୍ୱରୂପଙ୍କୁ ସାଇନ୍ କରାଯାଇଛି। ରିଲିଜ ଅପେକ୍ଷାରେ ଥିବା ଚିତ୍ର 'ବିଶ୍ୱରୂପ-ବର୍ନ ଟୁ ଫାଇଟ୍' ପରେ ଏହା ହେଉଛି ବିଶ୍ୱରୂପଙ୍କ ଦ୍ୱିତୀୟ ସିନେମା। ଏ ସମ୍ପର୍କରେ ସେ କହନ୍ତି, 'ଫିଲ୍ମଟିର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ମୋର ପ୍ରଥମ ସିନେମାରେ ମୋତେ ଜଣେ ବକ୍ସର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ହେଲେ 'ରକି'ରେ ମୋତେ ମିଳିଛି ଏକ ଭିନ୍ନ ଭୂମିକା। ଏହି ଭୂମିକାଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛି।' ଉକ୍ତ ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି।

# ଇନ୍ଦ୍ରଧନୁ ଓ ରଣବୀର


ରଣବୀର

ରଣବୀର ସିଂ ଏବଂ ଇନ୍ଦ୍ରଧନୁ-ଏହାକୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା। ବର୍ତ୍ତମାନ ସେ କପିଳ ଦେବଙ୍କ ବାୟୋପିକ୍ 'ଏଇଟିଥ୍ରୀ'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ନିକଟରେ ଏହାର ଶୁଟିଂ ଚାଲିଥିବା ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଶଟ୍ ଦେଉଥିବା ବେଳେ ନିର୍ଦ୍ଦେଶକ କବୀର ସିଂଙ୍କୁ ରଣବୀର ଅଳ୍ପ ସମୟର ବ୍ରେକ୍ ପାଇଁ କହିଥିଲେ। ନିର୍ଦ୍ଦେଶକ ମଧ ଅନୁମତି ଦେଇଥିଲେ। ବାସ୍, ତା'ପରେ ରଣବୀର ମୋବାଇଲ ଧରି ଆକାଶକୁ ଚାହିଁ ଫଟୋ ଉଠାଇବାକୁ ଲାଗିଲେ। କେବଳ ସେତିକି ନୁହେଁ, ଗ୍ରେ ରଙ୍ଗର ଜ୍ୟାକେଟ ଏବଂ ହ୍ୱାଇଟ୍ ପ୍ୟାଣ୍ଟ ପିନ୍ଧିଥିବା ରଣବୀର ସେଲ୍‌ଫି ମଧ ନେଇଥିଲେ। ହେଲେ କାହା ସହ ଜାଣନ୍ତି? ଆକାଶରେ ପଡ଼ିଥିବା ଇନ୍ଦ୍ରଧନୁ ସହ। ସେହି ଫଟୋଗୁଡିକୁ ସେ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ତାଙ୍କର ପ୍ରଶଂସକମାନେ ସେଗୁଡିକୁ ବେଶ୍ ପ୍ରଶଂସା କରିଛନ୍ତି।



# ଶାହରୁଖ-ଦିଲୀପ-ଅମିତାଭ

କଳାକାରଙ୍କ ଜୀବନରେ ପୁରସ୍କାର ସ୍ମୃତି ହୋଇ ରହିଥାଏ। କେତେକ ପୁରସ୍କାରକୁ ସେମାନେ ସାରାଜୀବନ ମନେ ରଖିଥାଆନ୍ତି। ବଲିଉଡ୍‌ର ଅନ୍ୟତମ ସମ୍ମାନ୍‌ଜନକ ପୁରସ୍କାର ହେଲା ଫିଲ୍ମ ଫେୟାର ପୁରସ୍କାର। ଉଭୟ ଶାହରୁଖ ଏବଂ ଦିଲୀପ କୁମାର ଏହି ପୁରସ୍କାରକୁ ୮ଥର ଲେଖାଏ ପାଇଛନ୍ତି, ଯାହା ଏକ ରେକର୍ଡ। ଅପରପକ୍ଷରେ ଉକ୍ତ ପୁରସ୍କାର ପାଇଁ ମିଲେନିୟମ ଷ୍ଟାର ଅମିତାଭ ବଚ୍ଚନଙ୍କ ନାମ ସର୍ବାଧିକ ୩୦ଥର ସ୍ଥାନିତ ହୋଇଥିଲା।


ସନ୍ତୋଷ-ଲିଜା

- ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶନାରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ତୁ ମୋର ନିହାତି ଦରକାର'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଜ୍ୟୋତି ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ନବାଗତ ସନ୍ତୋଷ, ଲିଜା, ଲିଲି, ପିଣ୍ଟୁ ନନ୍ଦ, ସୁଧାକର, ଲିଲୁ ମିଶ୍ର, ବିଦୁସ୍ମିତା ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।
- ଅଶୋକ ପତିଙ୍କ ନିର୍ଦ୍ଦେଶନାରେ 'ମିଷ୍ଟର ମଜନୁ'ର ଶୁଟିଂ ଚାଲୁ ରହିଛି। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ବାବୁସାନ୍।
- ଓଡ଼ିଆ ସିନେମାରେ ପ୍ରଥମ ଥର ପାଇଁ ଅରିନ୍ଦମଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଶିବାନୀ। 'ବାବୁ ଭାଇଜାନ୍' ଟାଇଟଲ ବିଶିଷ୍ଟ ଏହି ବାୟୋପିକ୍‌ର ନିର୍ଦ୍ଦେଶନା ଦେଉଛନ୍ତି ତାପସ ସରଘରିଆ। ଫିଲ୍ମଟିର ଶୁଟିଂ ଏବେ ଚାଲୁ ରହିଛି।
- ରମେଶ ରାଉତଙ୍କ ନିର୍ଦ୍ଦେଶନାରେ ଏକ ନୂଆ ଓଡ଼ିଆ ସିନେମା 'ଅଟୋଗ୍ରାଫ' ଶୁଟିଂ ଚାଲୁ ରହିଛି। ଏଥିରେ ଦୀପକଙ୍କ ନାୟିକା ସାଜିଛନ୍ତି ନବାଗତା ସୁଶ୍ରୀ।
- ନିର୍ମାଣାଧୀନ ଓଡ଼ିଆ ସିନେମା 'ତୁ ଲୈଲା ମୁଁ ମଜନୁ'ରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଦେବରାଜ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଚିନ୍ମୟୀ ପ୍ରିୟଦର୍ଶିନୀ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ଏସ. ଦିଲୀପ ପଣ୍ଡା।

# ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରସଙ୍ଗ

ନିକଟରେ ୬୬ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷିତ ହୋଇଛି। ଏ ବର୍ଷ କୌଣସି ଓଡ଼ିଆ ଚଳଚ୍ଚିତ୍ର ଏହି ପୁରସ୍କାର ପାଇବାକୁ ସକ୍ଷମ ହୋଇନାହିଁ। ଆର୍ଥିକ ସମସ୍ୟା ସତ୍ତ୍ୱେ କେତେକ ପ୍ରଯୋଜକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଆଗଭର ହେଉଛନ୍ତି। ସେମାନଙ୍କ ସଂଖ୍ୟା ମଧ ଆଙ୍ଗୁଠି ଅଗରେ ଗଣି ହୋଇଯାଉଛି। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଏ ନେଇ ଚିନ୍ତା କରିବାର ସମୟ ଆସିଛି। ପୂର୍ବରୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଗୋଟିଏ କିମ୍ବା ଦୁଇଟି ଓଡ଼ିଆ ଚଳଚ୍ଚିତ୍ର ଭାଗ ନେଉଥିଲେ। କିନ୍ତୁ ଆଞ୍ଚଳିକ ଭାଷାରେ ନିର୍ମିତ ତଥା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ତାଲିକାଭୁକ୍ତ ଏପରି ସିନେମା ମଧ୍ୟରୁ ମାତ୍ର ଗୋଟିଏ ଚଳଚ୍ଚିତ୍ରକୁ ପୁରସ୍କାର ଦିଆଯାଉଥିଲା। ସେତେବେଳେ କ୍ୱଚିତ ନିର୍ଦ୍ଦେଶକ ଏପରି ସିନେମା ନିର୍ମାଣ ପାଇଁ କାର୍ଯ୍ୟ କରୁଥିଲେ।

ଓଡ଼ିଶାରୁ ଭଲ ସିନେମାର ନିର୍ଦ୍ଦେଶକ ଭାବରେ ନୀରଦ ମହାପାତ୍ର, ମନମୋହନ ମହାପାତ୍ର, ଗୌର ପ୍ରସାଦ ଘୋଷ, ପ୍ରଫୁଲ୍ଲ ମହାନ୍ତି, ସାଗିର ଅହମ୍ମଦ, ମୃଣାଳ ସେନ୍, ଅପୂର୍ବ କିଶୋର ବୀର, ସାଧୁ ମେହେର, ବିପ୍ଳବ ରାୟ ଚୌଧୁରୀ, ରାଜୁ ମିଶ୍ର, ସୁଶାନ୍ତ ମିଶ୍ର, ପ୍ରଣବ ଦାସ, ଘନଶ୍ୟାମ ମହାପାତ୍ର, ଶାନ୍ତନୁ ମିଶ୍ର, ପ୍ରଶାନ୍ତ ନନ୍ଦ, ଗୌରୀ ଶଙ୍କର ଦାସ, ସୁବାସ ଦାସ, ସବ୍ୟସାଚୀ ମହାପାତ୍ର, ହିମାଂଶୁ ଖଟୁଆ, ଦିଲ୍ଲୀପ ପଟ୍ଟନାୟକ, ଗଦାଦର ପୁଟ୍ଟି, ଚକ୍ରଧର ସାହୁ, ସମ୍ମିତ ମହାପାତ୍ର ପ୍ରମୁଖ କାମ କରିଛନ୍ତି। ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ କେବଳ ଭଲ ଭଲ ହିନ୍ଦୀ ସିନେମା ନୁହେଁ ତେଲୁଗୁ, ତାମିଲ, ବଙ୍ଗଳା ଆଦି ପ୍ରାନ୍ତୀୟ ଭାଷାରେ ନିର୍ମିତ ପୁରସ୍କାର ଜୁରୀ ସଦସ୍ୟଙ୍କୁ ପ୍ରଭାବିତ କରିଛି। ସେପରି ପରିବେଶରେ ଓଡ଼ିଆ ନିର୍ଦ୍ଦେଶକଙ୍କ ଦ୍ୱାରା ନିର୍ଦ୍ଦେଶିତ ସିନେମା ସେମାନଙ୍କ ଦ୍ୱାରା ପ୍ରଶଂସିତ ହୋଇ ପୁରସ୍କୃତ ମଧ ହୋଇଛି। ଭଲ ସିନେମାଟିଏ ନିର୍ମାଣ କଲେ ତାହା ପୁରସ୍କାର ପାଇଁ କେତେ ହକ୍‌ଦାର ତାହା କହିବା ବାହୁଲ୍ୟ। ଭଲ ସିନେମାଟିଏ ନିର୍ମାଣ ନ କରି ନିଷ୍ପତ୍ତିକୁ ଦାୟୀ କରିବା ଠିକ୍ ନୁହେଁ। ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଭାଗ ନେବା ପାଇଁ ଯେଉଁ ଭିତ୍ତିଭୂମି ଦରକାର ତାହା ଆମେ କରୁନାହୁଁ। କେବଳ କାମଚଳା ସିନେମାଟିଏ ନିର୍ମାଣ କଲେ ଚଳିବ ନାହିଁ, ତାହାର ନିର୍ମାଣଶୈଳୀ ଏପରି ହେବା ଦରକାର ଯାହା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇପାରିବ। ସାମ୍ପ୍ରତିକ ଘଟଣାକୁ ନେଇ ସିନେମାଟିଏ ପ୍ରସ୍ତୁତ କଲେ କ୍ଷତି କ'ଣ ? ଏଣ୍ଡୁତେଣ୍ଡୁ କାହାଣୀ ଚୟନ କରିବା ଅପେକ୍ଷା ଏପରି କାହାଣୀର ପ୍ରଭାବ ନିଶ୍ଚୟ ଅଧିକ ରହିବ। ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରତିଯୋଗିତାରେ ଭାଗ ନେଉଥିବା ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ପ୍ରାୟ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହୁଏନାହିଁ। ହେଲେ କେତେକ ପ୍ରଯୋଜକ ଏପରି ଚଳଚ୍ଚିତ୍ରକୁ ପ୍ରେକ୍ଷାଳୟରେ ପ୍ରଦର୍ଶିତ କରିବାର ନଜିର ରହିଛି।

ନୀରଦ ମହାପାତ୍ରଙ୍କ 'ମାୟା ମିରିଗ', ବିପ୍ଳବ ଚୌଧୁରୀଙ୍କ 'ଚିଲିକା ତୀରେ', ଇତି ମାନଙ୍କ ମଧ୍ୟରେ କ୍ୱଚିତ ନିର୍ଦ୍ଦେଶକ ଭଲ ସିନେମା ପ୍ରତି ଦରଦ ଥିଲେ ମଧ ସେମାନେ ଅର୍ଥାଭାବରୁ ନୀରବତା ଅବଲମ୍ବନ କରୁଛନ୍ତି। ତେଣୁ ଭଲ ଓଡ଼ିଆ ସିନେମାଟିଏ ପ୍ରସ୍ତୁତ ହୋଇପାରୁନାହିଁ ତା' ନୁହେଁ, ସେଗୁଡିକ ମଧ ଚଳଚ୍ଚିତ୍ର ପ୍ରତିଯୋଗିତାରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିପାରୁନାହିଁ। ଅଜୟ ରାଉତଙ୍କ 'ହ୍ୟାଲୋ ଆର୍ସି'କୁ ଦେଖିବା ପରେ ଜୁରୀ ଅଧକ୍ଷ ତଥା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିଥିବା ନିର୍ଦ୍ଦେଶକ ଶେଖର କପୁର ବେଶ୍ ପ୍ରଶଂସା କରିଥିଲେ। ଜାତୀୟ ପୁରସ୍କାରର ମର୍ଯ୍ୟାଦା ରହିଛି। ଜାତୀୟ ସ୍ତରରେ ପାର୍ଶ୍ୱ ଅଭିନେତ୍ରୀ ଭାବରେ ମଞ୍ଜୁଳା କୁଅଁର 'ଭଙ୍ଗା ସିଲଟ' ଚଳଚ୍ଚିତ୍ର ପାଇଁ ପୁରସ୍କୃତ ହୋଇଥିଲେ। ସେହି ବର୍ଷ ସଂସ୍କୃତ ଭାଷାରେ ନିର୍ମିତ ଚଳଚ୍ଚିତ୍ର ତଥା ଜେ.ଭି. ଆୟାରଙ୍କ 'ଆଦି ଶଙ୍କରାଚାର୍ଯ୍ୟ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଜୁରୀମାନଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବା ବଡ଼ କଥା। ପାସ୍-ଫେଲ୍‌କୁ ହିସାବ ନ କରି ଏପରି ଓଡ଼ିଆ ସିନେମାଟିଏ ନିର୍ମାଣ କରାଯାଉ, ଯାହା ଜାତୀୟ ସ୍ତରରେ ବେଶ୍ ପ୍ରଶଂସିତ ହେବା ସହ ସଫଳତା ହାସଲ କରିବ।


ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର 'ହ୍ୟାଲୋ ଆର୍ସି'ରେ ପାର୍ଥସାରଥି ରାୟ-ପ୍ରକୃତି ମିଶ୍ର

ସାମନ୍ତଙ୍କ ପ୍ରଯୋଜିତ ଏବଂ ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶିତ 'କଥାନ୍ତର' ଏବଂ 'କ୍ରାନ୍ତିଧାରା', ଗଦାଧର ପୁଟ୍ଟିଙ୍କ 'ପୂଜା ପାଇଁ ଫୁଲଟିଏ', ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜିତ ଏବଂ ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ 'ଜୀଅନ୍ତା ଭୂତ' ଏବଂ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ଶଳାବୁଢ଼ା' ଆଦି ଅନ୍ତର୍ଭୁକ୍ତ।

ଓଡ଼ିଆ ଚଳଚ୍ଚିତ୍ରରେ ଓଡ଼ିଆ ନିର୍ଦ୍ଦେଶକ

*-ଦିଲୀପ ହାଲି, ସମ୍ପାଦକ, ଓଡ଼ିଶା ସିନେ କ୍ରିଟିକ ଆସୋସିଏଶନ, ବଡ଼ଗଡ଼, ଭୁବନେଶ୍ୱର, ମୋ : ୯୮୬୧୦୦୯୨୫୨*

ସରକାର କେମିକାଲ ଆମଦାନୀ ହ୍ରାସ କରି ଦେଶକୁ ଉତ୍ପାଦନ ହବ୍ ଭାବେ ତିଆରି କରିବାକୁ ଚାହୁଁଛନ୍ତି। କେମିକାଲ ଆମଦାନୀ ବୃଦ୍ଧି ପାଇବା ଚିନ୍ତାଜନକ।
– ପି.ରାଘବେନ୍ଦ୍ର ରାଓ, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ ସଚିବ



ୱାନ୍‌ପ୍ଲସ୍ ସେପ୍ଟେମ୍ବରରେ ସ୍ମାର୍ଟ ଟିଭି ଦେଶରେ ପ୍ରଚଳନ କରିବ। ଭାରତରେ ପ୍ରଥମେ ଏହାକୁ ଲଞ୍ଚ କରାଯିବ। ଟିଭି ମୂଲ୍ୟ ସମ୍ପର୍କରେ ଏବେ କହିବା ଉଚିତ୍ ହେବ ନାହିଁ।
– ପିଟ୍ ଲଉ, ୱାନପ୍ଲସ୍ ସିଇଓ



## ସଂକ୍ଷେପରେ

### ସୁନା @ ୩୮,୮୨୦ ଟଙ୍କା

ନୂଆଦିଲ୍ଲୀ,୨୧-୮: ସୁନା ଓ ରୁପା ଦର କ୍ରମାଗତ ରେକର୍ଡ କରିଚାଲିଛି। ଦୈନିକ ଏହା ନୂଆ ସର୍ବୋଚ୍ଚ ସ୍ତର ପାର୍ କରୁଛି। ବୁଧବାର ବଜାର ବନ୍ଦ ହେବା ବେଳକୁ ସୁନା ଦର ପ୍ରତି ୧୦ ଗ୍ରାମ୍ ୩୮,୮୨୦ ଟଙ୍କା ରହିଛି। ସେହିପରି ରୁପା ଦର ପୁନର୍ବାର ୪୫ ହଜାର ଟଙ୍କା ଅତିକ୍ରମ କରିଛି। ଗହଣା ନିର୍ମାତାଙ୍କ ପକ୍ଷରୁ ଚାହିଦା ବୃଦ୍ଧି କାରଣରୁ ଦେଶରେ ଏହି ଦୁଇ ମୂଲ୍ୟବାନ ଧାତୁର ଦର ହୁହୁ ହୋଇ ବଢ଼ିଚାଲିଛି। ତେବେ ବୁଧବାର ବିଶ୍ୱ ବଜାରରେ ଏହି ଦୁଇ ଧାତୁର ଦର କମିଛି। ଦିଲ୍ଲୀ ସର୍ରାଫା ବଜାରରେ ସୁନା ପ୍ରତି ୧୦ ଗ୍ରାମ୍ ୫୦ ଟଙ୍କା ବୃଦ୍ଧି ପାଇ ୩୮,୮୨୦ ଟଙ୍କା ହୋଇଛି। ସେହିପରି ରୁପା ଦର ପ୍ରତି କେଜି ୧୧୪୦ ଟଙ୍କା ବଢ଼ି ୪୫,୦୪୦ ଟଙ୍କାରେ ପହଞ୍ଚିଛି।

### ଏଫ୍‌ପିଆଇଙ୍କ ଲାଗି ନିୟମ କୋହଳ କଲା ସେବି

ମୁମ୍ବାଇ,୨୧-୮: ସିକ୍ୟୁରିଟିଜ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି) ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ଲାଗି ବୁଧବାର ନିୟାମକୀୟ ବ୍ୟବସ୍ଥା କୋହଳ କରିଛି। କେୱାଇସି(ନିଜର ଗ୍ରାହକଙ୍କୁ ଜାଣନ୍ତୁ) ନିୟମକୁ ଷ୍ଟକ ମାର୍କେଟ ନିୟନ୍ତ୍ରକ ସରଳ କରାଯାଇଛି। ଏଥିସହିତ ବଜାର ବାହାରେ ପ୍ରତିଭୂତି ନେଣଦେଣକୁ ଅନୁମତି ଦିଆଯାଇଛି। ସେବି ବୋର୍ଡ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏଫ୍‌ପିଆଇଙ୍କ ଲାଗି ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିବା ସହ ଏହାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଉକ୍ତ ପଦକ୍ଷେପ ନିଆଯିବ। ନୂଆ ବ୍ୟବସ୍ଥା ଅନୁଯାୟୀ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କୁ ୩ ବଦଳରେ ୨ ଶ୍ରେଣୀରେ ବଣ୍ଟାଯିବ। ସେବି ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ କେୱାଇସି ଲାଗି ଦସ୍ତାବିଜ କାମକୁ ଆହୁରି ସରଳ କରାଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର ଏଚ୍.ଆର୍.ଖାନଙ୍କ ଅଧକ୍ଷତାରେ ଗଠିତ କମିଟିର ସୁପାରିସ୍ ଆଧାରରେ ଏଫ୍‌ପିଆଇ ନିୟମକୁ କୋହଳ କରାଯାଇଛି। ବିଦେଶରେ ଜାରି ଡେରିଭେଟିଭ ଉତ୍ପାଦର ସବ୍‌ସ୍କ୍ରିପଶନ ଓ ଜାରି କରିବାର ଆବଶ୍ୟକତାକୁ ମଧ ତର୍କସଙ୍ଗତ କରାଯାଇଛି। ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଉପସ୍ଥାପିତ ବିଦେଶୀ ପାଣ୍ଠିକୁ ଏଫ୍‌ପିଆଇ ରୂପରେ ପଞ୍ଜୀକରଣ କରିବା ପରେ ଦେଶରେ ନିବେଶ କରିବାକୁ ଅନୁମତି ଦିଆଯିବ।

### ବିକିନି ଏୟାରଲାଇନର ୯ଟଙ୍କାରେ ଉଡ଼ାଣ

ନୂଆଦିଲ୍ଲୀ,୨୧-୮: ସାରା ବିଶ୍ୱରେ 'ବିକିନି ଏୟାରଲାଇନ'ଭାବେ ଖ୍ୟାତ ଭିଏତନାମର ବଜେଟ ଏୟାରଲାଇନ ବିୟତଜେଟ ଚଳିତବର୍ଷ ଡିସେମ୍ବରରୁ ଭାରତରେ ନିଜର ପାଦ ଥାପିବାକୁ ଯାଉଛି। ଏହି ଏୟାରଲାଇନ କମ୍ପାନୀ ନୂଆଦିଲ୍ଲୀରୁ ହୋ ଚିନ୍ ମିନ୍ ସିଟି ମଧରେ ଡିସେମ୍ବର ୬ରୁ ବିମାନ ଉଡ଼ାଣ ଆରମ୍ଭ କରିବ। ୨୦୧୧ରେ ଉକ୍ତ ଏୟାରଲାଇନ କମ୍ପାନୀର ସମସ୍ତ କ୍ରୁ ସଦସ୍ୟ ବିକିନି ପିନ୍ଧିଥିବା ନେଇ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହାକୁ ନେଇ ସେତେବେଳେ ସାରା ବିଶ୍ୱରେ ଚର୍ଚ୍ଚା ହୋଇଥିଲା। ବିୟତଜେଟ୍ ଚଳିତମାସ ୨୦ରୁ ୨୨ ମଧରେ ସ୍ପେଶାଲ ପ୍ରମୋଶନ 'ଥ୍ରୀ ଗୋଲ୍ଡେନ ଡେଜ' ବେଳେ ସୁପର ସେଭିଙ୍ଗ୍ସ ଟିକେଟ ଅଫର କରୁଛି। ଏହାର ମୂଲ୍ୟ ମାତ୍ର ୯ ଟଙ୍କା ରହିଛି। ଡିସେମ୍ବର ୬ରୁ ନୂଆଦିଲ୍ଲୀ ଓ ହୋ ଚିନ୍ ମିନ୍ ମଧରେ ସପ୍ତାହରେ ୪ ଫ୍ଲାଇଟ ଓ ଡିସେମ୍ବର ୭ରୁ ହନୋଇ-ନୂଆଦିଲ୍ଲୀ ମଧରେ ସପ୍ତାହକୁ ୩ ଫ୍ଲାଇଟ୍ ଚଳାଚଳ କରିବ। ଉଲ୍ଲେଖନୀୟ ଯେ, ଆସନ୍ତା ଅକ୍ଟୋବରରୁ ଇଣ୍ଡିଗୋ ହୋ ଚିନ୍ ମିନ୍-କୋଲକାତା ମଧରେ ବିମାନ ଉଡ଼ାଣ ସେବା ଆରମ୍ଭ କରିବାକୁ ଯାଉଛି।

### ସିସିଡିର ଅଂଶଧନ କିଣିପାରେ ଆଇଟିସି

ନୂଆଦିଲ୍ଲୀ,୨୧-୮: ଏସିଆର ସର୍ବବୃହତ୍ ସିଗାରେଟ ନିର୍ମାତା ତଥା ଭାରତର ଅନ୍ୟତମ ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ଇଣ୍ଡିଆନ ଟବାକୋ କମ୍ପାନୀ (ଆଇଟିସି) ଏବେ କ୍ୟାଫେ କଫି ଡେ(ସିସିଡି)ର ଅଂଶଧନ କିଣିପାରେ ବୋଲି ମିଡିଆରେ ଚର୍ଚ୍ଚା ହେଉଛି। ତେବେ ଏ ସଂକ୍ରାନ୍ତରେ ଆଲୋଚନା ପ୍ରକ୍ରିୟା ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଥିବା କୁହାଯାଉଥିଲେ ହେଁ କମ୍ପାନୀ ମୁଖପାତ୍ର କୌଣସି ଅଗ୍ରଗତି ହୋଇ ନ ଥିବା କହିଛନ୍ତି।

# ଦରମା ବଢ଼ାଇବାରେ ଘରୋଇ କମ୍ପାନୀ କୁଣ୍ଠିତ



ନୂଆଦିଲ୍ଲୀ,୨୧-୮: ଚଳିତ ବର୍ଷ କମ୍ ଲୋକଙ୍କ ଦରମା ସେମାନଙ୍କ ମନମୁତାବକ ବଢ଼ିଛି। ଅର୍ଥନୀତିର ଅବସ୍ଥା ବିଗିଡ଼ିଯିବା କାରଣରୁ ଚଳିତ ବର୍ଷ ଘରୋଇ କମ୍ପାନୀଗୁଡ଼ିକ ହାତ ଖୋଲା ଦରମା ବଢ଼ାଇନାହାନ୍ତି। ସେଣ୍ଟର ଫର୍ ମନିଟରିଂ ଅଫ୍ ଇଣ୍ଡିଆନ ଇକୋନୋମୀ(ସିଏମ୍‌ଆଇଇ) ତଥ୍ୟରୁ ଜଣାପଡୁଛି ଯେ, ଘରୋଇ ସେକ୍ଟରରେ ଚଳିତ ବର୍ଷ ଦରମା ବୃଦ୍ଧି ୧୦ ବର୍ଷର ସର୍ବନିମ୍ନ ସ୍ତରରେ ରହିଛି। ସିଏମ୍‌ଆଇଇ ଡାଟାବେସ୍‌ର ବିଶ୍ଳେଷଣରୁ ଜଣାପଡିଛି ଯେ, ଆୟ ହ୍ରାସ ପାଇବା କାରଣରୁ ଘରୋଇ ସେକ୍ଟରରେ ଦରମା ବୃଦ୍ଧି ଉତ୍ସାହଜନକ ନୁହେଁ। ଏହା ୨୦୦୯-୧୦ ପରେ ସବୁଠାରୁ ଖରାପ ସ୍ଥିତି ରହିଛି। ଏଥିସହିତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ପ୍ରାସଙ୍ଗିକ ଡାଟା ଭାରତୀୟ ଅର୍ଥନୀତି ଏବଂ କମ୍ପାନୀଗୁଡ଼ିକରେ କାମ କରୁଥିବା କର୍ମଚାରୀଙ୍କ ସ୍ପଷ୍ଟ ଚିତ୍ର ଉଜାଗର କରୁଛି।

### ବେକାରି ସଂଖ୍ୟା ଦୁଇଗୁଣା ବଢ଼ିଛି

ପିଏଲ୍‌ଏଫ୍‌ଏସ୍‌ର ରିପୋର୍ଟ ଅନୁଯାୟୀ, ୨୦୧୧-୧୨ ବର୍ଷରେ ବେକାରି ସଂଖ୍ୟା ୧.୦୮ କୋଟି ଥିଲା, ଯାହା କି ୨୦୧୭-୧୮ରେ ଦୁଇଗୁଣା ବଢ଼ି ୨.୮୫ କୋଟିରେ ପହଞ୍ଚିଗଲାଣି। ୧୯୯୯-୨୦୦୦ ତଥା ୨୦୧୧-୧୨ ମଧରେ ବେକାରି ସଂଖ୍ୟା ପ୍ରାୟ ୧ କୋଟି ଥିଲା। ବର୍ଷ ୨୦୧୧-୧୨ ରୁ ୨୦୧୭-୧୮ ମଧରେ ୧.୮ କୋଟି ଶ୍ରମ ବଳଙ୍କୁ ସାମିଲ କରାଯାଇଥିଲା। ଏହି ସମୟରେ ମାତ୍ର ୫ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିଥିଲା। ଯାହାକୁ ବେକାରି ବୃଦ୍ଧିର ସବୁଠାରୁ ବଡ଼ କାରଣ କୁହାଯାଉଛି।

### ଧିମା ଅର୍ଥନୀତି ଦରମା ବୃଦ୍ଧିରେ ବାଧକ

ସିଏମ୍‌ଆଇଇର ଡାଟା ମୁତାବକ, ଦେଶରେ କାରବାର ଧିମା ପଡିବା କାରଣରୁ କର୍ପୋରେଟ ଇଣ୍ଡିଆର ଦରମା ବୃଦ୍ଧିରେ ବଡ଼ ବାଧକ ହୋଇଛି। ଡାଟା ଅନୁଯାୟୀ, ବର୍ଷ ୨୦୧୨-୧୩ ପରେ ୪ ଆର୍ଥିକ ବର୍ଷରେ କମ୍ପାନୀଗୁଡ଼ିକର ଆୟ ହ୍ରାସ ପାଇଛି।

### ଅର୍ଥନୀତିକୁ ଦୋହରା ଝଟକା

ବେକାରି ବୃଦ୍ଧି ସହିତ ଦରମା କମ୍ ବଢ଼ିବା ଦେଶର ରୋଜଗାର ଦୃଶ୍ୟପଟ ଦେଖିଲେ ଅର୍ଥନୀତିକୁ ଦୋହରା ଝଟ୍‌କା ଦେଇଛି। ପିରିଓଡିକ୍ ଲେବର ଫୋର୍ସ ସର୍ଭେ ୨୦୧୭-୧୮ ଅନୁଯାୟୀ ଦେଶରେ ବେକାରି ହାର ବର୍ତ୍ତମାନ ୬.୧% ରହିଛି, ଯାହା କି ଅଦ୍ୟାବଧି ସର୍ବାଧିକ ସ୍ତର କୁହାଯାଉଛି। ବର୍ତ୍ତମାନ ପୁରୁଷଙ୍କ ବେକାରି ୧୯୭୭-୭୮ ପରେ ସର୍ବାଧିକ ଉଚ୍ଚ ସ୍ତରରେ ରହିଛି ଓ ୧୯୮୩ ପରେ ମହିଳାଙ୍କ କ୍ଷେତ୍ରରେ ସର୍ବୋଚ୍ଚ ସ୍ତରରେ ରହିଛି। ଅନ୍ୟପକ୍ଷରେ କେୟାର ରେଟିଂର ସର୍ଭେ ଅନୁଯାୟୀ, ଦେଶରେ ନିଯୁକ୍ତି ଦୃଶ୍ୟପଟ ଦିନକୁ ଦିନ ଖରାପ ହୋଇଚାଲିଛି। ଏହାକୁ ଗ୍ରହଣ କରାଗଲେ ଅର୍ଥନୀତି ଲାଗି ଏହା ତୃତୀୟ ଝଟ୍‌କା କୁହାଯାଇପାରେ।

### ରୋଜଗାର ଦୃଶ୍ୟପଟ ଅସ୍ପଷ୍ଟ

ବ୍ୟାଙ୍କ, ବୀମା, ଅଟୋମୋବାଇଲ, ଲଜିଷ୍ଟିକ୍ସ ଓ ଇନ୍‌ଫ୍ରାଷ୍ଟ୍ରକ୍ଚର କମ୍ପାନୀଗୁଡ଼ିକ ନିଯୁକ୍ତି ସଂଖ୍ୟା ହ୍ରାସ କରିସାରିଛନ୍ତି। ଅଧିକାଂଶ ସେକ୍ଟରରେ ଭର୍ତ୍ତି ଗତିବିଧି ଧିମା ହୋଇଗଲାଣି। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଦେଶରେ ନିଯୁକ୍ତି ଦୃଶ୍ୟପଟ ବେଶ୍ ଅସ୍ପଷ୍ଟ ହୋଇଛି।

# ଓଡ଼ିଶା ବଜାରରେ ହ୍ୟୁଣ୍ଡାଇ ଇଲେକ୍ଟ୍ରୋନିକ୍ସ



ପ୍ରଡକ୍ଟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କମ୍ପାନୀର ବରିଷ୍ଠ ଅଧିକାରୀ।

ଭୁବନେଶ୍ୱର, ୨୧-୮(ବ୍ୟୁରୋ)

ହ୍ୟୁଣ୍ଡାଇ ଇଲେକ୍ଟ୍ରୋନିକ୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ଓଡ଼ିଶା ବଜାରରେ ଏହାର ପ୍ରଡକ୍ଟଗୁଡିକର ଶୁଭାରମ୍ଭ ଘୋଷଣା କରାଯାଇଛି। କମ୍ପାନୀର ଚିଫ୍ ଅପରେଟିଂ ଅଫିସର (ସିଓଓ) ଅଭିଷେକ ମାଲପାନି, ବିତରକ ପପୁ ହଂସ ଏବଂ କମ୍ପାନୀର ଜୋନାଲ ପ୍ରବନ୍ଧକ ରାହୁଲ ଛିବେର ପ୍ରଡକ୍ଟଗୁଡିକୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଜାର ପ୍ରବେଶ କରାଇଛନ୍ତି। କମ୍ପାନୀ ପ୍ରାଥମିକ ପର୍ଯ୍ୟାୟରେ ୪ଟି ବର୍ଗରେ ଏହାର ପ୍ରଡକ୍ଟ ଆଣିଛି। ଏହା ମଧରେ ଟିଭି, ରେଫ୍ରିଜରେଟର, ୱାଶିଂମେଶିନ ଏବଂ ଏସି ରହିଛି। ଆଗାମୀ ଦିନରେ ଅଧିକ ପ୍ରଡକ୍ଟ ଆଣିବା ନେଇ କମ୍ପାନୀ ଲକ୍ଷ୍ୟଧାର୍ଯ୍ୟ କରିଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଡିଲରମାନେ ଯୋଗଦେଇଥିଲେ। ସେହିଭଳି କମ୍ପାନୀର ପ୍ରଡକ୍ଟ ଏହି ଅବସରରେ ପ୍ରଦର୍ଶନ କରାଯାଇଥିଲା। ହ୍ୟୁଣ୍ଡାଇ କର୍ପୋରେଶନ ଘରୋଇ ବଜାରରେ ଏହାର ଗାଡି ସେଗମେଣ୍ଟ ଲାଗି ଲୋକଙ୍କ ମଧରେ ବେଶ ପରିଚିତ ଥିବା ବେଳେ ଏହି ନୂଆ ସେଗମେଣ୍ଟରେ ଆସିଥିବାରୁ ବେଶ୍ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ରହିଥିବା ବିତରକ ପପୁ ହଂସ କହିଛନ୍ତି।

# ଗୁଜରାଟ ହୀରା କାରବାର ମାନ୍ଦା, ୧୫% ନିଯୁକ୍ତି ହ୍ରାସ

ନୂଆଦିଲ୍ଲୀ,୨୧-୮

ଆମେରିକା ଓ ଚାଇନା ମଧରେ ଆରମ୍ଭ ହୋଇଥିବା ଟ୍ରେଡ୍ ୱାର୍ ପ୍ରଭାବ ଏବେ ଧୀରେ ଧୀରେ ଦୁଇଦେଶର ସୀମାସରହଦ ଅତିକ୍ରମ କରି ଅନ୍ୟ ଦେଶର ବାଣିଜ୍ୟକୁ ପ୍ରଭାବିତ କରିବା ଆରମ୍ଭ କରିଛି। ଭାରତ ମଧ ଏଥିରୁ ଅଛୁଆଁ ରହିନାହିଁ। ଗୁଜରାଟର ହୀରା କାରବାର ଉପରେ ଟ୍ରେଡଖ ୱାର୍‌ର ବେଶ୍ ପ୍ରଭାବ ପଡିଛି। ଫଳରେ ଚାଇନା ଓ ପଶ୍ଚିମ ଏସିଆ ଦେଶଗୁଡ଼ିକରେ ହୀର ଚାହିଦା ହ୍ରାସ ପାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସ ମଧରେ ଗୁଜରାଟର ଡାଏମଣ୍ଡ କଟିଂ ଓ ପଲିସିଂ କାରବାରରେ ୧୦ରୁ ୧୫ ପ୍ରତିଶତ ନିଯୁକ୍ତି ହ୍ରାସ ପାଇଛି। ଚାହିଦା କମିବା କାରଣରୁ ପରିଷ୍କୃତ ହୀରା ମୂଲ୍ୟ ୬ରୁ୧୦ ପ୍ରତିଶତ କମିଯାଇଛି। ଆଗାମୀ ଦିନରେ ଚାହିଦା ବଢ଼ିବାର କୌଣସି ସମ୍ଭାବନା ନାହିଁ ବୋଲି ହୀରା ଉଦ୍ୟୋଗ ଜଗତରେ ମତପ୍ରକାଶ ପାଇଛି।

ଜେମ୍ସ ଆଣ୍ଡ ଜୁଏଲେରୀ କାଉନସିଲ ଉପାଧକ୍ଷ କଲିନ ଶାହ କହିଛନ୍ତି ଯେ, ହୀରା ଉଦ୍ୟୋଗରେ ନିଯୁକ୍ତି ୧୫% ହ୍ରାସ ପାଇସାରିଲାଣି। ଏହାର ପ୍ରଭାବ ସୁରଟ, ଅମରୋଲିର ଛୋଟ କେନ୍ଦ୍ର ଓ ଭାବନଗରରେ ଦେଖିବାକୁ ମିଳୁଛି। ବିଶ୍ୱରେ ଚାହିଦାର ଅଭାବ କାରଣରୁ ନଗଦ ସଙ୍କଟ ଦେଖାଦେଇଛି। ଆମେରିକା ଓ ୟୁରୋପରେ ଚାହିଦା କମିଥିବା ବେଳେ ଚାଇନାରେ ଏହା ୧୫ରୁ ୨୦ ପ୍ରତିଶତ କମିଛି। ଗଲ୍ଫ ଦେଶରେ ମଧ ଚାହିଦା ବଢୁନାହିଁ। ଟ୍ରେଡ ୱାର କାରଣରୁ ଜୁଲାଇରେ କଟ ଆଣ୍ଡ ପଲିସଡ ହୀରା ରପ୍ତାନି ଗତବର୍ଷ ତୁଳନାରେ ୧୮.୧୫ ପ୍ରତିଶତ କମିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ରପ୍ତାନୀ ୧୫.୧୧ ପ୍ରତିଶତ ହ୍ରାସ ପାଇଛି। ଏହି ଅବଧିରେ ଜେମ୍ସ ଆଣ୍ଡ ଜୁଏଲେରି ରପ୍ତାନି ୬.୬୭ ପ୍ରତିଶତ କମିଛି।

# ଜିଏସ୍‌ଟି ମାଡ଼ର ପ୍ରଭାବ
# ୧୦ ହଜାର କର୍ମଚାରୀ ଛଟେଇ କରିବ ପାର୍ଲେ ଜି

ନୂଆଦିଲ୍ଲୀ,୨୧-୮

ଭାରତର ଅର୍ଥନୀତି ଧିମା ହେବାର ପ୍ରଭାବ ଏବେ ଦେଶର ସର୍ବବୃହତ୍ ବିସ୍କୁଟ ନିର୍ମାତା କମ୍ପାନୀ ପାର୍ଲେ ଜି ଉପରେ ପଡିଛି। ଏହି କାରଣରୁ ଆଗାମୀ ଦିନରେ କମ୍ପାନୀ ପ୍ରାୟ ୧୦ ହଜାର କର୍ମଚାରୀଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଛି।

କମ୍ପାନୀର କ୍ୟାଟେଗରି ମୁଖ୍ୟ ମୟଙ୍କ ଶାହ କହିଛନ୍ତି ଯେ, ଦେଶରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଲାଗୁ ହେବା ପରେ ବିସ୍କୁଟ ଉଦ୍ୟୋଗ ଧିମା ହୋଇଯାଇଛି। ବିସ୍କୁଟ୍ ଉପରୁ ଜିଏସ୍‌ଟି କମାଇବା ଲାଗି ସରକାରଙ୍କ ବାରମ୍ବାର କୁହାଯାଇଛି। ସରକାର ବିସ୍କୁଟ ଉଦ୍ୟୋଗ ଜଗତର ଗୁହାରି ନ ଶୁଣିଲେ କମ୍ପାନୀ ନିକଟରେ ଆଉ କୌଣସି ବିକଳ୍ପ ରହିବ ନାହିଁ। ବାଧ ହୋଇ କମ୍ପାନୀ ଆଗାମୀ ଦିନରେ ୮ରୁ ୧୦ ହଜାର କର୍ମଚାରୀଙ୍କୁ ଛଟେଇ କରିବ। ଶାହ କହିଛନ୍ତି ଯେ, ୧୦୦ ଟଙ୍କା ପ୍ରତି କେଜି ମୂଲ୍ୟ ଥିବା ବିସ୍କୁଟ ଉପରେ ଜିଏସ୍‌ଟି ହ୍ରାସ ଲାଗି ସରକାରଙ୍କୁ ଅନୁରୋଧ କରାଯାଇଛି। ବାସ୍ତବରେ ଜିଏସ୍‌ଟି ଲାଗୁ ହେବା ପୂର୍ବରୁ ୧୦୦ ଟଙ୍କା ପ୍ରତି କେଜିରୁ କମ୍ ମୂଲ୍ୟର ବିସ୍କୁଟ ଉପରେ ୧୨% ଟିକସ ଆଦାୟ ହେଉଥିଲା। କିନ୍ତୁ ସରକାର ଦୁଇ ବର୍ଷ ପୂର୍ବେ ଲାଗୁ କରିଥିବା ଜିଏସ୍‌ଟିରେ ୧୮ ପ୍ରତିଶତ ଟିକସ ଆଦାୟ କରାଯାଉଛି। ୫ ଟଙ୍କାର ପ୍ୟାକେଟ ଉପରେ ଅଧିକ ଜିଏସ୍‌ଟି ଲାଗୁ ହେଉଛି। ଫଳରେ ବିସ୍କୁଟ କମ୍ପାନୀଗୁଡ଼ିକ ଦର ବଢ଼ାଇବାକୁ ବାଧ ହୋଇଛନ୍ତି। ଦରକୁ ନେଇ ଭାରତୀୟ ଗ୍ରାହକ ଅତ୍ୟନ୍ତ ସମ୍ବେଦନଶୀଳ। ସେମାନେ ଗୋଟିଏ ପ୍ୟାକେଟରେ ଥିବା ବିସ୍କୁଟ ଗଣୁଛନ୍ତି। ଦରବୃଦ୍ଧି କାରଣରୁ ବିକ୍ରି ଦିନକୁ ଦିନ ହ୍ରାସ ପାଇଚାଲିଛି। ସୂଚନାଥାଉ କି, ୯୦ ବର୍ଷ ପୁରୁଣା ପାର୍ଲେ ଜିର ନିଜସ୍ୱ ୧୦ କାରଖାନା ରହିଥିବା ବେଳେ ସାରା ଦେଶରେ କଣ୍ଟ୍ରାକ୍ଟରେ ୧୨୫ କାରଖାନା ରହିଛି। ଏଥିରେ ପ୍ରାୟ ୧ ଲକ୍ଷ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। କମ୍ପାନୀର ବାର୍ଷିକ ରାଜସ୍ୱ କାରବାର ପ୍ରାୟ ୯୯୪୦ କୋଟି ଟଙ୍କା ରହିଛି। ଉଲ୍ଲେଖଥାଉ କି, ନିକଟରେ ପାର୍ଲେର ବଡ଼ ପ୍ରତିଦ୍ୱନ୍ଦ୍ୱୀ ବ୍ରିଟାନିଆ ଇଣ୍ଡଷ୍ଟ୍ରିଜର ଏମ୍‌ଡି ବରୁଣ ବେରୀ ମଧ ବିସ୍କୁଟ ବିକ୍ରି ହ୍ରାସ ପାଉଥିବା ସ୍ୱୀକାର କରିଥିଲେ। ସେ କହିଥିଲେ ଯେ, ଦରବୃଦ୍ଧି କାରଣରୁ ଲୋକେ ୫ ଟଙ୍କାର ବିସ୍କୁଟ ପ୍ୟାକେଟ ମଧ କିଣିବାକୁ ଚାହୁଁନାହାନ୍ତି। ବ୍ରିଟାନିଆର କାରବାର ଅଭିବୃଦ୍ଧି ମାତ୍ର ୬% ରହିଛି। ମାର୍କେଟ ରିସର୍ଚ୍ଚ ଫାର୍ମ ନିଲସେନ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ କୁହାଯାଇଥିଲା ଯେ, ଆର୍ଥିକ ମାନ୍ଦାବସ୍ଥା କାରଣରୁ କଞ୍ଜ୍ୟୁମର ଗୁଡ୍ସ ଉଦ୍ୟୋଗ ଧିମା ହେଲାଣି।




- ବିସ୍କୁଟରେ ନିଆଯାଉଛି ୧୮% ଜିଏସ୍‌ଟି
- ୫ ଟଙ୍କିଆ ପ୍ୟାକେଟ୍ କିଣିବାକୁ ଗ୍ରାହକ ଅରାଜି
- ଜିଏସ୍‌ଟି ପୂର୍ବରୁ ୧୨% ଟିକସ ନିଆଯାଉଥିଲା

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM],CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧମରେ ପଚାରି ପାରିବେ।

# ଇପିଏସ୍ ସ୍କିମ୍‌ର ସୁବିଧାକୁ ଅଣଦେଖା କରନ୍ତୁନି

**ପିଏଫ୍ ଆକାଉଣ୍ଟରୁ ସବୁ ଟଙ୍କା ଉଠାଣ କରିସାରିଛି। ଏ କ୍ଷେତ୍ରରେ ପେନ୍‌ସନ୍ ପାଇବାକୁ ମୁଁ ଯୋଗ୍ୟ କି ? ମୋର ପେନ୍‌ସନ ଟଙ୍କା କେତେ ହେବ?**

**–ଆର୍.କେ. ବର୍ମା, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର**

● କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ରୁ ପେନ୍‌ସନ ପାଇବାକୁ ହେଲେ ପ୍ରତ୍ୟେକ ମାସରେ ନିଜର ଦରମାରୁ ଇପିଏଫ୍ କିସ୍ତି ସଞ୍ଚୟ କରିବାକୁ ପଡ଼ିବ। ଜଣେ ବ୍ୟକ୍ତି ଇପିଏଫ୍ ସ୍କିମ୍‌ରୁ ପେନ୍‌ସନ ପାଇବା ପାଇଁ ସେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନର ଜଣେ ସଦସ୍ୟ ହୋଇଥିବା ଦରକାର। ସେହିଭଳି ଅନ୍ତତଃ ପକ୍ଷେ ୧୦ ବର୍ଷ ପର୍ଯ୍ୟନ୍ତ ଚାକିରି କରିଥିବେ। ଏହା ସହିତ ଇପିଏଫ୍ ମାସିକ କିସ୍ତି ସଞ୍ଚୟ କରିଥିବେ ବା ଇପିଏଫ୍ ଆକାଉଣ୍ଟରେ ଜମା କରିଥିବେ। ଇପିଏଫ୍ ସ୍କିମ୍ ଭିତରେ କର୍ମଚାରୀ ପେନ୍‌ସନ୍ ସ୍କିମ୍ (ଇପିଏସ୍) ଅଛି। ସାର୍ଟିଫିକେଟ ବ୍ୟବହାର କରି ଆପଣ ନିଜର ପେନ୍‌ସନ ୫୮ କିମ୍ବା ୫୦ ବର୍ଷରୁ ପାଇପାରିବେ। ଯଦି ଆପଣ ୫୮ ବର୍ଷ ବୟସରେ ପେନ୍‌ସନ ନିଅନ୍ତି ତେବେ ଏହାକୁ ସୁପରଆନୁଏସନ୍ କୁହାଯାଏ।

ଆପଣଙ୍କ କ୍ଷେତ୍ରରେ ଆପଣ ସମସ୍ତ ଟଙ୍କା ଉଠାଣ କରିସାରିଛନ୍ତି। ଇପିଏସ୍ ଆକାଉଣ୍ଟ ଟଙ୍କା ବିଷୟରେ କିଛି ଜଣାଇନାହାନ୍ତି। ଯଦିଓ ୧୦ବର୍ଷରୁ ଅଧିକ ଚାକିରି କରିଛନ୍ତି କିନ୍ତୁ ସମସ୍ତ ଟଙ୍କା ଉଠାଣ କରିସାରିଛନ୍ତି। ବିଗତ କମ୍ପାନୀର ଇପିଏଫ୍ ଆକାଣ୍ଟରୁ ଟଙ୍କା ଉଠାଣ କରିଛନ୍ତି କି ନାହିଁ ତନଖି କରିନେବା ଉଚିତ ହେବ। ଯଦି ଆପଣ ସମସ୍ତ ଟଙ୍କା ଇପିଏଫ୍ ଓ ଇପିଏସ୍‌ରୁ ଉଠାଣ କରିସାରିଛନ୍ତି ତେବେ ଆପଣଙ୍କୁ ପେନ୍‌ସନ ମିଳିବ ନାହିଁ।

**ଚାକିରି କରିଥିବା ବ୍ୟକ୍ତିଙ୍କ ପାଇଁ ଇପିଏଫ୍‌ର ୫ଟି ସୁବିଧା**

- **ଆୟକର ଛାଡ଼ ସୁବିଧା**
- **ଜୀବନସାରା ପେନ୍‌ସନ**
- **ଜୀବନବୀମା ସୁରକ୍ଷା (ଇଡିଏଲ୍‌ଆଇ ସ୍କିମ୍ ଦ୍ୱାରା ପରିଚାଳିତ)**
- **ସମୟ ପୂର୍ବରୁ ଉଠାଣ ସୁବିଧା**
- **ଅଧିକ ସୁଧହାର ପାଇବା ସମ୍ଭାବନା ଏବଂ ଆୟକର ମୁକ୍ତ ସୁଧରାଶି**

ଇପିଏଫ୍ ସ୍କିମର ସୁବିଧା ସବୁକୁ ଜମା ଅଣଦେଖା କରନ୍ତୁ ନାହିଁ। ଭବିଷ୍ୟତରେ ଏହା ଆପଣଙ୍କ ଅବସରକାଳୀନ ସମୟ ଖର୍ଚ୍ଚ ପାଇଁ କାମରେ ଆସିବ।

**ମାସିକ ୪୦୦୦ ଟଙ୍କା ଆଇଆଇସିଆଇ ପ୍ରୁଡେନସିଆଲ ମଲ୍ଟି-କ୍ୟାପ୍ ଫଣ୍ଡ ଏବଂ ୨୦୦୦ ଟଙ୍କା ୟୁନିୟନ ମଲ୍ଟି-କ୍ୟାପ୍ ଫଣ୍ଡରେ ନିବେଶ କରୁଛି। ଗତ ୨ବର୍ଷ ହେବ ମାସିକ ସଞ୍ଚୟ କରିଆସୁଛି। ବର୍ତ୍ତମାନ ଭଲ ଲାଭ ନାହିଁ। ଏ କ୍ଷେତ୍ରରେ ମୋର କିଛି ପରିବର୍ତ୍ତନ କରିବା ଦରକାର କି ? ୧୫-୨୦ ବର୍ଷ ପର୍ଯ୍ୟନ୍ତ ନିବେଶ କରିବି ବୋଲି ଭାବିଛି। କ'ଣ କରିବା ଠିକ୍ ହେବ ?**

**–ମାଳତୀ ମିଶ୍ର, କଟକ**

● ଆପଣଙ୍କ ଦୀର୍ଘକାଳୀନ ନିବେଶ ସମୟସୀମା ଅନୁଯାୟୀ ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡ ଏକ ଆସେଟ ଶ୍ରେଣୀ ହିସାବରେ ମୁଦ୍ରାସ୍ଫୀତି ହାରଠାରୁ ଦୀର୍ଘକାଳୀନ ହିସାବ ଅଧିକ ଲାଭପ୍ରଦାନ କରିପାରିବ। ବର୍ତ୍ତମାନର ପୁଞ୍ଜିବଜାରର ନିମ୍ନଗାମୀ ବା ଅସ୍ଥିରତା କାରଣ ପାଇଁ ପ୍ରାୟତଃ ଅଧିକାଂଶ ମ୍ୟୁଚୁଆଲ ଫଣ୍ଡସବୁ ନିମ୍ନ ବା ନାସ୍ତିସୂଚକ ଲାଭ ପ୍ରଦାନ କରୁଥିବା ଦେଖାଯାଉଛି। ଆପଣ ଉପରୋକ୍ତ ସ୍କିମ୍‌ରେ ନିବେଶ ଜାରି ରଖନ୍ତୁ।

ଯେହେତୁ ସ୍କିମ୍‌ସବୁ ଦୀର୍ଘକାଳୀନ ହିସାବରେ ଭଲ ପ୍ରଦର୍ଶନ କରିଛନ୍ତି ଓ ରିସ୍କ ବହନ କରି ଲାଭ ପ୍ରଦାନ କରିଛନ୍ତି।

ଆପଣଙ୍କ ଦୀର୍ଘକାଳୀନ ନିବେଶ ସମୟସୀମାକୁ ଦୃଷ୍ଟିରେ ରଖି ମିରାଇ ଆସେଟ୍ ଲାର୍ଜ-କ୍ୟାପ୍ ଫଣ୍ଡ ଓ ଏଚ୍‌ଏଫ୍‌ଡିସି ସ୍ମଲ-କ୍ୟାପ ଫଣ୍ଡରେ ନିବେଶ କରିବା ପାଇଁ ପସନ୍ଦ କରିପାରନ୍ତି। ସବୁଠାରୁ ମୁଖ୍ୟ ଦିଗ ହେଉଛି ନିବେଶ କରିବା ସମୟରେ ନିବେଶକୁ ଆର୍ଥିକ ଲକ୍ଷ୍ୟ ସହିତ ସଂଯୁକ୍ତ କରିବା ଉଚିତ ଏବଂ ନିୟମିତ ବ୍ୟବଧାନରେ ନିବେଶ ପୋର୍ଟଫୋଲିଓ ସମୀକ୍ଷା କରିବା ନିହାତି ଜରୁରୀ।

**ମୁଁ କିଛି ଟଙ୍କା ୧ ବର୍ଷ ପର୍ଯ୍ୟନ୍ତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ଚାହୁଁଛି। ବ୍ୟାଙ୍କ ସ୍ଥାୟୀ ଜମାରେ ଆୟକର ପ୍ରଭାବ ଯୋଗୁ ମୋର ଆୟକର- ପ୍ରଭାବୀ- ସୁଧହାର ବହୁତ କମ୍ ରହୁଛି। ଇକ୍ୱିଟି ସ୍କିମ୍‌ରେ କମ୍ ରିସ୍କ ନେଇ ୬.୭% ପାଇ ପାରିବି କି?**

**–ସାଗର ସ୍ୱରୂପ ସାହୁ, ପାରାଦୀପ**

● ଆପଣ ଡେଟ୍ ମ୍ୟୁଚୁଆଲ ଫଣ୍ଡ ସବୁରେ ନିବେଶ କରିପାରିବେ। ଆୟକର- ପ୍ରଭାବୀ- ସୁଧହାର ବ୍ୟାଙ୍କ ସ୍ଥାୟୀ ଜମାଠାରୁ ଅଧିକ ରହିବ। ଯଦି ଇକ୍ୱିଟି ସ୍କିମ୍‌ରେ ନିବେଶ କରିବାକୁ ଚାହୁଁଛନ୍ତି ତେବେ ଇକ୍ୱିଟି ଆର୍ବିଟ୍ରାଜ୍ ଫଣ୍ଡରେ ନିବେଶ କରିପାରିବେ ଓ ରିସ୍କ ମଧ କମ୍ ରହିବ। ଆମର ପରାମର୍ଶ ଆପଣ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ଭଲଭାବରେ ବୁଝିବା ଓ ରିସ୍କ ବିଷୟରେ ବୁଝିବା ଉଚିତ ହେବ। ଏ କ୍ଷେତ୍ରରେ ଆପଣ ଜଣେ ଚାର୍ଟାର୍ଡ ୱେଲ୍‌ଥ ମ୍ୟାନେଜର କିମ୍ବା ସାର୍ଟିଫିକେଟ ଫାଇନାନ୍ସିଆଲ ପ୍ଲାନରଙ୍କୁ ସାକ୍ଷାତ କରି ପରାମର୍ଶ ନିଅନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**



“ ଜୋଫ୍ରା ଆର୍ଚର ଜଣେ ଯୁବ ଓ ପ୍ରତିଭାବାନ ଦ୍ରୁତ ବୋଲର। କିନ୍ତୁ ତାଙ୍କ ବୋଲିଂରେ ଅଷ୍ଟ୍ରେଲିଆ ଦଳ ଭୟଭୀତ ହୋଇନାହିଁ।

–ଟିମ୍ ପାଇନ୍, ଅଷ୍ଟ୍ରେଲିଆ ଟେଷ୍ଟ ଦଳର ଅଧିନାୟକ



“ ଅନିଲ କୁମ୍ବଲେ ଚୟନ କମିଟିର ଅଧକ୍ଷ ହେବା ଆବଶ୍ୟକ। କିନ୍ତୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡକୁ ଏଥିଲାଗି ବେତନ ବଢ଼ାଇବା ଦରକାର।

–ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ ଭାରତୀୟ କ୍ରିକେଟର୍

# ଭାରତୀୟ ମହିଳା, ପୁରୁଷ ଦଳ ଚାମ୍ପିୟନ

ତୋକିଓ(ଜାପାନ),୨୧।୮: ଏଠାରେ ଅନୁଷ୍ଠିତ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ମହିଳା ଦଳ ଜାପାନକୁ ୨-୧ ଗୋଲରେ ହରାଇଥିବାବେଳେ ପୁରୁଷ ଦଳ ନ୍ୟୁଜିଲାଣ୍ଡକୁ ୫-୦ ଗୋଲରେ ପରାସ୍ତ କରିଛି।

**ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି**

## ମହିଳା: ଭାରତ ୨, ଜାପାନ ୧

ଭାରତ-ଜାପାନ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ କ୍ୱାର୍ଟରରୁ ହିଁ ଉଭୟ ଦଳ ଆକ୍ରମଣାତ୍ମକ ଖେଳି ଅଗ୍ରଣୀ ନେବାକୁ ଉଦ୍ୟମ କରିଥିଲେ। ପ୍ରଥମ ୧୦ ମିନିଟରେ ପ୍ରଭାବ ବିସ୍ତାର କରି ଖେଳିଥିବା ଭାରତ ୧୧ତମ ମିନିଟରେ ନଭଜୋତ କୌରଙ୍କ ଏକ ଫିଲ୍ଡ ଗୋଲ ମାଧ୍ୟମରେ ଅଗ୍ରଣୀ ନେଇଥିଲା। ମାତ୍ର ଦଳର ଏହି ଖୁସି ବେଶି ସମୟ ରହି ନ ଥିଲା। ଏହାର ୧ ମିନିଟ ପରେ ଅର୍ଥାତ୍ ୧୧ତମ ମିନିଟରେ ମିନାମି ଶିମିଜୁ ଏକ ଗୋଲ ଦେଇ ମ୍ୟାଚକୁ ୧-୧ ସ୍ଥିତିକୁ ନେଇଆସିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭିନ୍ନ ରଣନୀତିରେ ଉଭୟ ଦଳ ରକ୍ଷଣାତ୍ମକ ବିଭାଗକୁ ଦୃଢ଼ କରି ଖେଳିଥିଲେ ଏବଂ ସତର୍କତାର ସହ ପ୍ରତିପକ୍ଷ ଗୋଲ୍‌ପୋଷ୍ଟ ଉପରେ ଆକ୍ରମଣ କରୁଥିଲେ। ବନ୍ଦନା କାଟାରିଆ ଓ ନଭଜୋତ କେତେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଜାପାନ ମଧ୍ୟ ସୁଯୋଗ ହାତଛଡ଼ା କରିବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଉଭୟ ଦଳ ବରାବର ସ୍ଥିତିରେ ଥିଲେ।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଭାରତ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଫଳସ୍ୱରୂପ ୩୩ତମ ମିନିଟରେ ଦଳ ଏକ ପେନାଲ୍ଟି କର୍ନର ହାସଲ କରିଥିଲା। ଭାରତୀୟ ଡ୍ରାଗ୍‌ଫ୍ଲିକର ଗୁରଜିତ କୌରଙ୍କ ଶଟ୍‌କୁ ଜାପାନ ଗୋଲକିପର ମିଗୁମି କାଗେୟାମା ଚମତ୍କାରଭାବେ ସେଭ୍ କରି ଦେଇଥିଲେ। ମାତ୍ର ତାଙ୍କ ନିକଟରୁ ଫେରି ଆସୁଥିବା ବଲ୍‌କୁ ନିକଟରେ ପାଇ ସୁଯୋଗ ହାତଛଡ଼ା କରି ନ ଥିଲେ ଲାଲରେମସିଆମି। ସେ ରିବାଉଣ୍ଡ ଶଟ୍ ମାଧ୍ୟମରେ ଗୋଲ ଦେଇ ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଏହାପରେ ଭାରତୀୟ ଦଳ ଚମତ୍କାର ରିଦମରେ ଖେଳିଥିବାରୁ ଜାପାନ ଖେଳାଳିମାନେ ରକ୍ଷଣଭାଗ ଭେଦ କରି ଗୋଲ ପରିଶୋଧ କରିବାକୁ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ୪୨ତମ ମିନିଟରେ ଦଳ କ୍ରମାଗତ ୨ଟି ଏବଂ ୪୫ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ଡିଫେଣ୍ଡରମାନେ ତାହାକୁ ସଫଳତାର ସହ ପ୍ରତିହତ କରିଥିଲେ। ଅନ୍ତିମ କ୍ୱାର୍ଟରରେ ମଧ୍ୟ ସମାନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ଜାପାନ। ମ୍ୟାଚ ଶେଷ ହେବାକୁ ଅଳ୍ପ ସମୟ ଥିବାବେଳେ ଜାପାନ ଲଗାତର ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲକିପର ସବିତାଙ୍କ ଚମତ୍କାର ସେଭ୍ ଯୋଗୁ ଭାରତ ବିଜୟ ମୁକୁଟ ପିନ୍ଧିଥିଲା। ଚାପ ପରିସ୍ଥିତିରେ ଭାରତୀୟ ଡିଫେଣ୍ଡର ଓ ଗୋଲକିପର ଚମତ୍କାର ପ୍ରଦର୍ଶନ କରିଥିଲେ। ଅନ୍ୟ ଏକ ମ୍ୟାଚରେ ଚାଇନାକୁ ୩-୧ ଗୋଲରେ ହରାଇ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନ ଅଧିକାର କରିଛି।



ଭାରତୀୟ ମହିଳା ହକି ଦଳର ଫରୱାର୍ଡ ଲାଲରେମସିଆମି।

## ପୁରୁଷ: ଭାରତ ୫, ନ୍ୟୁଜିଲାଣ୍ଡ ୦

ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟର ଫାଇନାଲରେ ନ୍ୟୁଜିଲାଣ୍ଡକୁ ୫-୦ ଗୋଲରେ ହରାଇ ଲିଗ୍ ପରାଜୟର ମଧୁର ପ୍ରତିଶୋଧ ନେଇଛି ଭାରତ। ଲିଗ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ୨-୧ ଗୋଲରେ ଭାରତକୁ ପରାସ୍ତ କରିଥିଲା। ଟାଇଟଲ ପର୍ଯ୍ୟାୟରେ କିନ୍ତୁ ହରମନପ୍ରୀତ ସିଂଙ୍କ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ମ୍ୟାଚକୁ ଏକପାଖିଆ କରି ଦେଇଥିଲା। ଉଭୟ ଦଳ ସତର୍କତାର ସହ ଖେଳ ଆରମ୍ଭ କରିଥିଲେ। ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରଥମେ ପୋଷଣ କରିଥିଲା ଭାରତ। ଫଳରେ ୭ମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଭାରତୀୟ ଦଳ ଅଧିନାୟକ ହରମନପ୍ରୀତ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ମାତ୍ର ନ୍ୟୁଜିଲାଣ୍ଡ ଖେଳାଳିଙ୍କ ତ୍ରୁଟି ଯୋଗୁ ଭାରତକୁ କ୍ରମାଗତ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ ହରମନପ୍ରୀତ। ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତ ୧-୦ ଗୋଲରେ ଅଗ୍ରଣୀ ରହିଥିଲା।

ପ୍ରଥମ କ୍ୱାର୍ଟରରେ ମିଳିଥିବା ମୋମେଣ୍ଟମ୍‌କୁ ଭାରତ ଦ୍ୱିତୀୟ କ୍ୱାର୍ଟରରେ ହାତଛଡ଼ା କରି ନ ଥିଲା। ୧୮ତମ ମିନିଟରେ ପେନାଲ୍ଟି କର୍ନରରୁ ଭାରତ ପାଇଁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ସମସେର ସିଂ। ଦ୍ୱିତୀୟ କ୍ୱାର୍ଟରରେ ନ୍ୟୁଜିଲାଣ୍ଡ ମାତ୍ର ୨ଥର ଭାରତୀୟ ସର୍କଲ ଭେଦ କରିବାରେ ସକ୍ଷମ ହୋଇଥିବାବେଳେ ଭାରତ ମୋଟ ୪ଟି ଗୋଲ ଦେଇଥିଲା। ୨୨ତମ ମିନିଟରେ ନୀଳକାନ୍ତ ଶର୍ମା, ୨୬ତମ ମିନିଟରେ ଗୁରସାହିବଜିତ ସିଂ ଓ ମନଦୀପ ସିଂ ୨୭ତମ ମିନିଟରେ ଗୋଲ ଦେଇଥିଲେ। ମନଦୀପ ସିଂ ୨୭ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତର ଅଗ୍ରଣୀ ବ୍ୟବଧାନ ୫-୦ରେ ପହଞ୍ଚି ଯାଇଥିଲା। ତୃତୀୟ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ନ୍ୟୁଜିଲାଣ୍ଡ ଭରପୂର ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲା। ୩୭ତମ ମିନିଟରେ ଦଳର ଖେଳାଳିମାନେ ମାରିଥିବା ଶଟ୍ ଭାରତୀୟ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା। ଏହାର ୧ ମିନିଟ ପରେ ଦଳ ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତର ହରମନପ୍ରୀତ ସିଂ ଏହାକୁ ସେଭ୍ କରି ଦେଇଥିଲେ। ୪ର୍ଥ ତଥା ଶେଷ କ୍ୱାର୍ଟରରେ ଗୋଲ ବରଣ ନ କରିବା ଉପରେ ଭାରତ ଗୁରୁତ୍ୱ ଦେଇଥିଲା। ରକ୍ଷଣଭାଗକୁ ଦୃଢ଼ କରି ଦଳ ନ୍ୟୁଜିଲାଣ୍ଡ ଖେଳାଳିଙ୍କୁ ରୋକିବାରେ ସକ୍ଷମ ହୋଇଥିଲା। ଅନ୍ୟ ଏକ ମ୍ୟାଚରେ ଆୟୋଜକ ଜାପାନ ୬-୧ ଗୋଲରେ ମାଲେସିଆକୁ ହରାଇ ୩ୟ ସ୍ଥାନ ଅଧିକାର କରିଛି।



ମନଦୀପ ସିଂ

## ସଂକ୍ଷେପରେ

### କାଳୀଚରଣ ପୁଡୁଚେରୀ ଦଳର ମେଣ୍ଟର



ଚେନ୍ନାଇ,୨୧।୮(ପିଟି): କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ କ୍ରିକେଟର ଆଲବିନ କାଳିଚରଣ ପୁଡୁଚେରୀ ଦଳର ମେଣ୍ଟର ଭାବେ ନିଯୁକ୍ତ ହୋଇଛନ୍ତି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିସାରିଥିବା ଆର. ବିନୟ କୁମାର ଆଗାମୀ ଘରୋଇ ସିଜନରେ ଦଳ ପାଇଁ ଅତିଥି ଖେଳାଳି ଭାବେ ଖେଳିବେ। ପୂର୍ବତନ କର୍ଣ୍ଣାଟକ ବ୍ୟାଟ୍ସମ୍ୟାନ ଜେ. ଅରୁନ କୁମାର ଦଳର ମୁଖ୍ୟ କୋଚ୍ ଦାୟିତ୍ୱରେ ରହିଥିବାବେଳେ ଡି. ରୋହିତ ଦଳର ଅଧିନାୟକ ଭାର ସମ୍ଭାଳିବେ ବୋଲି କ୍ରିକେଟ ଆସୋସିଏଶନ ଅଫ୍ ପୁଡୁଚେରୀ ପକ୍ଷରୁ ବୁଧବାର କୁହାଯାଇଛି। ପୂର୍ବତନ ବାମହାତୀ ବ୍ୟାଟ୍ସମ୍ୟାନ କାଳିଚରନ ଅନ୍ତର୍ଜାତୀୟ ସ୍ତରରେ ୬୬ ଟେଷ୍ଟ ଓ ୩୧ ଦିନିକିଆ ଖେଳିଛନ୍ତି। ସେ ୧୯୭୫ ବିଶ୍ୱକପ୍ ଚାମ୍ପିୟନ ଦଳର ମଧ୍ୟ ସଦସ୍ୟ ଥିଲେ। ବିନୟଙ୍କ ବ୍ୟତୀତ ତାମିଲନାଡୁର ବି. ଅରୁନ କାର୍ତ୍ତିକ ଓ ହିମାଚଳ ପ୍ରଦେଶର ପାରଗ ଡୋଗ୍ରା ମଧ୍ୟ ଚଳିତ ଥର ପୁଡୁଚେରୀ ପାଇଁ ଅତିଥି କ୍ରିକେଟର ଭାବେ ଖେଳିବେ। ବିନୟ ୨୦୧୩ରୁ ୨୦୧୫ ମଧ୍ୟରେ ଭାରତ ପାଇଁ ଗୋଟିଏ ଟେଷ୍ଟ, ୩୧ ଦିନିକିଆ ଓ ୯ ଟି୨୦ ଖେଳିଛନ୍ତି। ଦୀର୍ଘ ୧୫ ବର୍ଷ ଧରି ସେ କର୍ଣ୍ଣାଟକ ଲାଗି ଖେଳୁଥିଲେ। ତାଙ୍କ ନେତୃତ୍ୱରେ ଦଳ ବିଜୟ ହଜାରେ ଟ୍ରଫି ଜିତିଥିଲା। ସେ ଏପର୍ଯ୍ୟନ୍ତ ୧୩୦ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୪୫୯ ଉଇକେଟ ନେଇସାରିଛନ୍ତି।

### ଡୁରାଣ୍ଡ କପ୍ ଫାଇନାଲରେ ଗୋକୁଲମ କେରଳ

କୋଲକାତା, ୨୧।୮ (ପି.ଟି.)- ସପ୍ତଦଶଥର ପାଇଁ ସମ୍ମାନଜନକ ଡୁରାଣ୍ଡ କପ୍ ଟାଇଟଲ୍ ଜିତିବାକୁ ଲକ୍ଷ୍ୟ ରଖିଥିବା ଇଷ୍ଟ ବେଙ୍ଗଲକୁ ଶେଷରେ ନିରାଶ ହେବାକୁ ପଡ଼ିଛି। ବୁଧବାର ଖେଳାଯାଇଥିବା ଏକ ରୋମାଞ୍ଚକ ସେମିଫାଇନାଲ ମୁକାବିଲାରେ ଇଷ୍ଟ ବେଙ୍ଗଲକୁ ୨-୩ ଗୋଲରେ ପରାସ୍ତ କରି ଗୋକୁଲମ କେରଳ ଏଫ୍‌ସି ଡୁରାଣ୍ଡ କପ୍‌ର ୧୨୯ତମ ସଂସ୍କରଣର ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ସଲ୍ଟଲେକ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ଫଳରେ ଫଳାଫଳ ପାଇଁ ରେଫରି ପେନାଲ୍ଟି ଶୁଟ୍‌ଆଉଟ୍‌ର ସହାୟତା ନେଇଥିଲେ। ଏଥିରେ ଗୋକୁଲମ ୩-୨ ଗୋଲରେ ବାଜିମାତ୍ କରି ନେଇଥିଲା।

## ଦ୍ୱିତୀୟ ରାଉଣ୍ଡରେ ନାଗଲ

ନୂଆଦିଲ୍ଲୀ,୨୧।୮(ପିଟି)

ଯୁବ ଭାରତୀୟ ଟେନିସ ଖେଳାଳି ସୁମିତ ନାଗଲ ଚଳିତ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନର କ୍ୱାଲିଫାୟର୍ସର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ସେ ସିଧାସଳଖ ସେଟ୍‌ରେ ନିଜଠାରୁ ଉନ୍ନତ ର୍ୟାଙ୍କଧାରୀ ଜାପାନର ତାସୁମଙ୍କୁ ହରାଇ ଦେଇଛନ୍ତି। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧୯୦ତମ ମାନ୍ୟତାପ୍ରାପ୍ତ ନାଗଲ ୭-୬(୮/୬), ୬-୨ ସେଟ୍‌ରେ ୧୩୩ତମ ର୍ୟାଙ୍କଧାରୀ ଖେଳାଳିଙ୍କୁ ହରାଇ ଦେଇଛନ୍ତି। ଗତ ବର୍ଷ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ, ଫ୍ରେଞ୍ଚ ଓ ୱିମ୍ବେଲଡନ ଓପନର ଯୋଗ୍ୟତା ପର୍ଯ୍ୟାୟ ଖେଳିଥିଲେ ମଧ୍ୟ ପ୍ରଥମ ରାଉଣ୍ଡ ଅତିକ୍ରମ କରିବାକୁ ସକ୍ଷମ ହୋଇ ନ ଥିଲେ। ୨୨ ବର୍ଷୀୟ ଭାରତୀୟ ଖେଳାଳି ପରବର୍ତ୍ତୀ ମ୍ୟାଚ୍‌ରେ ପିଟର ପୋଲାସ୍କିଙ୍କୁ ଭେଟିବେ।

## ଲିଲିମା ଖେଳିଲେ ୧୫୦ତମ ମ୍ୟାଚ

ନୂଆଦିଲ୍ଲୀ, ୨୧।୮

ଟୋକିଓରେ ଅନୁଷ୍ଠିତ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ମହିଳା ହକିରେ ଜାପାନ ବିପକ୍ଷ ଫାଇନାଲ ଖେଳି ଏକ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି ଓଡ଼ିଶାର ଲିଲିମା ମିଞ୍ଜ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ୨୫ ବର୍ଷୀୟା ଲିଲିମାଙ୍କ ପାଇଁ ଏହା ଥିଲା ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ। ଏଥିପାଇଁ ଏହି ଓଡ଼ିଆ ମିଡ୍‌ଫିଲ୍ଡରଙ୍କୁ ହକି ଇଣ୍ଡିଆ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

ସୁନ୍ଦରଗଡ଼ ଜିଲାର ବିହାବନ୍ଧ-ତାନାତୋଲି ଗ୍ରାମର ଲିଲିମା ୨୦୧୧ରେ ଆର୍ଜେଣ୍ଟିନାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଘରୋଇ ହକିରେ କ୍ରମାଗତ ଭଲ ପ୍ରଦର୍ଶନ ପାଇଁ ତାଙ୍କୁ ଜାତୀୟ କ୍ୟାମ୍ପରେ ସାମିଲ କରାଯାଇଥିଲା। ୨୦୧୨ ଡିସେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ପରଠାରୁ ସେ ଭାରତୀୟ ଦଳର ନିୟମିତ ସଦସ୍ୟା ପାଲଟି ଯାଇଛନ୍ତି। ୨୦୧୩ ମହିଳା ହକି ୱାର୍ଲ୍ଡ ଲିଗ୍‌ର ସେମିଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳର ମଧ୍ୟ ସେ ସଦସ୍ୟା ଥିଲେ। ୨୦୧୪ରେ ମାଲେସିଆ ବିପକ୍ଷରେ ୬-୦ରେ ହକି ଟେଷ୍ଟ ସିରିଜ ଜିତିଥିବା ଭାରତ ପକ୍ଷରୁ ମଧ୍ୟ ସେ ପ୍ରତିନିଧିତ୍ୱ କରିଥିଲେ। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ, ୨୦୧୬ ରିଓ ଅଲିମ୍ପିକ୍ସ(ଦୀର୍ଘ ୩୬ ବର୍ଷ ବ୍ୟବଧାନରେ ଭାରତୀୟ ମହିଳା ଦଳ ଅଲିମ୍ପିକ୍ସ ଖେଳିଥିଲା), ୨୦୧୭ ମହିଳା ଏସିଆ କପ୍‌ରେ ଚାମ୍ପିୟନ, ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୧୮ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ, ୨୦୧୮ ମହିଳା ହକି ବିଶ୍ୱକପ, ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ।

“ଦେଶ ପକ୍ଷରୁ ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବାରୁ ମୁଁ ଗର୍ବିତ। ରାଉରକେଲା ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରୁ ହିଁ ମୋ କ୍ୟାରିୟରର ମୂଳଦୁଆ ପଡ଼ିଥିଲା। କ୍ୟାରିୟରର ଆଦ୍ୟକାଳରେ ମୋତେ ସାହାଯ୍ୟ କରିଥିବା ଓଡ଼ିଶାର କୋଚ୍‌ମାନଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ମୁଁ ଏକ ପ୍ରତିଭାସମ୍ପନ୍ନ ଖେଳାଳି ବିଶିଷ୍ଟ ଭାରତୀୟ ଦଳର ସଦସ୍ୟା ହୋଇପାରିଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ସାଥି ଖେଳାଳି ଓ ସପୋର୍ଟଷ୍ଟାଫ୍‌ମାନେ ପରିବାରର ସଦସ୍ୟଙ୍କ ପରି ବାତାବରଣ ସୃଷ୍ଟି କରିଥାନ୍ତି। ଦେଶ ପକ୍ଷରୁ ୧୫୦ତମ ମ୍ୟାଚ ଖେଳିବାର ଅନୁଭବ ଅନନ୍ୟ ଏବଂ ଦୀର୍ଘବର୍ଷ ମଧ୍ୟରେ ଅନେକ ପଦକ ଜିତିପାରିଥିବାରୁ ନିଜକୁ ଧନ୍ୟ ମନେକରୁଛି। ଆସନ୍ତା ବର୍ଷ ଅଲିମ୍ପିକ୍ସ ଆସୁଥିବାରୁ ଆମେ ଲକ୍ଷ୍ୟ ପଥରେ ପହଞ୍ଚି ଦେଶକୁ ଗର୍ବିତ କରିବା ଦିଗରେ ଆମେ ଏକାଗ୍ର ହେଉଛୁ” ବୋଲି ଲିଲିମା ପ୍ରକାଶ କରିଛନ୍ତି। ହକି ଇଣ୍ଡିଆ ପକ୍ଷରୁ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ ଲିଲିମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




କୋଚ୍ ଜୋର୍ଡେ ମାରିଜନେଙ୍କଠାରୁ ୧୫୦ ନମ୍ବର ଜର୍ସି ଗ୍ରହଣ କରୁଛନ୍ତି ଲିଲିମା ମିଞ୍ଜ।

■ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ

## ୟୁନିଟ-୧, ସୈନିକ ସ୍କୁଲ କ୍ୱାର୍ଟରରେ

ଭୁବନେଶ୍ୱର, ୨୧।୮(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବିଜୟ ହାସଲ କରି ୟୁନିଟ-୧ ବାଳକ ଉଚ୍ଚ ବିଦ୍ୟାଳୟ ଓ ସୈନିକ ସ୍କୁଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ସୈନିକ ସ୍କୁଲ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ମ୍ୟାଚକୁ ଏକପାଖିଆଭାବେ ୬-୦ ଜିତିଥିଲା। ୧ମ ମିନିଟରେ ଏହି ଦଳର ରବି କୁମାର ଗୋଲ ଦେଇଥିବାବେଳେ ୨ୟ ମିନିଟରେ ଫ୍ୟୁଚର ସ୍କୁଲର ସୌରଭ ରାୟ ଏକ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ୪ର୍ଥ ମିନିଟରେ ଅର୍ଜୁନ ରେଡ୍ଡୀ ଆଉ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ସୈନିକ ସ୍କୁଲ ପକ୍ଷରୁ ଇନ୍ଦ୍ରଜିତ ବାରଦା, ଅଭୟ ଶର୍ମା ଓ ବାଙ୍ଗମ୍ ହାଁସଦା ଆଉ ୩ଟି ଗୋଲ ସ୍କୋର କରିଥିଲେ। ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏଶନର ଉପସଭାପତି ନରେନ୍ଦ୍ର ସେଠୀ ଅତିଥିଭାବେ ଯୋଗଦେଇ ସୈନିକ ସ୍କୁଲର ଦୁଃଖ ମାର୍ଶାଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଶଙ୍ଖ ହେମ୍ବ୍ରମଙ୍କ ହ୍ୟାଟ୍ରିକ ଗୋଲ ବଳରେ ୟୁନିଟ-୧ ବାଳକ ବିଦ୍ୟାଳୟ ୫-୦ ଗୋଲରେ ଜାଭିଅର ଖଣ୍ଡଗିରିକୁ ପରାସ୍ତ କରିଥିଲା। ଶଙ୍ଖ ହେମ୍ବ୍ରମ ମ୍ୟାଚର ୫ମ, ୩୦ ଓ ୪୦ତମ ମିନିଟରେ ୩ଟି ଗୋଲ ଦେଇଥିଲେ। ସୁନ୍ଦର ମୋହନ କିସ୍କୁ ଅନ୍ୟ ୨ଟି ଗୋଲ ୪ର୍ଥ ଓ ୪୫ତମ ମିନିଟରେ ସ୍କୋର କରିଥିଲେ। ସତ୍ୟଜିତ ମିଶ୍ର ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଶଙ୍ଖ ହେମ୍ବ୍ରମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦ୍ରକାନ୍ତ ବାରିକ, ଶେଖାୱତ ଖାଁ, ଦେବଜ୍ୟୋତି ସିଂ, ସରୋଜ ମହାରଣା, ରାଜେନ୍ଦ୍ର ବାରିକ, ଶ୍ରୀକାନ୍ତ ପଣ୍ଡା ଖେଳ ପରିଚାଳନା କରିଥିବାବେଳେ ମହେଶ୍ୱର ସିଂ ମ୍ୟାଚ କମିଶନର ଦାୟିତ୍ୱରେ ଥିଲେ।





ଦୁଇଦଳର ଶ୍ରେଷ୍ଠ ଖେଳାଳି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି

## କୁମ୍ବଲେ ଚୟନ କମିଟି ଅଧକ୍ଷ ହେବା ଆବଶ୍ୟକ: ସେହ୍ୱାଗ

ନୂଆଦିଲ୍ଲୀ, ୨୧।୮ (ପି.ଟି.)

ଖେଳାଳିଙ୍କ ମନୋବଳ ବଢ଼ାଇବାର ଦକ୍ଷତା କିମ୍ବଦନ୍ତୀ ପୂର୍ବତନ ଭାରତୀୟ ସ୍ପିନର ଅନିଲ କୁମ୍ବଲେଙ୍କ ନିକଟରେ ରହିଛି। ତେଣୁ ଚୟନ କମିଟିର ଅଧକ୍ଷ ହେବା ପାଇଁ କୁମ୍ବଲେ ଜଣେ ଉପଯୁକ୍ତ ପାର୍ଥୀ। କିନ୍ତୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ପଦ ଲାଗି ପାଉଣା ବୃଦ୍ଧି କରିବା ଆବଶ୍ୟକ ରହିଛି ବୋଲି ପୂର୍ବତନ ବିସ୍ଫୋରକ ବ୍ୟାଟ୍ସମ୍ୟାନ ବୀରେନ୍ଦ୍ର ସେହ୍ୱାଗ କହିଛନ୍ତି। ‘ମୁଁ ଭାବୁଛି, ଅନିଲ କୁମ୍ବଲେ ଚୟନ କମିଟିର ଅଧକ୍ଷ ପଦ ପାଇଁ ଉପଯୁକ୍ତ ପ୍ରାର୍ଥୀ ହୋଇପାରନ୍ତି। ସେ ଏଭଳି ଜଣେ ବ୍ୟକ୍ତି ଯିଏକି ଖେଳାଳି ଭାବେ ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍‌ଙ୍କ ସହ ଭାବ ବିନିମୟ କରିଛନ୍ତି। ସେହିଭଳି କୋଚ୍ ଭାବେ ଯୁବ ଖେଳାଳିଙ୍କ ସହ ମିଶିଛନ୍ତି’ ବୋଲି ସେହ୍ୱାଗ ଏଠାରେ ଏକ ନୂଆ ଆପ୍ ଉନ୍ମୋଚନ କରିବା ଅବସରରେ ଏହା କହିଛନ୍ତି। ସେହ୍ୱାଗ ଆହୁରି ମଧ୍ୟ କହିଛନ୍ତି, ‘ଯେତେବେଳେ ସେ ଦଳକୁ ପ୍ରତ୍ୟାବର୍ତ୍ତନ (୨୦୦୭-୦୮ ଅଷ୍ଟ୍ରେଲିଆ ସିରିଜ) କରିଥିଲେ, ଅଧିନାୟକ କୁମ୍ବଲେ ତାଙ୍କ ରୁମ୍‌କୁ ଆସି କହିଥିଲେ ଆଗାମୀ ୨ଟି ସିରିଜ ପର୍ଯ୍ୟନ୍ତ ମୋତେ ବାଦ୍ ଦିଆଯିବ ନାହିଁ। ଜଣେ ଖେଳାଳିଙ୍କୁ ଏହିଭଳି ମନୋବଳ ବଢ଼ାଇବାର ଆବଶ୍ୟକତା ରହିଥାଏ। କିନ୍ତୁ ଚୟନ କମିଟିର ଅଧକ୍ଷଙ୍କ ପାଉଣା ଏବେ ବାର୍ଷିକ ଏକ କୋଟି ଟଙ୍କା ରହିଛି। ଯଦି ବିସିସିଆଇ ଏଥିରେ ବୃଦ୍ଧି କରେ ତେବେ ଅଧିକରୁ ଅଧିକ ଖେଳାଳି ଚୟନ କମିଟିର ଅଧକ୍ଷ ହେବା ପାଇଁ ଆଗ୍ରହ ପ୍ରକାଶ କରିବେ’ ବୋଲି ନଜଫଗଡ଼ର ନୱାବ ଭାବେ ପରିଚିତ ସେହ୍ୱାଗ ଏହା କହିଛନ୍ତି। ୨୦୧୭ରେ ବିସିସିଆଇ ସମ୍ପାଦକ ଓ ସ୍ୱର୍ଗତ ଡ. ଏମ୍.ଭି. ଶ୍ରୀଧର (ଜିଏମ୍, କ୍ରିକେଟ୍ ଅପରେଶନ) ମୋତେ ଜାତୀୟ ଦଳର ମୁଖ୍ୟ କୋଚ୍ ପଦ ପାଇଁ ଆବେଦନ କରିବାକୁ କହିଥିଲେ। ତେଣୁ ସେତେବେଳେ ମୁଁ ଏହି ସମ୍ମାନଜନକ ପଦ ପାଇଁ ଆବେଦନ କରିଥିଲି। କିନ୍ତୁ ଏଥର ମୋତେ କେହି କହି ନ ଥିବାରୁ ମୁଁ ମୁଖ୍ୟ କୋଚ୍ ପଦ ପାଇଁ ଆବେଦନ କଲି ନାହିଁ ବୋଲି ସେହ୍ୱାଗ ଏହି ଅବସରରେ ପ୍ରକାଶ କରିଛନ୍ତି।



“ଭଲ ପ୍ରଦର୍ଶନ କରୁଥିବା ବକ୍ସରଙ୍କ ପାଇଁ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ କୋଟା ଦ୍ୱାରା ଚାମ୍ପିୟନଶିପ୍ କିମ୍ବା ଟୁର୍ନାମେଣ୍ଟକୁ ଯୋଗ୍ୟତା ବ୍ୟବସ୍ଥା ରଖିବା ଦରକାର।
–ଏମ୍.ସି. ମେରୀକମ୍, କିମ୍ବଦନ୍ତୀ ଭାରତୀୟ ବକ୍ସର



“ନିକଟ ଅତୀତରେ ଟେଷ୍ଟ କ୍ରିକେଟ୍ ବହୁତ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଯାଇଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏଥିରେ ରୋମାଞ୍ଚ ଆଣିବ।
–ବିରାଟ କୋହଲି, ଭାରତୀୟ କ୍ରିକେଟ ଦଳର ଅଧିନାୟକ

## ସଂକ୍ଷେପରେ

### ସମୁଦ୍ର କୂଳରେ ସମୟ ବିତାଇଲେ ବିରାଟ ବାହିନୀ

ନୂଆଦିଲ୍ଲୀ,୨୧।୮: ଏଠାରେ ଗୁରୁବାରଠାରୁ ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ମ୍ୟାଚ୍ ପୂର୍ବରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଓ ସପୋର୍ଟ ଷ୍ଟାଫ ଆଣ୍ଟିଗୁଆର ଜଲି ବିଚ୍‌ରେ ମଜା ନେଇଛନ୍ତି। ୩୦ ବର୍ଷୀୟ ବ୍ୟାଟ୍ସମ୍ୟାନ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସାଥୀ ଖେଳାଳି ମୟଙ୍କ ଅଗ୍ରୱାଲ, ଯଶପ୍ରୀତ ବୁମ୍‌ରା, ଈଶାନ୍ତ ଶର୍ମା ଓ ରିଷଭ ପନ୍ତ, ରୋହିତ ଶର୍ମା ଓ ଲୋକେଶ ରାହୁଲ ରହିଛନ୍ତି। ଏହାର କ୍ୟାପଶନ ଦେଇଛନ୍ତି, ସମୁଦ୍ର ବେଳାଭୂମିରେ ସାଥୀ ଖେଳାଳିଙ୍କ ସହ ଚମତ୍କାର ଦିନ।

### ହରିୟାଣା ଝିଅଙ୍କୁ ବିବାହ କଲେ ପାକିସ୍ତାନ କ୍ରିକେଟର



ଦୁବାଇ,୨୧।୮: ଏଠାରେ ଆୟୋଜିତ ଏକ ଉତ୍ସବରେ ପାକିସ୍ତାନ କ୍ରିକେଟ ଦଳର ପେସର ହାସନ ଅଲୀ ମଙ୍ଗଳବାର ଭାରତୀୟ ନାଗରିକ ଶାମିଆ ଆରଜୁଙ୍କୁ ବିବାହ କରିଛନ୍ତି। ଏହି ନୂଆ ଯୋଡ଼ିଙ୍କ ବିବାହ ହେବା ପୂର୍ବରୁ ସୋସିଆଲ ମିଡିଆରେ ବହୁ ଫଟୋ ଓ ଭିଡିଓ ଭାଇରାଲ ହେଇସାରିଥିଲା। ହରିୟାଣାର ମେୱାତଠାରେ ରହୁଥିବା ଆରଜୁ ପାକିସ୍ତାନ କ୍ରିକେଟରଙ୍କ ସହ ଦୁବାଇଠାରେ ଏକ ରାତ୍ରଭୋଜନରେ ଭେଟିଥିଲେ। ସେଠାରେ ଆରଜୁଙ୍କ ସଚ୍ଚୋଟତା ଅଲୀଙ୍କୁ ପ୍ରଭାବିତ କରିଥିଲା। ଏହାପରେ ଅଲୀ ମେସେଜ ଜରିଆରେ ବିବାହ ପ୍ରସ୍ତାବ ଦେଇଥିଲେ। ତାଙ୍କ ବିବାହ ଉତ୍ସବକୁ ଭାରତୀୟ କ୍ରିକେଟରଙ୍କୁ ଆମନ୍ତ୍ରଣ କରିଥିଲେ। ତେବେ ଭାରତୀୟ ନାଗରିକଙ୍କୁ ବିବାହ କରିବାରେ ଅଲୀ ୪ର୍ଥ ପାକିସ୍ତାନ କ୍ରିକେଟର। ତାଙ୍କ ପୂର୍ବରୁ ଜାହିର ଆବାସ, ମୋହସିନ ଖାନ ଓ ସୋଏବ ମଲିକ ଭାରତୀୟ ନାଗରିକଙ୍କୁ ବିବାହ କରିଥିଲେ।

### ଇଣ୍ଡିପେଣ୍ଡେଣ୍ଟ, ସନରାଇଜ ବିଜୟୀ

କଟକ ଅଫିସ,୨୧।୮- କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ବୁଧବାର ୨ଟି ଲିଗ ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍‌ରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ୫-୧ ଗୋଲରେ ଟାଉନ କ୍ଲବକୁ ପରାସ୍ତ କରିଥିଲା। ଇଣ୍ଡିପେଣ୍ଡେଣ୍ଟ କ୍ଲବ ପକ୍ଷରୁ ଶିବ କିଣ୍ଡୋ ୨ଟି, ପବିତ୍ର ମିଞ୍ଜ ୨ଟି ଓ ଯୁଗେଶ୍ୱର ବାଗ ଗୋଟିଏ ଗୋଲ ସ୍କୋର କରିଥିଲେ। ଟାଉନ କ୍ଲବ ପକ୍ଷରୁ ଏକମାତ୍ର ଗୋଲ ଦେଇଥିଲେ ମିହିର ଭୋଇ। ଦ୍ୱିତୀୟ ମ୍ୟାଚ୍‌ରେ ସନରାଇଜ କ୍ଲବ ୪-୦ ଗୋଲରେ ୟଙ୍ଗ ଉତ୍କଳ କ୍ଲବକୁ ହରାଇଥିଲା। ମହମ୍ମଦ ଫୟାଜ, ରମେଶ ଓରାମ, ଅମ୍ବିକା ଲାକ୍ରା, ଅର୍ପଣ ଲାକ୍ରା ସନରାଇଜ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ଭାରତ–ୱେଷ୍ଟଇଣ୍ଡିଜ୍ ପ୍ରଥମ ଟେଷ୍ଟ ଆଜିଠାରୁ

**ନର୍ଥ ସାଉଣ୍ଡ(ଆଣ୍ଟିଗୁଆ), ୨୧।୮(ପି.ଟି.)**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ପ୍ରାରମ୍ଭିକ ସଂସ୍କରଣରେ ଭାରତ ଗୁରୁବାରଠାରୁ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରୁ ତା'ର ଅଭିଯାନ ଆରମ୍ଭ କରିବ। ସ୍ଥାନୀୟ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ବିଜୟୀ ହୋଇ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଏହି ଟେଷ୍ଟରେ ବିଜୟୀ ହେଲେ କୋହଲିଙ୍କ ନେତୃତ୍ୱରେ ଭାରତ ୨୭ତମ ବିଜୟ ହାସଲ କରିବ। ଏଥି ସହ କୋହଲି ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସମକକ୍ଷ ହେବେ। ପୁଣି କୋହଲି ଶତକ ହାସଲ କଲେ ଅଧିନାୟକ ହିସାବରେ ସେ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଙ୍ଗଙ୍କ ୧୯ଟି ଶତକ ରେକର୍ଡର ସମକକ୍ଷ ହେବେ। କାଗଜକଲମରେ ଭାରତ ଅପେକ୍ଷାକୃତ ଶକ୍ତିଶାଳୀ ମନେହେଉଛି। କୋହଲି, ଚେତେଶ୍ୱର ପୂଜାରା, ଲୋକେଶ ରାହୁଲ, ରୋହିତ ଶର୍ମା ଓ ରିଷଭ ପନ୍ତଙ୍କୁ ନେଇ ଭାରତୀୟ ବ୍ୟାଟିଂ ଲାଇନ ଦୃଢ଼ ମନେହେଉଛି। ମ୍ୟାଚ୍‌ରେ ଭାରତ ଫେଭରାଇଟ୍ ମନେହେଉଥିଲେ ମଧ୍ୟ ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜକୁ ମଧ୍ୟ ଆଦୌ ଦୁର୍ବଳ ମନେ କରିହେବ ନାହିଁ।

ଗତ ସିରିଜରେ ୱେଷ୍ଟଇଣ୍ଡିଜ ୨–୧ରେ ଭ୍ରମଣକାରୀ ଇଂଲଣ୍ଡକୁ ଟେଷ୍ଟ ସିରିଜରେ ପରାସ୍ତ କରିଥିଲା। ଆଣ୍ଟିଗୁଆର ଏହି ଉଇକେଟରେ ଦ୍ରୁତ ବୋଲରଙ୍କୁ ବେଶ୍ ସହାୟତା ମିଳିବ। ଫଳରେ କୋହଲି ଓ ତାଙ୍କ ଖେଳାଳିମାନେ ପରୀକ୍ଷାର ସମ୍ମୁଖୀନ ହେବେ। ଟେଷ୍ଟ କ୍ରିକେଟର ମାନ ଓ ଲୋକପ୍ରିୟତା କମୁଛି ବୋଲି ଚର୍ଚ୍ଚା ହେଉଛି। ତେବେ ଗତ କେତେବର୍ଷ ମଧ୍ୟରେ ଟେଷ୍ଟ ଫର୍ମାଟର ଚମକ ଓ ଲୋକପ୍ରିୟତା ବଢ଼ିଛି। ବିଭିନ୍ନ ଚ୍ୟାଲେଞ୍ଜ ଗ୍ରହଣ କରି ଦଳକୁ ଜିତାଇବାକୁ ଚେଷ୍ଟା କରିବାର ପ୍ରୟାସ ଖେଳାଳିମାନଙ୍କ ଉପରେ ନିର୍ଭର କରେ ବୋଲି କୋହଲି କହିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ପ୍ରାରମ୍ଭିକ ସଂସ୍କରଣ ଉପରେ ମତ ଦେଇ ସେ ଏହି କଥା କହିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଆଗାମୀ ଦିନରେ ମ୍ୟାଚ୍‌ଗୁଡିକରେ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱୀତା ଦେଖିବାକୁ ମିଳିବ। ଠିକ୍ ସମୟ ଓ ଅବକାଶରେ ଏହି ଚାମ୍ପିୟନଶିପ୍ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ଏହି ଗ୍ରାଉଣ୍ଡରେ ଶେଷଥର ପାଇଁ ଇଂଲଣ୍ଡ ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ଖେଳିଥିଲା। ଏଥିରେ ଇଂଲଣ୍ଡ ୧୮୭ ଓ ୧୩୨ ରନ ସଂଗ୍ରହ କରିଥିଲା। ତେବେ ଏହା ବର୍ଷର ଭିନ୍ନ ସମୟରେ ଖେଳାଯାଇଥିଲା।

ଘରୋଇ ଦ୍ରୁତ ବୋଲରଙ୍କୁ କିଭଳି ସାମ୍ନା କରାଯିବ ସେ ନେଇ କୋହଲି ଓ ହେଡ୍ କୋଚ୍ ରବି ଶାସ୍ତ୍ରୀ ଚିନ୍ତିତ ଥିବେ। କୋଚ୍ ପଦ ବଜାୟ ରଖିବା ପରେ ଶାସ୍ତ୍ରୀଙ୍କ ପାଇଁ ଏହି ସିରିଜ ପ୍ରଥମ ପରୀକ୍ଷା ସୃଷ୍ଟି କରିଛି। ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର କେମର ରୋଚ ଓ ଶାନନ ଗାବ୍ରିଏଲ ଓ ଜାସନ ହୋଲ୍ଡର ନୂଆ ବଲ୍‌ରେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବେ। ଯଦି ଉଇକେଟରେ ପେସ୍ ଓ ବାଉନ୍ସ ଦେଖିବାକୁ ମିଳିବ ତା,ହେଲେ କୋହଲି ୪ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ନେଇ ପଡିଆକୁ ଓହ୍ଲାଇବେ। ରବିଚନ୍ଦ୍ରନ ଅଶ୍ୱିନ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣେ ସ୍ପିନରଙ୍କୁ ଅନ୍ତିମ ଏକାଦଶରେ ସ୍ଥାନ ମିଳିବ। ୩ଜଣ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା, ଈଶାନ୍ତ ଶର୍ମା ଓ ମହମ୍ମଦ ସାମି ଖେଳିବା ଏକ ପ୍ରକାର ନିଶ୍ଚିତ। ତେବେ ବ୍ୟାଟିଂ କମ୍ବିନେଶନ ନେଇ କୋହଲି ଦ୍ୱନ୍ଦ୍ୱରେ ରହିଛନ୍ତି। ଯଦି ହାର୍ଦ୍ଦିକ ପାଣ୍ଡ୍ୟା ଫିଟ୍ ହୋଇଥାନ୍ତେ ତା,ହେଲେ କୋହଲି ରୋହିତ କିମ୍ବା ରାହାନେଙ୍କ ମଧ୍ୟରୁ ଜଣକୁ ଦଳରୁ ବାଦ୍ ଦେଇଥାନ୍ତେ। ତେବେ ଟେଷ୍ଟରେ ୱେଷ୍ଟଇଣ୍ଡିଜର ଗତ କିଛିଦିନର ରେକର୍ଡକୁ ଦୃଷ୍ଟିରେ ରଖି ସେ ଜଣେ ଅତିରିକ୍ତ ବ୍ୟାଟ୍ସମ୍ୟାନଙ୍କୁ ଖେଳାଇବେ। ଏପରି ହେଲେ ରୋହିତ ଓ ରାହାଣେ ଉଭୟେ ଖେଳିବା ସମ୍ଭାବନା ରହିଛି।

ଯଦି ଉଇକେଟ ସବୁଜ ହୁଏ ତେବେ ବଲ୍ ଫାଷ୍ଟ ଓ ବାଉନ୍ସ ହେବ। ଏପରି ହେଲେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ସମେତ ୫ ବୋଲରଙ୍କୁ ଭାରତ ଖେଳାଇବ। ପୁଣି ମୟଙ୍କ ଅଗ୍ରୱାଲଙ୍କ ସହ ଦ୍ୱିତୀୟ ଓପନର ଭାବେ କିଏ ଇନିଂସ ଓପନ କରିବ ସେ ନେଇ ଭାରତୀୟ ଟିମ୍ ମ୍ୟାନେମେଣ୍ଟ ଚିନ୍ତିତ ଥିବ। ଲୋକେଶ ରାହୁଲ ଜଣେ ସ୍ପେଶାଲିଷ୍ଟ ଓପନର ହୋଇଥିବାରୁ ତାଙ୍କୁ ସୁଯୋଗ ଦିଆଯାଇପାରେ। ତେବେ ଗତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ହନୁମା ବିହାରୀ ଓପନର ଭାବେ ଭଲ ପ୍ରଦର୍ଶନ କରିଥିଲେ। ପୁଣି ଅଷ୍ଟ୍ରେଲିଆ ତୁଳନାରେ ୱେଷ୍ଟଇଣ୍ଡିଜ୍‌ର ପେସ୍ ଆକ୍ରମଣ ସେତେଟା ଶାଣିତ ନୁହେଁ। ବିହାରୀଙ୍କୁ ସୁଯୋଗ ଦିଆ ନ ଗଲେ ଠିକ୍ ହେବ ନାହିଁ। ଏ ନେଇ କୋହଲି ଦ୍ୱନ୍ଦ୍ୱରେ ଥିବେ।

ଅପରପକ୍ଷରେ ୱେଷ୍ଟଇଣ୍ଡିଜ୍ ଟେଷ୍ଟ ଫର୍ମାଟରେ ଗତ କିଛି ବର୍ଷ ମଧ୍ୟରେ ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇନାହିଁ। ତେବେ ଦଳରେ କେତେଜଣ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ସାଇ ହୋପ, ଜନ୍ କ୍ୟାମ୍ପବେଲ ଓ ଶିମରନ ହେଟମେୟରଙ୍କ ଭଳି ୩ଜଣ ଯୁବ ପ୍ରତିଭାସମ୍ପନ୍ନ ଖେଳାଳି ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ। ରୋଷ୍ଟନ ଚେଜ୍ ମଧ୍ୟ ୨୦୧୬ରେ ଅନୁଷ୍ଠିତ କିଙ୍ଗଷ୍ଟନ ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ସେ ମଧ୍ୟ ଭଲ ଅଫ୍ ସ୍ପିନ୍ ବୋଲିଂ କରିପାରନ୍ତି। ଏପର୍ଯ୍ୟନ୍ତ ସେ ୫୦ ଟେଷ୍ଟ ଉଇକେଟ ହାସଲ କରିଛନ୍ତି। ଡାରେନ ବ୍ରାଭୋ ୱେଷ୍ଟଇଣ୍ଡିଜର ସବୁଠାରୁ ଅଭିଜ୍ଞ ବ୍ୟାଟ୍ସମ୍ୟାନ। ସେ ଏପର୍ଯ୍ୟନ୍ତ ୫୨ଟି ଟେଷ୍ଟ ଖେଳି ପାଖାପାଖି ୩୫୦୦ ରନ ସଂଗ୍ରହ କରିଛନ୍ତି। ତେବେ ବିଶ୍ୱର ସବୁଠାରୁ ଓଜନିଆ କ୍ରିକେଟର ରାଖିମ କର୍ନୱାଲଙ୍କୁ ଏହି ମ୍ୟାଚ୍‌ରେ ଖେଳିବାର ସୁଯୋଗ ମିଳିବ କି ନା ତାହା ଦେଖିବାକୁ ବାକି ରହିଲା। ତାଙ୍କର ବିଶାଳକାୟ ଶରୀରକୁ ନେଇ ଚର୍ଚ୍ଚା ହେଉଥିଲେ ମଧ୍ୟ ସେ ଭଲ ଅଫ୍ ସ୍ପନ୍ ବୋଲିଂ କରିବା ସହ ଲୋୟର ମିଡଲ ଅର୍ଡରରେ ଭଲ ବ୍ୟାଟିଂ କରିବାର କ୍ଷମତା ରଖିଥାନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଥିବାରୁ ଏହି ମ୍ୟାଚ୍ ଭାରତ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି।



ବୁଧବାର ସମୁଦ୍ର ସ୍ନାନର ମଜା ନେଉଛନ୍ତି ଭାରତୀୟ ଖେଳାଳି।

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍**

**ଭାରତୀୟ ଦଳ**

ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ହନୁମା ବିହାରୀ, ଅଜିଙ୍କ୍ୟ ରାହାନେ, ରୋହିତ ଶର୍ମା, ରିଷଭ ପନ୍ତ (ଉଇକେଟକିପର), କୁଲଦୀପ ଯାଦବ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଈଶାନ୍ତ ଶର୍ମା, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ଉମେଶ ଯାଦବ, ଭୁବନେଶ୍ୱର କୁମାର ଓ ଋଦ୍ଧିମାନ ଶାହା (ଉଇକେଟକିପର)।

**ୱେଷ୍ଟଇଣ୍ଡିଜ ଦଳ**

ଜାସନ ହୋଲ୍ଡର (ଅଧିନାୟକ), କ୍ରେଗ୍ ବ୍ରାଥୱେଟ୍, ଡାରେନ ବ୍ରାଭୋ, ଶମରାହ ବ୍ରୁକ୍ସ, ଜନ୍ କ୍ୟାମ୍ପବେଲ, ରଷ୍ଟନ ଚେଜ୍, ରାଖିମ କର୍ନୱାଲ, ଶେନ ଡୋରିଚ୍, ଶାନନ ଗାବ୍ରିଏଲ୍, ଶିମରନ ହେଟମେୟର, ସାଇ ହୋପ୍, କିମୋ ପଲ ଓ କେମର ରୋଚ୍।

**ସମୟ: ସନ୍ଧ୍ୟା ୭ଟା**
**ସ୍ଥାନ: ନର୍ଥ ସାଉଣ୍ଡ, ଆଣ୍ଟିଗୁଆ**
**ସିଧା ପ୍ରସାରଣ: ସୋନୀ ନେଟ୍‌ୱର୍କ**

# ଆଶେସ: ତୃତୀୟ ଟେଷ୍ଟ ଆଜିଠାରୁ

**ଲିଡ୍ସ,୨୧।୮(ଏଏଫ୍‌ପି)**



ନେଟ୍ସରେ ବ୍ୟାଟିଂ ଅଭ୍ୟାସ କରୁଛନ୍ତି ଇଂଲଣ୍ଡର ଜୋ ଡେନ୍‌ଲୀ

ଇଂଲଣ୍ଡ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଆଶେସର ତୃତୀୟ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହେବ। ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ୨୫୧ ରନରେ ବିଜୟୀ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟ ଅମୀମାଂସିତ ରହିବାରୁ ଅଷ୍ଟ୍ରେଲିଆ ଏହି ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ହାସଲ କରିଛି। ଫଳରେ ଲିଡ୍ସର ହେଡିଂଲି ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ ଅଷ୍ଟ୍ରେଲିଆ ଅପେକ୍ଷା ଇଂଲଣ୍ଡ ପାଇଁ ଅଧିକ ଗୁରୁତ୍ୱ ବହନ କରୁଛି। ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍ ଆହତ ହୋଇଥିଲେ। ଘଣ୍ଟା ପ୍ରତି ୯୨ ମାଇଲ ବେଗରେ ଆସି ବଲ୍ ତାଙ୍କ ବେକରେ ବାଜିଥିଲା। ଫଳରେ ସେ ତୃତୀୟ ଟେଷ୍ଟରୁ ବାଦ୍ ପଡିଛନ୍ତି। ସ୍ମିଥ୍‌ଙ୍କ ଅନୁପସ୍ଥିତି ଅଷ୍ଟ୍ରେଲିଆ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ସ୍ମିଥ୍ ପ୍ରଥମ ଟେଷ୍ଟରେ ଉଭୟ ଇନିଂସରେ ୧୪୪ ଓ ୧୪୨ ରନର ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ମଧ୍ୟ ଦ୍ୱିତୀୟ ଟେଷ୍ଟରେ ୯୨ ରନର ଲଢୁଆ ପାଳି ଖେଳିଥିଲେ।

ଅଷ୍ଟ୍ରେଲିଆ ଦଳରେ ପ୍ୟାଟ୍ କୁମିନ୍ସ, ଜୋଶ ହାଜେଲଉଡ୍ ଓ ମିଚେଲ ଷ୍ଟାର୍କଙ୍କ ଭଳି ତାରକା ଦ୍ରୁତ ବୋଲର ରହିଛନ୍ତି। ଇଂଲଣ୍ଡ ମାଟିରେ ଅଷ୍ଟ୍ରେଲିଆ ୧୮ ବର୍ଷ ପରେ ଆଶେସ ବିଜୟୀ ହେବ ବୋଲି କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ଇଂଲଣ୍ଡକୁ ହରାଇବାକୁ ଆମେ ରଣନୀତି ପ୍ରସ୍ତୁତ କରିଛୁ। ମ୍ୟାଚ୍ ଜିତିବା ପାଇଁ ଆମେ ଏଠାରେ ଆସି ପହଞ୍ଚିଛୁ ବୋଲି ସେ କହିଛନ୍ତି।

ଆହତ ହୋଇଥିବା ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କ ବିନା ଇଂଲଣ୍ଡ ପଡିଆକୁ ଓହ୍ଲାଇବ। ସ୍ମିଥ୍ ଓ ଇଂଲଣ୍ଡ ଓପନର ରୋରି ବର୍ନ୍ସଙ୍କୁ ବାଦ୍ ଦେଲେ ଦୁଇ ଦଳର ଟପ୍ ଅର୍ଡର କ୍ୱାଲିଟି ଫାଷ୍ଟ ବୋଲିଂକୁ ସାମ୍ନା କରିବାରେ ସମସ୍ୟାର ସମ୍ମୁଖୀନ ହେବା ଦେଖାଯାଇଛି। ବିଶ୍ୱକପ୍ ହିରୋ ଇଂଲଣ୍ଡ ଓପନର ଜାସନ ରୟ ଏହି ସିରିଜ୍‌ରେ ୪ଟି ଇନିଂସରେ ମାତ୍ର ୧୦ ରନ ହାରରେ ରନ୍ ସଂଗ୍ରହ କରିଛନ୍ତି। ଇଂଲଣ୍ଡ ବ୍ୟାଟିଂ କ୍ରମରେ ଅଦଳବଦଳ କରାଯିବ ବୋଲି କୋଚ୍ ଟ୍ରେଭର ବେଲିସ୍ କହିଛନ୍ତି। ସ୍ମିଥ୍‌ଙ୍କ ଅନୁପସ୍ଥିତିରୁ ଇଂଲଣ୍ଡ ଫାଇଦା ଉଠାଇବାକୁ ପ୍ରୟାସ କରିବ। ସ୍ମିଥ୍ ପ୍ରଥମ ମ୍ୟାଚରେ ଦୁଇଟି ଶତକ ହାସଲ କରି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ସେହିପରି ଦ୍ୱିତୀୟ ଟେଷ୍ଟରେ ମଧ୍ୟ ଇଂଲଣ୍ଡର ଯୋଜନାକୁ ପଣ୍ଡ କରିଥିଲେ। ଜୋଫ୍ରା ଆର୍ଚର ପୁଣି ଇଂଲଣ୍ଡ ପାଇଁ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହେବେ। ସେହିପରି ଲର୍ଡ୍ସରେ ଅପରାଜିତ ଶତକ ହାସଲ କରିଥିବା ବେନ୍ ଷ୍ଟୋକ୍ସ ମଧ୍ୟ ଏହି ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିବା ଆଶା କରାଯାଉଛି। ବିଶ୍ୱକପ୍ ବିଜୟୀ ଇଂଲଣ୍ଡ ଦଳ ଏହି ମ୍ୟାଚ୍ ଜିତି ସିରିଜକୁ ୧–୧ ସମାନ ସ୍ତରକୁ ଆଣିବାକୁ ଚେଷ୍ଟା କରିବ। ସେହିପରି ବିଜୟୀ ହେବା ସହ ଅଷ୍ଟ୍ରେଲିଆ ୨–୦ରେ ଅଗ୍ରଣୀ ହେବାକୁ ପ୍ରୟାସ କରିବ। ଫଳରେ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

# ବିଶ୍ୱ ଚାମ୍ପିୟନଶିପ୍: ସିନ୍ଧୁଙ୍କ ସହଜ ବିଜୟ

**ବାସେଲ(ସୁଇଜରଲାଣ୍ଡ), ୨୧।୮ (ପି.ଟି.)**

ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ପ୍ରତିଯୋଗିତା ବିଶ୍ୱ ଚାମ୍ପିୟନଶିପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମୁକାବିଲାରେ ସେ ୨୧–୧୪, ୨୧–୧୪ ସିଧାସଳଖ ଗେମ୍‌ରେ ଚାଇନିଜ ତାଇପେଇର ପାଇ ୟୁ ପୋ'ଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ସିନ୍ଧୁଙ୍କ ଏହା ୧୭ତମ ବିଜୟ ଥିଲା। ୨୦୧୩ରୁ ସେ ଏହି ଟୁର୍ନାମେଣ୍ଟ ଖେଳିଆସୁଛନ୍ତି। ଏଥିସହ ଏହି ସମ୍ମାନଜନକ ପ୍ରତିଯୋଗିତାରେ ସର୍ବାଧିକ ମହିଳା ସିଙ୍ଗଲ୍ସ ମ୍ୟାଚ୍ ଜିତିବାରେ ସେ ସ୍ପାନିଶ ବ୍ୟାଡ୍‌ମିଣ୍ଟନ ତାରକା କାରୋଲିନା ମାରିନ୍‌ଙ୍କ ସମକକ୍ଷ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ବାଇ ପାଇଥିବା ସିନ୍ଧୁ ଏହି ମ୍ୟାଚ୍ ଜିତିବାକୁ ୪୩ ମିନିଟ୍ ସମୟ ନେଇଥିଲେ। ପ୍ରି–କ୍ୱାର୍ଟର ଫାଇନାଲରେ ୫ମ ସିଡ୍ ସିନ୍ଧୁଙ୍କ ମୁକାବିଲା ଆମେରିକାର ବେଇୱିନ ଝାଙ୍ଗ୍‌ଙ୍କ ସହ ହେବ। ଗତବର୍ଷ ଇଣ୍ଡିଆ ଓପନ୍ ଫାଇନାଲରେ ଝାଙ୍ଗ୍‌ଙ୍କ ନିକଟରୁ ପରାସ୍ତ ହୋଇ ସିନ୍ଧୁ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ଅପରପକ୍ଷରେ ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ଜାକ୍କାପୁଡି ମେଘନା ଓ ପୁରଭିଶା ଏସ୍. ରାମ ୮–୨୧, ୧୮–୨୧ ସିଧାସଳଖ ଗେମ୍‌ରେ ଜାପାନ ଯୋଡ଼ିଙ୍କ ନିକଟରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

**ସର୍ବ ସାଧାରଣ ନୋଟିସ୍**

[illegible]

**ତଫସିଲଭୁକ୍ତ ଜମିର ସଂପୂର୍ଣ୍ଣ ବିବରଣୀ**

[illegible]

ତାରିଖ: [illegible]
ସ୍ଥାନ- [illegible]
[illegible]
[illegible] OLD GUEST HOUSE COLONY, HIRAKUD, SAMBALPUR -768016
Mob [illegible] E-mail [illegible]@gmail.com

# ଟେଷ୍ଟ ହିଁ କ୍ରିକେଟର ଶ୍ରେଷ୍ଠ ଫର୍ମାଟ

**ସୌରଭ ଗାଙ୍ଗୁଲି**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ୱେଷ୍ଟଇଣ୍ଡିଜ ଗସ୍ତ ଏକ ନୂଆ ଆରମ୍ଭ ସାବ୍ୟସ୍ତ ହୋଇଛି। ଟି୨୦ ଓ ଦିନିକିଆ ସିରିଜ ବିଜୟ ପରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ଚାମ୍ପିୟନଶିପ୍‌ରେ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଟେଷ୍ଟ ଫର୍ମାଟକୁ ଆହୁରି ରୋମାଞ୍ଚକ ଓ ମଜାଦାର କରିବା ପାଇଁ ଆଇସିସି ଏହି ଚାମ୍ପିୟନଶିପ୍ ଆରମ୍ଭ କରିଛି। ଟେଷ୍ଟ ଫର୍ମାଟ ଏବେ ମଧ୍ୟ କ୍ରିକେଟର ଶ୍ରେଷ୍ଠ ଫର୍ମାଟ। ଚଳିତ ଆଶେସରୁ ଏହା ପ୍ରମାଣିତ ହୋଇଛି।

ୱେଷ୍ଟଇଣ୍ଡିଜ ପୂର୍ବପରି ଶକ୍ତିଶାଳୀ ହୋଇ ରହିନାହିଁ। ପୂର୍ବର ଗୌରବକୁ ଏହି ଦଳ ହରାଇଛି। ବିଶ୍ୱକପ୍ ଓ ଭାରତରେ ଆୟୋଜିତ ସିରିଜରେ ଏହା ପ୍ରମାଣିତ ହୋଇଛି। ଦଳ ପୁନର୍ଗଠନ ପ୍ରକ୍ରିୟାରେ ରହିଛି। ୱେଷ୍ଟଇଣ୍ଡିଜ ଦଳରେ କେତେଜଣ ପ୍ରତିଭାସମ୍ପନ୍ନ କ୍ରିକେଟର ରହିଛନ୍ତି। କେବଳ ପ୍ରତିଭାସମ୍ପନ୍ନ ହେଲେ ଚଳିବ ନାହିଁ। କଠିନ ପରିଶ୍ରମ ଓ ଖେଳିବା ପାଇଁ ମାଇଣ୍ଡ ସେଟ୍ ବା ମନୋଭାବ ଆବଶ୍ୟକ ବୋଲି ବ୍ରାଏନ ଲାରା କହିଛନ୍ତି। ଲାରାଙ୍କ ସହିତ ମୁଁ ମଧ୍ୟ ଏକମତ। ଗତ ସିରିଜରେ ଭ୍ରମଣକାରୀ ଇଂଲଣ୍ଡକୁ ହରାଇଥିଲେ ମଧ୍ୟ ଘରୋଇ ପରିବେଶରେ ଭାରତକୁ ହରାଇବା ସେତେଟା ସହଜ ନୁହଁ।

ଭାରତ ପାଇଁ ଦଳ ଅନ୍ତିମ ଏକାଦଶ ଚୟନ ଗୁରୁତ୍ୱପୂର୍ଣ୍ଣ। ଅଭିଜ୍ଞ ଋଦ୍ଧିମାନ ଶାହଙ୍କ ବଦଳରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ପ୍ରଥମ ଟେଷ୍ଟରେ ସୁଯୋଗ ଦିଆଯିବା ଉଚିତ୍। ଆହତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଈଶାନ୍ତ ଶର୍ମା ଓ ଯଶପ୍ରୀତ ବୁମ୍‌ରା ଖେଳିବା ନିଶ୍ଚିତ ମନେହେଉଛି। ତେବେ ଭୁବନେଶ୍ୱର କୁମାରଙ୍କ ବଦଳରେ ମହମ୍ମଦ ସାମିଙ୍କୁ ଅଗ୍ରାଧିକାର ଦେବି। ଟେଷ୍ଟରେ ସାମି ଅଧିକ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ସ୍ପିନ୍‌ରେ ଅଭିଜ୍ଞତା ଦୃଷ୍ଟିକୋଣରୁ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଖେଳାଯିବା ଉଚିତ୍ ହେବ। ଏହା ହେଲେ ଜାଡେଜା ଓ ଅଶ୍ୱିନ ଦୀର୍ଘଦିନ ପରେ ଏକଠୀ ସ୍ପିନ୍ ଦାୟିତ୍ୱ ସମ୍ଭାଳିବେ।

ରୋହିତ ଶର୍ମା ଓ ଅଜିଙ୍କ୍ୟ ରାହାନେଙ୍କ ମଧ୍ୟରୁ କାହାକୁ ଖେଳାଯିବ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ରୋହିତ ଟେଷ୍ଟରେ ସେତେଟା ସଫଳ ହୋଇନାହାନ୍ତି। ଅନ୍ୟପଟେ ରାହାନେ ଗତ ଦକ୍ଷିଣ ଆଫ୍ରିକା ଗସ୍ତରେ କେତୋଟି ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ତେବେ ଅଷ୍ଟ୍ରେଲିଆ ଗସ୍ତରେ ସେ ଫେଲ୍ ମାରିଥିଲେ। ମୋ ମତରେ ଓପନର ହିସାବରେ ରୋହିତ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିବାରୁ ତାଙ୍କୁ ଟେଷ୍ଟରେ ମଧ୍ୟ ଇନିଂସ ଓପନ କରିବାର ସୁଯୋଗ ଦିଆଯିବା ଦରକାର। ଅନ୍ୟପଟେ ରାହାନେଙ୍କୁ ମିଡଲ–ଅର୍ଡରରେ ପୂର୍ବପରି ସୁଯୋଗ ଦିଆଗଲେ ସେ ଭଲ ପ୍ରଦର୍ଶନ କରିବେ। (ଗେମ୍‌ପ୍ଲାନ)

SEAGRAM'S
ROYAL STAG
MEGA MUSIC CDs

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଅଗଷ୍ଟ ୨୨/୨୦୧୯ Sambalpur, Thursday, August 22 / 2019




## ଟ୍ରାକ୍ଟରରୁ ବ୍ୟାଟେରି ଚୋରି କରି ୨ ଗିରଫ

**ରେଢାଖୋଲ, ୨୧।୮ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଥାନା କଦଳୀଗଡ ପଞ୍ଚାୟତର କନ୍ଧରା ଓ କଦଳୀଗଡ ଗ୍ରାମରେ ୨ଟି ଟ୍ରାକ୍ଟରରୁ ବ୍ୟାଟେରି ଚୋରି କରିଥିବା ଅଭିଯୋଗରେ ପୋଲିସ ୨ଜଣ ଅଭିଯୁକ୍ତଙ୍କ ବୁଧବାର ଗିରଫ କରିଛି। ଏମାନଙ୍କଠାରୁ ଚୋରି ହୋଇଥିବା ୨ଟି ବ୍ୟାଟେରି ମଧ୍ୟ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ମହତପୁର ଗ୍ରାମର ଦେବେନ୍ଦ୍ର ଭୁକ୍ତା (୩୨) ଓ ତେନ୍ତୁଲିପଦର ଗ୍ରାମର ଅରକ୍ଷିତ ପ୍ରଧାନ (୨୮)। ଗତ ୧୬ ତାରିଖ ରାତିରେ କନ୍ଧରା ଗ୍ରାମର ଭଗବାନ ମେହେର ଓ କଦଳୀଗଡ ଗ୍ରାମର ନିରଞ୍ଜନ ସାହୁଙ୍କ ଘର ସମ୍ମୁଖରେ ରଖା ଯାଇଥିବା ଟ୍ରାକ୍ଟରରୁ ବ୍ୟାଟେରି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଶେଷରେ ତେନ୍ତୁଲିପଦର ଗାଁ ନିକଟ ଜଙ୍ଗଲରୁ ପୋଲିସ ବ୍ୟାଟେରି ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବୁଧବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ଏ ଦୁହିଁଙ୍କୁ ଜେଲ ଯିବାକୁ ପଡିଛି।

# ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଘାଇ

**ଜୁନାଗଡ,୨୧।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମୁଣ୍ଡରାଗୁଡା ପଞ୍ଚାୟତ ପଣ୍ଡରାପଲାରେ ବୁଧବାର ମଧ୍ୟାହ୍ନରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଘାଇ ସୃଷ୍ଟି ହୋଇଛି। ଏଥିଯୋଗୁ ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଛି। ଫଳରେ ଧାନ ଫସଲ ନଷ୍ଟ ହେବା ଆଶଙ୍କା ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ଼ ବ୍ଲକ ପଣ୍ଡରାପଲାଠାରେ ଦୁର୍ବଳ ହିଡ଼ (ବନ୍ଧ) ଯୋଗୁ ବୁଧବାର ମଧ୍ୟାହ୍ନରେ ହଠାତ୍ ଦକ୍ଷିଣ ମୁଖ୍ୟ କେନାଲରେ ପ୍ରାୟ ୧୦ରୁ ୧୫ ଫୁଟର ଘାଇ ସୃଷ୍ଟି ହୋଇଥିଲା। ସେହି ଘାଇ ଦେଇ କେନାଲ ପାଣି ନିକଟସ୍ଥ ଚାଷ ଜମିକୁ ମାଡ଼ି ଯିବାରୁ ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଛି। ଫଳରେ ସେଠାରେ ରୁଆ ହୋଇଥିବା ଧାନ ଫସଲ ନଷ୍ଟ ହୋଇଛି ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି। ଘାଇ ହେବା ଜାଣିବା ପରେ ବିଭାଗୀୟ କର୍ତ୍ତୃପକ୍ଷ ମଙ୍ଗଳପୁର ବ୍ୟାରେଜର ଦକ୍ଷିଣ ମୁଖ୍ୟ କେନାଲର ଏଚ୍‌ଆର


ପଣ୍ଡରାପଲାଠାରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ସୃଷ୍ଟି ହୋଇଥିବା ଘାଇ।

### ଶତାଧିକ ଏକର ଚାଷ ଜମି ଜଳମଗ୍ନ

ଗେଟକୁ ବନ୍ଦ କରି ଦେଇଛନ୍ତି। ସେହିପରି କେନାଲ ଉପର ମୁଣ୍ଡରେ ଥିବା ୫ଟି ଏସ୍‌କେବି ଗେଟକୁ ଖୋଲାଯାଇଥିବାରୁ ରାତି ସୁଦ୍ଧା ଜଳସ୍ରୋତ କମିବ ବୋଲି ଜଣାପଡିଛି। ଏଥିଯୋଗୁ ପଣ୍ଡରାପାଲି ଗ୍ରାମର ମେଦୁ ମାଝି, ପ୍ରଶାନ୍ତ ମାଝି, ନବୀନ ମାଝି, ସନ୍ତ ମାଝି, ପ୍ରଭାକର ମାଝି, ସୁମନ୍ତ ପଟେଲ, ଚକ୍ର ନାଏକ, ନେତ୍ର ମାଝି ପ୍ରମୁଖ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।




## ‘ଲୁଟ୍ ନୁହେଁ, ହଜିଗଲା ବୋଲି ଅଭିଯୋଗ କର’

**ସମ୍ବଲପୁର,୨୧।୮ (ବୁରୋ)**

ସମ୍ବଲପୁର ଯୁଯୁମୁରା ବ୍ଲକ କଂସର ଓ ମେଘପାଲ ପଞ୍ଚାୟତ ଦାୟିତ୍ୱରେ ଥିବା ଇଓ (ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ) ବିଜୟ ଭୁଏଁଙ୍କଠାରୁ ହିରୋ ଗ୍ରାମ ଛକରେ କେତେକ ଦୁର୍ବୃତ୍ତ ଗତ ଶନିବାର ୨୫ ଶହ ଟଙ୍କା, ଭତ୍ତା ସମ୍ପର୍କିତ କାଗଜପତ୍ର ଓ ଏକ ମୋବାଇଲ ଲୁଟି ନେଇଛନ୍ତି। ଇଓଙ୍କୁ ସେମାନେ ମାଡପିଟ କରିବା ସହ ହତ୍ୟା ଧମକ ମଧ୍ୟ ଦେଇଥିଲେ। ଏହାକୁ ନେଇ ଇଓ ଯୁଯୁମୁରା ଥାନାରେ ୧୭ ତାରିଖ ଲିଖିତ ଅଭିଯୋଗ କରିଥିଲେ। ହେଲେ ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ଲୁଟ୍ ଅଭିଯୋଗ ପରିବର୍ତ୍ତେ ହଜିଯାଇଛି ବୋଲି ଅଭିଯୋଗ କରିବାକୁ ଇଓ ଭୁଏଁଙ୍କ ଉପରେ ପୋଲିସ ଚାପ ପକାଇଥିଲା। ଶେଷରେ ବୁଧବାର ବାଧ୍ୟ ହୋଇ ପୋଲିସ ଏହା ଉପରେ ଏକ ମାମଲା ରୁଜୁ କରିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୨ ଅଗଷ୍ଟ, ୨୦୧୯



ଯେଉଁମାନଙ୍କ ମନଟି ଛୋଟ, ସେମାନଙ୍କୁ ଛୋଟ କଥାଟିଏ ବି ବଡ଼ ଭଳି ଜଣାପଡ଼େ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନ ଓ ଭକ୍ତି ଯଜ୍ଞ

**ସୋନପୁର,୨୧।୮(ନି.ପ୍ର.):** ସହରର ଅଗ୍ରସେନ ଭବନ(ମାରୱାଡି ଧର୍ମଶାଳା)ରେ ବୁଧବାରଠାରୁ ଆରମ୍ଭ ହୋଇଛି ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନ ଓ ଭକ୍ତି ଯଜ୍ଞ । ଯଜ୍ଞ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ମଥୁରାର ସଞ୍ଜୟ କୃଷ୍ଣ ଜି ଉପାଧ୍ୟାୟ ଓ ତାଙ୍କ ଟିମ୍ ଶ୍ରଦ୍ଧାଳୁଙ୍କୁ ସପ୍ତାହ ବ୍ୟାପି ଭାଗବତ କଥାମୃତ ଶୁଣାଇବେ। ମାରୱାଡି ଯୁବାମଞ୍ଚ ଓ ମହିଳା ସମିତି ସୋନପୁର ଶାଖା ପକ୍ଷରୁ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ ହେଉଛି । ଏହି ପରିପ୍ରେକ୍ଷୀରେ ସକାଳେ ଶତାଧିକ ମହିଳା ଓ ପୁରୁଷ ସଂକୀର୍ତ୍ତନ୍ୟ ସହ ମହାନଦୀର ତେନ୍ତୁଳିଘାଟରୁ କଳସ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ ।

# ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

- କଡ଼ାକଡ଼ି ହେବ ନୋ ହେଲମେଟ୍ ନୋ ପେଟ୍ରୋଲ ନିୟମ
- ସ୍କୁଲ ପରିବହନ ନୀତିକୁ ପାଳନ ପାଇଁ ଗୁରୁତ୍ୱ

**ସୋନପୁର,୨୧।୮(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ଉପଜିଲାପାଳ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ବଳରାମ ମଲ୍ଲିକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସଡ଼କ ଦୁର୍ଘଟଣା କିଭଳି ଜିଲାରେ ହ୍ରାସ ପାଇବ ସେ ନେଇ ଆଲୋଚନା ହୋଇଥିଲା। ଜିଲାପାଳ ତଥା କମିଟି ଅଧ୍ୟକ୍ଷ ମୋନିଷା ବାନାର୍ଜୀ ଯୋଗଦେଇ ଜିଲାରେ ଦୁର୍ଘଟଣା ହାର କମ୍ ରହିଛି । ଏହାକୁ କିଭଳି ଶୂନ୍ୟକୁ ଅଣାଯିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ । ଲୋକଙ୍କୁ ସଚେତନ କରିବା ପାଇଁ ପେଟ୍ରୋଲ ପମ୍ପ ଏବଂ ସିନେମା ହଲରେ ଦୁର୍ଘଟଣା ସମ୍ପର୍କିତ ଭିଡିଓ ପ୍ରଦର୍ଶିତ କରିବାକୁ ସମ୍ପୃକ୍ତ ମାଲିକଙ୍କୁ ଅନୁରୋଧ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜନଗହଳି ସ୍ଥାନମାନଙ୍କରେ ନାଟକ ପ୍ରଦର୍ଶିତ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଅସୁରକ୍ଷିତ ଭାବେ ଛାତ୍ରୀଛାତ୍ର ଅଟୋ, ଟାଟା ମ୍ୟାଜିକ୍ ଓ ମାରୁତି ଭ୍ୟାନ୍‌ରେ ସ୍କୁଲ ଯାଉଛନ୍ତି। ସ୍କୁଲ ବସ୍‌ରେ କେୟାର ଟେକର ରହୁନାହାନ୍ତି। ସୁରକ୍ଷିତ ଯାତାୟତ ପ୍ରତି ସ୍କୁଲ କର୍ତ୍ତୃପକ୍ଷ ଏବଂ ଅଭିଭାବକ ଦୃଷ୍ଟି ଦେଉନାହାନ୍ତି । ଅଧିକାଂଶ ବିଦ୍ୟାଳୟରେ ପରିବହନ କମିଟି ଗଠନ କରାଯାଇ ନାହିଁ। ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରୁଥିବା ଡ୍ରାଇଭରଙ୍କ ଫୋନ ନମ୍ବର ଏବଂ ଠିକଣା ରଖିବା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅଧ୍ୟକ୍ଷଙ୍କୁ ଚିଠି କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଶିକ୍ଷାନୁଷ୍ଠାନଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ମଦ୍ୟପାନ କରି ଡ୍ରାଇଭିଂ, ବାଇକ୍‌ରେ ୩ ଜଣ ବସିବା, ଡ୍ରାଇଭିଂ ସମୟରେ ମୋବାଇଲ ଫୋନ ବ୍ୟବହାର ଓ ଦ୍ରୁତ ବେଗରେ ଯାନ ବାହାନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ । ଆବଶ୍ୟକ ସ୍ଥଳେ ଗାଡିକୁ ଜବତ କରାଯିବ । ନୋ ହେଲମେଟ ନୋ ପେଟ୍ରୋଲ ନିୟମକୁ ପାଳନ ପାଇଁ ହେଲମେଟ୍ ଯାଞ୍ଚ ଓ ଟ୍ରାଫିକ୍ ନିୟମକୁ କଡାକଡି ପାଳନ କରାଯିବ ବୋଲି ଏସ୍‌ପି ଦେବୀପ୍ରସାଦ ଦାଶ ସୂଚନା ଦେଇଥିଲେ। ସଡ଼କ ଦୁର୍ଘଟଣା ଜୁଲାଇ ଓ ଅଗଷ୍ଟ ମାସରେ ହ୍ରାସ ପାଇଛି । ଦ୍ରୁତ ଗତିରେ ଡ୍ରାଇଭିଂ ପାଇଁ ଜାନୁୟାରୀରୁ ଜୁଲାଇ ମାସ ମଧ୍ୟରେ ୧୫ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇଥିବା ଏମ୍‌ଭିଆଇ ରବିନ ପଟ୍ଟନାୟକ ସୂଚନା ଦେଇଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ଆଣ୍ଟୋନୀ ତିର୍କୀ, ସୋନପୁର ଏସଡିପିଓ ମିହିର କୁମାର ପଣ୍ଡା, ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଅସିତ କୁମାର ବଡପଣ୍ଡା, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ, ଜୁନିୟର ଏମଭିଆଇ ଜନ ପ୍ରତାପ କୁଲୁ, ଜିଲା ସଡକ ସୁରକ୍ଷା କମିଟିର ସଭ୍ୟ ମୃତ୍ୟୁଞ୍ଜୟ ଶତପଥୀ ଓ ପୁରୁଷୋତ୍ତମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜ୍ୱାଇଁଙ୍କ ଗୋଡ଼ ହାଣି ଶଶୁର ଥାନାରେ ଆତ୍ମସମର୍ପଣ

**କନ୍ଧମାଳ ୨୧।୮(ଡି.ଏନ୍.ଏ.)**

ବୌଦ୍ଧ ଜିଲା ଡୁଙ୍ଗୁରିଗୁରା ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି । ଝିଅର ପ୍ରେମ ବିବାହକୁ ବିରୋଧ କରି ଗାଁର ଜଣେ ବ୍ୟକ୍ତି ବିବାହର ୨ ମାସ ପରେ ଜ୍ୱାଇଁଙ୍କ ଗୋଡକୁ ହାଣି ଦେଇଛନ୍ତି। ଫଳରେ ଜ୍ୱାଇଁ ସୌରଭ ଦଣ୍ଡିଆ(୨୪)ଙ୍କୁ ଗୁରୁତର ଅବସ୍ଥାରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ କନ୍ଧମାଳ ପୋଲିସ ଏକ ମାମଲା(ନଂ.୧୪୦/୨୦୧୯)ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ଫେରାର ଥିବା ଶଶୁର ଡୁଙ୍ଗୁରିଗୁରା ଗ୍ରାମର ଶଶି ମହାଲିକ ମଙ୍ଗଳବାର ବିଳମ୍ବିତ ରାତିରେ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଶିଶିଙ୍କ ଝିଅ ଜ୍ୟୋସ୍ନା ଡୁଙ୍ଗୁରିଗୋରା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟ କରୁଛନ୍ତି। ହେଲେ ସେ ୨ ମାସ ତଳେ ସୌରଭଙ୍କୁ ପ୍ରେମ ବିବାହ କରିଥିଲେ। ଏହାକୁ ବାପ ବରୋଧ କରି ଆସୁଥିଲେ। ଅନ୍ୟପକ୍ଷେ ଶଶୁର ଶଶି ଏକ ଟାଙ୍ଗିଆରେ ଜ୍ୱାଇଁ ସୌରଭଙ୍କ ଗୋଡକୁ ହାଣି ଦେଇଥିଲେ । ଫଳରେ ଗୋଡଟି ସମ୍ପୂର୍ଣ୍ଣ ଭାବେ ଛିଣ୍ଡି ଯାଇଛି। ଏପରି କି ସୌରଭଙ୍କ ଡାହାଣ ହାତରେ ମଧ ଗୁରୁତର ଆଘାତ ଲାଗିଥିବା ଜଣାପଡିଛି।

# ଜ୍ଞାନବିଜ୍ଞାନ ମେଳାରେ ୭୨ ପ୍ରକଳ୍ପ ପ୍ରଦର୍ଶିତ

**ଅମରପାଲି,୨୧।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ସ୍କୁଲସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୪ ବର୍ଗରେ ୭୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ୩୦, ଚତୁର୍ଥ ଓ ପଞ୍ଚମ ଶ୍ରେଣୀରୁ ୧୭, ବାଳ ବର୍ଗରେ ୧୦ ଓ କିଶୋର ବର୍ଗର ୧୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଜାହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଗଣପତି ଶିକ୍ଷା ନିକେତନ ଓ ଅରବିନ୍ଦ ଶିକ୍ଷାକେନ୍ଦ୍ର ବିଜ୍ଞାନ ଶିକ୍ଷକ ବିଭୁଦତ୍ତ ଖେତୀ ଓ ମାନସରଞ୍ଜନ ଶତପଥୀ ଅତିଥି ଭାବେ ଯୋଗଦେଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବିଜ୍ଞାନକୁ ଅଗ୍ରାଧିକାର ଦେବା ପାଇଁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଦିଲୀପ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକଳ୍ପଗୁଡ଼ିକ ବିଚାରକମାନଙ୍କ ଦ୍ୱାରା ମନୋନୀତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




ଜଣେ ଛାତ୍ର ତାଙ୍କ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ, ଭତ୍ତା ବଣ୍ଟନ

**ଅମରପାଲି,୨୧।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ବଣ୍ଟନ କରାଯାଇଛି । ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ନିରଞ୍ଜନ ନାଏକ ଅଧ୍ୟକ୍ଷତା କରିଥିଲେ। ଏଥିରେ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବଲାଙ୍ଗୀର ଏମ୍‌ପି ସଂଗୀତା ସିଂଦେଓ, ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ, ବୀରମହାରାଜପୁର ଜୋନ-୨ ଜିଲା ପରିଷଦ ଗାୟତ୍ରୀ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ବୀରମହାରାଜପୁରସ୍ଥିତ କଲ୍ୟାଣ ମଣ୍ଡପରେ ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

ବ୍ଲକର ପ୍ରାୟ ୪୫୦ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବେଳେ ୨୧୬ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ବଣ୍ଟନ କରାଯାଇଥିଲା। ଟିଁପିଲିର ସବିତା ଅମାତଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରୁ ୨୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଗିରିଧାରୀ ହୋତା ସଂଯୋଜନା କରିଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ସାହିତ୍ୟରେ ଗଙ୍ଗାଧରଙ୍କ ଅବଦାନ ଅତୁଳନୀୟ

**ବେଲପଡ଼ା,୨୧।୮(ଡି.ଏନ୍.ଏ.)**

ଓଡ଼ିଆ ସାହିତ୍ୟରେ କବି ଗଙ୍ଗାଧରଙ୍କ ଅବଦାନ ଅତୁଳନୀୟ ବୋଲି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବୁଧବାର ବେଲପଡ଼ା ବ୍ଲକ ଗ୍ରାମାଞ୍ଚଳ କେନ୍ଦ୍ର ବୋର୍ଡ ଭୁଲିଆ ସମାଜ ପକ୍ଷରୁ ବାସୁଦେବପଡ଼ା ନିକଟସ୍ଥ ନୋଡାଲ ସ୍କୁଲ ପ୍ରାଙ୍ଗଣରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ବେଲପଡ଼ା ବ୍ଲକ ଆଞ୍ଚଳିକ କେନ୍ଦ୍ର ବୋର୍ଡ ସଭାପତି ଡାଳିମ୍ବ ମେହେରଙ୍କ ସଭାପତିତ୍ୱ ଓ ଅଧ୍ୟାପକ ସୁରେଶ ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ସରୋଜ ମେହେର ଯୋଗଦେଇ ଥିଲେ।

## ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍‌ର ସଂଶୋଧିତ ସମୟ ସାରଣୀ

12894 ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍‌କୁ ନିମ୍ନଲିଖିତ ନୂତନ ସଂଶୋଧିତ ସମୟ ଅନୁସାରେ ତା. 01.09.2019 ରୁ ଚଳାଚଳ ପାଇଁ ନିର୍ଣ୍ଣୟ ନିଆଯାଇଅଛି ।

| ଷ୍ଟେସନ | ବର୍ତ୍ତମାନ | | ସଂଶୋଧିତ | |
|---|---|---|---|---|
| | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବଲାଙ୍ଗୀର | -- | 1430 | -- | 1445 |
| ଲୋଇସିଂହା | 1446 | 1448 | 1501 | 1503 |
| ବରପାଲି | 1515 | 1517 | 1530 | 1532 |
| ବରଗଡ ରୋଡ୍ | 1532 | 1534 | 1547 | 1549 |
| ହୀରାକୁଦ | 1605 | 1607 | 1620 | 1622 |
| ସମ୍ବଲପୁର | 1625 | 1635 | 1640 | 1650 |
| ସମ୍ବଲପୁର ରୋଡ୍ | 1640 | 1642 | 1655 | 1657 |
| ରେଢାଖୋଲ | 1740 | 1742 | 1755 | 1757 |
| ବାମୁର | 1756 | 1757 | 1811 | 1812 |
| ବଇଣ୍ଡା | 1823 | 1825 | 1838 | 1840 |
| ଅନୁଗୁଳ | 1912 | 1914 | 1927 | 1929 |
| ତାଳଚେର ରୋଡ୍ | 1924 | 1926 | 1939 | 1941 |
| ମେରାମଣ୍ଡଳୀ | 1941 | 1942 | 1957 | 1958 |
| ଢେଙ୍କାନାଳ | 2013 | 2015 | 2029 | 2031 |
| ନରାଜ ମାର୍ଥାପୁର | 2100 | 2101 | 2116 | 2117 |
| ମଞ୍ଚେଶ୍ୱର | 2126 | 2127 | 2142 | 2143 |
| ଭୁବନେଶ୍ୱର | 2140 | – | 2155 | -- |



ପୂର୍ବ ତଟ ରେଳପଥ
PR-311/K/19-20

### ସିମେଣ୍ଟ ଗୋଦାମରେ ଚଢ଼ାଉ ୨୪୫ ବସ୍ତା ୟୁରିଆ ସାର ଜବତ

**ଅମରପାଲି,୨୧।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଧୀନ ଚମ୍ପାପୁରସ୍ଥିତ ଏକ ସିମେଣ୍ଟ ଗୋଦାମରେ କୃଷି ବିଭାଗ ପକ୍ଷରୁ ଚଢାଉ କରି ବେଆଇନ ଭାବେ ରଖାଯାଇଥିବା ୟୁରିଆ ସାର ଜବତ କରାଯାଇଛି। ଚମ୍ପାପୁରସ୍ଥିତ ଭଜନ ଅଗ୍ରୱାଲଙ୍କ ସିମେଣ୍ଟ ଗୋଦାମରେ ବେଆଇନ ସାର ବିକ୍ରି ହେଉଥିବା ଖବର ମିଳିଥିଲା। ଏନେଇ ବୁଧବାର ଅପରାହ୍ନରେ ସୋନପୁର ଜେକ୍ୟୁ ସିଆଇ ଶୁଶ୍ରୀସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ବୀରମହାରାଜପୁର ଏଏଓ କାଳିନ୍ଦୀ ପରିଡ଼ା, କର୍ଡାପାଲ ଏଏଓ ତୁଷାରକାନ୍ତ ସାହୁ, ସୋନପୁର ସୋସିଆଲ କେମିଷ୍ଟ ଅନୀଲ ପ୍ରହରାଜ ଏବଂ ବୀରମହାରାଜପୁର ପୋଲିସ ପକ୍ଷରୁ ଗୋଦାମରେ ଚଢାଉ କରାଯାଇଥିଲା। ଗୋଦାମର ମାଲିକ ନ ଥିବାରୁ ସ୍ଥାନୀୟ ତହସିଲଦାର ତଥା ଏକଜ୍ୟୁକେଟିଭ ମାଜିଷ୍ଟ୍ରେଟ ଖଦାଲ ପାତ୍ରଙ୍କ ଉପସ୍ଥିତିରେ ଗୋଦାମ ଘର ତାଲା ଭାଙ୍ଗି ଯାଇଥିଲା। ପରେ ଅଧିକାରୀମାନେ ଗୋଦାମରୁ ୨୪୫ ବସ୍ତା ୟୁରିଆ ସାର ଜବତ କରିଥିଲେ।

### ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

**ଟିକ୍ରାପଡ଼ା,୨୧।୮(ଡି.ଏନ୍.ଏ.):** ସଇଁନ୍ତଳା ବ୍ଲକ ଟିକ୍ରାପଡ଼ାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଲୋକନାଥ ସେଠ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟଶଙ୍କର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ସିଂଦେଓ ମୁଖ୍ୟ ବିଚାରକ ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ପ୍ରକାଶଚନ୍ଦ୍ର ମିଶ୍ର କୋଷାଧ୍ୟକ୍ଷ ଜାନକି ବଲ୍ଲଭ ପଟ୍ଟନାୟକ ପୂର୍ବତନ ସଭାପତି ପ୍ରମୋଦ କୁମାର ପସାୟତ, ପୂର୍ବତନ ସମ୍ପାଦକ ଟୁନୁ ରାଜପଲିଆ ଅତିଥି ଭାବେ ଯୋଗଦେଇଥିଲେ।

# ସୁବର୍ଣ୍ଣପୁରରେ ଆରମ୍ଭ ହେବ ଚାଇଲ୍ଡ ଲାଇନ ସେବା

**ସୋନପୁର,୨୧।୮(ନି.ପ୍ର.)**

ସୁବର୍ଣ୍ଣପୁର ସମେତ ଓଡ଼ିଶାର ୬ଟି ଜିଲାରେ ଖୁବଶିଘ୍ର ଆରମ୍ଭ ହେବାକୁ ଯାଉଛି ଚାଇଲ୍ଡ ଲଇନ ସେବା । ଚାଇଲ୍ଡ ଲାଇନ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ ପକ୍ଷରୁ ଏଥିପାଇଁ ମଞ୍ଜୁରି ମିଳିଛି। ଏନେଇ ଜିଲାର ଶିଶୁ ସୁରକ୍ଷା ସମ୍ପର୍କିତ ଅଂଶୀଦାରମାନଙ୍କୁ ନେଇ ଏକ ବୈଠକ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଚାଇଲ୍ଡଲାଇନ ଇଣ୍ଡିଆ ଫାଉଣ୍ଡେଶନର କଲିକତାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ବରିଷ୍ଠ କାର୍ଯ୍ୟକ୍ରମ ସଂଯୋଜକ ଅର୍କ ଲାହା ଯୋଗଦେଇ ସେବା ପ୍ରଦାନ ସମ୍ପର୍କରେ ବୁଝାଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ସେବା ଆରମ୍ଭ ହେଲେ ଜିଲାର ନିରୁଦ୍ଦିଷ୍ଟ ଶିଶୁ, ଅପମାନିତା ଶିଶୁ, ବିପଦଗ୍ରସ୍ତ ଅବସ୍ଥାରେ ଥିବା ଶିଶୁ, ଜନଗହଳି ସ୍ଥାନରେ ଥିବା ଶିଶୁ ଏବଂ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କୁ ସହାୟତା ଯୋଗାଇବା ସହଜ ହେବ ବୋଲି କହିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଯୋଗଦେଇ ଏହା ଅସହାୟ, ନିର୍ଯାତିତ ଶିଶୁଙ୍କୁ ୨୪ ଘଣ୍ଟିଆ ଜରୁରିକାଳୀନ ସେବା ଯୋଗାଇବ ବୋଲି କହିଥିଲେ । କଲିକତାରୁ ଆସିଥିବା ଅର୍କ ଲାହା କହିଥିଲେ ଭାରତର ଯେକୌଣସି ଫୋନ୍ ସେବାରୁ ୧୦୯୮ ନମ୍ବରକୁ ମାଗଣାରେ କଲ କରି ଚାଇଲ୍ଡଲାଇନ ହେଲ୍‌ପଲାଇନ ସେଣ୍ଟର ସହିତ ସମ୍ପର୍କ କରିପାରିବେ । ଚାଇଲ୍ଡଲାଇନ ଟିମ୍ ଶିଶୁକୁ ସହାୟତା କରିବା ନିମନ୍ତେ ତୁରନ୍ତ ପହଞ୍ଚି ଯିବେ । ଶିଶୁକୁ ଥଇଥାନ ଏବଂ ନିରନ୍ତର ଆବଶ୍ୟକୀୟ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅସ୍ତ୍ରେରିଆ କେର୍କେଟା, ଡାକ୍ତର ଦୈତ୍ୟନାରାୟଣ ପାଢୀ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲା ଶିଶୁ ସୁରକ୍ଷା କମିଟି ସଭ୍ୟ ମଧୁସୂଦନ ପ୍ରଧାନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।




ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ବିଡିଓ ବୁଲି ଦେଖିଲେ ତିଲେଇମାଲ ରାସ୍ତାର ଅବସ୍ତା
# ତିଆରି ଲାଗି ଦେଲେ ୧୧ ଲାଖ ଅନୁଦାନ

**ଧରିତ୍ରୀ ପ୍ରଭାବ**

**ବିନିକା,୨୧।୮(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଁଚେତ୍ ଅଧୀନ ତିଲେଇମାଲ ଗାଁର ୪ କି.ମି. ମୁଖିଆ ରାସ୍ତାରେ ଏହେଦେ ଆଁଠେ କାଦୋ ହେଇଛେ। ଇ ରାସ୍ତାଟା ଗାଁରୁ ରାମପୁର-ଅରିଗାଁ ଆର୍‌ଡି ରାସ୍ତାକେ ଯୁଡ଼ି ହେଇଥିଲାବେଲେ ରାସ୍ତାର ୧୦ ମିଟର ନ କଂକ୍ରିଟ ହେଇଛେ। ହେଲେ ସେଦିନ୍‌ଠାନୁ ପାଖାପାଖି ଦେଢ଼ ବଛର ହେଲା ରାସ୍ତାରେ ମାଟି ମୁଠେ ନାଇଁ ପଡ଼ିଥିବାର ଗାଁର ମହିଲାମାନେ ଅଭିଯୋଗ କରିଥିଲେ। ଗାଁର ମହିଲାମାନେ କାଦୋ ସରସର ଇ ରାସ୍ତାରେ ସୋମବାର ପଲ୍‌ହା ରୁଇ ଥାନୀୟ ପରଶାସନକେ ପରତିବାଦ୍ ଜନେଇଥିଲେ। ଇ ବାବ୍‌ଦେ ଗଲା ୧୯ ତାରିଖ୍ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'କାଦୋ ସରସର ଖାଲଢ଼ିପ ରାସ୍ତା, ପଲ୍‌ହା ରୁଇ ପରତିବାଦ୍ ଜନାଲେ ଗାଁର ମହିଲା' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ମଙ୍ଗଳବାର ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ସହାୟକ ଯନ୍ତ୍ରୀ ଦୁଶାସନ ସାହୁ ତିଲେଇମାଲ ଗାଁରେ ପୁହୁଁଚିଥିଲେ। ବିଡିଓ ଗାଁର ରାସ୍ତାର ଅବସ୍ତା ବୁଲି ଦେଖିବାର ସଂଗେ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ଶତପଥୀଙ୍କର ସଂଗେ ଆଲୋଚନା କରିଥିଲେ। ପଛେ ଇ ବାବ୍‌ଦେ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚରାଲାରୁ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନରୁ ୨ ଲାଖ୍ ଆର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରୁ ୯ ଲାଖ୍ ଟଁକା ରାସ୍ତା ତିଆରି ବାବ୍‌ଦେ ଦେବାକେ ବିଡିଓ ନିରଦେଶ ଦେଇଛନ୍। ସେନ୍ତା ରାସ୍ତା ତିଆରି ଲାଗି ସରପଁଚ୍ ଚନ୍ଦ୍ର କୁମାର ମହାପାତ୍ର ବି ରାଜି ହେଇଛନ୍। ବହୁତ ଜଲ୍‌ଦି ଇ ରାସ୍ତା ତିଆରି କାମ୍ ଆରମ୍ ହେବା ବଲି ସେ କହିଥିଲେ।


## ପୂର୍ବ ତଟ ରେଳପଥ
### ଭଡ଼ା ସୂତ୍ରରେ ଗାଡ଼ି

ଟେଣ୍ଡର ବିଜ୍ଞପ୍ତି ସଂ. 05/ET/SBP/ENGG/2019-20, ତା:13.08.2019

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 17-eT-DENC-SBP-19

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ (Sr.DSO)/ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଗୋଟିଏ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 10,90,574.55, EMD (ଟଙ୍କାରେ) : ₹ 21,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 36(ଛତିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.09.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-306/K/19-20



## ପୂର୍ବ ତଟ ରେଳପଥ
### ଇଂଜିନିୟରିଂ କାର୍ଯ୍ୟ

ଟେଣ୍ଡର ବିଜ୍ଞପ୍ତି ସଂ. 05/ET/SBP/ENGG/2019-20, ତା: 13.08.2019

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 17-eT-SDENW-SBP-19
**କାର୍ଯ୍ୟର ନାମ :** ରେଳବାଇ ବିନିର୍ଦ୍ଦେଶନ (Specification) ଅନୁଯାୟୀ ରେଳବାଇ ଜମି/ଖାଦାନ ବାହାରୁ କଣ୍ଟାବାଞ୍ଜି ଡିପୋ ଠାରେ ମେସିନ୍ ଦ୍ୱାରା ଭଙ୍ଗା ଯାଇ 50,000 ଘନ ମିଟରର ଟ୍ରାକ୍ ବାଲାଷ୍ଟ(Ballast)ର ଯୋଗାଣ ଏବଂ ଗଦା ମାରିବା ତଥା ତାହାକୁ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹6,05,60,000/-, EMD(ଟଙ୍କାରେ):₹ 4,52,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର)ମାସ ।

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 18-eT-SDENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ ଷ୍ଟେସନ ଠାରେ 02 ଗୋଟି ଲିଫ୍ଟ(Lift)ର ସମ୍ପାଦନ ସମ୍ବନ୍ଧୀୟ ସିଭିଲ୍ ଇଂଜିନିୟରିଂ କାର୍ଯ୍ୟ ସମୂହ ଏବଂ ଲାଖୋଲି-ଥେରୁବାଲି ଏବଂ ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ରୋଡ୍ ସେକ୍ସନରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଦିବ୍ୟାଙ୍ଗ-ଅନୁକୂଳ ପୁରୁଷ ଏବଂ ମହିଳା ଶୌଚାଳୟଗୁଡ଼ିକର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹65,04,596.28, EMD(ଟଙ୍କାରେ):₹ 1,30,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

3) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 19-eT-SDENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର କେସିଙ୍ଗା-ଥେରୁବାଲି ସେକ୍ସନରେ ଷ୍ଟାଫ୍ କ୍ୱାର୍ଟର(ଟାଇପ୍-II, III ଏବଂ IV)ଗୁଡ଼ିକର ବିବିଧ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,53,75,597.65, EMD(ଟଙ୍କାରେ):₹ 2,26,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

4) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 20-eT-SDENW-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଲାଖୋଲି-ଟିଟିଲାଗଡ଼ ସେକ୍ସନ ମଧ୍ୟରେ ଲେଭେଲ କ୍ରସିଙ୍ଗଗୁଡ଼ିକର ସଡ଼କ ପୃଷ୍ଠଭାଗ ଏବଂ ଫେନ୍ସିଂ ୱାଲ (Fencing Wall), ଚଟାଣ ଇତ୍ୟାଦିଗୁଡ଼ିକର ମରାମତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,53,55,833.10, EMD(ଟଙ୍କାରେ):₹ 2,76,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ ।

5) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14-eT-SDENE-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ପ୍ରମାଣୀକୃତ ବ୍ରିଜ୍ ଡ୍ରଇଂ (ଛୋଟ ଏବଂ ବଡ଼) ତଥା ଫୁଟ୍ ଓଭର ବ୍ରିଜ୍ (FOB) ଡ୍ରଇଂଗୁଡ଼ିକର ଡିଜିଟାଇଜେସନ (Digitization) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹30,88,260/-, EMD(ଟଙ୍କାରେ):₹ 61,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

6) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 15-eT-SDENE-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ୍-ଟିଟିଲାଗଡ଼ ଏବଂ ସମ୍ବଲପୁର-ଅନୁଗୁଳ ସେକ୍ସନରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଦିବ୍ୟାଙ୍ଗ-ଅନୁକୂଳ ପୁରୁଷ ଏବଂ ମହିଳା ଶୌଚାଳୟଗୁଡ଼ିକର ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 35,22,978.46, EMD (ଟଙ୍କାରେ) : ₹ 70,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

7) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 16-eT-SDENE-SBP-19
**କାର୍ଯ୍ୟର ନାମ :** ବରଗଡ଼ ରୋଡ୍-ଟିଟିଲାଗଡ଼ ସେକ୍ସନ ମଧ୍ୟରେ ବିଭିନ୍ନ କଲୋନୀଗୁଡ଼ିକ ଠାରେ କ୍ଷତିଗ୍ରସ୍ତ/ଭଗ୍ନ ସେପ୍ଟିକ୍ ଟାଙ୍କିଗୁଡ଼ିକର ମରାମତି ଏବଂ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଷ୍ଟେସନ ବିଲ୍ଡିଙ୍ଗ୍ ଏବଂ ଅନ୍ୟ ସର୍ଭିସ୍ ବିଲ୍ଡିଙ୍ଗଗୁଡ଼ିକର ମରାମତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹98,80,820.87, EMD(ଟଙ୍କାରେ):₹ 1,97,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ)ମାସ ।

8) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 13-eT-DENC-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ବରଗଡ଼-ଟିଟିଲାଗଡ଼ ସେକ୍ସନରେ ବ୍ରିଜ୍ ନଂ.331, ଲାଖୋଲି-ଥେରୁବାଲି ସେକ୍ସନରେ ବ୍ରିଜ୍ ନଂ.77 ଏବଂ ବ୍ରିଜ୍ ନଂ.343, ଝାରସୁଗୁଡ଼ା-ବରଗଡ଼ ରୋଡ୍ ସେକ୍ସନରେ ପୋଲ ନଂ.7 ଏବଂ ବ୍ରିଜ୍ ନଂ.76 ଠାରେ TMS ଏକୀକରଣ (Integration) ସହିତ 05 ୟୁନିଟ୍ ଅଟୋମେଟେଡ୍ ୱାଟର ଲେଭେଲ ଗେଜ୍ ର ଯୋଗାଣ ଏବଂ ସଂସ୍ଥାପନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹29,23,800/-, EMD(ଟଙ୍କାରେ):₹58,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 03 (ତିନି)ମାସ ।

9) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 15-eT-DENC-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା-ବରଗଡ଼ ରୋଡ୍ ସେକ୍ସନରେ 06 ଗୋଟି ଷ୍ଟେସନ ଠାରେ ଦିବ୍ୟାଙ୍ଗ-ଅନୁକୂଳ ପୁରୁଷ ଏବଂ ମହିଳା ଶୌଚାଳୟଗୁଡ଼ିକର ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹10,56,893.53, EMD (ଟଙ୍କାରେ) : ₹ 21,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 03 (ତିନି)ମାସ ।

10) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 16-eT-DENC-SBP-19
**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ସମ୍ବଲପୁର ସ୍ଥିତ ରେଳ ନଗରରେ ଅଧିକାରୀ ଏବଂ କର୍ମଚାରୀମାନଙ୍କ ନିମନ୍ତେ ପ୍ରତ୍ୟେକ ପାଇଁ (02 ଗୋଟି) ସୁଇମିଙ୍ଗ୍ ପୁଲଗୁଡ଼ିକର ରକ୍ଷଣାବେକ୍ଷଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹15,99,897.72, EMD (ଟଙ୍କାରେ) : ₹ 32,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି)ମାସ ।

11) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 10-eT-BRIDGE-SBP-19
**କାର୍ଯ୍ୟର ନାମ :** ସମ୍ବଲପୁର ଏବଂ ସମ୍ବଲପୁର ରୋଡ୍ ଷ୍ଟେସନଗୁଡ଼ିକ ମଧ୍ୟସ୍ଥ କି.ମି.561/15-16 ଠାରେ ଅନୁମୋଦିତ ଡ୍ରଇଂ (ଡ୍ରଇଂ ନଂ.RDSO/B-16014/RI) ଅନୁଯାୟୀ ନୂଆ ୱେଲ୍ଡେଡ୍ ଟାଇପ୍ ବ୍ରିଜ୍ ଗର୍ଡ଼ର (12.2m) ସହିତ କ୍ଷତିଗ୍ରସ୍ତ ଗର୍ଡରଗୁଡ଼ିକର ରିଗର୍ଡ଼ରିଂ ଦ୍ୱାରା ବ୍ରିଜ୍ ନଂ.67(L-1)1X12.2m ର ମରାମତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 24,61,338.38, EMD (ଟଙ୍କାରେ) : ₹ 49,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.04.09.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-305/K/19-20



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

## ସଂକ୍ଷେପରେ

### ଦିନ ସାରା ଜଳୁଛି ଷ୍ଟ୍ରିଟ ଲାଇଟ

**ବୌଦ୍ଧ,୨୧।୮(ସ୍ୱ.ପ୍ର):** ବୌଦ୍ଧରେ ବର୍ତ୍ତମାନ ଘନ ଘନ ବିଦ୍ୟୁତ କାଟ ନେଇ ଲୋକମାନେ ଅତିଷ୍ଠ ହେବା ସହ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି । ଅଧିକାଂଶ ସମୟ ବିଦ୍ୟୁତ୍ କାଟ ହେଉଥିବାରୁ ଲୋକମାନେ ପାନୀୟଜଳ ପାଇବାରେ ଅସୁବିଧା ହେଉଛି। ସେପଟେ ସହରର ଶହ ଶହ ଷ୍ଟ୍ରିଟ ଲାଇଟ ଦିନ ସାରା ଜଳୁଥିବା ଦେଖିବାକୁ ମିଳିଛି । ବିଦ୍ୟୁତ ବିଭାଗର ଏଭଳି କାର୍ଯ୍ୟ ଯୋଗୁ ବୁଧବାର ବିଶ୍ୱ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବୌଦ୍ଧ ଜିଲାପାଳଙ୍କୁ ବିଦ୍ୟୁତ କାଟ ନେଇ ବରିଷ୍ଠ ନାଗରିକମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟୁତ କାଟ ଯୋଗୁ ସହରବାସୀ ମହାନଦୀ କୂଳରେ ଥାଇ ମଧ ଠିକ୍ ଭାବେ ପାନୀୟଜଳ ପାଇପାରୁନାହାନ୍ତି। ତୁରନ୍ତ ଏଥିପ୍ରତି ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ବିରାଟ ଜନଆନ୍ଦୋଳନକୁ ଏଡାଇ ହେବନାହିଁ ବୋଲି ମତ ପ୍ରକାଶ ପାଇଛି ।

### ଖବରଦାତାଙ୍କ ବିୟୋଗରେ ଶୋକସଭା

**ଘଣ୍ଟାପଡା, ୨୧।୮ (ଡି.ଏନଏ.):** ବରିଷ୍ଠ ଖବରଦାତା ରଣଜିତ ଗୁରୁଙ୍କ ପରଲୋକରେ କଣ୍ଟାମାଳ ବ୍ଲକ ସାମ୍ବାଦିକ ସଂଘ(କନ୍ସା) ପକ୍ଷରୁ ଶୋକସଭା ପାଳିତ ହୋଇଯାଇଛି । ବୁଧବାର କଣ୍ଟାମାଳ ସାମ୍ବାଦିକ ଭବନଠାରେ ବୈଜୟନ୍ତୀ ବାଗଙ୍କ ସହଯୋଗରେ ଅନୁଷ୍ଠିତ ଏହି ଶୋକ ସଭାରେ କଣ୍ଟାମାଳ ବ୍ଲକ ସମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ସାମ୍ବାଦିକ ଜୟ କୁମାର ମହାରଣା, ପୂର୍ଣ୍ଣଚନ୍ଦ୍ର ସାହୁ, ଦିବ୍ୟଶଙ୍କର ରାଉତ, ଦୁର୍ବାକ୍ଷ ବସ୍ତିଆ, ପ୍ରଭାତ ସାହୁ, ଅନନ୍ତ ଖମାରୀ, ବଂଶୀଧର ମାଝୀ, ଦୀପକ ବାରିକ, ଗୋବର୍ଦ୍ଧନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ■ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

# ବିଦ୍ୟୁତ୍, ପାନୀୟ ଜଳ, ରେଳ ପ୍ରକଳ୍ପ ନେଇ ଉଦ୍‌ବେଗ

**ବୌଦ୍ଧ,୨୧।୮(ସ୍ୱ.ପ୍ର)**

ବୌଦ୍ଧ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକ ସଭା ଗୃହରେ ବୁଧବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ବୌଦ୍ଧ ଜିଲା ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅଖିଳଚାନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦିବସରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ବରିଷ୍ଠ ନାଗରିକ ତଥା ସ୍ୱାଧୀନତା ସଂଗ୍ରାମୀ ଗୌରମୋହନ ମିଶ୍ର, ସଚ୍ଚିଦାନନ୍ଦ ଦଲାଲ ଓ ମଞ୍ଚର ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମଞ୍ଚର ବରିଷ୍ଠ ନାଗରିକ ତଥା ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ଦଲାଲ ବୌଦ୍ଧରେ ବରିଷ୍ଠ ନାଗରିକ ମାନେ ନିଜକୁ ଅବହେଳିତ ବୋଲି ମନେ କରୁଛୁ। ଜିଲାବାସୀ ମହାନଦୀ କୂଳରେ ଥାଇ ମଧ୍ୟ ପାନୀୟ ଜଳ ପାଉ ନ ଥିବା ବେଳେ ବର୍ତ୍ତମାନ ବିଜୁଳି କାଟ ଓ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ବିଳମ୍ବ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସହ ଜିଲାରେ ବରିଷ୍ଠ ନାଗରିକ ମଞ୍ଚ ୨୦୧୬ ମସିହାରୁ କାର୍ଯ୍ୟ କରିଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ବରିଷ୍ଠ ନାଗରିକମାନଙ୍କୁ ପରିଚୟ ପତ୍ର ଓ ସୁବିଧା ମିଳିପାରୁନାହିଁ ବୋଲି ଦଲାଲ କହିଥିଲେ। ମୁଖ୍ୟ ଅତିଥି ଜିଲାପାଳ ମିଶ୍ର ସମସ୍ତ ବରିଷ୍ଠ ନାଗରିକଙ୍କୁ ପ୍ରଣାମ ଜଣାଇବା ସହ ପ୍ରଶାସନକୁ ଠିକ ବାଟରେ ନେବା ଆପଣଙ୍କମାନଙ୍କ ଦାୟିତ୍ୱ ବୋଲି ମତ ଦେଇଥିଲେ। ଏହାସହ ଆପଣ ମାନେ ନିଜକୁ କେବେ ଅବହେଳିତ ଭାବିବେ ନାହିଁ। ମୁଁ ଆପଣଙ୍କ ସାଙ୍ଗରେ ସବୁବେଳେ ଅଛି ବୋଲି ଜିଲାପାଳ ମିଶ୍ର ବରିଷ୍ଠ ନାଗରିକମାନଙ୍କୁ କହିଥିଲେ। ଜିଲାରେ ବିଦ୍ୟୁତ ସମସ୍ୟା ନେଇ ଜିଲାପାଳ ଉଦବେଗ ପ୍ରକାଶ କରିବା ସହ ବିଦ୍ୟୁତ ବିଭାଗ ସହ ଆଲୋଚନା କରାଯାଇଛି ଏବଂ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଭୂମି ଅଧିଗ୍ରହଣ କାର୍ଯ୍ୟ ଚାଲିଥିବା କହିଥିଲେ। ବୟୋଜ୍ୟେଷ୍ଠ ନାଗରିକ ସ୍ୱାଧୀନତା ସଂଗ୍ରାମୀ ଗୌରମୋହନ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବୈଠକରେ ଜିଲାର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।




ବରିଷ୍ଠ ନାଗରିକ ଦିବସ ସଭାରେ ମଞ୍ଚାସୀନ ଅତିଥି ।

## ଗୋହିପିଟାରେ ବରିଷ୍ଠ ନାଗରିକ ବୈଠକ

**ମନମୁଣ୍ଡା, ୨୧।୮ (ଡି.ଏନ.ଏ):** ବୌଦ୍ଧ ଜିଲା ଯୋଗୀନ୍ଦ୍ରପୁର ପଞ୍ଚାୟତ ଗୋହିପିଟାଠାରେ ବରିଷ୍ଠ ନାଗରିକମାନଙ୍କ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ଦିବସ ଅବସରରେ ବାବା ଲକ୍ଷ୍ମୀନ୍ଦ୍ର ବର୍ଗଡ଼ିଙ୍କ ଆବାହକତ୍ୱରେ ସ୍ଥାନୀୟ ଖୁଲୁଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ ଆଜିକାଲି ବରିଷ୍ଠ ନାଗରିକମାନେ ପରିବାରରେ କିପରି ଅବହେଳିତ ହେଉଛନ୍ତି ତାହା ଉପରେ ଆଲୋଚନା ହୋଇଥିଲା । ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଥାନା, ଡାକ୍ତରଖାନା, ଯାନବାହନରେ ଯାତ୍ରା ବେଳେ ବରିଷ୍ଠ ନାଗରିକମାନଙ୍କୁ ଉପେକ୍ଷା କରାଯାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ସେହିପରି ବରିଷ୍ଠ ନାଗରିକ ପ୍ରମାଣପତ୍ର ପାଇଁ ଅଞ୍ଚଳର ପ୍ରାୟ ୧୫୦ ଜଣ ମନମୁଣ୍ଡା ଥାନାରେ ପ୍ରାୟ ୫ ମାସ ହେବ ଦରଖାସ୍ତ ଦେଇଥିଲେ ମଧ ପ୍ରମାଣପତ୍ର ମିଳି ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା । ଦୁତିଆ ଚୌଳିଆ, କ୍ଷୀରଧର ବେହେରା, ହରିହର ସ୍ୱାଇଁ ପ୍ରମୁଖ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ଶେଷରେ ରାମଜୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ ଦୁର୍ଘଟଣାରେ ଆଇନଜୀବୀ ଗୁରୁତର

**ବୌଦ୍ଧ,୨୧।୮(ସ୍ୱ.ପ୍ର)**

ବୌଦ୍ଧର ବରିଷ୍ଠ ଆଇନଜୀବୀ ଚନ୍ଦ୍ର ଶେଖର ପାଢୀ ବୁଧବାର କାର ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ସେ ରେଢାଖୋଲରୁ ନିଜ ମାରୁତି କାର୍ ଯୋଗେ ବୌଦ୍ଧ ଫେରୁଥିବା ବେଳେ କଦଳୀ ଗଡଠାରେ ରାସ୍ତାରେ ଛିଡା ହୋଇଥିବା ଏକ ବୋଲେରୋକୁ ଧକ୍କା ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।



ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲି ନ ପାରଇ ପାଇକ ଆଗେ**
**ପଣ କରୁଥାଏ ମାଇପ ଆଗେ ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣକରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଚୋରକୁ କହନ୍ତି ପଳାପଳା**
**ସେରନ୍ତାକୁ କହନ୍ତି ଗୋଡ଼ା ଗୋଡ଼ା ।**

ଏପଟେ କ୍ଷତି କରିବାକୁ କହି ସେପଟେ ସାବଧାନ ରହିବାକୁ ପ୍ରବର୍ତ୍ତାଇବା ଭଳି ଚୋରକୁ ଚାଲିଯିବାକୁ କହି ତାକୁ ଗୋଡ଼ାଇ ଧରିବା ନେଇ ଆପଣାର ବ୍ୟକ୍ତି ଆଗରେ ଭଲେଇ ହେବା। କିଛି ବ୍ୟକ୍ତି ଏ ପାଖରେ କ୍ଷତି କରି ସେ ପାଖରେ ତା'ର ପ୍ରତିକାର ବ୍ୟବସ୍ଥା କରୁଥିବାର ଦେଖିବାକୁ ମିଳିଥାଏ। ଏପରି ଦୁଇପ୍ରକାର ଅଭିନୟ କରୁଥିବା ଧୂର୍ତ୍ତ ବ୍ୟକ୍ତି ଅତ୍ୟନ୍ତ ମାରାତ୍ମକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ



ତାଲିମ ଶିବିରରେ ଉପସ୍ଥିତ ଅତିଥି ଓ ଶିବିରାର୍ଥୀ ।

## ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ତାଲିମ ଶିବିର

**ବୌଦ୍ଧ,୨୧।୮(ସ୍ୱ.ପ୍ର):** ବେସରକାରୀ ଅନୁଷ୍ଠାନ ୱାଇସିଡିଏ ପକ୍ଷରୁ ବୌଦ୍ଧ ବାଉଁଶୁଣୀ କାର୍ଯ୍ୟାଳୟଠାରେ ଗ୍ରାମପଞ୍ଚାୟତ ବିକାଶ ଯୋଜନା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏହି ତାଲିମ ଶିବିରର ଶେଷ ଦିନରେ ବୌଦ୍ଧ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାସ ଯୋଗ ଦେଇଥିଲେ । ତାଲିମ ଶିବିରରେ ସରପଞ୍ଚ, ୱାର୍ଡସଭ୍ୟ ସଭ୍ୟା, କାର୍ଯ୍ୟନିର୍ବାହୀ ଅଧିକାରୀ, ସ୍ୱେଚ୍ଛାସେବୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଅବସରପ୍ରାପ୍ତ କର୍ମଚାରୀ ମାନେ ଯୋଗ ଦେଇ ତାଲିମ ଗ୍ରହଣ କରିଥିଲେ । ଏହି ଶିବିରରେ ଲିଙ୍ଗଗତ ସମ୍ବେଦନଶୀଳ ଗ୍ରାମପଞ୍ଚାୟତ ବିକାଶ ଯୋଜନା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ତାଲିମଦାତା ଭାବେ ସ୍ରିଡ ଭୁବନେଶ୍ୱରର ନିତ୍ୟାନନ୍ଦ ପ୍ରଧାନ, ଓ ଝସକେତନ ରଣା ଯୋଗ ଦେଇ ତାଲିମ ଦେଇଥିଲେ । ଏହି ଶିବିର ଗତ ୧୯ ତାରଖ ଠାରୁ ଆରମ୍ଭ ହୋଇ ତିନି ଦିନ ଧରି ଚାଲିଥିଲା। ୱାଇସିଡିଏର ପ୍ରମୋଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାମୁକା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଭୁବନେଶ୍ୱର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା ।

**Tender Call Notice** Annexure-II

**CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LIMITED, KALAHANDI**

**No.2857** **www.kalahandi.nic.in** **Dt.20.08.19**

CSO-cum-District Manager, OSCSC Ltd., Kalahandi invites sealed tenders from reputed firms/ companies/ persons for appointment as Level-I Transport Contractor for transportation of foodgrains from FSD, FCI to RRC-cum-DSC.

Interested firms/ companies/ persons may obtain tender document from the office of the CSO-cum-District Manager, Kalahandi from 22.08.2019 to 05.09.2019 up to 3.00 PM. The interested firms / companies / persons may also download the tender document from the district website **www.kalahandi.nic.in.**

Interested firms/ companies/ persons will have to submit the tender documents through registered post / speed post / courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. **The Corporation shall not be responsible for any postal / courier delay. Tender paper received after the schedule date & time shall not be considered.**

Address for submission of Tender document:
Office of the Sub-Collector, Bhawanipatna
At/Po- Bhawanipatna,
District- Kalahandi,
PIN- 766001

| | |
|---|---|
| Period of sale of tender document | 22.08.2019 to 05.09.2019 up.to 3.00 P.M |
| Last date for receipt of tender document | 05.09.2019 up to. 5.00 P.M |
| Date of opening of Technical Bid | 06.09.2019 at 12.00 Noon |
| Date of opening of Price Bid | 07.09.2019 at 12.00 Noon |

**Sd./- CSO-cum-District Manager**
**OSCSC Ltd., Kalahandi**

**Office of the Engineer-in-Chief, Water Resources, Odisha, Sechasadan, Bhubaneswar** No. 193-A

No. Con. Pro. Vig.-225/2019 22474 /Dated. 20.08.2019

**NOTICE**

The following A.E.Es & A.Es of Water Resources wing have been dismissed from Govt. service as per orders of Govt. in Department of Water Resources in the wake of their conviction in the Vigilance cases as noted against each.

| Sl. No. | Name & Designation | Vig. Case | Present place of posting | Order No. date of D.O.W.R |
|---|---|---|---|---|
| 1 | Sri Baidyanath Majhi, Ex-A.E, Kuliana Block now A.E.E (C) | BLS Vig. P.S.Case No.30 dt.12.09.07 | Working under H.& U.D.Deptt. on deputation | No.1397 dt.13.08.19 |
| 2 | Sri Mangalsingh Munda, Ex-J.E (C) No.4150 (I) Kuliana Block now A.E (C) | BLS Vig. P.S.Case No.30 dt.12.09.07 | Under C.C.E., R.R.I.P., Dhenkanal | No.1397 dt.13.08.19 |
| 3 | Sri Pratap Chandra Rout, Ex-J.E (C) No.4004 (I) now A.E | BLS Vig. P.S.Case No.27 dt.28.06.01 | On reversion from P.R & D.W Deptt. but not joined under D.O.W.R | No.1380 dt.09.08.19 |
| 4 | Sri Bijaya Kumar Sahoo, Ex-A.E now A.E.E | BBSR Vig. P.S.Case No.18 dt.06.06.01 | Working under S.T & S.C Dev. Deptt. on deputation | No.1404 dt.13.08.19 |
| 5 | Sri Karunakar Panda Ex-J.E (C) No.3521 (I) now A.E (C) | 1.KPT Vig. P.S.Case No.26 dt.30.09.05 2.KPT Vig. P.S.Case No.25 dt.30.09.05 | Working under S.E., Baripada Irr. Circle, Baripada | 1.No.1391 dt.09.08.19 2.No.1349 dt.07.08.19 |
| 6 | Sri Nigamananda Panda Ex-J.E (C) No.3349 (I) now A.E (C) | KPT Vig. P.S.Case No.26 dt.30.09.05 | Working under Dir. Hydrometry | No.1391 dt.09.08.19 |

They are informed that the above orders of Govt. in D.O.W.R have been sent to their respective headquarters. As it appeared that some of them are not found in their head quarters, they are informed through publication of this notice in the news paper that consequent upon their dismissal from Govt. service they have been relieved from their duties with immediate effect.

Engineer-in-Chief, Water Resources.

32031/11/0006/1920

**CLASSIFIED DISPLAY**

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

FINANCE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥାଇଟିସ୍,ଓଷ୍ଟିଓ ଆର୍ଥାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍‌ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

See Color Display Classified on every Tuesday & Friday

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ,ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି ।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୨ ଅଗଷ୍ଟ, ୨୦୧୯



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ହଳଧରଙ୍କ ବିରୋଧରେ ଏତଲାକୁ ନିନ୍ଦା

**ବରଗଡ଼ ଅଫିସ୍,୨୧।୮:** ପଦ୍ମଶ୍ରୀ ଡଃ ହଳଧର ନାଗଙ୍କ ବିରୋଧରେ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏତଲା ଦିଆଯିବା ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି । ଏହି ଘଟଣାକୁ ନେଇ ବୁଧବାର ବରଗଡ଼ ଜିଲା ଘେଁସଠାରେ ଏକ ବୈଠକ ବସିଥିଲା। ବୈଠକରେ ହଳଧରଙ୍କ ବିରୋଧରେ ଏତଲାକୁ ନିନ୍ଦା କରାଯିବା ସହିତ ସମ୍ପ୍ରତି ସମ୍ବଲପୁରୀ/କୋଶଲି ଭାଷା ମାନ୍ୟତା ପାଇଁ ପଶ୍ଚିମ ଓଡ଼ିଶାର ସ୍ୱର ଶାଣିତ ହେଉଥିବା ବେଳେ ଏହାକୁ ଭଣ୍ଡୁର କରିବା ପାଇଁ ହଳଧରଙ୍କ ବିରୋଧରେ ସେଭଳି ମିଥ୍ୟା ଏତଲା ଦିଆଯାଇଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ଦୟାନିଧି ପଟେଲ, ଷଷ୍ଠି ବାରିକ, ବିନୋଦ ବିହାରୀ ମେହେର, କୁଞ୍ଜ ବିହାରୀ ସାହୁ, ଡଃ ସୁବାସ ମେହେର, କ୍ଷିରୋଦ୍ର ସାହୁ, ଗୋକୁଳା ମହାପାତ୍ର, ତୁଳସୀ ବାରିକଙ୍କ ସମେତ ଗ୍ରାମ୍ୟ କମିଟିର ସଭ୍ୟବୃନ୍ଦ ଉପସ୍ଥିତ ଥିଲେ । ସେହିପରି କୋସଲ ରାଜ୍ୟ ସମନ୍ୱୟ ସମିତି ଅନୁରୂପ ନିନ୍ଦା କରିଛି । ହଳଧରଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର ସହିତ ପଦ୍ମଶ୍ରୀ ହଳଧର ଏବଂ କୋସଲବାସୀଙ୍କୁ ଏତଲାକାରୀ କ୍ଷମା ପ୍ରାର୍ଥନା ମାଗନ୍ତୁ । ନଚେତ୍ ସାରା ରାଜ୍ୟରେ ଏହାର ଦୃଢ଼ ପ୍ରତିବାଦ କରାଯିବ ବୋଲି ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ ମିଶ୍ର ଏବଂ ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ ଏକ ବିବୃତିରେ ଚେତାବନୀ ଦେଇଛନ୍ତି ।

### ଦୁର୍ଗାପୂଜା ରୌପ୍ୟଜୟନ୍ତୀ ପ୍ରସ୍ତୁତି

**ବରପାଲି, ୨୧।୮ (ଡି.ଏନ.ଏ):** ବରପାଲି ଅନ୍ତର୍ଗତ କାଇଁଶିର ଗାନ୍ଧିଜୀ ଯୁବକ ସଂଘ ଆନୁକୂଲ୍ୟରେ ପ୍ରତିବର୍ଷ ହୋଇଆସୁଥିବା ଦୁର୍ଗାପୂଜାର ୨୫ବର୍ଷ ପୂର୍ତ୍ତି ପାଇଁ ଆଗତୁରା ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୁଷ୍ପରାଜ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ହେବାକୁଥିବା ରୌପ୍ୟଜୟନ୍ତୀକୁ ଅଧିକ ଆକର୍ଷଣୀୟ କରାଯିବାକୁ ନିଷ୍ପତ୍ତି ନିଆଯାଇ ଏକ ଜୟନ୍ତୀ କମିଟି ଗଠନ କରାଯାଇଥିଲା । ଏଥିରେ ପୁଷ୍ପରାଜ ପାତ୍ର ସଭାପତି, ଅଚ୍ୟୁତାନନ୍ଦ ଦେହେରୀ କାଯର୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଚିରାନନ୍ଦ ଭୋଇ, ପୂର୍ଣ୍ଣାନନ୍ଦ ପାତ୍ର ଓ ରିଙ୍କୁ ବେହେରା କୋଷାଧ୍ୟକ୍ଷ ମନୋନୀତ ହୋଇଥିବା ବେଳେ ଏହାସହ ୧୧ ଜଣିଆ ଉପଦେଷ୍ଟା କାଯର୍ୟକାରୀ କମିଟି ଗଠନ କରାଯାଇଛି।

### ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

**ଝାରବନ୍ଧ, ୨୧।୮ (ଡି.ଏନ.ଏ):** ଝାରବନ୍ଧ ବ୍ଲକ ଅଫିସ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ, ଭତ୍ତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଛି। ଝାରବନ୍ଧ ବିଡିଓ ରୁନୁ ଲାର୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି ଓ ଝାରବନ୍ଧ ବ୍ଲକ ଅଧ୍ୟକ୍ଷ ବିଜୟକେତନ ପ୍ରଧାନ, ପାଇକମାଳ ବ୍ଲକ ଅଧ୍ୟକ୍ଷ ଅଲତାଫ ମହମ୍ମଦ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅମଠି, ବିଲାସପୁର, ଗୋଠୁଗୁଡା, ଝାରବନ୍ଧ, ଚଣ୍ଡିଭଟା ଗ୍ରାମପଞ୍ଚାୟତର ମୋଟ ୪୫୦ ଜଣଙ୍କୁ ଆବାସ କାର୍ଯ୍ୟାଦେଶ ଓ ୧୫୦ ଜଣଙ୍କୁ ନୂତନ ଭାବେ ମଧୁବାବୁ ପେନସନ ପ୍ରଦାନ କରାଯାଇଥିଲା । ବ୍ଲକ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ କେତନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ନୃସିଂହନାଥରେ ବିଦେଶୀ ପର୍ଯ୍ୟଟକ

**ପାଇକମାଳ,୨୧।୮(ଡି.ଏନ.ଏ):** ପାଇକମାଳର ନୃସିଂହନାଥକୁ ବୁଧବାର ଆମେରିକାରୁ ଆସିଥିବା ପର୍ଯ୍ୟଟକ ଏଲଡାଡ ଜୀ ନୃସିଂହନାଥ ମୁଖ୍ୟ ମନ୍ଦିର ସମେତ ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ। ଏହି ଐତିହ୍ୟ ସମ୍ପନ୍ନ ମନ୍ଦିର ତଥା ଅନ୍ୟାନ୍ୟ କାର୍ଯ୍ୟଶୈଳୀ ଦେଖି ସେ ମନ୍ତ୍ରମୁଗ୍ଧ ହୋଇଥିଲେ । ଏହି ପ୍ରାଚୀନ ମନ୍ଦିରର ସୁରକ୍ଷା ତଥା ଧର୍ମୀୟ ଭାବନା ବଜାୟ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହାସହିତ ସେ ନୃସିଂହନାଥ ସହିତ ଓଡିଶାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ତଥା ଧର୍ମୀୟ କ୍ଷେତ୍ର ପରିଦର୍ଶନ କରିଥିବାର ସୂଚନା ଦେଇଥିଲେ। ତାଙ୍କ ସହିତ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ସୁବୋଧ ପଣ୍ଡା ଉପସ୍ଥିତ ଥିଲେ।



କବି ଗଙ୍ଗାଧର ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ।



ସିଆଲଖଣ୍ଡହଥା କଲେଜରେ ଗଙ୍ଗାଧର ଜୟନ୍ତୀରେ ଉପସ୍ଥିତ ଅତିଥିଗଣ ।

# ସ୍ୱଭାବକବି ଗଙ୍ଗାଧରଙ୍କ କୃତି କାଳଜୟୀ

**ଘେଁସ,୨୧।୮(ଡି.ଏନ.ଏ)**

ବରଗଡ ଜିଲା ମେଲଛାମୁଣ୍ଡା ହାଇସ୍କୁଲରେ ବୁଧବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଳମୁକୁନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡମ୍ବରୁଧର ପାଣିଗ୍ରାହୀ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରମେଶ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ପାଣିଗ୍ରାହୀ କବି ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ, ରତିକାନ୍ତ ବେହେରା ଗଙ୍ଗାଧର ମେହେର ସାହିତ୍ୟ ଉପରେ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ତଥା କର୍ମଚାରୀ ସହଯୋଗ କରିଥିଲେ। ସୂର୍ଯ୍ୟନାରାୟଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

**ଭେଡ଼େନ,(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ସିଆଲଖଣ୍ଡହଥା ସ୍ଥିତ ସରସ୍ୱତୀ ଜୁନିୟର କଲେଜ ଏବଂ ଡ଼ିଗ୍ରୀ କଲେଜରେ ବୁଧବାର ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଛି। ଅଧ୍ୟାପକ ଲବ ମହାଣାଙ୍କ ପରିଚାଳନାରେ ହୋଇଥିବା ଏହି ସଭାରେ ରେଶମ କଲେଜର ଅଧ୍ୟକ୍ଷ ପୁରନ୍ଦର ନନ୍ଦ ମୁଖ୍ୟଅତିଥି, ଗ୍ରାମପଞ୍ଚାୟତ ଇଓ ଚନ୍ଦ୍ର ଶେଖର କମ୍ପ, ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ଲମ୍ବୋଦର ହୋତା, ଯୁକ୍ତ ୩ କଲେଜ ଅଧ୍ୟକ୍ଷ ଶିବ ପ୍ରସାଦ ହୋତା, ପରିଚାଳନା କମିଟି ସମ୍ପାଦକ ଦାମୋଦର ଦାଶ, ଅବସରପ୍ରାପ୍ତ ପିଇଟି ରାଧେଶ୍ୟାମ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ମାନସୀ ସୁରୁଜାଲ, ରଞ୍ଜିତା ହଂସ, ସୁପ୍ରଭା ହୋତା, ସରସ୍ୱତୀ ଦୀପ, ସଞ୍ଜୁକ୍ତା ଭୋସାଗର, ମଧୁମିତା ଛୁରିଆ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଗଙ୍ଗାଧର ସାହିତ୍ୟରେ ନାରୀ ଚରିତ୍ର ଶୀର୍ଷକ ବିତର୍କ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ନିହାରିକା ସାହୁ, ସୁପ୍ରଭା ହୋତା ଏବଂ ଅରବିନ୍ଦ କଠାରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ରାଧେଶ୍ୟାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଜେପୁର, (ଡି.ଏନ.ଏ):** ବିଜେପୁର ବ୍ଲକ ଲାଉମୁଣ୍ଡା ନୋଡାଲ ହାଇସ୍କୁଲରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯଯାତି କେଶରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ କବି ଜଗଜ୍ଜୀବନରାମ ଡନସନା ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ମେହେରଙ୍କ ସାଧୁତା, ବିନମ୍ରତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଙ୍ଗୀତ ପ୍ରତିଯୋଗିତାରେ ଶାଶ୍ୱତୀ ପଣ୍ଡା ପ୍ରଥମ, ପିଙ୍କୁ ମେହେର ଦ୍ୱିତୀୟ, ରୁବି ପ୍ରଧାନ ତୃତୀୟ, ତର୍କରେ ପମି ମେହେର ୧ମ, ସଙ୍ଗୀତା ହୋତା ୨ୟ, ସ୍ମୃତି ମେହେର ୩ୟ, ପ୍ରବନ୍ଧ ଲିଖନରେ ସ୍ମୃତିରେଖା ମେହେର ପ୍ରଥମ, ଜ୍ୟୋତିର୍ମୟୀ ପାଣିଗ୍ରାହୀ ୨ୟ, ରଶ୍ମିରେଖା ମେହେର ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଗଣବେଶ ପ୍ରତିଯୋଗିତା ହୋଇଥିଲା। ପ୍ରଶାନ୍ତ ବାରିକ, ସୁବାଷ ଚନ୍ଦ୍ର ଭୋଇ, ରୋହିତ ଭୋଇ, ସୁଶାନ୍ତି ଦାଣ୍ଡିଆ, ଝରଣା ନାଏକ ସହଯୋଗ କରିଥିଲେ। ସଞ୍ଜୟ କୁମାର ସାହୁ ସଭା ସଂଯୋଜନା ଓ ଘନଶ୍ୟାମ ଡନସନା ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର, (ଡି.ଏନ.ଏ):** ପଦ୍ମପୁର ରାଜବୋରାସମ୍ବର ବ୍ଲକ ବିରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ରଘୁନାଥ ପୁରୀ ଅଧ୍ୟକ୍ଷତା କରିଥିବା ବେଳେ ସିଆରସିସି ରାଜେନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କବିଙ୍କ ସାହିତ୍ୟ ପ୍ରେମ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ତାପସ ରଞ୍ଜନ ସାହୁ ସଭା ପରିଚାଳନା ଓ ବାସନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଲାଲବାହାଦୁର ଶାସ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାଷ ନାଥ ଆବାହକତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟତ୍ରୀ ସୁବାଷିନୀ କଣ୍ଟା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ଅଧ୍ୟକ୍ଷତାରେ ଗଙ୍ଗାଧରଙ୍କ ଜୟନ୍ତୀ ପାଳିତ ହୋଇଛି। ଶିକ୍ଷକ ବୃନ୍ଦାବନ ଦାଶ ସଭା ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୨୪ଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁରେନ୍ଦ୍ର କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କ ଆର୍ଥିକ ଉନ୍ନତି ପାଇଁ ପଦକ୍ଷେପ

**ପଦ୍ମପୁର, ୨୧।୮ (ଡି.ଏନ.ଏ)**

ପଦ୍ମପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଜମରତଲା ପଞ୍ଚାୟତର ବଞ୍ଜୁଝୁଲା ଗ୍ରାମରେ ବୁଧବାର ଅଁଳା ଓ ତୁଳସୀ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡିଶା ଜୀବିକା ମିଶନ ପଦ୍ମପୁର, ଉଦ୍ୟାନ ବିଭାଗ ଓ ଆୟୁଷ ମିଶନଙ୍କ ମିଳିତ ଆନୁକୂଲ୍ୟରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ପଦ୍ମପୁର ବିଡିଓ ଏଲିଜା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଜିଲା ଜୀବିକା ମିଶନର ପ୍ରକଳ୍ପ ପରିଚାଳକ ଶଙ୍କର ଚଲାନ, ଏଫଆଇସି କିଶୋର ଚନ୍ଦ୍ର ପଣ୍ଡା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ନୀଳାଞ୍ଚଳ ପଣ୍ଡା, ପିଏ ଝସକେତନ ବାରିକ, ୱାଇପି ଅଭିଷେକ କୁମାର, ୱାର୍ଡ ସଭ୍ୟ ଫଗନୁ ବରିହା, ବୈଷୟିକ ଜ୍ଞାନ ସହାୟତା ସଂସ୍ଥାନର ଭିସିସି କୁଶଳ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ପ୍ରକଳ୍ପ ପରିଚାଳକ ସତ୍ୟ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାଲୁଡୁଙ୍ଗୁରୀ, ଧଉଳିବାହାଲ ଓ ଖଲିଆପାଲିରେ ୧୦୦୦ ଅଁଳା ଚାରା ରୋପଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏସଡିସି ନିତ୍ୟାନନ୍ଦ ପ୍ରଧାନ, ଏମବିକେ ଆରତୀ ସାହୁ, ଗ୍ରାମର ମହିଳା ଓ ଯୁବକମାନେ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ, ଓଡିଶା ଜୀବିକା ମିଶନ ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନଙ୍କୁ ନେଇ ମହିଳା କିଶାନ ସଶକ୍ତୀକରଣ ପରି ଯୋଜନାରେ ମାଁ ସନ୍ତୋଷୀ ଜଙ୍ଗଲ ଦ୍ରବ୍ୟ ଉତ୍ପାଦକ ଗୋଷ୍ଠୀ ଗଠନ କରାଯାଇ ବିଭିନ୍ନ ସହାୟତା ପ୍ରଦାନ କରାଯାଉଛି। ସେମାନଙ୍କ ଦକ୍ଷତା ବିକାଶ ଓ ଆର୍ଥିକ ଉନ୍ନତି ପାଇଁ ବର୍ତ୍ତମାନ ଆୟୁଷ ମିଶନ ସହଯୋଗରେ ଗ୍ରାମରେ ୬୦୦ ଅଁଳା ସହିତ ତୁଳସୀ ଚାରା ରୋପଣ କରାଯିବ।



ଭେଡ଼େନ ଆଇଟିଆଇରେ ଜଣେ ଛାତ୍ରୀ ରକ୍ତଦାନ କରୁଛନ୍ତି ।

## ରକ୍ତଦାନ ଶିବିର, ୫୯ ୟୁନିଟ୍ ସଂଗ୍ରହ

**ଭେଡ଼େନ,୨୧।୮(ଡ଼ି.ଏନ.ଏ)**

ଭେଡ଼େନ ଦୁଇମୁହାଣି ସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ବିଦ୍ୟୁତ କୁମାର ପୁରୋହିତଙ୍କ ପରିଚାଳନାରେ ହୋଇଥିବା ଏହି ଶିବିରକୁ ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟଅତିଥି, ବିଡ଼ିଓ ମୁରଲିଧର ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଡ଼. ସୁଶାନ୍ତ କୁମାର କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଭରସା ଅନୁଷ୍ଠାନ ସହଯୋଗରେ ହୋଇଥିବା ଏହି ଶିବିରରେ ୮ଜଣ ମହିଳାଙ୍କ ସମେତ ମୋଟ ୫୯ଜଣ ରକ୍ତଦାନ କରିଥିଲେ। ବୁର୍ଲା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଭରସା ପରିବାରର ସମସ୍ତ ସଦସ୍ୟ, ଆଇଟିଆଇ କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଶ୍ରମିକ ମୃତ

**ବରଗଡ଼ ଅଫିସ୍,୨୧।୮**

ବରଗଡ଼ ସହର ଉପକଣ୍ଠ ବରଡ଼ୋଲ ଗ୍ରାମରେ ବୁଧବାର ଏକ ନିର୍ମାଣାଧୀନ ଘରଛାତ କାମରେ ନିୟୋଜିତ ଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଅତାବିରା ଥାନା ଖରମୁଣ୍ଡା ପଞ୍ଚାୟତ ଲାମିପାଲି ଗ୍ରାମର ଚୂଡ଼ାମଣି ଧରୁଆ(୨୫) । ବରଗଡ଼ ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ଚୂଡ଼ାମଣି ଛାତକାମ କରୁଥିବାବେଳେ ଛାତ ଉପରେ ଯାଇଥିବା ୧୧କେଭି କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚୂଡ଼ାମଣିଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ି ପଡ଼ିଛନ୍ତି।

## ବନ୍ୟାବିପନ୍ନଙ୍କୁ ଦାନ କଲେ ଛାତ୍ରୀଛାତ୍ର

**ବରଗଡ଼ ଅଫିସ୍,୨୧।୮**

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ପଶ୍ଚିମ ଓଡ଼ିଶାର ବଲାଙ୍ଗୀର ସମେତ ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଥିଲା। ଏଥିରେ ବହୁଲୋକଙ୍କ କ୍ଷୟକ୍ଷତି ହୋଇଥିଲା। ଏଭଳି ସ୍ଥଳେ ବରଗଡ଼ ଜିଲା ଝାରବନ୍ଧ ବ୍ଲକ ତୁମୁରିପାଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ କ୍ୟାବିନେଟ୍ ବନ୍ୟା ବିପନ୍ନଙ୍କୁ ସହଯୋଗର ହାତ ବଢ଼ାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ସ୍କୁଲ କ୍ୟାବିନେଟ୍‌ର ଛାତ୍ରୀଛାତ୍ର ନିଜ ମଧ୍ୟରେ ସଂଗୃହୀତ ୧୦୫୧ ଟଙ୍କାକୁ ବୁଧବାର ବନ୍ୟା ବିପନ୍ନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଅନଲାଇନ୍ ବ୍ୟାଙ୍କିଙ୍ଗ ଜରିଆରେ ପଠାଇଛନ୍ତି। ରକ୍ଷାବନ୍ଧନରେ ରାଖୀ ବାନ୍ଧି ଏବଂ ନିଜ ଷ୍ଟାଇପେଣ୍ଡ୍ ଟଙ୍କାରୁ ତାହା ଯୋଗାଡ଼ କରି ବନ୍ୟା ବିପନ୍ନଙ୍କ ପାଇଁ ଛାତ୍ରୀଛାତ୍ର ସେହି ସହାୟତା ରାଶି ପଠାଇବାରୁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କେବଳ ସେତିକି ନୁହେଁ, ବନ୍ୟା ବିପନ୍ନଙ୍କୁ ତୁରନ୍ତ



ବନ୍ୟା ବିପନ୍ନଙ୍କ ପାଇଁ ଛାତ୍ରୀଛାତ୍ର ସହାୟତା ରାଶି ଦାନ କରୁଛନ୍ତି।

ରିଲିଫ ଯୋଗାଇ ଦେବା ଉଦ୍ଦେଶ୍ୟରେ ସ୍କୁଲ କ୍ୟାବିନେଟ୍‌ର ମୁଖ୍ୟମନ୍ତ୍ରୀ ସଞ୍ଜୀବ ଚନ୍ଦନ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ଏକ ସ୍ମାରକପତ୍ର ମଧ୍ୟ ପଠାଇଛନ୍ତି। ସ୍ମାରକପତ୍ରରେ ସେ ଉଲ୍ଲେଖ କରିଛନ୍ତି, ବନ୍ୟା ଯୋଗୁ ପଶ୍ଚିମଓଡ଼ିଶାର ବିଭିନ୍ନ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏପର୍ଯ୍ୟନ୍ତ ବନ୍ୟା ପ୍ରପୀଡ଼ିତଙ୍କ ପାଖକୁ ରିଲିଫ ସହାୟତା ପହଞ୍ଚି ପାରିନାହିଁ। ସେଥିରେ ଅନେକ ଶିଶୁ ମଧ୍ୟ ରହିଛନ୍ତି। ଏହାକୁ ହୃଦୟଙ୍ଗମ କରି ତୁମୁରିପାଣି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ କ୍ୟାବିନେଟ୍‌ର ଏକ ବୈଠକ ବସିଥିଲା । ବୈଠକର ନିଷ୍ପତ୍ତିକ୍ରମେ ବନ୍ୟା ବିପନ୍ନଙ୍କ ପାଇଁ ୧୦୫୧ଟଙ୍କା ସହାୟତା ରାଶି ସଂଗ୍ରହ କରାଯାଇଥିଲା। କେତେକ ଛାତ୍ରୀ ସେମାନେ ରକ୍ଷାବନ୍ଧନରୁ ପାଇଥିବା ଉପହାର ଟଙ୍କା ଏବଂ ଆଉ କିଛି ଛାତ୍ରୀଛାତ୍ର ନିଜ ଷ୍ଟାଇଫେଣ୍ଡ୍‌ରୁ ଟଙ୍କା ଦାନ କରିଥିଲେ ଏବଂ ତାହା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପଠାଯାଇଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

■ ବ୍ଲକସ୍ତରୀୟ ନିଯୁକ୍ତିମେଳା

## ପଞ୍ଜୀକୃତ ହେଲେ ଯୁବତୀ ଯୁବକ




ନିଯୁକ୍ତି ମେଳାରେ ମଞ୍ଚାସୀନ ଅତିଥିଗଣ।

**ବିଜେପୁର, ୨୧।୮ (ଡି.ଏନ.ଏ)**

ବିଜେପୁରରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ୧୮ରୁ ୩୫ ବର୍ଷ ବୟସର ୧୧୦ ଜଣ ବେକାର ଯୁବତୀଯୁବକ ପଞ୍ଜୀକୃତ ହୋଇଥିଲେ। ଆୟୋଜିତ ସମାରୋହରେ ବିଡିଓ ପଦ୍ମନାଭ ସାମନ୍ତରାୟ, ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜଗୋପାଳ ଦାସ, ଜିଲା ଶିଳ୍ପ କେନ୍ଦ୍ରର ଅତିରିକ୍ତ ନିର୍ଦ୍ଦେଶକ ମୀନା କୁମାରୀ ବେହେରା, ଲକ୍ଷ୍ମୀଧର ସୋରେନ ଅତିଥି ଭାବେ ଯୋଗ ଦେଇଥିଲେ। ଟେକ୍‌ନୋଲୋଜି, ସାହି ଏକ୍ସପୋର୍ଟ, ଗ୍ରାମ ତରଙ୍ଗ, ବଳରାମ ପାଣ୍ଡା ଟ୍ରଷ୍ଟ, ଏନଆଇଏମଏମ, ଏଣ୍ଡୋଭର, ଜ୍ଞାନକଳ୍ପ, ବିଦ୍ୟାଭାରତୀ, ଏସଆଇପିଇଡି ଆଦି ତାଲିମ କେନ୍ଦ୍ରର କର୍ମଚାରୀ ମେଳାରେ ସାମିଲ ହୋଇଥିଲେ। ବ୍ଲକ ପ୍ରଗତି ସହାୟିକା ଜେ. ଗଡତିଆ ମେଳା ପରିଚାଳନା କରିଥିଲେ। ଏହା ପୂର୍ବରୁ ବ୍ଲକ ସଭା କକ୍ଷରେ ବ୍ଲକ ଶିଳ୍ପ ଅଧିକାରୀ ପୁଷ୍ପରଞ୍ଜନ ସାହୁଙ୍କ ସଂଯୋଜନାରେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମର ସଚେତନତା ଶିବିର ହୋଇଥିଲା।

■ କର୍କଟ ରୋଗ୍‌ରେ ପୀଡ଼ିତ ରୂପ

## ଉଷୋକଷା ଲାଗି ପରହର ଝୁରିଗିନା ମାଜୁଛନ୍

**ସୁରେନ୍ଦ୍ର କଠାର**
**ଜାମଟିକ୍ରା, ୨୧।୮ (ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଏନ୍‌ଏସି ୱାର୍ଡ ନମ୍ବର ୧୧ର ବାସିନ୍ଦା ରୂପ ବଗର୍ତ୍ତି(୬୪)। ବଛରେ ଉପରେ ହେଲା ସେ କର୍କଟ ରୋଗ୍‌ରେ ପୀଡ଼ିତ ଅଛନ୍। ସେ ବୁର୍ଲାରେ ଚିକିଛା କରେଇ ଉଷୋକଷା ଖାଉଥିଲେ। ହେଲେ ଏହେଦେ ଟଁକା ପଏସା ଅଭାବୁ ଘରେ ପଡ଼ି ରହିଛନ୍।

ସୂଚନା ଅନ୍‌ସାରେ ଅତାବିରା ଏନ୍‌ଏସି ୱାର୍ଡ ନମ୍ବର ୧୧ର ରୂପ ବଗର୍ତ୍ତିଙ୍କର ପରିବାର କହେଲେ ଝିଁ ଉର୍ମିଳା ଆର ପୁଓ ଜୟକୃଷ୍ଣଙ୍କୁ ନେଇ ତାକର ସଁସାର। ଆପ୍‌ନେ ପରମେ ବଗର୍ତ୍ତି କିଡ୍‌ନୀ ରୋଗ୍‌ରେ ପୀଡ଼ିତ ହେଇ ଚିକିଛା ଅଭାବୁ ଆଏଜ୍‌କେ ୭ ବଛର ତଲେ ଆରପାରକେ ଚାଲିଯାଇଛନ୍। ଇଆଡ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଜମିବାଡ଼ି ବଲି କିଛି ନାଇଁ। ଜାଗାବାଡ଼ି ଅଭାବୁ ପରିବାରଟା ପରହର ଘରେ ଆଶ୍‌ରେ ନେଇଛନ୍। ଝିଁ ଉର୍ମିଳା ପରହର ଘରେ ବାସନକୁସନ ମାଜୁଥିଲାବେଲେ ଭାଇ ଜୟକୃଷ୍ଣ କୁଲି ମଜୁରି କରି ପରିବାର ଚଲଉଛନ୍। ଏନ୍ତାଥି ଫେବୃୟାରୀ



କର୍କଟ ରୋଗ୍‌ରେ ପୀଡ଼ିତ ରୂପ ବଗର୍ତ୍ତି।

୨୦୧୮ରେ ରୂପର ଦିହିପା ଖରାପ ହେଇଥିଲା। ପରିବାର ଲୋକ୍ ତାହାକୁ ବୁର୍ଲା ବଡ଼ ଡାକ୍ତରଖାନାରେ ନେଇ ଦେଖେଇଥିଲେ। ସେଠାନେ ପରୀକ୍ଷା ନିରୀକ୍ଷା ଉତାରୁ ଜନାପଡ଼ଲା ଯେ, ରୂପ ଟଁଟିରେ କର୍କଟ ରୋଗ୍ ହେଇଛେ। ଝିଁ'ପୁଓ ପେଟ୍ କାଟି ରଖିଥିବାର ଟଁକା ଖରଚ୍ କରି ମା'ର ଚିକିଛା, ଉଷୋକଷା କରି ନିରାଶ ହେଲେ। ଏହେଦେ ସେମାନେ ବି ଉପେଶୂଇନ୍। ଟଁକା ପଏସା ଅଭାବୁ ମା'ର ଉତ୍ ଚିକିଛା କରବାକେ ସେମାନେ ଅକ୍ଷମ। ଇଆଡ଼େ ଟଁଟିରେ କ୍ୟାନସର ହେଇଥିବାର ଲାଗି ରୂପ ଠିକ୍‌ରେ ଖାଇପିଇ ନାଇଁ ପାରବାର। ଚିକିଛା, ଉଷୋକଷା ଅଭାବୁ ଦିନୁଦିନ୍‌କେ ରୂପର ଦିହିପା ବିଗିଡ଼ବାରେ ଲାଗିଛେ। ଉଷୋକଷାର ପଏସା ବାହାର କରବାର ଲାଗି ରୂପ ପରହର ଝୁରିଗିନା ମାଜୁଛନ୍। ଇଆଡ଼େ ସରକାରୀ ସାହାଯ୍ କହେଲେ ରାଶନ କାର୍ଡରେ ପରିବାରକେ ମିଲୁଥିବାର ମାସିକ ୧୫ କେ.ଜି. ଚାଉଲ ଆର ରୂପ ପାଉଥିବାର ୫ଶହ ଟଁକା ବିଧବା ଭତା। ନିଜର ଜାଗାବାଡ଼ି ନାଇଁଥିବାର ଲାଗି ପରିବାରଟା ନିହାତି ଗରିବ୍ ହେଇଥିଲେ ବି ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଇଆଡ଼େ ଝିଁ'ପୁଓ ଟଁକା ପଏସା ଅଭାବୁ ମା'ର ଚିକିଛା କରେଇ ନାଇଁପାରି ଭଗବାନ ଭରସାରେ ରହିଛନ୍। ଏନ୍ତାଥି ଝିଁ ଉର୍ମିଳା ଉପେଶୂଇନ୍ ହେଇ ଗଣମାଧ୍ୟମ ଜରିଆରେ ଜିଲା ଆର ଥାନୀୟ ପରଶାସନକେ ମା'ର ଚିକିଛା ସାହାଯ୍ ଲାଗି ଗୁହାରି କରିଛନ୍।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଲୋଇସିଂହା ଉପଡ଼ାକଘର ବଜ୍ରପାତରେ ୟୁପିଏସ୍ ମେଶିନ ଅଚଳ, ଆର୍ଥିକ କାରବାର ବନ୍ଦ

**ଲୋଇସିଂହା,୨୧।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଉପଡ଼ାକଘର ୟୁପିଏସ୍ ମେଶିନ ବଜ୍ରପାତରେ ଅଚଳ ହୋଇପଡିଛି। ଏନେଇ ଉପଡାକଘରେ କେବଳ ଜରୁରି ଚିଠିପତ୍ର କାମ ଚାଲିଛି। ପ୍ରାୟ ୧୨ ଦିନ ହେବ ଏଠାରେ ଆର୍ଥିକ କାରବାର ବନ୍ଦ ହୋଇପଡିଛି। ଫଳରେ ଉପଭୋକ୍ତାମାନଙ୍କୁ ନିରାଶ ହେବାକୁ ପଡୁଛି। ମିଳିଥିବା ସୂଚନା ମୁତାବକ, ଲୋଇସିଂହା ଉପଡାକଘର ଅଧୀନରେ ବୁର୍ଡା, ଯୋଗୀସର୍ଡା, ବାଦିବାହାଲ, ଅଗଲାପାଲି, ରାଣୀସର୍ଡା, କନ୍ଦାଜୁରୀ, ସରଗାଡ, ହୀରାପୁର, କୁଶଙ୍ଗ, ଖଲିଆପାଲି, ମନହାରା ଏହିପରି ୧୭ଟି ଶାଖା ଡାକ ଘର ରହିଛି। ୫ହଜାରରୁ ଅଧିକ ଉପଭୋକ୍ତାଙ୍କ ବିଭିନ୍ନ ପ୍ରକାର ସଞ୍ଚୟ ଖାତା ରହିଛି। ଏନେଇ ଦୈନିକ ଶତାଧିକ ଉପଭୋକ୍ତା ଆର୍ଥିକ କାରବାର କରୁଛନ୍ତି। ଏପରି କି ପ୍ରଧାନମନ୍ତ୍ରୀ ଆବାସ କିସ୍ତି ଟଙ୍କା ଏବଂ ଏମ୍‌ଜିଏନ୍‌ଆର୍‌ଜିଏସ ପ୍ରାପ୍ୟ ଶ୍ରମିକମାନେ ଉଠାଇବାକୁ ଆସୁଛନ୍ତି। ହେଲେ ଗତ ୧୩ ତାରିଖରେ ବଜ୍ରପାତରେ ଉପଡ଼ାକଘର ୟୁପିଏସ ମେଶିନ ପୋଡି ଯାଇଛି। ଏନେଇ କୌଣସି ଆର୍ଥିକ କାରବାର ଓ ରେଜିଷ୍ଟ୍ରି ଚିଠିପତ୍ର କାମ ହେଉନାହିଁ। ମଙ୍ଗଳବାର ଜଣେ ଟେକନିସିୟନ ୟୁପିଏସ୍ ମେଶିନ ସଜାଡିବାକୁ ଆସିଥିଲେ। ହେଲେ ୟୁପିସର ୩ଟି ସାମଗ୍ରୀ ନଷ୍ଟ ହୋଇଥିବା ସେ ଜାଣିବାକୁ ପାଇଥିଲେ। ନଷ୍ଟ ସାମଗ୍ରୀ ବାହାର ରଜ୍ୟରୁ ମଗାଇବାକୁ ପଡିବ ବୋଲି ଟେକନିସିୟନ ଜଣକ କହିଛନ୍ତି। ଏନେଇ ପୋଷ୍ଟମାଷ୍ଟର ଦିଲୀପ କୁମାତ ମହାପାତ୍ରଙ୍କୁ ପଚାରିବାରୁ ସମସ୍ୟାର ସମାଧାନ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଥିଲେ।

### ହାତୀ ଉପଦ୍ରବ

କୋମନା,୨୧।୮(ଡି.ଏନ.ଏ.): କୋମନା ବ୍ଲକ ଅନୁପଗଡରେ ପୁଣି ଥରେ ହାତୀ ପ୍ରବେଶ କରି ଉପଦ୍ରବ କରୁଛନ୍ତି। ବିଭିନ୍ନ ଚାଷ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗତ କିଛି ଦିନ ତଳେ କୋମନା ବ୍ଲକ କାଲିମାଟି, ରଜନା, କୋନାବିରା ଓ ବିଲେଇଅଞ୍ଜର ଅଞ୍ଚଳରେ ୨୮ରୁ ୩୦ ହାତୀ ପ୍ରବେଶ କରି ସପ୍ତାହେ ଯାକ ବହୁ ଫସଲ ନଷ୍ଟ କରିଥିଲେ। ଉକ୍ତ ସମୟରେ ହାତୀ ପଲକୁ କୋମନା ବନ ବିଭାଗ ବଲାଙ୍ଗୀର ଜିଲା ସୀମାବର୍ତ୍ତୀ ଜଙ୍ଗଲକୁ ଘଉଡ଼ାଇବାରେ ସଫଳ ହୋଇଥିବା ବେଳେ ଗୋଟିଏ ହାତୀ ଅନୁପଗଡ ଜଙ୍ଗଲରେ ରହି ଯାଇଥିଲା। ସେ ବର୍ତ୍ତମାନ ସେଠାରେ ରହି ଧାନ ଚାଷଠୁ ଆରମ୍ଭ କରି ପନିପରିବା ନଷ୍ଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କୋମନା ରେଞ୍ଜର ଜଗଦିଶ ଦୁରିଆଙ୍କୁ ପଚାରିବାରୁ ତାଙ୍କ ପାଖରେ ଖବର ନ ଥିବା କହିଛନ୍ତି।

### କଳାହାଣ୍ଡି ଏମ୍‌ପିଙ୍କ ଗୋଲାମୁଣ୍ଡା ଗସ୍ତ

ଗୋଲାମୁଣ୍ଡା,୨୧।୮ (ଡି.ଏନ.ଏ.): କଳାହାଣ୍ଡି ଏମ୍‌ପି ତଥା ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ବୁଧବାର ଗୋଲାମୁଣ୍ଡା ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ଗୋଲାମୁଣ୍ଡା ସଭା ଗୃହରେ ଭାଜପା କର୍ମୀ ସମ୍ମିଳନି କରି ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମସ୍ୟାର ସମାଧାନ କାରାଯିବ ବୋଲି କହିଥିଲେ।

ବନ୍ୟାକୁ ସପ୍ତାହେ ପୂରିଲା

# ସରିନି ଓଦା ଚାଉଳ, ଭିଜା ବହିର ଦୁଃଖ

**ବଲାଙ୍ଗୀର ଅଫିସ,୨୧।୮**

ପ୍ରଳୟଙ୍କରୀ ବନ୍ୟା ବଲାଙ୍ଗୀର ସହର ସମେତ ଜିଲାର ଶତାଧିକ ଗ୍ରାମବାସୀଙ୍କୁ ଅକଥନୀୟ ଦୁଃଖ, ଯନ୍ତ୍ରଣା ଦେଇଯାଇଛି। ଧନୀ, ଗରିବଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଗତ ୧୨, ୧୩ ଓ ୧୪ ତାରିଖରେ ଲଗାଣ ବର୍ଷାରେ ଗାଁ, ସହର ଉଜୁଡି ଯାଇଛି। ଇତିମଧ୍ୟରେ ବନ୍ୟାକୁ ସପ୍ତାହେ ପୂରି ଯାଇଥିଲେ ମଧ୍ୟ ବନ୍ୟା ବିପନ୍ନଙ୍କ ଦୁଃଖ କମିନାହିଁ। ବଲାଙ୍ଗୀର ସହର ଓ ଆଖପାଖ ଅଞ୍ଚଳରେ ଗତ ୫୦ ବର୍ଷ ଭିତରେ ଏଭଳି ପ୍ରଳୟଙ୍କରୀ ବନ୍ୟା ହୋଇ ନ ଥିବା ଲୋକେ କହିଛନ୍ତି। ବନ୍ୟାରେ ବଲାଙ୍ଗୀର ସହରର ଡ୍ୟାମପଡ଼ା, ରାଜେନ୍ଦ୍ରପଡ଼ା, ଠିକାଦାରପଡ଼ା, ଶ୍ରୀରାମ କଲୋନୀ, ରୁଗୁଡିପଡ଼ା, ନାଳଖଣ୍ଡିପଡ଼ା, ମ୍ୟୁନିସିପାଲିଟି କଲୋନୀ, ତୁଳସୀନଗର, ରାଜୀବନଗର, ସାଲେପାଲି, ମାଳପଡ଼ା, ଟିକ୍ରାପଡ଼ା, ବ୍ରାହ୍ମଣପଡ଼ା, ବରପାଲିପଡ଼ା, ବିଭୂତିପଡ଼ା, ଗାନ୍ଧୀନଗରପଡ଼ା, ଆମପଡ଼ା, ଚିମିନିଭାଟି, ମେଘନାଦପଡ଼ା, ସତ୍ୟନାରାୟଣପଡ଼ା ଅଞ୍ଚଳରେ ଶତାଧିକ ଘର ଭାଙ୍ଗିଯାଇଛି। ଅନେକ ଲୋକଙ୍କ ଘରଦ୍ୱାର ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଅନେକ ଲୋକ ଖଣ୍ଡିଏ ଲୁଗା ପିନ୍ଧି ରହିଛନ୍ତି। ଗତ ସପ୍ତାହ ଭିତରେ ପ୍ରଶାସନ ଓ ସାମାଜିକ ସଙ୍ଗଠନ ପକ୍ଷରୁ ବନ୍ୟା ପୀଡିତଙ୍କୁ ରିଲିଫ୍ ବଣ୍ଟନ କରାଯାଇଥିଲା। ହେଲେ ଅନେକ ସର୍ବହରା ଚିନ୍ତାରେ ରହିଛନ୍ତି। ସବୁଠୁ ବେଶୀ କ୍ଷତିଗ୍ରସ୍ତ ଡ୍ୟାମପଡ଼ାରେ ବନ୍ୟାର ସପ୍ତାହେ ପରେ ମଧ୍ୟ ଜୀବନ ସ୍ୱାଭାବିକ ହୋଇନାହିଁ। ଡ୍ୟାମପଡ଼ାରେ ଗରିବ ଶ୍ରେଣୀର ଲୋକେ ସରକାରୀ ଜମିରେ ଘର କରି ରହିଛନ୍ତି। ୧୩ ଓ ୧୪ ତାରିଖ ବନ୍ୟାରେ ପଡ଼ାର ବହୁ ଘର ଭାଙ୍ଗିଯାଇଥିଲା। ଏପରି କି ବନ୍ୟାର ପ୍ରଖର ସ୍ରୋତରେ ଲୋକଙ୍କ ଅନେକ କିଛି ଭାସିଯାଇଛି। ପଡ଼ାର ରୁଦ୍‌ନା ଭୋଇ ଅତି ଯତ୍ନରେ ରଖିଥିବା ଚାଉଳ ବସ୍ତା ବନ୍ୟା ପାଣିରେ ଭିଜି ଯାଇଥିଲା। ଫଳରେ ଚାଉଳରୁ ଦୁର୍ଗନ୍ଧ ବାହାରୁଛି। ବନ୍ୟା ଜଳ ଅପସରି ଯିବା ପରେ ଓଦା ଚାଉଳକୁ ଶୁଖାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହା ଆଉ କାମରେ ଆସିନାହିଁ। ଭଙ୍ଗା ଘର ସଜଡା ଯାଇନାହିଁ। ସବୁ କିଛି ଭାସିଯିବା ପରେ ଆଉ ଥରେ ଘର ତିଆରି କରିବାର ସାମର୍ଥ୍ୟ ମଧ୍ୟ ହୋଇନାହିଁ। ସେହିପରି ପଡ଼ାର ଲକ୍ଷ୍ମଣ ମାଝିଙ୍କ ଘର ସମ୍ପୂର୍ଣ୍ଣ ଧରାଶାୟୀ ହୋଇପଡିଛି। ଘର ଭିତରେ ଥିବା ସମସ୍ତ ସମ୍ପତ୍ତି ନଷ୍ଟ ହୋଇଯାଇଛି। ରିକ୍ସା ଚଳାଇ ଘର ଚଳାଉଥିବା ଲକ୍ଷ୍ମଣଙ୍କ ସବୁକିଛି ବନ୍ୟାରେ ଭାସିଯାଇଛି। ଲକ୍ଷ୍ମଣଙ୍କ ସପ୍ତମ ପଢୁଥିବା ପୁଅ ଆକାଶ ମାଝିଙ୍କ ସମସ୍ତ ବହିପତ୍ର ଭିଜିଯାଇ ନଷ୍ଟ ହୋଇଯାଇଛି। ବହିକୁ ଖରାରେ ଶୁଖାଇଥିଲେ ମଧ୍ୟ ଏହା ଆଉ କୌଣସି କାମରେ ଆସିବ ନାହିଁ। ତାଙ୍କୁ ଯଥାଶୀଘ୍ର ନୂଆ ବହି ଯୋଗାଇବାକୁ ଦାବି କରିଛନ୍ତି। ରୁଦ୍‌ନା ଓ ଆକାଶଙ୍କ ଭଳି ପଡ଼ାର ଅନେକ ମହିଳା, ପୁରୁଷ ଓ ଛାତ୍ରୀଛାତ୍ରଙ୍କ ସ୍ୱପ୍ନ ସମ୍ଭାବନାକୁ ବନ୍ୟା ନଷ୍ଟଭ୍ରଷ୍ଟ କରିଦେଇଛି। ଉଜୁଡା ସଂସାର ପୁଣି କେବେ ସଜାଡି ହେବ ତାକୁ ପଡ଼ାବାସୀ ଅପେକ୍ଷା କରିଛନ୍ତି।




ଡ୍ୟାମପଡ଼ାର ରୁଦ୍‌ନା ଭୋଇ ଓଦା ଚାଉଳକୁ ଶୁଖାଉଛନ୍ତି (ବାମ)। ଛାତ୍ର ଆକାଶ ମାଝି ଭିଜା ବହିକୁ ଖରାରେ ଶୁଖାଉଛନ୍ତି।

### ଅବକାରୀ ବିଭାଗର ଚଢାଉ, ମହୁଲ ପୋଚ

**ଖପ୍ରାଖୋଲ,୨୧।୮(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ତେଲେନପାଲି ଓ ଯମୁନାପାଲି ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଅପରାହ୍ନରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ଅଧିକାରୀମାନେ ଜଙ୍ଗଲ ତଳି ଅଞ୍ଚଳରେ ଦେଶୀ ମଦ ପ୍ରସ୍ତୁତ ପାଇଁ ରଖାଯାଇଥିବା ପୋଚ ଏବଂ ପ୍ରସ୍ତୁତ ସରଞ୍ଜାମ ଜବତ କରିଥିଲେ। ହେଲେ ଚଢାଉରେ କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡିଛି। ତେଲେନପାଲି ଅଞ୍ଚଳରେ ବ୍ୟାପକ ରନ୍ଧା ମଦ କାରବାର ହେଉଥିବା ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ଏନେଇ ଅବକାରୀ ଇନ୍‌ସ୍ପେକ୍ଟର ପ୍ରସନ୍ନ କୁମାର ନାଏକଙ୍କ ନେତୃତ୍ୱରେ ଏକ ସ୍କ୍ୱାର୍ଡ ଚଢାଉ କରିଥିଲା। ଚଢାଉ ବେଳେ ଅଧିକାରୀମାନେ ମଦ ରନ୍ଧା ସ୍ଥଳରୁ ପୋଚ ଏବଂ ପ୍ରସ୍ତୁତ ସରଞ୍ଜାମ ଜବତ କରି ନଷ୍ଟ କରିଥିବା ପାଟଣାଗଡ଼ ଅବକାରୀ ଏସ୍‌ଆଇ ଏ . ରଥ ପ୍ରକାଶ କରିଛନ୍ତି।

### ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ନାଗରିକ କମିଟି ସାଧାରଣ ସମ୍ପାଦକ

**ବଲାଙ୍ଗୀର ଅଫିସ, ୨୧।୮**

ନୂଆ କରି ଦାୟିତ୍ୱ ଗ୍ରହଣ କରିଥିବା ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀଙ୍କୁ ବୁଧବାର ଭୁବନେଶ୍ୱରଠାରେ ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ପ୍ରଥମ ଥର ପାଇଁ ବଲାଙ୍ଗୀର ଜିଲାର ବରିଷ୍ଠ ପ୍ରଶାସକ ଭାବେ ତ୍ରିପାଠୀ ମୁଖ୍ୟ ଶାସନ ସଚିବ ପଦ ଅଂଳକୃତ କରି ଜିଲା ପାଇଁ ଗୌରବ ଆଣିଛନ୍ତି ବୋଲି କହିଥିଲେ। ସାକ୍ଷାତକାରରେ ସାଧାରଣ ସମ୍ପାଦକ କେଡିଆ କିଛିଦିନ ତଳେ ବଲାଙ୍ଗୀର ଜିଲାରେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟାର କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରି ବନ୍ୟା ପୀଡିତ ଲୋକଙ୍କ ପାଇଁ ବ୍ୟବସ୍ଥା ଓ ବନ୍ୟା ଜଳରେ ଉଜୁଡି ଯାଇଥିବା ଜିଲାର ଭିତ୍ତିଭୂମି ସଂରଚନା ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ବଲାଙ୍ଗୀର ଜିଲା ଗସ୍ତରେ ଆସିବାକୁ ଆମନ୍ତ୍ରଣ ଜଣାଇଥିଲେ।



ଭୁବନେଶ୍ୱରଠାରେ ମୁଖ୍ୟଶାସନ ସଚିବ ଅସିତ୍ କୁମାର ତ୍ରିପାଠୀଙ୍କୁ ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ଶୁଭେଚ୍ଛା ଜଣାଉଛନ୍ତି।

### ୬୨୮ଜଣଙ୍କୁ ପଲିଥିନ ବଣ୍ଟନ

**ଗୁଡଭେଲା,୨୧।୮(ଡି.ଏନ.ଏ.)**

ତୁଷୁରା ତହସିଲ ଅଞ୍ଚଳରେ ବନ୍ୟା ଯୋଗୁ ବହୁ କ୍ଷୟକ୍ଷତି ହୋଇଥିବା ବେଳେ ବହୁ ଲୋକଙ୍କ ଘର ଭାଗିଯାଇଛି। ମଙ୍ଗଳବାର ପର୍ଯ୍ୟନ୍ତ ପ୍ରାୟ ୬୨୮ଜଣଙ୍କୁ ଘର ଭାଙ୍ଗି ଯାଇଥିବାରୁ ତୁଷୁରା ତହସିଲ ପକ୍ଷରୁ ୫ମିଟର ଲେଖାଁଏ ପଲିଥିନ ଦିଆଯାଇଥିବା ବିଭାଗ ପକ୍ଷରୁ ଜଣାପଡିଛି। ଅନ୍ୟପକ୍ଷରେ ବିଭିନ୍ନ ଗ୍ରାମକୁ ଯାଇ ଚାଷ ଜମି ଗୁଡିକର ଆକଳନ କରାଯାଉଛି ବୋଲି ତହସିଲଦାର ଚନ୍ଦ୍ରମଣୀ ନାଗ କହନ୍ତି।

ଦାଦନ୍ ଯାଇ ଆପ୍‌ନେ ଆରପାରେ

# ଛୁଆର ସଂଗେ ଭଂଗା ଘରେ ଫୁଲତୁଲି

**ଲାଠୋର, ୨୧।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ଅଧୀନ ଗୁଦାମପଡ଼ାର ବିଧବା ମହିଳା ଫୁଲତୁଲି ସୁନା(୨୬)। ପରିବାର କହେଲେ ପୁଓ ପ୍ରିତମ(୫) ଆର ଝି' ପ୍ରୀତି(୩)କେ ନେଇ ତାକର ସଁସାର। ଆପ୍‌ନେ ହେମସାଗର ସୁନା ୨୦୧୮ରେ ରୋଗ୍‌ରେ ପଡ଼ି ଆରପାରକେ ଚାଲିଯାଇଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଗୁଟେ ଭଂଗା ଦଦ୍‌ରା ମାଏଟ୍ ଖପର ଘରେ ରହୁଛନ୍। ହେମସାଗର ଦାଦନ୍ ଖଟି କୁଟୁମ ପୁଷୁଥିଲେ। ୨୦୧୮ରେ ହେମସାଗର ଗୁଟୁମବସିଆ ଆନ୍ଧ୍ରପ୍ରଦେଶର କାରିମନଗରକେ ଦାଦନ୍ ଖଟି ଯାଇଥିଲେ। ସେଠାନେ ହଠାତ୍ ଦିନେ ତାକର ପେଟ୍ ବଥାବାର ସଂଗେ ଜର ଆର ଝାଡ଼ା ହେଇଥିଲା। ଏନ୍‌ତାଥି ମାଏକିନା ଫୁଲତୁଲି ମାଲିକ୍ ସଂଗେ ଯୋଗାଯୋଗ କରି ହେମସାଗରକୁଁ ଚିକିଛା ଲାଗି ଡାକ୍‌ତରଖାନା ନେଇଥିଲେ। ହେଲେ ସେଠାନେ ଚିକିଛା ହେବାର ଅବସ୍‌ତାରେ ଗଲା ଫେବୃୟାରୀ ୨, ୨୦୧୮ରେ ତାକର ମୁର୍‌ତୁ ହେଇଥିଲା। ଏନ୍‌ତାଥି ମାଲିକ ଶବ୍ ସଂଗେ ପରିବାର ଲୁକ୍‌କୁ ନିଜର ଗାଁ ଲାଠୋରକେ ପଠେଇ ଦେଇଥିଲେ। ପରିବାରର ଝନେ ବଲି କମାନିଆଁ ଲୋକ୍‌ର ହଠାତ୍ ମୁର୍‌ତୁରେ ପରିବାରଟା ବେସାହାରା ହେଇଗଲେ। ସରକାରୀ ସାହାଯ୍ କହେଲେ ଫୁଲତୁଲି ପାଉଥିବାର ୫ଶହ ଟଁକା ବିଧବା ଭତା ଆର ୫ କେ.ଜି. ଚାଉଲ ସାହାଭରସା। ହେଲେ ତିନ୍ ଝନିଆଁ କୁଟୁମ୍‌କେ ଇ ସରକାରୀ ସାହାଯ୍ ନିଅଁଟ୍ ହେଉଛେ। ଇଆଡ଼େ ତିନ୍‌ହିଁ ମାଇପିଲା ଆଶ୍‌ରେ ନେଇଥିବାର ଘରର ଆଗ୍ ଆର ପଛ୍‌ଫାଲର କାଁଥି ଝରି ବରଷାରେ ଭାଂଗି ଯାଇଛେ। କେତେ ବେଲେ ଘରଟା ମାଟିରେ ମିଶିଯିବା କିଛି କହି ନାଇଁ ହେବାର। ଏନ୍‌ତା ଅବସ୍‌ତାରେ ତିନ୍‌ହିଁ ମାଇପିଲା ଉପେ ଶୂଇନ୍ ହେଇ ଜୀବନ୍‌କେ ପାଏନ୍ ଛଡ଼େଇ ଇ ଭଂଗା ଦଦ୍‌ରା ଘରେ ରହୁଛନ୍। ଇଆଡ଼େ ପରିବାର କେନ୍‌ଥେଇ ଚଲବା, ଦୁଇ ଛୁଆକର ଭବିଷତ୍ କେନ୍‌ଥେଇ ଗଢ଼ବେ, ଘର ବଖ୍‌ରେ କେନ୍‌ଥେଇ ତିଆରବେ ସେ ଚିନ୍‌ତାରେ ଫୁଲତୁଲି ହରମେଶା ଘାରି ହେଉଛନ୍। ଇ ଦୁଖି ଗରିବ୍ ପରିବାର ଉପରେ ଜିଲା ପରଶାସନ ଦୁରୁଷ୍‌ଟି ଦେଇ ନିୟମ ହିସାବେ ସରକାରୀ ସାହାଯ୍ ଯୁଗେଇ ଦେବାକେ ପଡ଼ାବାସୀ ଦାବି କରିଛନ୍। ଇ ବାବ୍‌ଦେ ଲାଠୋର ସରପଁଚ୍ ପ୍ରବିଣ ଅଗ୍ରୱାଲଙ୍କୁ ପଚରାଲାରୁ ଇ ପରିବାରର ସମସିଆର ସମାଧାନ ଲାଗି ମୁଇଁ ପରଶାସନକେ ଅନୁରୋଧ୍ କରିଛେଁ। ବହୁତ୍ ଜଲ୍‌ଦି ଇ ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ନିଜର ଭଂଗା ଘରଆଗେ ଝି'ପୁଓର ସଂଗେ ଫୁଲତୁଲି।

### ସରଗାଡ଼ ରାମମନ୍ଦିରଠାରେ ରକ୍ଷାବନ୍ଧନ ଉତ୍ସବ

**ଲୋଇସିଂହା,୨୧।୮(ଡି.ଏନ.)**

ସରଗାଡ ଗୀତାପାଠଶାଳା ଓ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ରାମମନ୍ଦିରଠାରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଶାଖା ମୁଖ୍ୟ ପାରିଚାଳିକା ନମିତା ଭଉଣୀ ଅତିଥି ଭାବେ ଯୋଗ ଦେଇ ରକ୍ଷାବନ୍ଧନ ସମ୍ପର୍କରେ ଆଲୋକପାତ କରିଥିଲେ।

### ଗୁଡ଼ଭେଲା ପଞ୍ଚାୟତ ସମିତି ବୈଠକ

**ଗୁଡଭେଲା,୨୧।୮(ଡି.ଏନ୍.ଏ.)**

ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରାଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ହୋଇଥିଲା। ସଭାରେ କିଛିଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ଗୁଡଭେଲା ଅଞ୍ଚଳରେ ବନ୍ୟା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ନେଇ ଆଲୋଚନା ହୋଇଥିଲା। ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜନପ୍ରତିନିଧିମାନେ ବୈଠକରେ ଦାବି କରିଥିଲେ।

ଏପରି କି ବନ୍ୟାରେ ୮୦ଟି ପ୍ରକଳ୍ପ କ୍ଷତି ଗ୍ରସ୍ତ ହୋଇଥିବା ବେଳେ ପ୍ରାୟ ୩ କୋଟି ଟଙ୍କାର ଅନୁଦାନ ଦେବା ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ଏପରି କି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ଜଳ ଯୋଗାଣ ଉପରେ ଯଥା ସମ୍ଭବ ସାହାଯ୍ୟ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା। ବୈଠକରେ ବ୍ଲକର ସମସ୍ତ ସମିତି ସଭ୍ୟ, ସରପଞ୍ଚ, ଜିଲା ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିପିଓ ହିମାଂଶୁ ଶେଖର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଝିଙ୍କିଡୁଙ୍ଗୁରୀ ପଞ୍ଚାୟତକୁ ନ୍ୟୁଟ୍ରିଶନ ଚାମ୍ପିୟନ ପୁରସ୍କାର

**ଟିକ୍ରାପଡ଼ା,୨୧।୮(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ନ୍ୟୁଟ୍ରିଶନ ଚାମ୍ପିୟନ ପୁରସ୍କାରରେ ପୁରସ୍କୃତ କରାଯାଇଛି। ଝିଙ୍କିଡୁଙ୍ଗୁରୀ ସରପଞ୍ଚ ବଜରଙ୍ଗଲାଲ ଜୈନ ଭୁବନେଶ୍ୱରଠାରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଭୁବନେଶ୍ୱର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ଏହି ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଦେବଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟୁତ୍ ମହାନ୍ତି, ରାଜକିଶୋର ମିଶ୍ର, ସୁମିତ ପଣ୍ଡା, ଜିତେନ୍ଦ୍ର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଝିଙ୍କିଡୁଙ୍ଗୁରୀ ସରପଞ୍ଚ ବଜରଙ୍ଗଲାଲ ଜୈନ ନ୍ୟୁଟ୍ରିଶନ ଚାମ୍ପିୟନ ପୁରସ୍କାର ଗ୍ରହଣ କରୁଛନ୍ତି।

ବଲାଙ୍ଗୀର ଫୁଟବଲ ଲିଗ୍‌ର ଦ୍ୱିତୀୟ ଦିବସ

# ଛତାବାହାଲ, ବଡ଼ଟିକା, ଶିରାବାହାଲ ବିଜୟୀ

**ବଲାଙ୍ଗୀର ଅଫିସ, ୨୧।୮**

ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ନକ୍‌ଆଉଟ ଲିଗ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ସଦାଇପାଲି ପଲ୍ଲିଶ୍ରୀ ଷ୍ଟାଡିୟମଠାରେ ଛତାବାହାଲ ଓ ବାଗଡିଆ ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟ୍ରାଇବ୍ରେକର ଜରିଆରେ ୨-୧ ଗୋଲରେ ବାଗଡିଆ ଦଳକୁ ହରାଇ ଛତାବାହାଲ ଦଳ ବିଜୟୀ ହୋଇଥିଲା। ସାଇଟ ସମ୍ପାଦକ ଇଂ ନାରାୟଣ ପ୍ରସାଦ ମିଶ୍ର ମୁଖ୍ୟଅତିଥି, କ୍ରୀଡ଼ାବିତ ଶଶୀଶେଖର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ପୂର୍ବତନ ସାଧାରଣ ସମ୍ପାଦକ ଶତ୍ରୁଘ୍ନ ସିଂ, ଆଥ୍‌ଲେଟ ସମ୍ପାଦକ ବିଭୁତି ଭୂଷଣ ପଣ୍ଡା ଉପସ୍ଥିତ ଥିଲେ। ଲୋଇସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ବଡଟିକା ଦଳ ଜଗବନ୍ଧୁ ଧରୁଆଙ୍କ ଗୋଟିଏ ଗୋଲ ବଳରେ ୟୁଏଫ୍‌ଏ ବୁର୍ଡାକୁ ହରାଇ ବିଜୟୀ ହୋଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ କୁମାର ବେହେରା ମୁଖ୍ୟଅତିଥି, ବିଭୁତିଭୂଷଣ ସାହାଣୀ, ବିଶ୍ୱନାଥ ଭୂୟାଁ, ଉତ୍ତର ହେନ୍ନା, କୁମର ମାହାଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚୁଡାପାଲି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଖେଳରେ ଆଡେନଡୁଙ୍ଗୁରୀ ଦଳ ଟ୍ରାଇବ୍ରେକର ଜରିଆରେ ୩-୦ ଗୋଲରେ ଭୁଣ୍ଡିମୁହାଣ ଦଳକୁ ହରାଇ ବିଜୟୀ ହୋଇଥିଲା। କ୍ରୀଡ଼ାବିତ ଲୋକନାଥ କୁମୁରା, ଲମ୍ବୋଦର ପଟେଲ, ପ୍ରଧାନ ଶିକ୍ଷକ ଗୌରହରି ଦାସ ଅତିଥି ଭାବେ ଯୋଗଦେଇଥିଲେ। ଜରାସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ଶିରାବାହାଲର ପ୍ରଦୀପ ବନଛୋର ୨ଟି ଓ ସୁଶାନ୍ତ ଭୋଇ ଗୋଟିଏ ଗୋଲ ଦେଇ ନାଇକେନଶିରାକୁ ହରାଇ ଦଳକୁ ବିଜୟୀ କରାଇଥିଲେ। ଜରାସିଂହା ସରପଞ୍ଚ କୁଶମଣି ମେହେର, ପାଟଖଣ୍ଡା ମୁଖ୍ୟ ସେବାୟତ ସନ୍ତୋଷ ଥନାପତି, କ୍ରୀଡ଼ାବିତ ସୁନ୍ଦରମଣି ଦଣ୍ଡସେନା ଅତିଥିଭାବେ ଯୋଗଦେଇଥିଲେ। ପାଟଣାଗଡ଼ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଖେଳରେ ଏକେଜିଟି ପାଟଣାଗଡ଼ର ରିବୁଲ ସାହୁ ଓ ଲିଙ୍ଗରାଜ ପୋଡଙ୍କ ୨ଟି ଗୋଲ ବଳରେ ଲରମ୍ବାକୁ ହରାଇ ଦଳ ବିଜୟୀ ହୋଇଥିଲା। ଅତିଥିଭାବେ ଏଲ୍‌ଆଇସି ଡିଓ ମନୋଜ ସେଠ ଯୋଗ ଦେଇଥିଲେ। ଖୋଲାନ ପଡ଼ିଆରେ ଅନୁଷ୍ଠିତ ଖେଳରେ ଏୱାଇଏସ୍ ମୁରିବାହାଲ ଦଳ ୫-୦ ଗୋଲରେ ଡିଡିଏସ୍ ଖୋଲାନକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ ନରେଶ ଅଗ୍ରୱାଲ ଯୋଗ ଦେଇଥିଲେ। ବଲାଙ୍ଗୀର ମିଶନ ପଡ଼ଆରେ ଅନୁଷ୍ଠିତ ଖେଳରେ କାଲସାଏପାଲି ଦଳ ୧-୦ ଗୋଲରେ ଜନକପୁରକୁ ହରାଇ ବିଜୟୀ ହୋଇଥିଲା। ସୁପ୍ରିମଟାକ୍ସ ନିର୍ଦ୍ଦେଶକ ଅଜିତ ପାଲ, ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରକାଶ ପରିଡା, ଡିଏସଆଇ କିଶୋର ଚନ୍ଦ୍ର ମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ। ଗୁରୁବାର ଖୁଜେନପାଲି ସମେତ ୮ଟି ପଡ଼ିଆରେ ଖେଳ ଅନୁଷ୍ଠିତ ହେବ।



ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିମୟ ଠାରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

## ସଂକ୍ଷେପରେ



### ରକ୍ତଦାନ ଶିବିର, ୩୫ ୟୁନିଟ ରକ୍ତ ସଂଗ୍ରହ

ଧର୍ମଗଡ,୨୧।୮(ଡି.ଏନ.ଏ.)
କଳାହାଣ୍ଡି ଜିଲା ଧର୍ମଗଡ ରକ୍ତ ଭଣ୍ଡାରଠାରେ ଭାରତ ରତ୍ନ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୫ତମ ଜନ୍ମ ବାର୍ଷିକି ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ତରଫରୁ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ହୋଇଥିବା ଏହି ଶିବିରରେ ଜୁନାଗଡ ଏବଂ ଗୋଲାମୁଣ୍ଡା ଅଞ୍ଚଳର ଯୁବକମାନେ ଯୋଗଦେଇଥିଲେ । ଏଥିରେ ସମୁଦାୟ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଡାକ୍ତରଖାନାକୁ ଆସୁଥିବା ଗରିବ ରୋଗୀମାନଙ୍କ ଉଦ୍ଦେଶରେ ଏହି ରକ୍ତ ଦିଆଯିବ ବୋଲି ଏହି ଅବସରରେ ସାଉଲ ପ୍ରକାଶ କରିଥିଲେ। ଶିବିରରେ ରକ୍ତ ଭଣ୍ଡାର ଅଧିକାରୀ ଡା.ଅଶ୍ୱିନୀ କର, ରକ୍ତ ସଂଗ୍ରହକାରୀ ପ୍ରକାଶ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ମୁଣ୍ଡ, ବିଦ୍ୟା ରାଉତ, ଲକ୍ଷଣ ରାଉତ, ସଜିତ ମହାନନ୍ଦ, କାହ୍ନା ମଙ୍ଗରାଜ, ଚିତ ତାଣ୍ଡି, ପରମେଶ୍ୱର ମାଝି, କବିରାଜ ଦିପ ପ୍ରମୁଖ ସହଯୋଗ କରିଥିଲେ।



### ଆଦିବାସୀ ଛାତ୍ରୀନିବାସ ଉଦ୍‌ଘାଟିତ

ସେରଗଡ/ମୋହନଗିରି, ୨୧।୮ (ଡି.ଏନ.ଏ.)-
କଳାହାଣ୍ଡି ଜିଲା ଏମ୍. ରାମପୁର ବ୍ଲକ ଆଦିବାସୀ ବହୁଳ ଅଞ୍ଚଳ ମାଣିକେରା ସରକାରୀ ଉଚ୍ଚ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଅନୁସୂଚିତ ଜନଜାତି ଛାତ୍ରୀ ନିବାସ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଡିଡବ୍ଲ୍ୟୁଓ ବାସୁଦେବ ପଣ୍ଡା, ଡବ୍ଲ୍ୟୁଇଓ ପ୍ରଫୁଲ୍ଲ ଭୁଜବଳ, କନିଷ୍ଠ ଯନ୍ତ୍ରୀ ଗୋଲକ ଭୋଇ, ସହକାରୀ ଯନ୍ତ୍ରୀ ଗୁଲସନ ଦେବ ଯୋଗଦେଇ ଛାତ୍ରୀମାନେ କିପରି ଠିକ ଭାବେ ଅଧ୍ୟୟନ କରି ସୁରକ୍ଷିତ ଭାବେ ଛାତ୍ରୀ ନିବାସରେ ରହି ପାରିବେ ଓ ସେମାନଙ୍କ ଉଜ୍ୱଳମୟ ଭବିଷ୍ୟତ ଉପରେ ଉପସ୍ଥିତ ବୁଝାଇଥିଲେ। ପ୍ରଥମ ଥର ପାଇଁ ଏହି ଆଦିବାସୀ ବହୁଳ ଅଞ୍ଚଳରେ ଆଦିବାସୀ ଛାତ୍ରୀଙ୍କ ପାଇଁ ଏହି ନୂତନ ଛାତ୍ରୀ ନିବାସ ଉଦ୍‌ଘାଟିତ ହୋଇଥିବାରୁ ଅଞ୍ଚଳର ଅଭିଭାବକଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମାଣିକେରା ସରପଞ୍ଚ ରୁପକାନ୍ତୀ ସୁନା, ସ୍କୁଲ ପ୍ରଧାନ ଶିକ୍ଷକ ମନୋଜ ହୋତା, ଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ଝୁଲେନବର ପ୍ରାଥମିକ ବିଦ୍ୟାଳୟ

# ସ୍କୁଲକୁ ନିୟମିତ ଆସୁନାହାନ୍ତି ଶିକ୍ଷକ

କୋକସରା,୨୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଶିକ୍ଷା ବିଭାଗ ଅଧୀନ ଆମପାଣି କ୍ଲଷ୍ଟରର ବଣପାହାଡ଼ ଘେରା ଦୁର୍ଗମ ବରାଡ଼ଙ୍ଗା ପଞ୍ଚାୟତ ଝୁଲେନବର ପ୍ରାଥମିକ ବିଦ୍ୟାଳୟ। ଆଦିବାସୀ ବହୁଳ ଗ୍ରାମରେ ୧୯୭୫ରେ ସ୍ଥାପିତ ଏହି ପ୍ରାଥମିକ ବିଦ୍ୟାଳୟକୁ ନିୟମିତ ଶିକ୍ଷକ ଆସୁ ନ ଥିବା ଓ ମଧ୍ୟାହ୍ନଭୋଜନ ଖାଇ ସାରିବା ପରେ ଅଘୋଷିତ ଛୁଟି ହେଉଥିବା ନେଇ ଅଭିଭାବକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୁଧବାର ମଧ୍ୟ ସ୍କୁଲକୁ ୨ ଜଣ ଶିକ୍ଷକଙ୍କ ମଧ୍ୟରୁ କେହି ଜଣେ ବି ଆସି ନ ଥିବା ବେଳେ ସ୍କୁଲ ପାଚିକା ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରି ପିଲାମାନଙ୍କୁ ଖାଇବାକୁ ଦେଇଛନ୍ତି। ସ୍କୁଲ ପାଚିକା ସୁମିତ୍ରା ଦଳପତି ମଧ୍ୟ ଶିକ୍ଷକମାନେ ନିୟମିତ ଆସୁ ନ ଥିବା କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଏହି ସ୍କୁଲରେ ପ୍ରଧାନ ଶିକ୍ଷକ ଡୋମନିକ ସୁନାନି ଓ ସହକାରୀ ଶିକ୍ଷକ ତ୍ରିନାଥ ପଣ୍ଡା ନିଯୁକ୍ତି ହୋଇଛନ୍ତି । ଶିକ୍ଷା ପ୍ରଦାନରେ ଅବହେଳା ସହ ଦୁର୍ଗମ ଅଞ୍ଚଳର ଫାଇଦା ଉଠାଇ ସ୍କୁଲକୁ ଶିକ୍ଷକ ଦ୍ୱୟ ନିୟମିତ ଆସୁ ନାହାନ୍ତି । ପ୍ରଧାନ ଶିକ୍ଷକ ମଦ୍ୟପାନ କରି ଆସୁଥିବା ସ୍କୁଲ କମିଟି ସଭାପତି ବିଶ୍ୱନାଥ ମାଝି, ଅଚ୍ୟୁତ ମାଝି, ଯୁଗେଶ୍ୱର ମାଝି, କ୍ଷିରୋଦ ମାଝି,




ସ୍କୁଲ ଶ୍ରେଣୀ ଗୃହ ଖୋଲା ହୋଇ ନ ଥିବାରୁ ଅଭିଭାବକଙ୍କ ସହ ପିଲାମାନେ ବାରଣ୍ଡାରେ ଛିଡ଼ା ହୋଇଛନ୍ତି ।

### ମଧ୍ୟାହ୍ନଭୋଜନ ପରେ ସ୍କୁଲ ଛୁଟି

ଡିଙ୍ଗର ମାଝି ପ୍ରମୁଖ ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏହି ସ୍କୁଲ ଜଙ୍ଗଲକୁ ଲାଗି ରହିଥିବା ବେଳେ ପିଲାମାନଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୨୫ ଜଣ ପିଲା ପଢୁଛନ୍ତି । ଅନେକ ସମୟରେ ଶିକ୍ଷକମାନେ ଆସୁ ନ ଥିବା ନେଇ ଛାତ୍ରୀଛାତ୍ରମାନେ ମଧ୍ୟ ଅଭିଯୋଗ କରିଛନ୍ତି । ବୁଧବାର ୧୭ ଜଣ ଛାତ୍ରୀଛାତ୍ର ସ୍କୁଲ ଆସିଥିବା ବେଳେ ସ୍କୁଲ ଗୃହ ଖୋଲା ନ ଥିବା ଯୋଗୁ ବାରଣ୍ଡାରେ ବସି ରହିଥିଲେ। ଶିକ୍ଷକଙ୍କ ଶିକ୍ଷା ପ୍ରଦାନରେ ଅନିୟମିତତା ଯୋଗୁ ପିଲାମାନେ ଅ ରୁ କ୍ଷ ଅକ୍ଷର ମଧ୍ୟ ଲେଖି କି କହି ପାରୁନାହାନ୍ତି। ଝୁଲେନବର ଏକ ଆଦିବାସୀ ଗ୍ରାମ ହୋଇଥିବା ବେଳେ ଶିକ୍ଷକମାନେ ସ୍କୁଲ ନ ଆସିବା ସହ ଶିକ୍ଷାନୁଷ୍ଠାନରେ ଅବହେଳା ପ୍ରଦର୍ଶନ କରୁଥିବା ଜଣାପଡ଼ିଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂଙ୍କୁ ପଚାରିବାରୁ କୋକସରା ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ପାଇଁ କୁହାଯିବ। ରିପୋର୍ଟ ଆସିବା ପରେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏ ବିଷୟରେ ସମ୍ପୃକ୍ତ ପ୍ରଧାନଶିକ୍ଷକ ଡୋମନିକ ସୁନାନୀଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ କଥାକୁ ଅସ୍ୱୀକାର କରିଥିଲେ। ଦେହ ଅସୁସ୍ଥ ଥିବାରୁ ସହକାରୀ ଶିକ୍ଷକ ତ୍ରିନାଥ ପଣ୍ଡା ୨ ଦିନ ଛୁଟିରେ ରହିଥିବାରୁ ସେ ଦରମା ଓ ମଧ୍ୟାହ୍ନଭୋଜନ ବିଲ ଦେବା ପାଇଁ ଆମପାଣି ସିଆରସିସିଙ୍କ ପାଖକୁ ଯାଇଥିବା କହିଥିଲେ।

## ଜିଲା ଯୁବ ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା,୨୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଯୁବ ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ ଭବାନୀପାଟଣାସ୍ଥିତ ଅମଲା ଭବନଠାରେ ଅନୁଷ୍ଠିତ ହୋଇଥିଲା। ଜିଲା ଯୁବ ଯାଦବ ମହାସଭା ସଭାପତି ଗୋବିନ୍ଦ ବନଛୋରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ଯାଦବ ମହାସଭା ସଭାପତି ହରିଶଙ୍କର ବାଗ ମୁଖ୍ୟଅତିଥି, ଜିଲା ଯାଦବ ମହାସଭା ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡାମାଝି, ପୂର୍ବତନ ଜିଲା ସଭାପତି ଡମ୍ବରୁଧର ଲହଜଲ, ଉତ୍କଳ ଯାଦବ ମହାସଭା ଉପସଭାପତି ଧନେଶ୍ୱର ଭାଟି, ଜିଲା ଯାଦବ କର୍ମଚାରୀ ସଂଘ ସଭାପତି ଲକ୍ଷ୍ମଣ ବଛା ସମ୍ମାନିତ ଅତିଥି ଭାବେ ଯୋଗଦଇଥିଲେ। ବୈଠକରେ ଜିଲା ଯାଦବ ମହାସଭା ସଭାପତି ହରିଶଙ୍କର ବାଗ ଜିଲା ଯୁବ ଯାଦବ ମହାସଭା ପୂର୍ଣ୍ଣାଙ୍ଗ କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଏଥିରେ ସଭାପତି ଗୋବିନ୍ଦ ବନଛୋର, ଉପସଭାପତି ସୁନୀଲ ଧଙ୍ଗଡାମାଝି, ମୋହିତ ରାଉତ, ଡାକେଶ୍ୱର ଲହଜଲ, ଈଶ୍ୱର ବରର୍ଡ୍ଡି, ବିନାୟକ ନାଏକ, ସମ୍ପାଦକ ଲିଙ୍ଗରାଜ ବେହେରା, ସହସମ୍ପାଦକ ଗୋପାଳ ବଗର୍ତ୍ତୀ, ହିମାଞ୍ଚଳ ରାଉତ, ସତ୍ୟବନ୍ତ ବଗର୍ତ୍ତୀ, ନବୀନ ଭୋଇ, ତ୍ରିଲକ୍ଷ୍ୟ ନାଏକ ଏବଂ କୋଷାଧ୍ୟକ୍ଷ ସନ୍ତୋଷ ବାଗଙ୍କ ନାମ ଘୋଷଣା କରାଯାଇଥିଲା। ସେହିପରି ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ଜଗଦୀଶ ନାଏକ ଓ ସୁରଥ ହେର୍ଣ୍ଣାଙ୍କ ନୂତନ ଦାୟିତ୍ୱ ଗ୍ରହଣ କରିଥିଲେ। ଜିଲା ଯୁବ ଯାଦବ ମହାସଭା ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା ମଞ୍ଚ ପରିଚାଳନା କରିଥିଲେ। ଅଲେଖ ଚନ୍ଦ୍ର ଗୋପାଳ ଧନ୍ୟବାଦ ଦେଇଥିଲେ। ବୈଠକରେ ଜିଲା ଯାଦବ ମହାସଭା, ଯୁବ ଯାଦବ ମହାସଭା ଓ ବ୍ଲକ ସଭାପତି ଓ କାର୍ଯ୍ୟକର୍ତ୍ତା ଓ ଶତାଧିକ ଯାଦବ ଯୋଗଦେଇଥିଲେ।

## ହିଲ୍ ଟାଉନ ପରିସରରେ ଚାରାରୋପଣ

ଭବାନୀପାଟଣା,୨୧।୮ (ଡି.ଏନ.ଏ.)

ଭବାନୀପାଟଣା ନଗର କଂଗ୍ରେସ ସଭାପତି ତଥା ଆଇନଜୀବୀ ନିମାଞ୍ଚଳ ନାଏକ ଓ ନଗର ମହିଳା କଂଗ୍ରେସ ନେତ୍ରୀ ମମତା ଦାସଙ୍କ ନେତୃତ୍ୱରେ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହିଲ ଟାଉନ ଅଞ୍ଚଳର ସାଇ ଲେନ ନଂ.୧ ରାସ୍ତା କଡର ଉଭୟ ପାର୍ଶ୍ୱରେ ଚାରାରୋପଣ କରାଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ନାୟକ, ରଶିକ ମୋହନ ଦାସ, ପ୍ରିତମ ବେହେରା, ସରୋଜ ନାଏକ, ଭଗବତ ଲାଲ, ସୁକାନ୍ତ ବିଶି, ବରକତ ଅଲ୍ଲି, ଶରତ ନାଏକ, ସାଧୁ ବେହେରା, ବାବୁଲି ମଲ୍ଲିକଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଯୋଗଦେଇଥିଲେ। ନଗର କଂଗ୍ରେସ ଏହି କାର୍ଯ୍ୟକ୍ରମକୁ ହିଲ ଟାଉନ ଅଞ୍ଚଳର ଜନସାଧାରଣ ପ୍ରଶଂସା କରିଥିଲେ।

## କଳାହାଣ୍ଡି ଏମ୍‌ପିଙ୍କ ଗୋଲାମୁଣ୍ଡା ଗସ୍ତ

ଗୋଲାମୁଣ୍ଡା,୨୧।୮ (ଡି.ଏନ.ଏ.)

କଳାହାଣ୍ଡି ଏମ୍‌ପି ତଥା ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ବୁଧବାର ଗୋଲାମୁଣ୍ଡା ବ୍ଲକ ଗସ୍ତ କରିଛନ୍ତି । ଏହି ଅବସରରେ ଗୋଲାମୁଣ୍ଡା ସଭା ଗୃହରେ ଭାଜପା କର୍ମୀ ସମ୍ମିଳନି କରି ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମସ୍ୟାର ସମାଧାନ କାରାଯିବ ବୋଲି କହିଥିଲେ। ଏଥିରେ ଓବିସି ମୋର୍ଚ୍ଚା ଜିଲା ସଭାପତି ହିମାଂଶୁ ମେହେର, କୃଷକ ମୋର୍ଚ୍ଚା ଜିଲା ସଭାପତି ସୁଧିର ପଟ୍ଟଯୋଷୀ, ଜିଲା ସମ୍ପାଦକ ଅଜୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଗୋଲାମୁଣ୍ଡା ବ୍ଲକ ଭାଜପା ଯୁବ ନେତା ସବିର କୁମାର ରାଉତ, ଶ୍ୟାମସୁନ୍ଦର ଅଗ୍ରୱାଲ, ପୃଥିରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ

## ରାଜୀବ ଗାନ୍ଧୀ ଜୟନ୍ତୀରେ ରକ୍ତଦାନ ଶିବିର

ଭବାନୀପାଟଣା,୨୧।୮(ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ଜିଲା କଂଗ୍ରେସ ଅଫିସଠାରେ କଳାହାଣ୍ଡି କଂଗ୍ରେସ ପକ୍ଷରୁ ପୂର୍ବତନ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସାଧାରଣ ସମ୍ପାଦକ ବ୍ରଜ ମିହନ ସାହୁ, ହାଇଦର ଅଲ୍ଲୀ ଖାନ, ନୀମାଞ୍ଚଳ ନାଏକ, ପରମାନନ୍ଦ ମାଝି, ସୁରେଶ ପଟ୍ଟନାୟକ, ଚନ୍ଦ୍ର ଯୋଷୀ, ପ୍ରୀତମ ବେହେରା, ସୁକାନ୍ତ ସରାଫ, ମମତା ଦାସ, ପ୍ରଫୁଲ୍ଲ ନାଏକ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ସେହିଭଳି ନର୍ଲାଠାରେ ଯୁବ କଂଗ୍ରେସ ପକ୍ଷରୁ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଯୁବ କଂଗ୍ରେସ ଦାୟିତ୍ୱରେ ଥିବା ଏଆଇସିସି ସାଧାରଣ ସମ୍ପାଦକ ଶେଖ ଅର୍ସଦ, ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ଯୁବନେତା ସାଗର ଚରଣ ଦାସ, ତ୍ରିଲୋଚନ ପାଣିଗ୍ରାହୀ, ମହମ୍ମଦ ସାହେବ, ଦୀପୁ ପାତ୍ର, ବିଜୟ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

## ଷ୍ଟାଟିଷ୍ଟିକାଲ ଫିଲଡ୍ ସର୍ଭେୟରଙ୍କ ମୃତ୍ୟୁ

କଲମପୁର,୨୧।୮(ଡି.ଏନ.ଏ.)

ଜିଲା ଯୋଜନା ଓ ପରିସଂଖ୍ୟାନ ବିଭାଗରେ କାର୍ଯ୍ୟରତ ଫିଲଡ୍ ସର୍ଭେୟର ଲୋକେଶ୍ୱର ଝାଙ୍କର(୪୨)ଙ୍କ ବୁଧବାର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକରଛାୟା ଖେଳିଯାଇଛି। ଗତ ୧୭ ତାରିଖ ସନ୍ଧ୍ୟାରେ ସେ ଅସୁସ୍ଥ ହେବାରୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ବିଶାଖାପାଟଣା ନେବା ସମୟରେ କୋରାପୁଟଠାରେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ କୋଟାପୁଟ ସରକାରୀ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ସେଠାରେ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ସ୍ତ୍ରୀ, ଏକମାତ୍ର ପୁଅ ପିଉସ (୨), ବାପା ମୁକୁନ୍ଦ ଏବଂ ପରିବାର ଲୋକ ଦୁଃଖରେ ଭାଙ୍ଗିପଡିଛନ୍ତି। ଶବ ଶତ୍କାର ବେଳେ ଜିଲା ଯୋଜନା ଓ ପରିସଂଖ୍ୟାନ ବିଭାଗ ଅଧିକାରୀ ରାମଚନ୍ଦ୍ର ଦିଶାରୀ, ମୁଖ୍ୟ କିରାଣି ପ୍ରଶନ୍ନ କୁମାର ନାଏକ, ଜୁନାଗଡ ଇନିସପେକ୍ଟର ଅଜାମ୍ବର ଗୋଉଡ ଏବଂ ସମସ୍ତ ଫିଲଡ୍ ଷ୍ଟାଫ୍ ଉପସ୍ଥିତ ଥିଲେ।

## କୃଷକ ଉତ୍ପାଦକ ଦଳ ଗଠନ ଉପରେ ତାଲିମ

କର୍ଲାମୁଣ୍ଡା,୨୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ବୁଢୀପଦରଠାରେ ଇଣ୍ଡୋଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ଧଅଁରାଖମନ, ବୁଢୀପଦର, ସିରାବାହାଲ ଗାଁର ଅଗ୍ରଣୀ ଚାଷୀମାନଙ୍କୁ ନେଇ କୃଷକ ଉତ୍ପାଦକ ଦଳ ଗଠନ ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ଅମର କୁମାର ଗୌଡ ଯୋଗଦେଇ କୃଷି ଯୋଜନା ପ୍ରସ୍ତୁତି ଓ କୃଷକ ଉତ୍ପାଦକ ଦଳ ଗଠନର ଆବଶ୍ୟକ ଉପରେ ତାଲିମ ଦେଇଥିଲେ। ଏଥିସହ ଡାଲିଜାତୀୟ ଫସଲ ଉତ୍ପାଦକ ଓ କିଣାବିକା ପାଇଁ ବିଭିନ୍ନ ଗାଁରୁ ଆସିଥିବା ଚାଷୀମାନଙ୍କୁ ନେଇ ୪ଟି କୃଷକ ଉତ୍ପାଦକ ଗଠନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠି ସଙ୍ଗଠନ ଜଗଦୀଶ ପ୍ରସାଦ ରଣା, ଧଅଁରାଖମନ ଗାଁ ଅନିରୁଦ୍ଧ ପୁଟେଲ, ମମତା ଭୋଇ, ସିରାବାହାଲର ଉଗ୍ରେସନ ଧରୁଆ, ମୁକ୍ତା ଭୋଇ, ବୁଢୀପଦର ଗାଁର ରେବତୀ ପାତ୍ର, ଗନ୍ଧି ରଣା, ପୁଷ୍ପା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ଚାଷୀମାନଙ୍କୁ ନେଇ କୃଷକ ଉତ୍ପାଦକ ଦଳ ଗଠନ ଉପରେ ତାଲିମ ଦିଆଯାଉଛି।

## ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଲେ ଏମ୍‌ପି

■ ଜୁନାଗଡ଼ରୁ ଧର୍ମଗଡ଼ ରେଳ ଲାଇନ ସଂଯୋଗ ଦାବି ଜୋର ଧରିଲା

ଧର୍ମଗଡ,୨୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ସରସ୍ୱତୀ ଶିଶୁ ମନ୍ଦିରଠାରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଯୋଗଦେଇ ଅଞ୍ଚଳର କ'ଣ ପ୍ରମୁଖ ସମସ୍ୟା ରହିଛି ଏବଂ ତାହାର କିଭଳି ସମାଧାନ କରାଯାଇ ପାରିବ ସେ ନେଇ ମତାମତ ମାଗିଥିଲେ। ସହରର ବହୁ ବୁଦ୍ଧିଜୀବୀ ଯୋଗଦେଇ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ତଥା ଧାନର ଅଭାବୀ ବିକ୍ରି ଆଦି ପ୍ରସଙ୍ଗ ଉଠାଇଥିଲେ। ଜୁନାଗଡଠାରୁ ଧର୍ମଗଡକୁ ରେଳ ଲାଇନ ସମ୍ପ୍ରସାରଣ କରିବାକୁ ଏମ୍‌ପିଙ୍କୁ ଅନୁରୋଧ କରାଯାଇଥିଲା। ଏହାର ଗୁରୁତ୍ୱ ଉପଲବ୍ଧ କରି ଏହି ପ୍ରସଙ୍ଗକୁ ନେଇ ସଂସଦରେ ଉପସ୍ଥାପନା କରିବା ସହ ରେଳମନ୍ତ୍ରୀଙ୍କ ସହ ଯୋଗାଯୋଗ କରି ଏହି ସମସ୍ୟା ସମାଧାନ ପାଇଁ ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଧର୍ମଗଡଠାରେ ଏକ ବାଇପାସ ରାସ୍ତା ନିର୍ମାଣ ସାଙ୍ଗକୁ ବହୁ ପ୍ରତିକ୍ଷିତ ଇଲେକ୍ଟ୍ରିକ ଡିଭିଜନକୁ ଧର୍ମଗଡଠାରେ ପୁନର୍ବାର କାର୍ଯ୍ୟକ୍ଷମ କରିବା ଏବଂ ଧର୍ମଗଡକୁ ଜିଲା ମାନ୍ୟତା ଦାବି ଯୋର ଧରିଥିଲା । ଶୀତଳ ଭଣ୍ଡାର ନିର୍ମାଣ, ଆଗ୍ରୋ ଇଣ୍ଡଷ୍ଟ୍ରିଜ୍, ସ୍ପୋର୍ଟସ ଆକାଡେମୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧ୍ୟ ଉପସ୍ଥିତ ବୁଦ୍ଧିଜୀବୀମାନେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆମେ ସମସ୍ତେ ମିଶି କଳାହାଣ୍ଡି ଜିଲାକୁ ରାଜ୍ୟରେ କିଭଳି ଏକ ନମ୍ବର ଜିଲା ଭାବେ ଗଢି ତୋଳିବା ସେ ଉପରେ ମୁଁ ସର୍ବଦା ସଂକଳ୍ପ ବଦ୍ଧ ବୋଲି ପଣ୍ଡା କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ସୁଧିରଞ୍ଜନ ପଟଯୋଷୀ, ପୂର୍ବତନ ବିଧାୟକ ସୁରେନ୍ଦ୍ର ପାଟଯୋଷୀ, ଜଗନ୍ନାଥ ସେବା ସମିତି ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ବ୍ୟବସାୟୀ ସଂଘ ସଭାପତି ବିଦ୍ୟାଧର ସାହୁ, ଶିକ୍ଷାବିତ ପ୍ରତାପ କିଶୋର ମୁଣ୍ଡ, ଯାଦବ ସମାଜ ଡମ୍ବରୁଧର ଲହଜଲ, ଲୋକେଶ୍ୱର ନାଏକ, ଗାୟତ୍ରୀ ପରିବାର ମୁଖ୍ୟ ସୁରେଶଚନ୍ଦ୍ର ମୁଣ୍ଡ, ବରିଷ୍ଠ ନାଗରିକ ସନ୍ତୋଷ କୁମାର ଜଗତ ପ୍ରମୁଖ ମଞ୍ଚାସୀନ ଥିଲେ। ଲକ୍ଷ୍ମୀକାନ୍ତ ବାଗ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଅପରେଶ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ମହାପାତ୍ର, ହୃଷିକେଶ ମିଶ୍ର, ଅଂଶୁମାନ ପାତ୍ର, ଇଙ୍ଗିତ ପଣ୍ଡା, ଜୟନ୍ତ ମୁଣ୍ଡ, କିଶୋର ଅଗ୍ରୱାଲ, ସୁନିଲ ପାତ୍ର, ଜନ୍ମଜୟ ନାୟକ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।



ବୁଦ୍ଧିଜୀବୀ ସମ୍ମିଳନୀରେ ଏମ୍‌ପି ବସନ୍ତ ପଣ୍ଡା ଉଦ୍‌ବୋଧନ ଦେଉଛନ୍ତି ।

## ଫି' ବୃଦ୍ଧି ବିରୋଧରେ ଅଧ୍ୟକ୍ଷଙ୍କୁ ଘେରିଲେ ଛାତ୍ରୀଛାତ୍ର

ଭବାନୀପାଟଣା,୨୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ସ୍ୱୟଂଶାସିତ କଲେଜର ଫି' ବୃଦ୍ଧି ବିରୋଧରେ ମଙ୍ଗଳବାର ଅଧ୍ୟକ୍ଷଙ୍କୁ ଛାତ୍ରୀଛାତ୍ରମାନେ ଘେରି ଦାବି ଜଣାଇଥିଲେ । ଏହି ସମୟରେ ଜଣେ ଅଧ୍ୟାପକଙ୍କ ବ୍ୟବହାରକୁ ନେଇ ଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଧ୍ୟାପକ ଜଣକ ଅଧ୍ୟକ୍ଷଙ୍କ ସମ୍ମୁଖରେ ଛାତ୍ରମାନେ ମୋବାଇଲରେ ଭିଡିଓ ଉଠାଇବା ନେଇ ଆପତ୍ତି ଜଣାଇ ଛାତ୍ରଙ୍କୁ ଧମକାଇବା ସହିତ ମୋବାଇଲ ଛଡାଇ ଭିଡିଓ ଡିଲିଟ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଛାତ୍ରଙ୍କ ଘେରାଉ ପରେ ଫି' ବୃଦ୍ଧି ନିଷ୍ପତ୍ତି ନେଇ ସାନି ନୋଟିସ ଜାରି ହୋଇଛି। ସୂଚନା ମୁତାବକ, କଲେଜ ଓ ହଷ୍ଟେଲରେ ପୁନଃ ନାମଲେଖା ଫି' ବୃଦ୍ଧି ପ୍ରତ୍ୟାହାର ଦାବି ନେଇ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ କଲେଜ ଶତାଧିକ ଛାତ୍ରୀଛାତ୍ର କଲେଜ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। ପରେ ଭାରପ୍ରାପ୍ତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ପ୍ରକୋଷ୍ଠକୁ ଯାଇ ଘେରାଉ କରିଥିଲେ। ଗତ ଅଗଷ୍ଟ ୧ ତାରିଖରେ ପ୍ରକାଶ ପାଇଥିବା ନୋଟିସ କଲେଜର ଭୁଲ ଯୋଗୁ ଫି' ବୃଦ୍ଧି ନେଇ ପ୍ରକାଶ ପାଇଥିବା ଅଧ୍ୟକ୍ଷ ସ୍ୱୀକାର କରି ଆନ୍ଦୋଳନ ନ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଏହି ସମୟରେ ଜଣେ ପଦାର୍ଥ ବିଜ୍ଞାନ ଛାତ୍ର ଭିଡିଓ ଉତ୍ତୋଳନ କରୁଥିବା ବେଳେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଥିବା ଇଂରାଜୀ ବିଭାଗ ଅଧ୍ୟାପକ ସମସ୍ତ ଛାତ୍ରଙ୍କୁ ଧମକଚମକ ଦେବା ସହ ଜଣେ କଲେଜ କର୍ମଚାରୀଙ୍କ ସହାୟତାରେ ଛାତ୍ର ଉତ୍ତୋଳନ କରିଥିବା ଭିଡିଓକୁ ମୋବାଇଲ ଛଡାଇ ଡିଲିଟ କରିଥିଲେ। ଏପରିକି ଖବର କାଗଜରେ ଘଟଣା ବାହାରିଲେ ଅସୁବିଧା ହେବ ବୋଲି ମଧ ସମ୍ପୃକ୍ତ ଅଧ୍ୟାପକ ଚେତାବନୀ ଦେଇଥିବା ନେଇ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ କଲେଜ ତରଫରୁ ଆଉ ଏକ ନୋଟିସ ପ୍ରକାଶ କରାଯାଇଛି । ଯେଉଁଥିରେ ଫି'କୁ ପରିବର୍ତ୍ତନ କରାଗଲା ବୋଲି ଲେଖାଯାଇଛି । କିନ୍ତୁ ଟଙ୍କା ଉଲ୍ଲେଖ ହୋଇନାହିଁ। ଛାତ୍ରୀ ନିବାସର ପୁନଃ ନାମଲେଖା ଫି' ଅନ୍ୟ ହଷ୍ଟେଲ ତୁଳନାରେ ଏକ ହଜାର ଟଙ୍କା ବୃଦ୍ଧି କରିବା ନେଇ ଛାତ୍ରୀମାନେ ପଚାରିବାରୁ ସିକ୍ୟୁରିଟିଗାର୍ଡ ବାବଦକୁ ଏହି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଅଧ୍ୟକ୍ଷ କହିଥିବା ଛାତ୍ରୀମାନେ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା କରି ସାରିଛନ୍ତି । କିନ୍ତୁ ଓଡିଶା ଗେଜେଟ ନୋଟିଫିକେସନ ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ଏହି ଘଟଣାରେ ଛାତ୍ରନେତା ଶିବାନନ୍ଦ ସାହୁ, ପ୍ରତୀକ୍ଷା ଠାକୁର, କେ. ପ୍ରବୀଣ କୁମାର, ରାହୁଲ ରାୟ କୋବି, ଉତ୍କଳ ହରପାଲ, ସୁଧୀର ଧଙ୍ଗଡାମାଝି, ଶାଶ୍ୱତ ପାଢୀ, ନାନେଶ୍ୱର ଦୁର୍ଗା, ଶୁଭମ ପ୍ରଧାନ ପ୍ରମୁଖ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜନେତା ଓ ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷଙ୍କ ମେରିରାୟ ନୀତିର ତୁରନ୍ତ ଅବସାନ ପାଇଁ ଆଗେଇ ନ ଆସିଲେ ଆଗକୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଛାତ୍ର ନେତାମାନେ ଚେତାବନୀ ଦେଇଛନ୍ତି। ଏ ବିଷୟରେ କଲେଜ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କୁ ପଚାରିବାରୁ ଫି' ବୃଦ୍ଧି ନେଇ ପୁର୍ନବାର ପରିବର୍ତ୍ତନ କରାଯାଇଛି। ଭୁଲକ୍ରମେ ଫି' ବୃଦ୍ଧି ନୋଟିସ ଦିଆଯାଇଥିଲା। ଛାତ୍ରଙ୍କ ମୋବାଇଲ ଛଡାଇ ଭିଡିଓ ଡିଲିଟ କରିବା ଘଟଣାକୁ ଅଧ୍ୟକ୍ଷ ଅସ୍ୱୀକାର କରିଥିଲେ।



ଫି' ବୃଦ୍ଧି ନେଇ ଛାତ୍ରୀଛାତ୍ରମାନେ ଅଧ୍ୟକ୍ଷଙ୍କ ସହ ଆଲୋଚନା କରୁଛନ୍ତି ।

■ ଛାତ୍ରଙ୍କୁ ଧମକାଇଲେ ଅଧ୍ୟାପକ
■ ମୋବାଇଲରୁ ଡିଲିଟ୍ କଲେ ଭିଡିଓ



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

## ସଂକ୍ଷେପରେ

### କୃଷକ କମିଟି ଗଠନ ପାଇଁ ପ୍ରସ୍ତୁତି ବୈଠକ

**ଲଖନପୁର,୨୧।୮(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ କୃଷକ ସଂଘ ଗଠନ ପାଇଁ ପ୍ରକ୍ରିୟା ଜାରି ରହିଛି। ସେପ୍ଟେମ୍ବରରେ ୩ ପର୍ଯ୍ୟାୟରେ ଜୋନ୍‌ସ୍ତରୀୟ ବୈଠକ ଆହ୍ୱାନ କରାଯାଇ କମିଟି ଗଠନ କରାଯିବ। ଏହି କମିଟି ସବୁକୁ ନେଇ ବ୍ଲକ୍ କୃଷକ ସଂଘ ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯିବ। ଏଥିପାଇଁ ପ୍ରତି ଜୋନ୍‌ରେ କୃଷକଙ୍କ ମଧ୍ୟରେ ପ୍ରସ୍ତୁତି ଜାରି ରହିଛି। ୩ନଂ ଜୋନ୍‌ର ବନ୍ଧବାହାଲ, ସରଣ୍ଡାମାଲ ଓ ଦଲଗାଁ ପଞ୍ଚାୟତର କୃଷକମାନଙ୍କୁ ନେଇ ଏସ୍‌ବିଡି ନାମକ କୃଷକ ସଂଗଠନ ଗଠନ ହୋଇଛି। ସଂଗଠନ ତରଫରୁ ବନ୍ଧବାହାଲ ସମଲେଇ ମନ୍ଦିର ପ୍ରାଙ୍ଗଣରେ ବୁଧବାର ସଭାପତି ସାଲେଗ୍ରାମ ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଂଗଠନକୁ ଅଧିକ କ୍ରିୟାଶୀଳ କରିବାକୁ ପ୍ରତି ପଞ୍ଚାୟତରେ ସବ୍‌କମିଟି ଗଠନ କରାଯିବ। ଜୋନ୍ ସ୍ତରୀୟ କୃଷକ ସଂଗଠନକୁ ସୁଦୃଢ଼ କରିବାକୁ ଏସ୍‌ବିଡି ସଂଗଠନ କାର୍ଯ୍ୟ କରିବ। ୨୫ରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ କରାଯିବ। ଏଥିରେ ରାଜେଶ ସାହୁ, ସଞ୍ଜୟ ପାଣ୍ଡେ, ବସନ୍ତ ପାଢ଼ୀ, ନିର୍ମଳ ସାହୁ, ପ୍ରସନ୍ନ ପାଢ଼ୀ, ଅମର ପାଢ଼ୀ, ସନ୍ତୋଷ ପାଢ଼ୀ, କାମଦେବ ପାଢ଼ୀ, ଅଚ୍ୟୁତାନନ୍ଦ ପ୍ରଧାନ, ଗୁରୁଚରଣ ସା, ଅଶ୍ୱିନୀ ବିଶ୍ୱାଳ, ରାଜେନ୍ଦ୍ର ପଟେଲ, ରାମଚରଣ ସାହୁ, ସତ୍ୟନାରାୟଣ ସା, ସୁଶୀଲ ପାଢ଼ୀ, ଦୀପକ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

■ ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ପକ୍ଷରୁ

# ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ରାଉରକେଲା ଅଫିସ,୨୧।୮**

ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ସଭା, ଶୋଭାଯାତ୍ରା, ଧାରଣା ପରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଶୀଘ୍ର ସମସ୍ତ ଜମି ପୂର୍ବତଟ ରେଳପଥକୁ ଯୋଗାଇ ଦେବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ଏ ବିଷୟରେ ଆଲୋଚନା କରିବାକୁ ଜିଲାପାଳଙ୍କ ଅନୁରୋଧ କ୍ରମେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି କର୍ମକର୍ତ୍ତା ଅଦ୍ୱୈତ ବିଶ୍ୱାଳ, ବିଷ୍ଣୁ ମହାନ୍ତି, ହରିହର ରାଉତରାୟ, ବିମାନ ମାଇତି, ଜାହାଙ୍ଗିର ଅଲି, ସୁରେନ୍ଦ୍ର ଦାସ, ପ୍ରମୋଦ ମହାନ୍ତି, ଦିଲୀପ ସାହୁ ପ୍ରମୁଖ ଜିଲାପାଳଙ୍କୁ ଭେଟି ଏହି ରେଳପଥ ନିର୍ମାଣ ନେଇ ଜାରି ରହିଥିବା ଆନ୍ଦୋଳନର ଇତିହାସ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିଶଦ ଭାବେ ଅବଗତ କରାଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମ ଫଳରେ ୬୬୭ ଏକର ଜଙ୍ଗଲ ଜମି ଓ ଏହାର ପରିବେଶ ମଞ୍ଜୁରି ମିଳିସାରିଛି। ସରକାରଙ୍କ ଅଧୀନରେ ଥିବା ୪୨୨ ଏକର ଜମି ପୂର୍ବତଟ ରେଳପଥକୁ ହସ୍ତାନ୍ତର କରାଗଲେ ରେଳୱେ ପକ୍ଷରୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଘରୋଇ ଜମି ଅଧିଗ୍ରହଣ ପାଇଁ କେତେକ ପଦକ୍ଷେପ ନିଆଯାଇଛି। ଅବଶିଷ୍ଟ ପ୍ରକ୍ରିୟା ଶେଷ କରିବା ଆବଶ୍ୟକତା ରହିଛି। ଜମି ଯୋଗାଇ ଦିଆଯାଉ ନ ଥିବାରୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେଉଛି ବୋଲି ପ୍ରତିନିଧିମାନେ ପ୍ରକାଶ କରିଥିଲେ। ଜିଲାପାଳ କଲ୍ୟାଣ କହିଲେ ଯେ ଦୁଇମାସ ତଳେ ମୁହଁ ଏହି ଜିଲାକୁ ଆସିଛନ୍ତି। ଆପଣମାନଙ୍କ ସମସ୍ତ ଚିଠି ମିଳିଛି ଓ ଆପଣଙ୍କ ଉଦ୍‌ବେଗ ଉପଲବ୍ଧି କରୁଛି। ଏହି ରେଳ ପ୍ରକଳ୍ପ ପାଇଁ ଜମି ଯୋଗାଇଦେବାରେ କୌଣସି ଅବହେଳା କରାଯିବ ନାହିଁ। ସରକାରଙ୍କ ଅନୁମତି କ୍ରମେ ଜଣେ ଅଭିଜ୍ଞ ଓ ଉଚ୍ଚପଦସ୍ଥ ଅଧିକାରୀ ଗତ ଜୁଲାଇ ପହିଲାରୁ ସୁନ୍ଦରଗଡ଼ରେ ଯୋଗଦେଇ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ମୋ' ସହିତ ଏ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ରେଳପଥ ପାଇଁ ଏହି ଦୁଇ ଜିଲାର ଆବଶ୍ୟକ ସମସ୍ତ ଜମି ୬ ମାସ ମଧ୍ୟରେ ପୂର୍ବତଟ ରେଳପଥକୁ ଯୋଗାଇ ଦିଆଯାଇ ପାରିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜମି ଅଧିଗ୍ରହଣ ପାଇଁ ସ୍ୱତନ୍ତ୍ର ଅଧିକାରୀ ଅଶୋକ କୁମାର ସିଂହଙ୍କୁ ପ୍ରତିନିଧି ଦଳ ତାଙ୍କ ଅଫିସରେ ଭେଟି ଆଲୋଚନା କରିଥିଲେ। ଆସନ୍ତା ୬ ମାସ ମଧ୍ୟରେ ରେଳୱେକୁ ସମସ୍ତ ଜମି ଯୋଗାଇ ଦିଆଯିବ। ପୂର୍ବତଟ ରେଳପଥ ପକ୍ଷରୁ ଅନୁଗୋଳଠାରେ ତାଳଚେର-ବିମଳାଗଡ଼ ରେଳପଥ ପ୍ରକଳ୍ପ କାର୍ଯ୍ୟ ପାଇଁ ଜଣେ ନିର୍ମାଣ ଅଫିସର ଦାୟିତ୍ୱରେ ଡେପୁଟି ଚିଫ୍ ଇଞ୍ଜିନିୟର ଭାବେ ସୁରେନ୍ଦ୍ର ତରାଇ ଯୋଗଦେଇଛନ୍ତି। ସେ ମଧ୍ୟ ଏହି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଆଗ୍ରହୀ। କେଉଁ ଗ୍ରାମ ବା ଅଞ୍ଚଳରେ ଜମି ଅଭାବରୁ ନିର୍ମାଣ କାର୍ଯ୍ୟରେ ବ୍ୟାଘାତ ଘଟୁଛି ତାକୁ ଚିହ୍ନଟ କରାଯିବ। ଜମି ଯୋଗାଇଦେବାକୁ ଚେଷ୍ଟା ଜାରି ରହିଛି। ବିମଳାଗଡ଼ଠାରେ ପୂର୍ବତଟ ରେଳପଥ ଏକ ନିର୍ମାଣ ଅଫିସ କରିବାକୁ ଚାହୁଁଥିବାରୁ ଗୋଟିଏ ସ୍ଥାନରେ ୫ ଏକର ଜମି ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ସରକାରଙ୍କ ଅଧୀନରେ ଥିବା ସରକାରୀ ଜମି ଗୋଚର ହୋଇଥିଲେ ତାହାର କିସମ ପରିବର୍ତ୍ତନ କରାଯିବ। ଜନସାଧାରଣ ବିଶେଷକରି ବଣାଇବାସୀ ଓ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସହଯୋଗ ନିହାତି ଆବଶ୍ୟକ ପଡ଼ିବ ବୋଲି ଜିଲାପାଳ ସୂଚାଇ ଦେଇଥିଲେ। ବିଧାୟକ ମୁଣ୍ଡା କହିଥିଲେ ଯେ ମଙ୍ଗଳବାର ବିମଳାଗଡ଼ଠାରେ ସଭା, ବିକ୍ଷୋଭରେ ଅଞ୍ଚଳର ସମସ୍ତ ସରପଞ୍ଚ ଯୋଗଦେଇ ଏହି ରେଳପଥକୁ ଶୀଘ୍ର ଶେଷ କରିବାକୁ ଦାବି କରିଛନ୍ତି। ତେଣୁ ଜମି ଅଧିଗ୍ରହଣରେ କୌଣସି ଅସୁବିଧା ହେବ ନାହିଁ। ବାକି ସରକାରଙ୍କ ସହଯୋଗ ଆବଶ୍ୟକ ବୋଲି ବିଧାୟକ ମୁଣ୍ଡା କହିଥିଲେ।



ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

■ ଶିକ୍ଷା ବଞ୍ଚାଅ କମିଟିର ପ୍ରତିବାଦ

# ବର୍ଦ୍ଧିତ ଫି' ପ୍ରତ୍ୟାହାର କର

**ରାଉରକେଲା ଅଫିସ,୨୧।୮**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପାଇଁ ଚଳିତବର୍ଷ ଫି' ବୃଦ୍ଧି କରାଯାଇଛି। ଏହା ଛାତ୍ରୀଛାତ୍ରଙ୍କ ଉପରେ ଅଯଥା ବୋଝ ପାଲଟିଛି ବୋଲି ସୁନ୍ଦରଗଡ଼ ଜିଲା ଶିକ୍ଷା ବଞ୍ଚାଅ କମିଟି ରାଉରକେଲା ଶାଖା ଅଭିଯୋଗ କରିଛି। ତୁରନ୍ତ ଏହି ଫି' ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ସଂଗଠନ ଦାବି କରିଛି। କମିଟି କର୍ମକର୍ତ୍ତା ପୀତବାସ ପ୍ରଧାନ, ବକେଶ୍ୱର ମାହାତୋ, ଗଗନ ଧଳ, ବିଶ୍ୱାନାଥ ବଳ, ଅଶୋକ ଶୁକ୍ଳ, ଉମାଶଙ୍କର ତିୱାରୀ, ଧୋବେଇ ବେହେରା ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଏ ନେଇ ରାଉରକେଲା ଅତିରିକ୍ତ ଜିଲାପାଳ ୟେଦୁଲା ବିଜୟଙ୍କ ଜରିଆରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ ଆର୍ଥିକ ଅନଟନରେ ପଡ଼ି ଅନେକ ଛାତ୍ରୀଛାତ୍ର ଶିକ୍ଷାରେ ଡୋରି ବାନ୍ଧୁଛନ୍ତି। ଏମିତି ଅବସ୍ଥାରେ ଫି' ବଢ଼ାଯିବା ଅତ୍ୟନ୍ତ ନିନ୍ଦନୀୟ। ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ବହୁ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଶିକ୍ଷାର ବ୍ୟବସାୟକରଣ ତଥା ଘରୋଇକରଣ ଚାଲିଥିବା ବେଳେ ସରକାର ଫି' ବୃଦ୍ଧି କରିବା ଯୁକ୍ତିସଙ୍ଗତ ନୁହେଁ। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅଳ୍ପ ଫି' ଦେଇ ଶିକ୍ଷା ଗ୍ରହଣ କରୁଥିବା ବେଳେ ସମ୍ପ୍ରତି ଏହାକୁ ୧୨ଶହ ଟଙ୍କାକୁ ବୃଦ୍ଧି କରାଯିବା ସରକାରଙ୍କ ଅପାରଗତା ବୋଲି କହିଛି ସଂଗଠନ। ଏତିକି ନୁହେଁ, ବିଭିନ୍ନ ଆଳରେ ଅନ୍ୟ କ୍ଷେତ୍ରରେ ମଧ୍ୟ ଫି' ବୃଦ୍ଧି ନେଇ ଅଭିଭାବକ ମହଲରେ ଚିନ୍ତା ପ୍ରକାଶ ପାଇଛି। ସରକାର ଏ ଦିଗରେ ଚିନ୍ତା ନ କଲେ ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।


## ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍‌ର ସଂଶୋଧିତ ସମୟ ସାରଣୀ

**12894** ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍‌କୁ ନିମ୍ନଲିଖିତ ନୂତନ ସଂଶୋଧିତ ସମୟ ଅନୁସାରେ ତା. **01.09.2019** ରୁ ଚଳାଚଳ ପାଇଁ ନିର୍ଣ୍ଣୟ ନିଆଯାଇଅଛି ।

| ଷ୍ଟେସନ | ବର୍ତ୍ତମାନ | | ସଂଶୋଧିତ | |
|---|---|---|---|---|
| | ଆଗମନ | ପ୍ରସ୍ଥାନ | ଆଗମନ | ପ୍ରସ୍ଥାନ |
| ବଲାଙ୍ଗୀର | -- | 1430 | -- | 1445 |
| ଲୋଇସିଂହା | 1446 | 1448 | 1501 | 1503 |
| ବରପାଲି | 1515 | 1517 | 1530 | 1532 |
| ବରଗଡ ରୋଡ଼ | 1532 | 1534 | 1547 | 1549 |
| ହୀରାକୁଦ | 1605 | 1607 | 1620 | 1622 |
| ସମ୍ବଲପୁର | 1625 | 1635 | 1640 | 1650 |
| ସମ୍ବଲପୁର ରୋଡ଼ | 1640 | 1642 | 1655 | 1657 |
| ରେଢାଖୋଲ | 1740 | 1742 | 1755 | 1757 |
| ବାମୁର | 1756 | 1757 | 1811 | 1812 |
| ବଇଣ୍ଡା | 1823 | 1825 | 1838 | 1840 |
| ଅନୁଗୁଳ | 1912 | 1914 | 1927 | 1929 |
| ତାଳଚେର ରୋଡ଼ | 1924 | 1926 | 1939 | 1941 |
| ମେରାମଣ୍ଡଳୀ | 1941 | 1942 | 1957 | 1958 |
| ଢେଙ୍କାନାଳ | 2013 | 2015 | 2029 | 2031 |
| ନରାଜ ମାର୍ଥାପୁର | 2100 | 2101 | 2116 | 2117 |
| ମଞ୍ଚେଶ୍ୱର | 2126 | 2127 | 2142 | 2143 |
| ଭୁବନେଶ୍ୱର | 2140 | – | 2155 | -- |



ପୂର୍ବ ତଟ ରେଳପଥ
PR-311/K/19-20


# ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ସମାରୋହ ଆରମ୍ଭ

**ରାଉରକେଲା ଅଫିସ,୨୧।୮**

ରାଜ୍ୟ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ଭାରତ ବିକାଶ ପରିଷଦ ଆନୁକୂଲରେ ବାସନ୍ତୀ କଲୋନୀ ଛକସ୍ଥିତ ଡା. ଏ.ଏନ୍. ଖୋସଲା ଡିଏଭି ପବ୍ଲିକ ସ୍କୁଲ ପରିସରରେ ମାହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମାରୋହର ଶୁଭାରମ୍ଭ କରାଯାଇଛି। ଏଥିରେ ଅତିଥି ଭାବେ ରାଜ୍ୟ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ଗାନ୍ଧିଜୀଙ୍କ ନୀତି ଆଦର୍ଶ ଓ ସଂଗ୍ରାମ ଉପରେ ଅଲୋକପାତ କରିଥିଲେ। ମହାପୁରୁଷଙ୍କ ଜୀବନୀ ଉପରେ ଜାଣିବାକୁ ଆଗ୍ରହ ପ୍ରକାଶ କରିବା, ମାହାତ୍ମାଙ୍କ ପରାମର୍ଶକୁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପାଳନ କରିବା ଓ ମାତୃଭାଷାକୁ ଭଲପାଇବା ସହ ଅନ୍ୟ ଭାଷା ପ୍ରତି ସମଭାବ ରଖିବାକୁ ମହାନ୍ତି ପରାମର୍ଶ ଦେଇଥିଲେ। ଆତ୍ମବିଶ୍ୱାସକୁ ସୁଦୃଢ଼ କରି ନିଜ ଭବିଷ୍ୟତ ପନ୍ଥା ନିର୍ଦ୍ଧାରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି କ୍ରିଷ୍ଣା ମହାନ୍ତି ନିଜ ବକ୍ତବ୍ୟରେ ଗାନ୍ଧିଜୀଙ୍କ ସହ ପିଲାଦିନ ବିତାଇବାର କିଛି ମୁହୂର୍ତ୍ତର ଅବତାରଣ କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ଗାନ୍ଧିଜୀଙ୍କୁ ଭଲ ଭାବେ ଜାଣିବା ଓ ତାଙ୍କ ଲିଖିତ ପୁସ୍ତକ ପାଠ କରିବାକୁ ସେ ପରାମର୍ଶ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ଲୋକନାଥ ପ୍ରଧାନ ନିଜ ବକ୍ତବ୍ୟରେ ଗାନ୍ଧିଜୀଙ୍କ କର୍ମମୟ ଜୀବନ, ନିଷ୍ଠା ଓ ତ୍ୟାଗ ସମ୍ପର୍କରେ କହିଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ଜୀବନ ଉପରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏହି ପ୍ରଦର୍ଶନୀ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଅଧ୍ୟକ୍ଷ ପ୍ରଧାନ ସୂଚନା ଦେଇଥିଲେ। ଏଥିରେ ଗାନ୍ଧୀବାଦୀ ନାରାୟଣ ଦାସ, ମିନତୀ ମହାପାତ୍ର, ଅନୀଲ ଅଗ୍ରୱାଲ, ସନତ ଦାସ, ବିଷ୍ଣୁଦୟାଲ ଅଗ୍ରୱାଲ, ଅନୁପମ ଗୁପ୍ତା ଓ ରବି ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଛେଣ୍ଡ ଡିଏଭି ସ୍କୁଲରେ ଆୟୋଜିତ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି।





ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ କୋଏଲ ବ୍ୟାରେଜ୍ ନିର୍ମାଣ ଦାବିରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

# ବ୍ରାହ୍ମଣୀ ସେତୁ ନେଇ କଂଗ୍ରେସର ଧାରଣା

**ରାଉରକେଲା ଅଫିସ,୨୧।୮**

ପାନପୋଷଠାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ କୋଏଲ ବ୍ୟାରେଜ ଦାବିରେ ବୁଧବାର ରାଉରକେଲା ଯୁବ, ଛାତ୍ର କଂଗ୍ରେସ ଓ ସେବାଦଳ ଡାକରାରେ ପାନପୋଷ ଗାନ୍ଧୀ ଛକରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବୀରମିତ୍ରପୁରର ବିଧାୟକ ଜର୍ଜ ତିର୍କୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ପାଳନ କରି ନ ଥିବା ଅଭିଯୋଗ କରିଥିଲେ। ପୁରୁଣା ସେତୁ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଥିବା ବେଳେ ସରକାର ଚେଇଁ ଶୋଇଛନ୍ତି। କେଉଁ ମୁହୂର୍ତ୍ତରେ ସେତୁ ଭୁଶୁଡ଼ିବ ସେକଥା କହିହେବ ନାହିଁ। ଏଣେ ପ୍ରସ୍ତାବିତ ଦ୍ୱିତୀୟ ସେତୁ କାମ ଆଗେଇପାରୁନି। ବାରମ୍ବାର ସ୍ଥାନ ପରିବର୍ତ୍ତନ ସହ ବିଳମ୍ବ ଜିଲାବାସୀଙ୍କୁ ଅତିଷ୍ଠ କରିଛି। ଲୋକଙ୍କୁ କେବଳ ଭୁଆଁ ବୁଲାଯାଉଛି। କେନ୍ଦ୍ର ଅବହେଳା କଲେ ରାଜ୍ୟ ସରକାର ସେତୁ ନିର୍ମାଣ କରିବେ ବୋଲି ବର୍ଷକ ପୂର୍ବେ କହିଥିଲେ। ଏଣୁ ରାଜ୍ୟ ସରକାର ତାଙ୍କ ପ୍ରତିଶ୍ରୁତି ପାଳନ କରିବା ଉଚିତ ବୋଲି ତିର୍କୀ ପ୍ରକାଶ କରିଥିଲେ। ସେହିଭଳି କୋଏଲନଗର ବୈକୁଣ୍ଠ ଘାଟରେ ୨୦୧୩ରେ ରାଜ୍ୟ ସରକାର ବ୍ୟାରେଜ ଓ ରିଂ ରୋଡ୍ ନିର୍ମାଣ ପାଇଁ ଶୁଭାଦାନ କରିଥିଲେ। ଏଭଳି ପ୍ରତିଶ୍ରୁତିକୁ ନବୀନ ବାବୁ ଓ ତାଙ୍କ ସରକାର ଭୁଲିଯିବା ସହରବାସୀଙ୍କୁ ଶକ୍ତ ଆଘାତ ଦେଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ତିର୍କୀ ଦାବି କରିଥିଲେ। ଧାରଣା ସକାଳ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ଯୁବ ନେତା ପ୍ରଶାନ୍ତ ସେଠୀ, ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ରାଜ୍ୟ ଛାତ୍ର କଂଗ୍ରେସ ସଂଯୋଜକ ଶିବୁ ଦୀପ, ସୁନ୍ଦରଗଡ଼ ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ସେବା ଦଳ ମୁଖ୍ୟ ବିନୋଦ ରାଉତ, ସୁନ୍ଦରଗଡ଼ ମହିଳା କଂଗ୍ରେସ ସଭାନେତ୍ରୀ ସରୋଜିନୀ ବାଙ୍କ୍ରା, ରାଉରକେଲା ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୁପମା ବଳିଆରସିଂ, ଓବିସି ସେଲ୍ ଅଧ୍ୟକ୍ଷ କୈଳାସ ସାହୁ, ଉମେଶ ଶରଣ ଓ କୀର୍ତ୍ତନ ଦାସ ପ୍ରମୁଖ ବକ୍ତବ୍ୟ ରଖି ସରକାରଙ୍କ ଅବହେଳାକୁ ସମାଲୋଚନା କରିଥିଲେ। ସେତୁ ଓ ବ୍ୟାରେଜ ନିର୍ମାଣ କାମ ବିଳମ୍ବ ହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ନେତୃମଣ୍ଡଳୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା, ଚିତ୍ତରଞ୍ଜନ ମହାନ୍ତି, ପ୍ରଫୁଲ୍ଲ ପ୍ରଧାନ, ସୁଧାକର ମଲ୍ଲିକ, ସୁବାସ ପାତ୍ର, ବିନୋଦ ତନ୍ତୀ, ହୁସୁନାସ ହରୋ, ଡାଭିଡ୍ ପ୍ରଧାନ, ଦେବାକାନ୍ତ ନାୟକ, ରଘୁନାଥ ପ୍ରଧାନ, ଯୋଶେଫ ଖେସ, ଯୋଗେନ୍ଦ୍ର ଲୋହାର, ଚକ୍ରଧର ମହାତୋ, ବନଲତା ବେହେରା, ମଧୁସୂଦନ ଭୋଇନା ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଜିଏଚ୍‌ରେ ରକ୍ତଦାନ ଶିବିର, ଫଳ ବଣ୍ଟନ

**ରାଉରକେଲା ଅଫିସ,୨୧।୮:** ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ରାଉରକେଲା ଯୁବ କଂଗ୍ରେସ କମିଟି ପକ୍ଷରୁ ସଭାପତି ପ୍ରବୋଧ ଦାସଙ୍କ ନେତୃତ୍ୱରେ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ)ରେ ଏକ ରକ୍ତଦାନ ଶିବିର ଅୟୋଜନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ କଂଗ୍ରେସ ନେତୃମଣ୍ଡଳୀ ତାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ଦେଶ ପ୍ରତି ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ଦେଶର ତଳସ୍ତର ଲୋକେ କିପରି ନ୍ୟାୟ ପାଇବେ ସେ ନେଇ ତାଙ୍କ ଉଦ୍ୟମ ଥିଲା ବୋଲି କୁହାଯାଇଛି। ଏହି ଅବସରରେ ୨୫୦ ରୋଗୀଙ୍କୁ ଦଳ ପକ୍ଷରୁ ଫଳ ବଣ୍ଟନ କରାଯାଇଥିଲା। ଏଥିରେ ଅତିଥି ଭାବେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଯୋଗ ଦେଇଥିଲେ।

# 'ସ୍ମାର୍ଟ ମିଟର ପ୍ରଥମେ ରାଜଧାନୀରେ ଲଗାଯାଉ'

**ରାଉରକେଲା ଅଫିସ,୨୧।୮**

ବିଦ୍ୟୁତ୍ ଚୋରି ରୋକିବାକୁ କିଛିଦିନ ପୂର୍ବେ ଷ୍ଟିଲ ସିଟିରେ ପୁରୁଣା ମିଟର ବଦଳାଯାଇ ନୂଆ ମିଟର ଲଗାଗଲା। ଏହାକୁ ଘର ବାହାରେ ଲଗାଗଲା। ଏବେ ରାଜ୍ୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଘୋଷଣା କରିଛନ୍ତି ଆଉ ଥରେ ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଯିବ। ଏଭଳି ପ୍ରହସନ କାହିଁକି ବୋଲି ଭାଜପା ପ୍ରଶ୍ନ କରିଛି। ସାଧାରଣ ଉପଭୋକ୍ତାଙ୍କ ଉପରେ ମନଇଚ୍ଛା ନିଜ ଇଚ୍ଛାକୁ ଲଦିଦେବା କେତେଦୂର ଯୁକ୍ତିସଙ୍ଗତ ତାହା ସରକାର କେବେ ଚିନ୍ତା କରିଛନ୍ତି କି ବୋଲି ଦଳ ପ୍ରଶ୍ନ କରିଛି। ପ୍ରିପେଡ୍ ମିଟର ପରୀକ୍ଷାମୂଳକ ଭାବେ ରାଉରକେଲା ଓ ସମ୍ବଲପୁରରୁ ଆରମ୍ଭ କରାଯିବ ବୋଲି ମିଶ୍ର କହିଛନ୍ତି। ତେବେ ଏଠାରେ ସ୍ୱତଃ ପ୍ରଶ୍ନ ଉଠୁଛି ଯେ ଦେଶର ପ୍ରମୁଖ ସ୍ମାର୍ଟ ସିଟି ଭୁବନେଶ୍ୱରରୁ ଏହାକୁ ଆରମ୍ଭ କରା ନ ଯାଇ ପଶ୍ଚିମ ଓଡ଼ିଶାକୁ କାହିଁକି ଟାର୍ଗେଟ କରାଯାଉଛି। ରାଜଧାନୀର ସଚିବାଳୟଠାରୁ ଆରମ୍ଭ କରି ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ପାର୍ଶ୍ୱବର୍ତ୍ତୀ ଶିଳ୍ପସଂସ୍ଥାଗୁଡ଼ିକରେ ପ୍ରିପେଡ୍ ମିଟର ଆରମ୍ଭ କରାଯିବା ଆବଶ୍ୟକ। ଏହା ସଫଳ ହେଲେ ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟ ସହରରେ ଉପଯୋଗ କାରାଇଥିଲେ ଉଚିତ ହୋଇଥାନ୍ତା। କେବଳ ଏତିକି ନୁହେଁ, ପ୍ରଥମ ପର୍ଯ୍ୟାୟରେ ଏହାକୁ କଳକାରଖାନାରେ ଉପଯୋଗ କରାଯାଇଥିଲେ ଖୁବ୍ ଭଲ ହୋଇଥାନ୍ତା। ମାର ମାର ଭଣ୍ଡାରିଆକୁ ମାର ନୀତିକୁ ସରକାର ଆପଣାଇବାକୁ ଯାଇ ନିରୀହ ଉପଭୋକ୍ତାଙ୍କ ଉପରେ ଦାଉ ସାଧୁଛନ୍ତି ବୋଲି ଭାଜପା କହିଛି। ଶିଳ୍ପସଂସ୍ଥା କର୍ତ୍ତୃପକ୍ଷଙ୍କୁ ଅନୁକମ୍ପା ଦେଖାଇବାକୁ ସାଧାରଣ ଉପଭୋକ୍ତାଙ୍କ ଘର ଆନ୍ଧାରରେ ରଖାଯାଉଛି। ବିଜୁଳିକାଟ କରି ଶିଳ୍ପସଂସ୍ଥାକୁ ଯୋଗାଣ ହେଉଛି। ପ୍ରକୃତ ବିଦ୍ୟୁତ ଚୋରକୁ ଆଢୁଆଳରେ ରଖି ବିଭାଗ ନିରୀହ ଲୋକଙ୍କ ଉପରେ ଦାଉ ସାଧୁଛି। ଓଡ଼ିଶା ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ବୋଲି ସରକାର ବାରମ୍ବାର କହି ଚାଲିଛନ୍ତି। ବାସ୍ତବ କ୍ଷେତ୍ରରେ ଏହାକୁ ପ୍ରସହନ କହିଲେ ଅତ୍ୟୁକ୍ତି ହେବ ନାହିଁ। ସମଗ୍ର ରାଜ୍ୟରେ ବାରମ୍ବାର ବିଜୁଳିର ଲୁଚକାଳି ଖେଳ ଏହାକୁ ପ୍ରମାଣିତ କରୁଛି। କେବଳ ସହାରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ସ୍ଥିତି ମଧ୍ୟ ଅନୁରୂପ ରହିଛି। ଏପରି ଅବସ୍ଥାରେ ମନ୍ତ୍ରୀ ଯେଉଁ ସ୍ମାର୍ଟ ମିଟର କଥା ଚିନ୍ତା କରିଛନ୍ତି ତାକୁ ପ୍ରଥମେ ରାଜଧାନୀରୁ ଆରମ୍ଭ କରନ୍ତୁ। ଏହାର ସଫଳ ଉପଯୋଗ ଜଣାପଡ଼ିବା ପରେ ରାଜ୍ୟର ଅନ୍ୟତ୍ର ବ୍ୟବହାର କରାଗଲେ କାହାର ଆପତ୍ତି ରହିବନି। କାରଣ ସ୍ମାର୍ଟ ମିଟରର ମାନ, ସ୍ଥାୟିତ୍ୱ ଓ କାର୍ଯ୍ୟକ୍ଷମତା ସମ୍ପର୍କରେ ଉପଭୋକ୍ତା ଅବଗତ ନୁହନ୍ତି। ମନ୍ତ୍ରୀ ନିଜ ଘର ପାଖରୁ ଏହାକୁ ଆରମ୍ଭ କଲେ ରାଜ୍ୟବାସୀ ସଚେତନ ହେବେ। ଅନ୍ୟଥା ଜୋରଜବରଦସ୍ତ ଭାବେ ଏହାକୁ ରାଉରକେଲାରେ ପରୀକ୍ଷା କରାଗଲେ ଉପଭୋକ୍ତା ବରଦାସ୍ତ କରିବେ ନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଏ ନେଇ ଭାଜପା ଲୋକଙ୍କ ସାଙ୍ଗରେ ରହିବାକୁ ବାଧ୍ୟ ହେବ ବୋଲି ଦଳ ପକ୍ଷରୁ ମୁଖପାତ୍ର ଭଗବାନ ରାଉତ ଏକ ବିବୃତିରେ ପ୍ରକାଶ କରିଛନ୍ତି।


## ପୂର୍ବ ତଟ ରେଳପଥ
### ଭଡ଼ା ସୂତ୍ରରେ ଗାଡ଼ି

ଟେଣ୍ଡର ବିଜ୍ଞପ୍ତି ସଂ. 05/ET/SBP/ENGG/2019-20, ତା:13.08.2019

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 17-eT-DENC-SBP-19

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ (Sr.DSO)/ସମ୍ବଲପୁରଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ନିମନ୍ତେ ଗୋଟିଏ ସଡ଼କ ଗାଡ଼ି ଭଡ଼ା ସୂତ୍ରରେ ନେବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 10,90,574.55, EMD (ଟଙ୍କାରେ) : ₹ 21,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 36(ଛତିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.09.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-306/K/19-20



## ପୂର୍ବ ତଟ ରେଳପଥ
### ଇଂଜିନିୟରିଂ କାର୍ଯ୍ୟ

ଟେଣ୍ଡର ବିଜ୍ଞପ୍ତି ସଂ. 05/ET/SBP/ENGG/2019-20, ତା: 13.08.2019

**1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 17-eT-SDENW-SBP-19**
**କାର୍ଯ୍ୟର ନାମ :** ରେଳବାଇ ବିନିର୍ଦ୍ଦେଶନ (Specification) ଅନୁଯାୟୀ ରେଳବାଇ ଜମି/ଖାଦାନ ବାହାରୁ କଣ୍ଟାବାଞ୍ଜି ଡିପୋ ଠାରେ ମେସିନ୍ ଦ୍ୱାରା ଭଙ୍ଗା ଯାଇ 50,000 ଘନ ମିଟରର ଟ୍ରାକ୍ ବାଲାଷ୍ଟ(Ballast)ର ଯୋଗାଣ ଏବଂ ଗଦା ମାରିବା ତଥା ତାହାକୁ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/କଣ୍ଟାବାଞ୍ଜି ପରିସୀମା ଅଧୀନସ୍ଥ ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹6,05,60,000/-, EMD(ଟଙ୍କାରେ):₹ 4,52,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର)ମାସ ।

**2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 18-eT-SDENW-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ ଷ୍ଟେସନ ଠାରେ 02 ଗୋଟି ଲିଫ୍ଟ(Lift)ର ସମ୍ପାଦନ ସମ୍ବନ୍ଧୀୟ ସିଭିଲ୍ ଇଂଜିନିୟରିଙ୍ଗ୍ କାର୍ଯ୍ୟ ସମୂହ ଏବଂ ଲାଖୋଲି-ଥେରୁବାଲି ଏବଂ ଲାଞ୍ଜିଗଡ଼ ରୋଡ଼-କୁନାଗଡ଼ ରୋଡ଼ ସେକ୍ସନରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଦିବ୍ୟାଙ୍ଗ-ଅନୁକୂଳ ପୁରୁଷ ଏବଂ ମହିଳା ଶୌଚାଳୟଗୁଡ଼ିକର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹65,04,596.28, EMD(ଟଙ୍କାରେ):₹ 1,30,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

**3) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 19-eT-SDENW-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର କେସିଙ୍ଗା-ଥେରୁବାଲି ସେକ୍ସନରେ ଷ୍ଟାଫ୍ କ୍ୱାର୍ଟର(ଟାଇପ୍-II, III ଏବଂ IV)ଗୁଡ଼ିକର ବିବିଧ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,53,75,597.65, EMD(ଟଙ୍କାରେ):₹ 2,26,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

**4) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 20-eT-SDENW-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଲାଖୋଲି-ଟିଟିଲାଗଡ଼ ସେକ୍ସନ ମଧ୍ୟରେ ଲେଭେଲ କ୍ରସିଙ୍ଗଗୁଡ଼ିକର ସଡ଼କ ପୃଷ୍ଠଭାଗ ଏବଂ ଫେନ୍ସିଙ୍ଗ୍ ୱାଲ (Fencing Wall), ଚଟାଣ ଇତ୍ୟାଦିଗୁଡ଼ିକର ମରାମତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,53,55,833.10, EMD(ଟଙ୍କାରେ):₹ 2,76,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ ।

**5) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14-eT-SDENE-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ପ୍ରମାଣୀକୃତ ବ୍ରିଜ୍ ଡ୍ରଇଂ (ଛୋଟ ଏବଂ ବଡ଼) ତଥା ଫୁଟ୍ ଓଭର ବ୍ରିଜ୍ (FOB) ଡ୍ରଇଂଗୁଡ଼ିକର ଡିଜିଟାଇଜେସନ (Digitization) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹30,88,260/-, EMD(ଟଙ୍କାରେ):₹ 61,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

**6) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 15-eT-SDENE-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ଼-ଟିଟିଲାଗଡ଼ ଏବଂ ସମ୍ବଲପୁର-ଅନୁଗୁଳ ସେକ୍ସନରେ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଦିବ୍ୟାଙ୍ଗ-ଅନୁକୂଳ ପୁରୁଷ ଏବଂ ମହିଳା ଶୌଚାଳୟଗୁଡ଼ିକର ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 35,22,978.46, EMD (ଟଙ୍କାରେ) : ₹ 70,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

**7) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 16-eT-SDENE-SBP-19**
**କାର୍ଯ୍ୟର ନାମ :** ବରଗଡ଼ ରୋଡ଼-ଟିଟିଲାଗଡ଼ ସେକ୍ସନ ମଧ୍ୟରେ ବିଭିନ୍ନ କଲୋନୀଗୁଡ଼ିକ ଠାରେ କ୍ଷତିଗ୍ରସ୍ତ/ଭଗ୍ନ ସେପ୍ଟିକ୍ ଟାଙ୍କିଗୁଡ଼ିକର ମରାମତି ଏବଂ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଷ୍ଟେସନ ବିଲ୍ଡିଙ୍ଗ୍ ଏବଂ ଅନ୍ୟ ସର୍ଭିସ୍ ବିଲ୍ଡିଙ୍ଗଗୁଡ଼ିକର ମରାମତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹98,80,820.87, EMD(ଟଙ୍କାରେ):₹ 1,97,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ)ମାସ ।

**8) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 13-eT-DENC-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ବରଗଡ଼-ଟିଟିଲାଗଡ଼ ସେକ୍ସନରେ ବ୍ରିଜ୍ ନଂ.331, ଲାଖୋଲି-ଥେରୁବାଲି ସେକ୍ସନରେ ବ୍ରିଜ୍ ନଂ.77 ଏବଂ ବ୍ରିଜ୍ ନଂ.343, ଝାରସୁଗୁଡ଼ା-ବରଗଡ଼ ରୋଡ଼ ସେକ୍ସନରେ ପୋଲ ନଂ.7 ଏବଂ ବ୍ରିଜ୍ ନଂ.76 ଠାରେ TMS ଏକୀକରଣ (Integration) ସହିତ 05 ୟୁନିଟ୍ ଅଟୋମେଟେଡ୍ ୱାଟର ଲେଭେଲ ଗେଜ୍ ର ଯୋଗାଣ ଏବଂ ସଂସ୍ଥାପନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹29,23,800/-, EMD(ଟଙ୍କାରେ):₹58,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 03 (ତିନି)ମାସ ।

**9) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 15-eT-DENC-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା-ବରଗଡ଼ ରୋଡ଼ ସେକ୍ସନରେ 06 ଗୋଟି ଷ୍ଟେସନ ଠାରେ ଦିବ୍ୟାଙ୍ଗ-ଅନୁକୂଳ ପୁରୁଷ ଏବଂ ମହିଳା ଶୌଚାଳୟଗୁଡ଼ିକର ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹10,56,893.53, EMD (ଟଙ୍କାରେ) : ₹ 21,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 03 (ତିନି)ମାସ ।

**10) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 16-eT-DENC-SBP-19**
**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ସମ୍ବଲପୁର ସ୍ଥିତ ରେଳ ନଗରରେ ଅଧିକାରୀ ଏବଂ କର୍ମଚାରୀମାନଙ୍କ ନିମନ୍ତେ ପ୍ରତ୍ୟେକ ପାଇଁ (02 ଗୋଟି) ସୁଇମିଙ୍ଗ୍ ପୁଲଗୁଡ଼ିକର ରକ୍ଷଣାବେକ୍ଷଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹15,99,897.72, EMD (ଟଙ୍କାରେ) : ₹ 32,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 2,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି)ମାସ ।

**11) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 10-eT-BRIDGE-SBP-19**
**କାର୍ଯ୍ୟର ନାମ :** ସମ୍ବଲପୁର ଏବଂ ସମ୍ବଲପୁର ରୋଡ଼ ଷ୍ଟେସନଗୁଡ଼ିକ ମଧ୍ୟସ୍ଥ କି.ମି.561/15-16 ଠାରେ ଅନୁମୋଦିତ ଡ୍ରଇଂ (ଡ୍ରଇଂ ନଂ.RDSO/B-16014/RI) ଅନୁଯାୟୀ ନୂଆ ୱେଲ୍ଡେଡ୍ ଟାଇପ୍ ବ୍ରିଜ୍ ଗର୍ଡ଼ର (12.2m) ସହିତ କ୍ଷତିଗ୍ରସ୍ତ ଗର୍ଡରଗୁଡ଼ିକର ରିଗର୍ଡ଼ରିଙ୍ଗ୍ ଦ୍ୱାରା ବ୍ରିଜ୍ ନଂ.67(L-1)1X12.2m ର ମରାମତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹ 24,61,338.38, EMD (ଟଙ୍କାରେ) : ₹ 49,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 3,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.04.09.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-305/K/19-20

ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### କିର୍ମିରା ଦମକଳ କେନ୍ଦ୍ରକୁ ମିଳିଲା ନିଜସ୍ୱ ଫୋନ୍ ନମ୍ବର

**କିର୍ମିରା,୨୧।୮(ଡି.ଏନ୍.ଏ.):** ଝାରସୁଗୁଡ଼ା ଜିଲା କିର୍ମିରାରେ ଦୁଇବର୍ଷ ତଳୁ ଦମକଳ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ଏହାର ନିଜସ୍ୱ ଫୋନ୍ ନମ୍ବର ନ ଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଥିଲେ। କୌଣସି ଦୁର୍ଘଟଣା ଘଟିଲେ ଲୋକେ ୧୦୧ ନମ୍ବରରେ କଲ୍ କରୁଥିଲେ। ଯାହା ଝାରସୁଗୁଡ଼ା ଦମକଳ କେନ୍ଦ୍ର ଦ୍ୱାରା ରିସିଭ୍ କରାଯାଇ କିର୍ମିରାକୁ ଘଟଣା ବିଷୟରେ ସୂଚିତ କରାଯାଉଥିଲା। ଏହାଦ୍ୱାରା ଦମକଳ ଠିକଣା ଜାଗାରେ ପହଞ୍ଚିବାରେ ବିଳମ୍ବ ହେଉଥିଲା। ତେଣୁ ଅଞ୍ଚଳବାସୀ କିର୍ମିରା ଦମକଳ କେନ୍ଦ୍ରର ନିଜସ୍ୱ ନମ୍ବର ପାଇଁ ବାରମ୍ବାର ଦାବି କରି ଆସୁଥିଲେ। ଲୋକଙ୍କ ଦାବିକୁ ହୃଦ୍‌ବୋଧ କରି ଅଗ୍ନିଶମ ଅଧିକାରୀ ନରୋତ୍ତମ ଗର୍ଡ଼ିଆଙ୍କ ଉଦ୍ୟମରେ ଅଗ୍ନିଶମ କେନ୍ଦ୍ରକୁ ଦୁଇଟି ଫୋନ୍ ନମ୍ବର ଦିଆଯାଇଛି। ଅଞ୍ଚଳବାସୀ କିର୍ମିରା ଦମକଳ କେନ୍ଦ୍ରକୁ ୦୬୬୪୦-୨୮୨୦୨୮ ଲ୍ୟାଣ୍ଡ ଲାଇନ ଏବଂ ୭୬୫୬୦୯୯୭୪୮ ମୋବାଇଲ ନମ୍ବରରେ ଦୁର୍ଘଟଣା ବିଷୟରେ ସିଧାସଳଖ ସୂଚନା ଦେଇପାରିବେ ବୋଲି ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି।

# ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଲଖନପୁର,୨୧।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୧୧୨ ଛାତ୍ରୀଛାତ୍ର ପ୍ରଶ୍ନମଞ୍ଚ ଓ ୬୮ ଛାତ୍ରୀଛାତ୍ର ବିଜ୍ଞାନ ପ୍ରକଳ୍ପରେ ଅଂଶଗ୍ରହଣ କରିଥିଲେ। ବାୟୁ ପ୍ରଦୂଷଣ, ଖାଦ୍ୟ ଶୃଙ୍ଖଳା, ମୃତ୍ତିକା ସଂରକ୍ଷଣ, ଶକ୍ତି ସଂରକ୍ଷଣ, କୃଷିରେ ପ୍ରଯୁକ୍ତି ବିଦ୍ୟା, ଗାଣିତିକ ପ୍ରତିରୂପ ଆଦି ପ୍ରକଳ୍ପ ସ୍ଥାନ ପାଇଥିଲା। ଦଲଗାଁ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଉମେଶ ଚନ୍ଦ୍ର ବାରିକ, ଗୁଡ଼ିଆଲି ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପରମାନନ୍ଦ ବାରିକ, ମନୋଜ ପାଢ଼ୀ, ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସୁଶାନ୍ତ ପ୍ରଧାନ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଗିରି ମେଳାକୁ ଉଦ୍‌ଘାଟନ କରିଥିଲେ। ସେହିଭଳି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆର୍‌ଏସ୍‌ଏସ୍ ରାଉରକେଲା ଧର୍ମ ଜାଗରଣର ପ୍ରମୁଖ ପୀତବାସ ପଣ୍ଡା, ସମ୍ମାନିତ ଅତିଥି ଭାବେ ଆର୍‌ଏସ୍‌ଏସ୍ ଝାରସୁଗୁଡ଼ା ପ୍ରଚାରକ ଲକ୍ଷ୍ମଣ ଦେହୁରୀ, ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ବିଜୟ ଦାସ, ସଙ୍କୁଳ ସଂଯୋଜକ ନିତ୍ୟାନନ୍ଦ ଖମାରୀ, ସ୍କୁଲ ପରିଚାଳନା କମିଟି ସଦସ୍ୟା ଗୀତାରାଣୀ ମେହେର, ସୁମିତ୍ରା ଦାସ ଓ ଅବସରପ୍ରାପ୍ତ ଶିକ୍ଷକ ନବୀନ ଭୋଇ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଜୟକୃଷ୍ଣ ପଟେଲ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପୁରସ୍କାର ବିତରଣ ଉତ୍ସବକୁ ଶିକ୍ଷକ ପାଣ୍ଡବ ସା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ଶିକ୍ଷୟିତ୍ରୀ ଆଲୋକମୟୀ ଦାସ ଓ ଶିକ୍ଷକ ସୁନୀଲ ସେଠ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସ୍କୁଲ ପରିଚାଳନା କମିଟି ସମ୍ପାଦକ ଯୋଗେଶ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଆସନ୍ତା ୨୫ ତାରିଖରେ ହେବାକୁ ଥିବା ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ସ୍କୁଲର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଯୋଗଦେବା କାର୍ଯ୍ୟକ୍ରମ ରହିଛି।


ଜ୍ଞାନବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର।


**Tender Call Notice** Annexure-II

**CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LIMITED, KALAHANDI**

**No.2857** **www.kalahandi.nic.in** **Dt.20.08.19**

CSO-cum-District Manager, OSCSC Ltd., Kalahandi invites sealed tenders from reputed firms/ companies/ persons for appointment as Level-I Transport Contractor for transportation of foodgrains from FSD, FCI to RRC-cum-DSC.

Interested firms/ companies/ persons may obtain tender document from the office of the CSO-cum-District Manager, Kalahandi from 22.08.2019 to 05.09.2019 up to 3.00 PM. The interested firms / companies / persons may also download the tender document from the district website **www.kalahandi.nic.in.**

Interested firms/ companies/ persons will have to submit the tender documents through registered post / speed post / courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. **The Corporation shall not be responsible for any postal / courier delay. Tender paper received after the schedule date & time shall not be considered.**

Address for submission of Tender document:
Office of the Sub-Collector, Bhawanipatna
At/Po- Bhawanipatna,
District- Kalahandi,
PIN- 766001

| | |
|---|---|
| Period of sale of tender document | 22.08.2019 to 05.09.2019 up.to 3.00 P.M |
| Last date for receipt of tender document | 05.09.2019 up to. 5.00 P.M |
| Date of opening of Technical Bid | 06.09.2019 at 12.00 Noon |
| Date of opening of Price Bid | 07.09.2019 at 12.00 Noon |

**Sd./- CSO-cum-District Manager**
**OSCSC Ltd., Kalahandi**



ରାଜୀବ ଗାନ୍ଧୀଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

# ରାଜୀବ ଗାନ୍ଧୀଙ୍କ ଜୟନ୍ତୀ, ସଦ୍‌ଭାବନା ଦିବସ

**ଲଖନପୁର,୨୧।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ରମ୍ପେଲା ପଞ୍ଚାୟତ ରାଜୀବ ଭବନରେ ମଙ୍ଗଳବାର ୩ନଂ ଜୋନ୍ କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ଓ ସଦ୍‌ଭାବନା ଦିବସ ପାଳନ କରାଯାଇଛି। ପୂର୍ବତନ ସରପଞ୍ଚ ବିଦ୍ୟାଧର ନାୟକଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ଲିଙ୍ଗରାଜ ବଢ଼େଇ ପରିଚାଳନା କରିଥିଲେ। ୩ନଂ ଜୋନ୍ ସଭାପତି ସୁବ୍ରତ ପ୍ରଧାନ, ପୂର୍ବତନ ସମିତିସଭ୍ୟ ସୁରେନ୍ଦ୍ର ପାଢ଼ୀ, ଅମରେନ୍ଦ୍ର ପ୍ରଧାନ, ତପିମଣି ଚାନ୍ଦ, ପିଣ୍ଟୁ ଖମାରୀ, ହିତେଶ୍ୱର ରାଉତ, କୃଷ୍ଣଚନ୍ଦ୍ର ରଣା, ଲବ ଭୋଇ, ଦୁର୍ଗା ଗର୍ଡ଼ିଅ, ଚିଦାନନ୍ଦ ବଢ଼େଇ ପ୍ରମୁଖ ବହୁ କର୍ମୀ ଏଥିରେ ଯୋଗଦେଇ ସ୍ୱର୍ଗତ ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ। ଦୁର୍ଗା ପ୍ରସାଦ ଗର୍ଡ଼ିଆ ଧନ୍ୟବାଦ ଦେଇଥିଲେ।


**Office of the Engineer-in-Chief, Water Resources, Odisha, Sechasadan, Bhubaneswar** No. 193-A

No. Con. Pro. Vig.-225/2019 22474 /Dated. 20.08.2019

**NOTICE**

The following A.E.Es & A.Es of Water Resources wing have been dismissed from Govt. service as per orders of Govt. in Department of Water Resources in the wake of their conviction in the Vigilance cases as noted against each.

| Sl. No. | Name & Designation | Vig. Case | Present place of posting | Order No. date of D.O.W.R |
|---|---|---|---|---|
| 1 | Sri Baidyanath Majhi, Ex-A.E, Kuliana Block now A.E.E (C) | BLS Vig. P.S.Case No.30 dt.12.09.07 | Working under H.& U.D.Deptt. on deputation | No.1397 dt.13.08.19 |
| 2 | Sri Mangalsingh Munda, Ex-J.E (C) No.4150 (I) Kuliana Block now A.E (C) | BLS Vig. P.S.Case No.30 dt.12.09.07 | Under C.C.E., R.R.I.P., Dhenkanal | No.1397 dt.13.08.19 |
| 3 | Sri Pratap Chandra Rout, Ex-J.E (C) No.4004 (I) now A.E | BLS Vig. P.S.Case No.27 dt.28.06.01 | On reversion from P.R & D.W Deptt. but not joined under D.O.W.R | No.1380 dt.09.08.19 |
| 4 | Sri Bijaya Kumar Sahoo, Ex-A.E now A.E.E | BBSR Vig. P.S.Case No.18 dt.06.06.01 | Working under S.T & S.C Dev. Deptt. on deputation | No.1404 dt.13.08.19 |
| 5 | Sri Karunakar Panda Ex-J.E (C) No.3521 (I) now A.E (C) | 1.KPT Vig. P.S.Case No.26 dt.30.09.05 2.KPT Vig. P.S.Case No.25 dt.30.09.05 | Working under S.E., Baripada Irr. Circle, Baripada | 1.No.1391 dt.09.08.19 2.No.1349 dt.07.08.19 |
| 6 | Sri Nigamananda Panda Ex-J.E (C) No.3349 (I) now A.E (C) | KPT Vig. P.S.Case No.26 dt.30.09.05 | Working under Dir. Hydrometry | No.1391 dt.09.08.19 |

They are informed that the above orders of Govt. in D.O.W.R have been sent to their respective headquarters. As it appeared that some of them are not found in their head quarters, they are informed through publication of this notice in the news paper that consequent upon their dismissal from Govt. service they have been relieved from their duties with immediate effect.

Engineer-in-Chief, Water Resources.

32031/11/0006/1920


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲି ନ ପାରଇ ପାଇକ ଆଗେ**
**ପଣ କରୁଥାଏ ମାଇପ ଆଗେ ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣକରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଚୋରକୁ କହନ୍ତି ପଳାପଳା**
**ସେରନ୍ତାକୁ କହନ୍ତି ଗୋଡ଼ା ଗୋଡ଼ା ।**

ଏପଟେ କ୍ଷତି କରିବାକୁ କହି ସେପଟେ ସାବଧାନ ରହିବାକୁ ପ୍ରବର୍ତ୍ତାଇବା ଭଳି ଚୋରକୁ ଚାଲିଯିବାକୁ କହି ତାକୁ ଗୋଡ଼ାଇ ଧରିବା ନେଇ ଆପଣାର ବ୍ୟକ୍ତି ଆଗରେ ଭଲେଇ ହେବା। କିଛି ବ୍ୟକ୍ତି ଏ ପାଖରେ କ୍ଷତି କରି ସେ ପାଖରେ ତା'ର ପ୍ରତିକାର ବ୍ୟବସ୍ଥା କରୁଥିବାର ଦେଖିବାକୁ ମିଳିଥାଏ। ଏପରି ଦୁଇପ୍ରକାର ଅଭିନୟ କରୁଥିବା ଧୂର୍ତ୍ତ ବ୍ୟକ୍ତି ଅତ୍ୟନ୍ତ ମାରାତ୍ମକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବ୍ଲକସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା

**କିର୍ମିରା,୨୧।୮(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରାରେ ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ଭାଲୁପତ୍ରା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ମଧୁସୂଦନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଶାରୀରିକ କ୍ରୀଡ଼ା ଅଧିକାରୀ ଡମ୍ବରୁଧର ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ଲକର ସମସ୍ତ ହାଇସ୍କୁଲରୁ ଆସିଥିବା ଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉନ୍ନତ ପ୍ରଦର୍ଶନ କରିଥିବା ଛାତ୍ରଙ୍କୁ ନେଇ ଏକ ୧୬ ଜଣିଆ ଦଳ ଚୟନ କରାଯାଇଛି। ଅକ୍ଷୟ କୁମାର ନାଏକଙ୍କୁ ଦଳର ମ୍ୟାନେଜର ଦାୟିତ୍ୱ ପ୍ରଦାନ କରାଯାଇଛି। ବ୍ଲକ ସମ୍ପାଦକ ପ୍ରଦୀପ ବେହେରା, ସଞ୍ଜୟ ବେହେରା, ନିର୍ମଳ ସାହୁ, ଗୋକୁଳାନନ୍ଦ ପଟେଲ, ସୌକିଲାଲ ପଶାୟତ ଖେଳ ପରିଚାଳନାରେ ସହଯୋଗ କରିଥିଲେ।


ଫୁଟ୍‌ବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ର ଓ ଅତିଥି।


**CLASSIFIED DISPLAY**

**MORE SPACE • SAME PRICE**

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

FINANCE

ASTROLOGY

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କସିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନକାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ, ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

See Color Display Classified on every Tuesday & Friday

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



“ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା’ ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ପୁରାତନ ଛାତ୍ର ସଂଘର ବୈଠକ

ସୁନ୍ଦରଗଡ଼, ୨୧।୮ (ଡି.ଏନ୍.ଏ.)- ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ପୁରାତନ ଛାତ୍ର ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପ୍ରାରମ୍ଭରେ ମହାବିଦ୍ୟାଳୟର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ଗତ ୧୮ ତାରିଖରେ ମହାବିଦ୍ୟାଳୟରେ ନୂତନ ଭାବେ ଆରମ୍ଭ ହୋଇଥିବା ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟର ଅଧ୍ୟୟନ କେନ୍ଦ୍ର ପ୍ରତିଷ୍ଠା ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା। ପୁରାତନ ଛାତ୍ରମାନେ ମହାବିଦ୍ୟାଳୟର ଏଭଳି ପଦକ୍ଷେପରେ ଖୁସି ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ସମସ୍ତ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ସୁନ୍ଦରଗଡ ସହର ତଥା ଆଖପାଖ ଅଞ୍ଚଳର ଶୈକ୍ଷିକ ଅଭିବୃଦ୍ଧିରେ ଏହା ସହାୟକ ହେବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ନାମଲେଖା ନିମନ୍ତେ ସମୟ କମ୍ ଥିବାରୁ ଏହାର ବ୍ୟାପକ ପ୍ରଚାର ପାଇଁ ଚେଷ୍ଟା କରାଯିବା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଅଧ୍ୟାପକ ଲଳିତରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

### ବଣାଇ ଉପଖଣ୍ଡର ବିଭିନ୍ନ ସମସ୍ୟାର ସମାଧାନ ଦାବି

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ସୁନ୍ଦରଗଡ଼, ୨୧।୮ (ଡି.ଏନ୍.ଏ) ବଣାଇ ଉପଖଣ୍ଡର ବିଭିନ୍ନ ସମସ୍ୟା ସମାଧାନ ଦାବି ସହ ଲେଫ୍ରିପଡା ବ୍ଲକ ଅଲାପକା ପଞ୍ଚାୟତରେ ହୋଇଥିବା ଶୌଚାଳୟ ନିର୍ମାଣ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ନେଇ ବୁଧବାର ସିପିଆଇଏମ୍ ଆନ୍ଦୋଳନକୁ ଓହ୍ଲାଇଛି। ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିପିଆଇଏମ୍ କର୍ମୀ, ଜନସାଧାରଣ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଦିନ୧୦ଟାରୁ ଶତାଧିକ ସିପିଆଇଏମ କର୍ମୀ ଧାରଣାରେ ସାମିଲ ହୋଇ ବସିରହିଥିବା ବେଳେ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ସହିତ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବଣାଇ ଉପଖଣ୍ଡର ରାଜାମୁଣ୍ଡାଠାରୁ କୋଇଡା ପର୍ଯ୍ୟନ୍ତ ଜାତୀୟ ରାଜପଥ ଓ କଲେଇପୋଷ ଠାରୁ କୋଇଡା ପର୍ଯ୍ୟନ୍ତ ରାଜପଥ ତୁରନ୍ତ ନିର୍ମାଣ, କୋଇଡା ଥାନା ଛକରୁ ଡିଡିଏମ୍ ଅଫିସ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଓ ଅବରୋଧକୁ ମୁକ୍ତ କରିବା, ବରସୁଆଁ ବିର୍ସାମୁଣ୍ଡା ପ୍ରତିମୂର୍ତ୍ତି ଠାରୁ ସିଆଇଏସଏଫକ୍ୟାମ୍ପ ଯାଏ ରାସ୍ତା ନିର୍ମାଣ, ମଲ୍ଟି ଏକ୍ସେଲ ଭାରିଯାନ ଚଳାଚଳକୁ ବନ୍ଦ କରାଯିବା, ବଣାଇଁକୁ ଏନଏସି ଓ ଖୁଟଗାଁକୁ ବ୍ଲକ ଘୋଷଣା କରାଯିବା ଦାବି କରାଯାଇଥିଲା। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ରାଜାମୁଣ୍ଡା ଠାରେ ସୁପର ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ, ବଣାଇ କଲେଜରେ ଖାଲିପଡିଥିବା ଅଧ୍ୟାପକ ପଦବୀ ପୂରଣ ସହ ସରକାରୀ କଲେଜର ମାନ୍ୟତା ପ୍ରଦାନ ଆଦି ଦାବି କରାଯାଇଥିଲା। ଏଥିସହିତ ସୁନ୍ଦରଗଡ ଉପଖଣ୍ଡ ଲେଫ୍ରିପଡା ବ୍ଲକ ଅଲାପକା ଗ୍ରାମପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ପାଇଖାନା ନିର୍ମାଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସକାଶେ ଦାବି କରାଯାଇଥିଲା। ଏହି ଧାରଣାରେ ସିପିଆଇଏମ୍ ନେତା ବିଷ୍ଣୁ ମହାନ୍ତିଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା, କର୍ମୀ ସାମିଲ ଥିଲେ।



ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ୍ ପକ୍ଷରୁ ବିଭିନ୍ନ ଦାବି ନେଇ ଗଣଧାରଣା ଦିଆଯାଇଛି।

### ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବାଲିଶଙ୍କରା ଗସ୍ତ

# ଉନ୍ନୟନ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ

ବାଲିଶଙ୍କରା, ୨୧।୮ (ଡି.ଏନ.ଏ) ବାଲିଶଙ୍କରା ପଞ୍ଚାୟତ ସମିତି ସଭ୍ୟ ଗୃହରେ ବୁଧବାର ବାଲିଶଙ୍କରା ବିଡିଓ ଅଭିମନ୍ୟୁ ବେହେରାଙ୍କ ସଭାପତିତ୍ୱରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ବାଲିଶଙ୍କରା ଗସ୍ତ କରି ଉନ୍ନୟନ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ଯୋଜନାରେ ହୋଇଥିବା କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେ ବ୍ଲକର ରାମପୁର ପଞ୍ଚାୟତ କୁରେଇ ପଞ୍ଚାୟତ ପରିଦର୍ଶନ କରି ଉକ୍ତ ଯୋଜନା ଗୁଡିକରେ କାର୍ଯ୍ୟ ହୋଇଥିବାର ତଦାରଖ କରିଥିଲେ। ଏହି ବୈଠକରେ ବ୍ଲକର ଆସିଷ୍ଟାଣ୍ଟ ଏକଜ୍ୟୁକେଟିଭି ଇଞ୍ଜିନିୟର ସଂଗ୍ରାମ ମାରାଣ୍ଡି ସହ ସମସ୍ତ ସରପଞ୍ଚ, ସମିତି ମେମ୍ବେର, ଇଓ ଏବଂ ଗ୍ରାମ୍ୟ ରୋଜଗାର ସେବକମାନେ ଉପସ୍ଥିତ ଥିଲେ।



ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ଅନ୍ୟମାନେ ପରିଦର୍ଶନ କରୁଛନ୍ତି।

### ଦାଉ ସାଧୁଛି ଗ୍ୟାସ୍ କମ୍ପାନୀ

# ଜିଲାପାଳଙ୍କୁ ଜଣାଇ ନିରାଶ ଗ୍ରାମବାସୀଙ୍କ ଆନ୍ଦୋଳନ

ବଡଗାଁ, ୨୧।୮ (ଡି.ଏନ.ଏ.) ବଡଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ଗ୍ରାମରୁ କୁରେଇବଗା ଗ୍ରାମ ପର୍ଯ୍ୟନ୍ତ ସାଢ଼େ ୩କିମି ରାସ୍ତାକୁ ଗତବର୍ଷ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା (ପିଏମଜିଏସୱାଇ)ରେ ନୂତନ ରାସ୍ତା ନିର୍ମାଣ କରାଯାଇଛି। ଏହି ରାସ୍ତାରେ ଗ୍ୟାସ ପାଇପ ଲାଇନ ବିଛାଇବା କାମରେ ନିୟୋଜିତ ଭାରିଯାନ ଓ ଲୁହାଚକ ଥିବା ଆର୍ଥ ମୁଭର ଗାଡି ନେଉଥିବାରୁ ନବ ନିର୍ମିତ ରାସ୍ତା ବର୍ଷେ ମଧ୍ୟରେ ଖୋଳି ହୋଇ ନଷ୍ଟ ହେଉଛି। ଏ ସମ୍ପର୍କରେ ଭୋଇପାଲି ଏବଂ କୁରେଇବଗା ଗ୍ରାମବାସୀ ଜିଲାପାଳଙ୍କଠାରେ ଲିଖିତ ଜଣାଇ ନିରାଶ ହେବାରୁ ବୁଧବାର ଅପରାହ୍ନରେ କୁରେଇବଗା-ଭୋଇପାଲି ଗାଁ ମଝିରେ ଆନ୍ଦୋଳନ କରି ଗ୍ୟାସ କମ୍ପାନୀର ସମସ୍ତ ଗାଡିମୋଟର ଅଟକାଇ ଦେଇଛନ୍ତି। ଉଚ୍ଚ ଅଧିକାରୀ ଆସି ସମାଧାନ ନକଲେ ଗାଡି ଛଡାଯିବ ନାହିଁ କହି ଅଡି ବସିଛନ୍ତି। ଭୋଇପାଲି, କୁରେଇବଗା ଗ୍ରାମର ରବୀନ୍ଦ୍ର ପଟେଲ, ବାବୁଲାଲ ମେହେର, ଚନ୍ଦ୍ର କିସାନ, ଦିଗଧନ ପୃଷେଟ, ବଳରାମ ପୃଷେଟ, ତ୍ରିଲୋଚନ ପୃଷେଟ ପ୍ରମୁଖ ଅଞ୍ଚଳର ବହୁ ସଂଖ୍ୟକ ଚାଷୀ ରାସ୍ତାରେ ସମବେତ ହୋଇ ଗ୍ୟାସ କମ୍ପାନୀର ମନମୁଖି କାର୍ଯ୍ୟକୁ ବିରୋଧ କରିଛନ୍ତି। ସେମାନଙ୍କଠାରୁ ପ୍ରକାଶ, ପାରଦ୍ୱୀପରୁ ରାଞ୍ଚି ପର୍ଯ୍ୟନ୍ତ ଗ୍ୟାସ ନେବା ପାଇଁ ପାଇପ ଲାଇନ ବିଛା ଯାଇଛି। ଚାଷୀଙ୍କ ଜମିକୁ ଖୋଳି ପାଇପ ନେଲାବେଳେ ଉପଯୁକ୍ତ କ୍ଷତିପୂରଣ ଦିଆଯିବ କହିଥିଲେ ମଧ୍ୟ କମ୍ ଅର୍ଥ ଦେଇ ଠକାଯାଇଛି। ଠିକାଦାରଙ୍କ ମାଧ୍ୟମରେ କମ୍ପାନୀ କର୍ମଚାରୀମାନେ କ୍ଷତିପୂରଣ ଦେଇଥିବା ଓ ଯେତେ ପରିମାଣର କ୍ଷତି କରିଛନ୍ତି ତାକୁ କମ୍ ଆକଳନ କରି ଠକେଇ କରାଯାଇଥିବା ଅଭିଯୋଗ ହୋଇଛି । କୁରେଇବଗାର ଦିଗଧନ ପୃଷେଟଙ୍କ ୩୦ ଡିସିମିଲ ଜମି ଖୋଳି ନଷ୍ଟ କରିଥିଲେ ମଧ୍ୟ ୩ ଡିସିମିଲ ଦର୍ଶାଇ କ୍ଷତିପୂରଣ ଦେଇ ଠକାଯାଇଥିବା ଆନ୍ଦୋଳନ ସ୍ଥଳରେ ଗ୍ୟାସ କମ୍ପାନୀ କର୍ମଚାରୀଙ୍କ ସମ୍ମୁଖରେ ସେ ଅଭିଯୋଗ କରିଥିଲେ । ତାଙ୍କ ଭଳି ପ୍ରାୟ ୨୦ ଜଣଙ୍କୁ ଠକାଯାଇଥିବା କୁହାଯାଇଥିଲା ବେଳେ ଚାଷ ଜମିରେ ଖୋଳି ବିରାଟ ଗର୍ତ୍ତ କରିଥିବାରୁ ଅନେକ ସ୍ଥାନରେ ଘାଇ ହୋଇଛି। ଫଳରେ ଚାଷୀମାନେ ବିଲକୁ ଟ୍ରାକ୍ଟର, ପାୱାର ଟିଲର, ହଳ ନେଇ ପାରୁନାହାନ୍ତି।

ବର୍ଷେ ମଧ୍ୟରେ ଏହିସବୁ ଗର୍ତ୍ତରେ ପଡି ୫ ଗାଇ ବାଛୁରୀଙ୍କ ମୃତ୍ୟୁ ହୋଇଛି। ଗାତ ଖୋଳି ବିପଦ ସଂକୁଳ ଅବସ୍ଥାରେ ରଖିବା, ରାସ୍ତା ନଷ୍ଟ କରିବା, କ୍ଷତିପୂରଣ କମ୍ ଦେଇ ଠକିବା ଓ ଚାଷୀଙ୍କୁ ଚାଷ କରିବାରେ ବାଧା ଉପୂନ୍ନ କଲାଭଳି ଗ୍ୟାସ କମ୍ପାନୀର କାର୍ଯ୍ୟ ଲୋକଙ୍କ ଉପରେ ଦାଉ ସାଧିଲା ଭଳି ହୋଇଛି ବୋଲି ଆନ୍ଦୋଳନକାରୀ ଚାଷୀମାନଙ୍କ ଠାରୁ ପ୍ରକାଶ । ସେମାନେ ଜିଲାପାଳଙ୍କ ଠାରେ ଜଣାଇବା ସତ୍ତ୍ୱେ ସମାଧାନର ରାସ୍ତା ବାହାର ନ କରିବା ଯୋଗୁଁ ରାସ୍ତାର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। ତେବେ ରାସ୍ତା ଭାରିଯାନ, ଲୁହାଚକ ଗାଡି ନେବା ଭଳି କ୍ଷମତା ସମ୍ପନ୍ନ ହୋଇ ନ ଥିବାରୁ ନଷ୍ଟ ହେଉଥିବା ବେଳେ ସରକାରଙ୍କ ଗ୍ୟାସ ପାଇପ ଲାଇନ ବିଛା କାମ ମଧ୍ୟ କରିବାକୁ ହେବ । ତେଣୁ ଆବଶ୍ୟକ ହେଉଥିବା ସେହି ଗାଡି କୁ କିପରି କାର୍ଯ୍ୟସ୍ଥଳକୁ ନିଆଯିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଏ ସମ୍ପର୍କରେ ରାସ୍ତା ଦାୟୀତ୍ୱରେ ଥିବା ଯନ୍ତ୍ରୀ ସୁରଥ ନାଏକଙ୍କୁ ପଚାରିବାରେ ରାସ୍ତାରେ ଅତି ଭାରିଯାନ ନେବା କ୍ଷମତା ସମ୍ପନ୍ନ ହୋଇ ନ ଥିବାରୁ ନଷ୍ଟ ହେଉଛି। ଏହା ଉପରେ ପଦକ୍ଷେପ ନେବେ କହିଥିଲା ବେଳେ (ଗିଲ୍) ଗ୍ୟାସ ପାଇପ ବିଛାଇବା ଦାୟୀତ୍ୱରେ ଥିବା କମ୍ପାନୀ ଅଧିକାରୀ ଏସ ରାଓ ଘଟଣା ବୁଝି ପଦକ୍ଷେପ ନେବେ କହିଛନ୍ତି ।



ଗ୍ରାମବାସୀ ଆନ୍ଦୋଳନ କରୁଛନ୍ତି।

# ଜିଲାପାଳଙ୍କ ନିର୍ଦ୍ଦେଶନାମାକୁ ମାନୁନାହାନ୍ତି ପେଟ୍ରୋଲ ପମ୍ପ ମାଲିକ

କୁତ୍ରା, ୨୧।୮ (ଡି.ଏନ.ଏ) ସୁନ୍ଦରଗଡ ଜିଲାପାଳଙ୍କ ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ ନିର୍ଦ୍ଦେଶନାମାକୁ କୁତ୍ରା ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପ ମାଲିକ ମାନ ନ ଥିବା ଦେଖିବାକୁ ମିଳିଛି। କିଛି ଦିନ ହେବ ନିଖିଳପବନ କଲ୍ୟାଣ ସୁନ୍ଦରଗଡ ଜିଲାପାଳ ଭାବେ ଯୋଗଦେବା ପରେ ସୁନ୍ଦରଗଡ଼ ଜିଲାର ପ୍ରତ୍ୟେକ ପେଟ୍ରୋଲ ପମ୍ପ ମାଲିକଙ୍କୁ ହେଲମେଟ ନ ଥିଲେ ପେଟ୍ରୋଲ ନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କୁତ୍ରା ବ୍ଲକର କୁତ୍ରା ଦେଇ ଯାଇଥିବା ରାଜ୍ୟ ରାଜପଥ ୧୦ର ଉଭୟ ପାର୍ଶ୍ୱରେ ପେଟ୍ରୋଲ ପମ୍ପ ରହିଛି। ଉକ୍ତ ପେଟ୍ରୋଲପମ୍ପଗୁଡ଼ିକରେ ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ ଲେଖାଥିବା ପୋଷ୍ଟର ମଧ୍ୟ ମରାଯାଇଛି। ପେଟ୍ରୋଲ ପମ୍ପଗୁଡ଼ିକରେ କିଛି ଲୋକଙ୍କୁ ହେଲମେଟ ନଥିଲେ ପେଟ୍ରୋଲ ଦେବା ପାଇଁ କର୍ମଚାରୀମାନେ ମନା କରୁଥିବା ବେଳେ କିଛି ଲୋକଙ୍କୁ ବିନା ହେଲମେଟରେ ପେଟ୍ରୋଲ ଦେଇଥିବା ଦେଖିବାକୁ ମିଳୁଛି। ଏପରି କିଛି ଲୋକ ଅଭିଯୋଗ ମଧ୍ୟ କରି ଅଛନ୍ତି । ଏହାଛଡା ଜଣେ ବାଇକ ଆରୋହୀଙ୍କ ହେଲମେଟକୁ ପେଟ୍ରୋଲ ପମ୍ପରେ ହିଁ ବହୁ ଲୋକଙ୍କୁ ମିଳାଇ ତେଲ ଦେଇ ଜିଲାପାଳଙ୍କ ନିର୍ଦ୍ଦେଶକୁ ଆଖିଠାର ମାରୁଥିବା ଦେଖା ଯାଉଛି । ଏହାଛଡା ବିନା ହେଲମେଟଧାରୀଙ୍କୁ ବୋତଲରେ ଭରି ବଡ ଗାଡି ଚାଳକଙ୍କୁ ବୋତଲରେ ପେଟ୍ରୋଲ ଦିଆଯାଉଛି । ଏ ବାବଦରେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ପଚାରିଲେ ବଡ ଗାଡିବାଲାଙ୍କୁ ବୋତଲରେ ତେଲ ଦେବା ପାଇଁ ମନା ନାହିଁ ବୋଲି ଉତ୍ତର ଦେଉଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ପେଟ୍ରୋଲ ପମ୍ପରେ ବିନା ହେଲମେଟରେ ତେଲ ଦେବା ପାଇଁ ମନା କରାଯାଉଥିବା ବେଳେ ରାଜ୍ୟ ରାଜପଥ ସମେତ ଗାଁ ଗହଳିରେ ମଧ୍ୟ ବିନା ହେଲମେଟ ବାଲାଙ୍କୁ ଚଢ଼ା ଦରରେ ପେଟ୍ରୋଲ ଦିଆଯାଉଛି ।

# କୁଆଁରମୁଣ୍ଡା ପଞ୍ଚାୟତ ସମିତିର ସାଧାରଣ ବୈଠକ

କୁଆଁରମୁଣ୍ଡା,୨୧।୮ (ଡି.ଏନ.ଏ) ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସାଧନ କେନ୍ଦ୍ରରେ ବୁଧବାର ୧୦ମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଯୋଗ ଦେଇ ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ରୂପାୟନ ଓ ସଫଳତା ଉପରେ ଅବଗତ ହୋଇଛନ୍ତି। ଏହା ସହ ଯେଉଁ କାର୍ଯ୍ୟଗୁଡିକ ଅସଫଳ ହୋଇଛି, ସେଗୁଡିକୁ କିଭଳି ସଫଳ କରାଯିବ ସେ ନେଇ ସରକାରୀସ୍ତରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ପ୍ରଥମେ ଆରଡବ୍ଲ୍ୟୁଏସ୍ଏସ୍ ଏସଡିଓ ଦୁର୍ଯ୍ୟୋଧନ ମୁଣ୍ଡା ନିଜ ବିଭାଗ ଦ୍ୱାରା ବ୍ଲକ ଅଞ୍ଚଳର ସମସ୍ତ ୨୦ଟି ପଞ୍ଚାୟତରେ ହୋଇଥିବା ଜଳଯୋଗାଣ ଓ ପରିମଳ ଯୋଜନା ଉପରେ କହୁଥିବା ବେଳେ ପ୍ରାୟ ସମସ୍ତ ୨୦ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସୌର ପମ୍ପଜଚାଳିତ ଜଳଯୋଗାଣ ବ୍ୟବସ୍ଥା ଅଞ୍ଚଳରେ ସମ୍ପୂର୍ଣ୍ଣଭାବେ ଫେଲ୍ ମାରିଛି ବୋଲି ଅଭିଯୋଗ କରିଥିଲେ। ଏଗୁଡିକର ମରାମତି ହେଉ ନ ଥିବାରୁ ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ହେଲେ ଏ ଦିଗରେ ଆରଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସମସ୍ତେ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ସେଗୁଡିକର ମରାମତି ଏପରିକି ପରିବର୍ତ୍ତନ କରାଯିବା ନେଇ ଦାବି କରିଛନ୍ତି। ଏହା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଶ୍ରୀମନ୍ତ ପଟ୍ଟନାୟକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ, ଡାଇରିଆ, କୁଷ୍ଠ ନିରାକରଣ ପାଇଁ ବ୍ୟାପକ ଜନସଚେତନତା ସହ ତୃଣମୂଳସ୍ତରରେ କୁଷ୍ଠରୋଗୀ ଚିହ୍ନଟ କାର୍ଯ୍ୟ ଚାଲୁ ରହିଛି କହିଥିଲେ। ହେଲେ ବ୍ଲକ ଅଞ୍ଚଳର ଅଧିକାଂଶ ପଞ୍ଚାୟତରେ ଥିବା ଏଏନଏମ୍ କେନ୍ଦ୍ରଗୁଡିକରେ ଏଏନଏମ୍ ଅଧିକାରୀମାନେ ରହୁ ନ ଥିବା ନେଇ ଉପସ୍ଥିତ ଜନପ୍ରତିନିଧିମାନେ ଡା.ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ କେନ୍ଦ୍ରଗୁଡିକରେ ଅଧିକାରୀମାନଙ୍କର ରହିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନ ଥିବା କାରଣରୁ ସେମାନେ କେନ୍ଦ୍ରରେ ନ ରହି ନିକଟସ୍ଥ ଅଞ୍ଚଳରେ ରହୁଛନ୍ତି ବୋଲି କହିଥିଲେ। ଏବିଇଓ ଗୁରୁଚରଣ ସାହୁ, ସିଡିପିଓ ଆନାସ୍ତାସିଆ ଲାକ୍ରା ନିଜ ବିଭାଗ ସମ୍ପର୍କରେ ସୂଚନା ଦେଇଛନ୍ତି। ସେହିପରି ଶକ୍ତି ବିଭାଗ ପକ୍ଷରୁ କୁଆଁରମୁଣ୍ଡା ୱେସ୍କୋ ଜେଇ ସ୍ମୃତିଚନ୍ଦନ ପଣ୍ଡା ତାଙ୍କ ବିଭାଗ ସମ୍ପର୍କରେ ସୂଚନା ଦେଇଛନ୍ତି। ସେହିପରି ପ୍ରାଣୀ ସମ୍ପଦ ବିକାଶ ଯୋଜନାରେ ଅଗଷ୍ଟ ଓ ସେପ୍ଟେମ୍ବରରେ ବ୍ଲକ ଅଞ୍ଚଳରେ ଥିବା ଶତପ୍ରତିଶତ ଗୋରୁଙ୍କୁ ଫାଟୁଆ ରୋଗରୁ ମୁକ୍ତି ପାଇଁ ଆବଶ୍ୟକୀୟ ଟିକାକରଣର ବ୍ୟବସ୍ଥା କରାଯାଉଛି ବୋଲି ବିଭିଓ ଡା.ଧୀରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଏହି ବୈଠକରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଗଦାଲି କୋନଗାଡି, ବିଡିଓ ପିୟୁଷ ଲୋହାର, ସହକାରୀ ଯନ୍ତ୍ରୀ ମନୋଜ ବଡାଇକ,ଏବିଡିଓ ଭବାନୀଶଙ୍କର ପାଢୀ, ଜିପିଇଓ ନିରଞ୍ଜନ ନାଏକ ପ୍ରମୁଖଙ୍କ ସହ ଅନ୍ୟମାନେ ମଞ୍ଚାସୀନ ଥିଲେ।



କୁଆଁରମୁଣ୍ଡା ପଞ୍ଚାୟତ ସମିତିର ସାଧାରଣ ବୈଠକରେ ମଞ୍ଚାସୀନ ଅତିଥି, ଅଧିକାରୀ।

### ଗ୍ରାମସ୍ତରୀୟ କୃଷକ ସଚେତନତା ଶିବିର

# ନିର୍ଦ୍ଧାରିତ ସମୟରେ କୃଷି ଋଣ ପରିଶୋଧ ପାଇଁ ପରାମର୍ଶ

କୁଆଁରମୁଣ୍ଡା, ୨୧।୮ (ଡି.ଏନ.ଏ.) କୃଷି ଓ କୃଷକଙ୍କ ଆର୍ଥିକ ସୁଦୃଢ଼ୀକରଣ ପାଇଁ ରାଜ୍ୟଠାରୁ ଆରମ୍ଭ କରି କେନ୍ଦ୍ର ସରକାର ପର୍ଯ୍ୟନ୍ତ ବିଭିନ୍ନ ଯୋଜନାମାନ ପ୍ରଣୟନ କରୁଛନ୍ତି। ଏହି ଯୋଜନାଗୁଡିକ ସମ୍ପର୍କରେ କୃଷକମାନେ ଉପଯୁକ୍ତଭାବେ ସଚେତନ ହେବା ସହ ଯୋଜନାଗୁଡିକର ଲାଭ ଉଠାଇବା ପାଇଁ ମୁଖ୍ୟବକ୍ତା ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଉପସ୍ଥିତ ମହିଳା ଓ ପୁରୁଷ ଚାଷୀଙ୍କୁ ସ୍ଥାନୀୟ ଆଦିବାସୀ ଭାଷାରେ ବୁଝାଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ କିଷାନ ମାନଧନ ଯୋଜନାରେ ୧୮ରୁ ୪୦ ବର୍ଷୀୟ ଚାଷୀ ନିଜର ନାମ ପଞ୍ଜୀକରଣ କରିବା ସହ ୬୦ ବର୍ଷ ପରେ ମାସକୁ ୩ ହଜାର ପେନସନ ପାଇବାର ସୁଯୋଗ ହାସଲ କରିବାକୁ ସିଏସ୍‌ସିର ଜିଲା ପ୍ରବନ୍ଧକ ପ୍ରସାଦ ଚୌହାନ ମଧ୍ୟ ପରାମର୍ଶ ଦେଇଛନ୍ତି। ସେହିପରି ଚାଷୀମାନେ ଠିକ୍ ସମୟରେ କୃଷି ଋଣ ଗ୍ରହଣ ଓ ପରିଶୋଧ କରିବା ସହ ନାମ ପଞ୍ଜିକରଣ କରାଇ ଲ୍ୟାମ୍ପସରେ ଧାନ ବିକି ଉପଯୁକ୍ତ ଲାଭ ନେବାକୁ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ମନୋଜ ଜେନା ଏହି ଅବସରରେ ପରାମର୍ଶ ଦେଇଛନ୍ତି। ସେହିପରି ପ୍ରତ୍ୟେକ ଚାଷୀ ଯେପରି ସରକାରୀ ଯୋଜନାର ସମସ୍ତ ଲାଭ ପାଇପାରିବେ ସେ ସମ୍ପର୍କରେ ସୁନ୍ଦରଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ ପରାମର୍ଶ ଦେଇଛନ୍ତି। ସେହିପରି ଚାଷଋଣ, ପାୱାର ଟିଲର, ଟ୍ରାକ୍ଟର, ଡିଜେଲ ପମ୍ପ, ଛେଳି, ଗାଇ, ମାଛ ଚାଷ, ପୋଖରୀ ଖନନ ଓ ଅନ୍ୟାନ୍ୟ ଋଣ ଲ୍ୟାମ୍ପ ମାଧ୍ୟମରେ ଚାଷୀମାନଙ୍କୁ ସୁବିଧାରେ ଯୋଗାଇ ଦିଆଯାଇପାରିବ ବୋଲି ରାଉରକେଲା ସମବାୟ ବ୍ୟାଙ୍କ ଶାଖା ପରିଚାଳକ ବିଜୟକୃଷ୍ଣ ମହାପାତ୍ର ଏହି ଅବସରରେ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି। କିଷାନ କ୍ରେଡିଟ୍ କାର୍ଡ ଧାରୀ ଚାଷୀ,ଏସଏଚ୍‌ଜି ଗ୍ରୁପ୍, ଜେଏଲଜି ଗ୍ରୁପ୍ ଲ୍ୟାମ୍ପସରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ନେଇ ନିର୍ଦ୍ଧାରିତ ସମୟରେ ପରିଶୋଧ କରିଲେ ସୁଧରେ ମଧ୍ୟ ରିହାତି କରାଇଯାଇ ପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର, କୁଆଁରମୁଣ୍ଡା ଲ୍ୟାମ୍ପ ଏମଡି.ରିତ ଲାକ୍ରା,ସଭାପତି ଦିଲ୍ଲୀପ ବେହେରା ପ୍ରମୁଖ ମଞ୍ଚାସୀନ ରହି ଅନୁରୂପ ପରାମର୍ଶ ଦେଇଛନ୍ତି। ଶେଷରେ ଲ୍ୟାମ୍ପସର କ୍ଷେତ୍ରୀୟ ଅଧିକାରୀ ଶରତ ମାଝୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ନାବାର୍ଡ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। କୁଆଁରମୁଣ୍ଡା ଲ୍ୟାମ୍ପ ପକ୍ଷରୁ ପରିଚାଳନା ନିମନ୍ତେ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରାଯାଇଥିଲା। ଅଞ୍ଚଳର ମହିଳା, ପୁରୁଷ ଚାଷୀ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ।



ଶିବିରରେ ଉପସ୍ଥିତ ମହିଳା ଓ ପୁରୁଷ ଚାଷୀମାନେ।



ସମ୍ବର୍ଦ୍ଧନା ସଭାରେ ପୁରସ୍କୃତ ହୋଇଥିବା ଶିକ୍ଷୟିତ୍ରୀ ଓ ଅନ୍ୟମାନେ ମଞ୍ଚାସୀନ।

# ହାଇସ୍କୁଲ ଶିକ୍ଷୟିତ୍ରୀ ପୁରସ୍କୃତ

ଲହୁଣୀପଡା, ୨୧।୮ (ଡି.ଏନ.ଏ) ଲହୁଣୀପଡା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟଠାରେ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ପୁରସ୍କୃତ ହୋଇଥିବା ସ୍ମିତା ମାହାନ୍ତଙ୍କୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାସୁଦେବ ମାହାନ୍ତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଦ୍ୟାଳୟ ନିରୀକ୍ଷକ ବିଜୟ କୁମାର ମହାପାତ୍ର, ଦୁର୍ଯ୍ୟଧନ ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଲହୁଣୀପଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପାଣ୍ଡୁ ମାହାନ୍ତ ଯୋଗଦେଇଥିଲେ । ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ବ୍ରହ୍ମ ଅଧକ୍ଷତା କରିଥିବା ବେଳେ ବରିଷ୍ଠ ଶିକ୍ଷକ ବସନ୍ତ କୁମାର ମାହାନ୍ତ ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଲହୁଣୀପଡା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସ୍ମିତା ମାହାନ୍ତ ଚଳିତ ବର୍ଷ ଜିଲାର ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ପୁରସ୍କୃତ ହୋଇ ବିଦ୍ୟାଳୟ ଓ ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଏହି ପୁରସ୍କାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମନ୍ତ୍ରୀ ସୁଦାମ ମାରଣ୍ଡି ପ୍ରଦାନ କରିଥିଲେ । ଜିଲାରୁ ତିନିଜଣ ସ୍ମିତା ମାହାନ୍ତ, ବୁଦ୍ଧିମତୀ ନାଏକ, ଦେବାଶିଷ ପାଢ଼ିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।